

ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟିର ଦୁରୂପଯୋଗ ହୋଇଛି

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 234 | ଭାଗ ୩୩ | ସଂଖ୍ୟା ୨୩୪ | Monday 17 November 2025 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୧୭ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ରାଉରକେଲା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଲୋକଙ୍କଠାରୁ ଆପତ୍ତି ଅଭିଯୋଗ ଗ୍ରହଣ କରୁଛନ୍ତି।

କଳା ନାଁରେ କଳଙ୍କ

## ସଂସ୍କୃତିର ମାଟିରେ ଅପସଂସ୍କୃତିର ଝଲକ

### ରାମାୟଣ ମଞ୍ଚରେ ଚାଲିଛି କ'ଣ ?



ସାନଖେମୁଣ୍ଡି,୧୬।୧୧(ସଂଚାର ବ୍ୟୁରୋ): ସାମ୍ପ୍ରତିକ ସମୟରେ ମଣିଷ ଚିନ୍ତାଧାରା ଦିନକୁ ଦିନ ରସାତଳଗାମୀ ହେଉଛି। ବିଶେଷକରି ଯୁବସମାଜର ଚାରିତ୍ରିକ ସ୍ଖଳନ ଏତେ ମାତ୍ରାରେ ବଢ଼ିଯାଇଛି ଯେ କୌଣସି ପୌରାଣିକ ଓ ଧାର୍ମିକ କାର୍ଯ୍ୟକ୍ରମକୁ ବି ଆଧୁନିକତା ନାଁରେ ଦଳିମକଚି ବିକୃତ କରିଦିଆଯାଉଛି। ଆଜିର ଯୁବପିଢ଼ି ଶସ୍ତା ମନୋରଞ୍ଜନ ପଛରେ ଧାଉଁଥିବା ଆୟୋଜକ ଉପଲବ୍ଧି କରି ପରମ୍ପରା ସହ ବି ବୁଝାମଣା କରିବାକୁ ପଛାଉନାହାନ୍ତି। ଏପରି କିଛି ଉଦାହରଣ ଏବେ ଦେଖିବାକୁ ମିଳିଛି ସୋସିଆଲ୍ ମିଡିଆରେ। ବେଶ୍ ଦ୍ରୁତ ଗତିରେ ଏବେ ଭାଇରାଲ ହେଉଛି ପୌରାଣିକ ନାଟକ 'ରାମାୟଣ'ର କିଛି ଦୃଶ୍ୟ। ଏହି ଦୃଶ୍ୟ ନିଶ୍ଚିତ ଭାବେ କୌଣସି ସଭ୍ୟ ସମାଜକୁ ବ୍ୟଥିତ କରିବ ଓ ବୁଦ୍ଧିଜୀବୀମାନେ ଏହାକୁ କେବଳ ନିନ୍ଦା ହିଁ କରିବେ। 'ରାମାୟଣ'କୁ ନେଇ କାହିଁ କେଉଁ ଆଦିମ କାଳରୁ ସାଧାରଣ ଲୋକଙ୍କ ମନରେ ଭରି ରହିଛି ଧର୍ମୀୟ ଭାବନା। 'ରାମାୟଣ'ର ପ୍ରଚାର ପ୍ରସାର ଲୋକଙ୍କୁ ଆଧ୍ୟାତ୍ମିକ ଦିଗକୁ ନେବା ସହ ପିତୃଭକ୍ତିର ଅପୂର୍ବ ନିଦର୍ଶନ ଅନେକଙ୍କୁ ପ୍ରଭାବିତ ମଧ୍ୟ କରିଆସିଛି। ଏହି ଧର୍ମୀୟ ଭାବନା କାଏମ ରଖିବା ସମୟରେ ବିଭିନ୍ନ ସ୍ଥାନରେ ରାମଲୀଳା ପରି ନାଟକମାନ ଅନୁଷ୍ଠିତ ହୋଇଆସିଛି। ଏହି କ୍ରମରେ ଗଞ୍ଜାମ ପରି ଏକ ସଂସ୍କୃତି ସମ୍ପନ୍ନ ମାଟିରେ ମଧ୍ୟ 'ରାମାୟଣ' ପରିବେଷିତ ହୋଇଆସିଛି। ଦୁଇ ଦିନ ତଳେ ଗଞ୍ଜାମ ଜିଲ୍ଲା ➪ପୃଷ୍ଠା-୬

# ଉପମୁଖ୍ୟମନ୍ତ୍ରୀ ସହ ବିଜେପିକୁ ୧୬ ମନ୍ତ୍ରୀପଦ !

- ବିହାରରେ ମନ୍ତ୍ରିମଣ୍ଡଳ ଗଠନ ନେଇ ଆକଳନ ଜୋର୍
- ୨୦ରେ ହୋଇପାରେ ଶପଥ ଗ୍ରହଣ
- ଗାନ୍ଧୀ ମୈଦାନ ସିଲ୍
- ଚାଲିଛି ଘନଘନ ବୈଠକ



ପାଟନା,୧୬।୧୧: ବିହାର ନିର୍ବାଚନରେ ଏନ୍‌ଡିଏକୁ ୨୦୦ରୁ ଉର୍ଦ୍ଧ୍ୱ ଆସନ ମିଳିଥିବା ବେଳେ ୧୫ ବର୍ଷର ବ୍ୟବଧାନ ପରେ ବିଜେପିକୁ ସବୁଠାରୁ ଆସନ ମିଳିଛି। ଏହି ଦଳ ୮୯ଟି ଆସନରେ ବିଜୟୀ ହୋଇଥିବା ବେଳେ ସହଯୋଗୀ ଜେଡି(ୟୁ) ୮୫ଟି ଆସନ ଜିତିଛି। ଫଳାଫଳ ଆସିବା ପରେ ବିହାରରେ ପରବର୍ତ୍ତୀ ସରକାର ଗଠନ ନେଇ ଆକଳନ, ମାନସ ମନ୍ଥନ ଓ ଚର୍ଚ୍ଚା କ୍ରମଶଃ ବଢ଼ିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ପଦ କାହାକୁ ମିଳିବ, ତା' ସବୁଠାରୁ ବଡ଼ ପ୍ରଶ୍ନ ହୋଇଥିଲେ ହେଁ ଏହି ରେସ୍‌ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରଥମ ପସନ୍ଦ ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ସବୁଠାରୁ ବଡ଼ ଦଳ ସାବ୍ୟସ୍ତ ହୋଇଥିବା ବିଜେପି ଭାଗରେ ପାଖାପାଖି ୧୬ଟି ମନ୍ତ୍ରୀପଦ ପଡ଼ିବ ଓ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ ବି ଦିଆଯିବ ବୋଲି ଆଲୋଚନା ହେଉଛି। ସେହିପରି ଜେଡି(ୟୁ)ର ୧୪ ଜଣ ବିଧାୟକ ମନ୍ତ୍ରୀ ପଦ ପାଇବାର ଆଶା ରହିଛି। ଏପରିକି ରାଜ୍ୟର ଦୁଇ ଉପମୁଖ୍ୟମନ୍ତ୍ରୀ ପଦ ବି ଦଳର ବିଧାୟକ ଅଳଂକୃତ କରିବେ ବୋଲି କୁହାଯାଉଛି। ଏଥିରୁ ଗୋଟିଏ ପଦ ତ ସମ୍ରାଟ ଚୌଧୁରୀଙ୍କୁ ମିଳିବା ଏକରକମ ନିଶ୍ଚିତ ବୋଲି କୁହାଯାଉଛି। ଆହୁରି ଏନ୍‌ଡିଏର ଅନ୍ୟତମ ପ୍ରମୁଖ ସହଯୋଗୀ ଦଳ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ମୁଖ୍ୟ ଚିରାଗ୍ ପାଶ୍ୱାନ୍‌ଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦ ମିଳିବା ନେଇ ରାଜନୈତିକ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତେବେ ମନ୍ତ୍ରିମଣ୍ଡଳ ନେଇ ଚୂଡ଼ାନ୍ତ ରୂପରେଖା ପ୍ରସ୍ତୁତି ସକାଶେ ଏନ୍‌ଡିଏର ସହଯୋଗୀ ଦଳମାନଙ୍କ ମଧ୍ୟରେ ଘନ ଘନ ବୈଠକ ଚାଲିଛି। ଇତିମଧ୍ୟରେ ନୂଆ ସରକାରଙ୍କ ଶପଥ ଗ୍ରହଣ ➪ପୃଷ୍ଠା-୬

# ନୀରବ ସାଧକ ଧର୍ମେନ୍ଦ୍ର ପ୍ରଧାନ

### କଥା କମ୍ କୁହନ୍ତି, କିନ୍ତୁ ପ୍ରତିଫଳିତ ହୁଏ ରଣନୀତି




ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): ବିହାର ବିଧାନସଭା ନିର୍ବାଚନରେ ଏନଡିଏ ମେଣ୍ଟ ପ୍ରଚଣ୍ଡ ବହୁମତ ହାସିଲ କରିଛି। ଏହି ମେଣ୍ଟର ନେତୃତ୍ୱ ନେଉଥିବା ବିଜେପି ୮୯ ଆସନରେ ଜିତିଥିବାବେଳେ ଜେଡିୟୁ ୮୫ ଆସନରେ ଜିତିଛି। ଆର୍‌ଜେଡି-୨୫, ଏଲ୍‌ଜେପି (ଆର୍‌ଭି)-

**ଏବେ ସବୁଠି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ**

୧୯, କଂଗ୍ରେସ-୬, ଏଚ୍‌ଏଏମ୍‌ଏସ୍-୫, ଏଆଇଏମ୍‌ଆଇଏମ୍-୫, ଆରଏଲ୍‌ଏମ୍-୪ ଏବଂ ଅନ୍ୟାନ୍ୟ ୫ ଆସନରେ ବିଜୟୀ ହୋଇଛି। କିନ୍ତୁ ଏହି ବିଜୟ ମଧ୍ୟରେ ଗୋଟିଏ ନାମ ବେଶ୍ ଚର୍ଚ୍ଚା ହେଉଛି, ସେ ହେଉଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ଏହି ଭାଜପା ନିର୍ବାଚନ ରଣନୀତିକାର ବିହାରରେ ଦଳକୁ ଏକ ନୂତନ ଦିଗଦର୍ଶନ ଦେଇଛନ୍ତି। ତାଙ୍କୁ ସେପ୍ଟେମ୍ବରରେ ବିହାରର ପ୍ରଭାରୀ ନିଯୁକ୍ତ କରାଯାଇଥିଲା ଏବଂ ପ୍ରାୟ ଦେଢ଼ ମାସର କଠିନ ପରିଶ୍ରମର ଫଳାଫଳ ଏବେ ଦୃଶ୍ୟମାନ ହେଉଛି। କଥା କମ କାମରେ ଅଧିକ ବିଶ୍ୱାସ କରୁଥିବା ଏହି ନେତା ବିହାର ନିର୍ବାଚନରେ ନିଜର ରାଜନୈତିକ ପଟୁତାର ପ୍ରଦର୍ଶନ କରିଛନ୍ତି।

ବିହାର ସହ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ପର୍କ ନୂଆ ନୁହେଁ। ସେ ୨୦୧୨ରେ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ, ଯାହା ପରେ ➪ପୃଷ୍ଠା-୬

● ଏନ୍‌ଆଇଏର ପ୍ରଥମ ଗିରଫଦାରୀ

## ଧରାପଡ଼ିଲା ନବୀ ସହଯୋଗୀ



କାର୍ କିଣାଇବାରେ କରିଥିଲା ସହଯୋଗ

ନୂଆଦିଲ୍ଲୀ,୧୬।୧୧: ଚଳିତ ସପ୍ତାହର ପ୍ରାରମ୍ଭରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ସମ୍ମୁଖରେ ହୋଇଥିବା କାର ବୋମା ବିସ୍ଫୋରଣରେ ୧୩ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଏହି ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନଥିଲେ ମଧ୍ୟ ଜୈଶ୍-ଏ-ମହମ୍ମଦର ଭୂମିକା ଥିବା ସନ୍ଦେହ କରାଯାଉଛି। ଏହି ମାମଲାର ତଦନ୍ତ ଏବେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) କରୁଥିବା ବେଳେ ଆଜି ସଂସ୍ଥା ତା'ର ପ୍ରଥମ ଗିରଫଦାରୀ କରିଛି। ଏନଆଇଏ ପକ୍ଷରୁ ଏହି ବିସ୍ଫୋରଣର ମାଷ୍ଟରମାଇଣ୍ଡ୍ ଡାକ୍ତର ଉମର ଉନ ନବୀର ପ୍ରମୁଖ ସହଯୋଗୀ ଆମୀର ରସିଦ ଅଲୀକୁ ଦିଲ୍ଲୀରୁ ଗିରଫ କରାଯାଇଛି। ତଦନ୍ତ ସମୟରେ ଜଣାପଡିଛି ଯେ ଆତ୍ମଘାତୀ ଆକ୍ରମଣରେ ବ୍ୟବହୃତ ହ୍ୟୁଣ୍ଡାଇ ଆଇ-୨୦ କାର ➪ପୃଷ୍ଠା-୬

'ଇସ୍ରୋ' ଚଳାଇଛି ବଡ଼ ପ୍ରସ୍ତୁତି

## ଆହୁରି ୭ ଉତ୍‌କ୍ଷେପଣ ଯୋଜନା



- ୨୦୨୭ରେ ମହକାଶ ଯିବ ମାନବବିହୀନ ମହାକାଶ ଯାନ
- ମହାକାଶ ଯାନର ନିର୍ମାଣ ହେବ ତିନି ଗୁଣା

ନୂଆଦିଲ୍ଲୀ,୧୬।୧୧: ଆଗାମୀ ଦିନରେ ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ)ର ରହିଛି ଅନେକ ଯୋଜନା। ଏ ସମ୍ପର୍କରେ ସୁବିସ୍ତୃତ ସୂଚନା ଦେଇ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି ଯେ ଇସ୍ରୋ ଚଳିତ ଆର୍ଥିକ ବର୍ଷରେ ଆହୁରି ୭ଟି ନୂଆ ଉତ୍‌କ୍ଷେପଣ ପାଇଁ ଯୋଜନା ରଖିଛି। ସେହିପରି ଆସନ୍ତା ୨୦୨୭ରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ, ଦେଶର ପ୍ରଥମ ମାନବ ମହାକାଶ ଯାନ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ପଠାଯିବ। ନାରାୟଣନ କହିଛନ୍ତି ଯେ ଇସ୍ରୋ ବିଜ୍ଞାନ, ପ୍ରଯୁକ୍ତି ଓ ଉଦ୍ୟୋଗ କ୍ଷମତାକୁ ଦ୍ରୁତ ଗତିରେ ବିସ୍ତାର କରିବା ଦିଗରେ ପ୍ରସ୍ତୁତି କରୁଛି। ଚଳିତ ବର୍ଷ ଶେଷ ହେବା ପୂର୍ବରୁ ୭ଟି ଆହୁରି ଉତ୍‌କ୍ଷେପଣ ଲକ୍ଷ୍ୟ ରଖିଛି। ଏଥିରେ ବାଣିଜ୍ୟ ସଞ୍ଚାର ଉପଗ୍ରହ, ବହୁ ପିଏସ୍‌ଏଲଭି ଓ ଜିଏସ୍‌ଏଲଭି ମିଶନ୍ ରହିଛି। ଏହି ସମୟରେ ସମ୍ପୂର୍ଣ୍ଣ ଭାବେ ଭାରତୀୟ ଉଦ୍ୟୋଗ ପକ୍ଷରୁ ନିର୍ମିତ ପିଏସ୍‌ଏଲଭିର ଲଞ୍ଚ ମାଇଲଷ୍ଟୋନ୍ ପ୍ରମାଣିତ ହୋଇପାରେ ବୋଲି ନାରାୟଣନ୍ ଆଶା ପ୍ରକାଶ କରିଛନ୍ତି। ➪ପୃଷ୍ଠା-୬

## ଅସ୍ତ୍ର ଛାଡ଼ିଲେ ମାଓ ଦମ୍ପତି, ୩ ସଫା




- ୭ ବର୍ଷ ଧରି ସଂଗଠନରେ ସକ୍ରିୟ ଥିଲେ
- ତିନି ମାଓବାଦୀଙ୍କ ମୁଣ୍ଡରେ ଥିଲା ୧୫ ଲକ୍ଷ ପୁରସ୍କାର
- ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ

ଫୁଲବାଣୀ/ମାଲକାନଗିରି,୧୬।୧୧(ସଂଚାର ବ୍ୟୁରୋ): ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ସକାଶେ କେନ୍ଦ୍ର ସରକାର ତାଙ୍କ ଅଭିଯାନକୁ ବ୍ୟାପକ କରିଥିବା ବେଳେ ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ମଧ୍ୟ ସମାନ ଅଭିଯାନ ଚାଲୁ ରହିଛି। ନିକଟ ଅତୀତରେ ଅନେକ କ୍ୟାଡର ମାଓବାଦୀ ସୁରକ୍ଷା ବାହିନୀ ସହ ଏନକାଉଣ୍ଟରରେ ମୃତ୍ୟୁବରଣ କରିଥିବା ବେଳେ କେତେକ ପୁଲିସ ନିକଟରେ ଆତ୍ମସମର୍ପଣ କରି ଅହିଂସାର ପଥକୁ ବାଛିନେଇଛନ୍ତି। ଏହି କ୍ରମରେ ଆଜି ପୁଣି ମାଓବାଦୀ ସଙ୍ଗଠନ ସହ ଜଡ଼ିତ ଏକ ଦମ୍ପତି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ହିଂସାର ପଥକୁ ସବୁଦିନ ପାଇଁ ତ୍ୟାଗ କରିଛନ୍ତି। ସେମାନେ ହେଲେ ଛତିଶଗଡ଼ ସୁକମା ଜିଲ୍ଲା ପାରଲାଗାଟା ଗ୍ରାମର ଉଙ୍ଗା କଲମା ଓରଫ କିଶୋର (୨୫) ଓ ସୁକମା ଜିଲ୍ଲା ବାଜେ ଥାନା ଗୁମୁ ପଞ୍ଚାୟତର କିଣ୍ଡରାମ ଗ୍ରାମର ମାସେ ମାଣ୍ଡଭୀ (୨୨)।

କିଶୋର ଓ ମାଣ୍ଡଭି ଦୀର୍ଘ ୭ ବର୍ଷ ଧରି ଲାଲ୍ ବାହିନୀ ସହ ଜଡ଼ିତ ରହିଥିଲେ। କାରଣ ଏମାନେ ୨୦୧୮ରେ ଲାଲ ବାହିନୀରେ ଯୋଗ ଦେଇ ବାଶଧାରା-ଘୁମୁସର-ନୟାଗଡ଼ (ବିଜିଏନ) ସଙ୍ଗଠନରେ ପାର୍ଟି ମେମ୍ବର ➪ପୃଷ୍ଠା-୬

# ପ୍ରତିଷ୍ଠା ହଜମ କରିପାରୁନାହାନ୍ତି କଳାକାର !







- ଅବାଟ କଢ଼ାଉଛି ପ୍ରଚୁର ଅର୍ଥ
- ଅକାଳରେ ଝରିପଡୁଛି ଜୀବନ
- ଦୁଇ ମେଲୋଡି କିଙ୍ଗ୍‌ଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି ପ୍ରଶଂସକ

ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): ଜୀବନ କାଳ ମଧ୍ୟରେ ବ୍ୟାପକ ସଂଘର୍ଷ ପରେ ପ୍ରତିଭାକୁ ସଫଳତା ମିଳିଲେ, ଏହି ସଂଘର୍ଷ ଫଳବତୀ ହୋଇଥାଏ। ସମାଜର ଯେକୌଣସି କ୍ଷେତ୍ରରେ ହେଉ, ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଅନେକ କ୍ଷେତ୍ରରେ ଲକ୍ଷ୍ୟ କରାଯାଉଛି ଯେ ସଂଘର୍ଷ ପରେ ପ୍ରତିଷ୍ଠା ପାଉଥିବା ବ୍ୟକ୍ତିବିଶେଷ ଏହାର ସଦୁପଯୋଗ କରିବାରେ ବିଫଳ ହେଉଛନ୍ତି। ବରଂ ପ୍ରତିଷ୍ଠା ପାଇବା ପରେ ସେମାନେ ଏଥିରେ ଏତେ ମାତ୍ରାରେ ଚୂର୍ ହୋଇଯାଉଛନ୍ତି ଯେ ଏହା ସେମାନଙ୍କୁ ବାଟବଣା କରିଦେଉଛି। ବିଶେଷକରି ଓଡ଼ିଆ ସିନେମା କ୍ଷେତ୍ରରେ ଏପରି ବ୍ୟତିକ୍ରମର ଏକାଧିକ ଉଦାହରଣ ରହିଛି।

ସମ୍ପ୍ରତି ସାମାଜିକ ଜୀବନରେ ମଦ୍ୟପାନର ପ୍ରସାର ଏତେ ଅଧିକ ହୋଇଗଲାଣି ଯେ ପୂର୍ବରୁ ଯାହାକୁ ଧର୍ତ୍ତବ୍ୟ ବୋଲି ମନେ କରାଯାଉଥିଲା, ଏବେ ତାହା ପ୍ରଚଳିତ ହୋଇଗଲାଣି। ଦିନ ଥିଲା ବୟସ୍କ ଲୋକଙ୍କ ସମ୍ମୁଖରେ ମଦ୍ୟପାନ ତ ଦୂରର କଥା, ସାମାନ୍ୟ ବିଡ଼ି କି ସିଗାରେଟ୍‌ଟିଏ ଟାଣିଲେ ବି ଏହାକୁ ସାମାଜିକ ସ୍ଖଳନ ଭାବେ ଗଣନା କରାଯାଉଥିଲା। କିନ୍ତୁ ଏବେ ତ ଏହା ସ୍ୱାଭାବିକ ଘଟଣା ହୋଇଗଲାଣି। ଏହି କ୍ରମରେ ଓଡ଼ିଆ ସିନେମାରେ ଅତ୍ୟଧିକ ମଦ୍ୟପାନ ଯୋଗୁଁ ଏକାଧିକ କଳାକାର ସେମାନଙ୍କ ଜୀବନ ସହ ଖେଳିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ➪ପୃଷ୍ଠା-୬

ଢେଙ୍କାନାଳରେ ସଡ଼କ ଦୁର୍ଘଟଣାର ଦିନ

## ଦ୍ୱୈତ ଦୁର୍ଘଟଣାରେ ୫ ମୃତ, ୪ ଗୁରୁତର




ଢେଙ୍କାନାଳ,୧୬।୧୧(ସଂଚାର ବ୍ୟୁରୋ): ଆଜି ଢେଙ୍କାନାଳ ଜିଲ୍ଲାରେ ଦୁଇଟି ପୃଥକ୍ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଯାଇଛି। ଏଥିସହ ୪ ଜଣ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଗୋଟିଏ ଦୁର୍ଘଟଣା ସଦର ଥାନା ଢେଙ୍କାନାଳ କାମାକ୍ଷାନଗର ରାସ୍ତାର କମଗରା ବ୍ରିଜ୍ ଉପରେ ଘଟିଥିବା ବେଳେ ଅନ୍ୟଟି ପରଜଙ୍ଗ ୧୪୯ ନମ୍ବର ଜାତୀୟ ରାଜପଥରେ ଘଟିଛି। ମିଳିଥିବା ସୂଚନାନୁସାରେ,

- ବାଇକ୍‌କୁ ଚାପିଦେଲା ଟ୍ରକ୍
- ସ୍କୁଟିକୁ ସାମ୍ନାରୁ ପିଟିଲା ବାଇକ୍

ଗତକାଲି ବିଳମ୍ବିତ ରାତିରେ କୁଲେଇ ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ସମ୍ମୁଖରୁ ଆସୁଥିବା ବାଇକ୍‌କୁ ଧକ୍କା ଦେବା ଫଳରେ ଉକ୍ତ ବାଇକ୍‌ରେ ବସିଥିବା ୩ ଜଣଯାକ ଯୁବକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଉକ୍ତ ଟ୍ରକ୍‌ଟି ବାଇକ୍‌କୁ ଚାପିଦେବା ଫଳରେ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଟ୍ରକ୍‌ଟି ରାଉରକେଲାରୁ ପିଟିରି ଛକ ଅଭିମୁଖେ ଯାଉଥିବା ସମୟରେ ଏପରି ଅଘଟଣ ଘଟାଇଛି। ଦୁର୍ଘଟଣା ଏତେ ମାତ୍ରାରେ ଭୟଙ୍କର ଥିଲା ଯେ ଟ୍ରକ୍‌ଟି ଉକ୍ତ ବାଇକ୍‌କୁ ପାଖାପାଖି ୧୦୦ ମିଟର ଦୂରକୁ ଘୋଷାଡ଼ି ନେଇଥିଲା। ଫଳସ୍ୱରୂପ ମୃତକଙ୍କ ଶରୀରର ଖଣ୍ଡବିଖଣ୍ଡିତ ଅଂଶ ରାସ୍ତାରେ ଏଣେତେଣେ ବିଛାଡ଼ି ହୋଇପଡ଼ିଥିବା ଭଳି ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଥିଲା। ଖବର ପାଇ ପରଜଙ୍ଗ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ବନ୍ଦୋବସ୍ତ କରିଛି। ତେବେ ମୃତକମାନଙ୍କ ପରିଚୟ ମିଳିପାରିନାହିଁ।

ଅନ୍ୟପକ୍ଷରେ ସ୍କୁଟି ଓ ବାଇକ୍ ଧକ୍କାରେ ମୃତ୍ୟୁବରଣ କରିଥିବା ଦୁଇ ଯୁବକ ହେଲେ ସଦର ଥାନା ଅନ୍ତର୍ଗତ କେଉଟବେରେଣୀର ବିଶ୍ୱ ପ୍ରସାଦ ବରାଳ (୨୧) ଓ ଗାଙ୍ଗୁଲି ବରାଳ। ସେହିପରି ୪ ଆହତଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁସାରେ, ଆଜି ଅପରାହ୍ନରେ ଆଛନ୍ଦ ଗ୍ରାମର ମନୁଆ ମଲ୍ଲିକ ତାଙ୍କ ସ୍କୁଟିରେ ମା', ଭଉଣୀ ଓ ଭଣଜାଙ୍କୁ ➪ପୃଷ୍ଠା-୬



**କାନ ଡେରିଥା**

ମିଡ଼ିଆକୁ ଆଜି ସମ୍ମାନ ଦେଇ
ହାତ ଗୋଡ଼ ବାନ୍ଧିଦିଅ
ମିଛ କେଶ ଯେବେ ସାମ୍ବାଦିକ
ଖାଏ
ସେତେବେଳେ ହସୁଥାଅ
ଇଏ ରାଜନୀତି ସୁଅ...
ରାଜନୀତି ପରା ବ୍ୟବହାର
କରେ
ଏବେଠୁ ସୁଧୁରି ଯାଅ।

■ ଦେବାଶିଷ

# ହିମାଂଶୁଙ୍କ ମୁଣ୍ଡରେ ଦୋଷ ଲଦି ଖସୁଛି ବିଜେଡି



- ପଦାରେ ପଡ଼ିଲା ଦଳର ଦୋମୁହାଁ ନୀତି
- ବିଜେଡି ସରକାରରେ ଥିଲେ ସଫଳ
- ଏବେ ରାଜନୀତି ପାଇଁ ଗାଳି କରୁଛନ୍ତି ନବାଗତ



ଭୁବନେଶ୍ୱର, ୧୬।୧୧ (ସଂଚାର ବ୍ୟୁରୋ) : ନୂଆପଡ଼ାରେ ଶୋଚନୀୟ ଭାବେ ହାରିବାପରେ ବିଜେଡି ଏବେ ତାହାର ମାନ ମହତ ରକ୍ଷା ପାଇଁ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ନିଶାଣ କରିଛି। ନିଜର ଅପାରଗତକୁ ହିମାଂଶୁ ଲାଲଙ୍କ ମୁଣ୍ଡରେ ଲଦି ଖସିବାକୁ ବସିଥିବା ବିଜେଡି ନେତାମାନେ ଭୁଲିଯାଉଛନ୍ତି ଯେ ଏହି ଦକ୍ଷ ଅଫିସର ଦିନେ ବିଜେଡି ପାଇଁ ଅନେକ ସଫଳତାର ସୂତ୍ରଧର ଥିଲେ।

୨୦୦୩ ବ୍ୟାଚ୍‌ର ଆଇପିଏସ୍ ହିମାଂଶୁ ଲାଲ ଭୁବନେଶ୍ୱର ଡିସିପି ଭାବେ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ବିଜେଡି ସରକାର ଅମଳରେ ଚିଟ୍‌ଫଣ୍ଡ ତଦନ୍ତର ଦାୟିତ୍ୱ ମଧ୍ୟ ସଫଳତାର ସହ ତୁଲାଇଥିଲେ। ଦକ୍ଷିଣାଞ୍ଚଳ ଡିଆଇଜି ଦାୟିତ୍ୱରେ ଥିବା ସମୟରେ ମାଓଦମନ କ୍ଷେତ୍ରରେ ତାଙ୍କର ପ୍ରଦର୍ଶନକୁ ଆଜି ବି ଅନେକ ମନେ ରଖିଛନ୍ତି। ଯେଉଁ ସମୟରେ ମାଓବାଦୀଙ୍କ ଭୟରେ ମାଲକାନଗିରି ଥରହର ହେଉଥିଲା, ସେତେବେଳ ହିମାଂଶୁ ଲାଲ ଦଳବଳ ଧରି ମାଓଗଡ଼ରେ ପୁଲିସ୍ ପତାକା ଉଡ଼ାଇବାରେ ସଫଳ ହୋଇଥିଲେ। ଏହାଛଡ଼ା କେନ୍ଦ୍ରୀୟ ଡେପୁଟେସନରେ ଶ୍ରୀ ଲାଲ ଯାଇଥିବାବେଳେ ତାଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଜେଡି ସରକାର ତାଙ୍କୁ ଡେପୁଟେସନର ଅଧାରୁ ଫେରାଇ ଆଣିଥିଲେ। ଏହି ଦକ୍ଷ ଅଫିସର ମଧ୍ୟ ବିଦେଶରେ ମାଓ ଦମନ ରଣନୀତି ଓ ମନ ଲଣ୍ଡରିଂ ଭଳି ଅପରାଧ ରୋକିବା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଛନ୍ତି। ବିଜେପୁର ଉପନିର୍ବାଚନ ସମୟରେ ହିମାଂଶୁଙ୍କ କାର୍ଯ୍ୟକୁ ବିଜେଡି ନେତାମାନେ ଭୁରି ଭୁରି ପ୍ରଶଂସା କରିଥିଲେ। ଏବେ କିନ୍ତୁ ନୂଆପଡ଼ାରେ ନିଜର ଅପାରଗତା ପାଇଁ ହାରିବା ପରେ ସବୁତକ ଦୋଷ ହିମାଂଶୁ ଲାଲଙ୍କ ମୁଣ୍ଡରେ ଲଦିବାରେ ଲାଗିଛି ବିଜେଡି। ନୂଆପଡ଼ା ନିର୍ବାଚନମଣ୍ଡଳୀରେ ସୋନାବେଡା ଅଭୟାରଣ୍ୟ ଥିବାବେଳେ ଏଠାରେ ମାଓବାଦୀନେ ବେଶ୍ ସକ୍ରିୟ ରହିଛନ୍ତି। ଗତ ଉପନିର୍ବାଚନ ସମୟରେ ମାଓବାଦୀଙ୍କ ଆଡୁ ବିପଦ ଆଶଙ୍କା କରାଯାଉଥିବା ବେଳେ ହିମାଂଶୁ ଲାଲ୍ କିନ୍ତୁ ସଫଳତାର ସହ ପରିସ୍ଥିତିକୁ ସମ୍ଭାଳି ନେଇଥିଲେ।

ଏତେସବୁ ସତ୍ତ୍ୱେ ହିମାଂଶୁଙ୍କୁ ସମାଲୋଚନା କରିବାକୁ ବିଜେଡିକୁ ମଉକା ଦେଇଦେଲେ ନବନିର୍ବାଚିତ ନୂଆପଡ଼ା ବିଧାୟକ ଜୟ ଢୋଲକିଆ। ବିଜୟ ହାସଲ କରିବା ପରେ ସମସ୍ତଙ୍କ ପାଦ ଛୁଇଁ ଆର୍ଶୀବାଦ ନେବା ସମୟରେ ଜୟ ସର୍ବସାଧାରଣରେ ହିମାଂଶୁଙ୍କ ପାଦ ମଧ୍ୟ ଛୁଇଁଦେଲେ। ଏହାକୁ ଏବେ ବିଜେଡି ସହ କଂଗ୍ରେସ ବି ପ୍ରସଙ୍ଗ କରିବାରେ ଲାଗିଛି। ତେବେ ବିଜେଡିର ଗାଳିକୁ ଅନେକ ସହଜରେ ଗ୍ରହଣ କରିପାରୁନାହାନ୍ତି। କାରଣ ବିଜେଡି ସରକାର ସମୟରେ ହିମାଂଶୁ ଥିଲେ କ୍ଷମତା କେନ୍ଦ୍ରର ଅତ୍ୟନ୍ତ ନିକଟତମ ପ୍ରଶାସନିକ ଅଧିକାରୀ।

ସେତେବେଳେ ମଧ୍ୟ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ସାହାଯ୍ୟ କରିବା ନେଇ ହିମାଂଶୁଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିବାର ନଜିର ରହିଛି। କିନ୍ତୁ ରାଜନୀତିରେ ପଟ୍ଟ ପରିବର୍ତ୍ତନ ପରିପ୍ରେକ୍ଷୀରେ ହିମାଂଶୁ ଦିନେ ଯେଉଁମାନଙ୍କ ନୟନ ପିତୁଳା ଥିଲେ, ଆଜି ସେମାନଙ୍କ ମୁହଁରୁ ତାଙ୍କ ପାଇଁ ବାହାରୁଥିବା ଗାଳିକୁ ଅନେକ ସହଜରେ ହଜମ କରିପାରୁନାହାନ୍ତି। ତା'ଛଡ଼ା କେତେକ ଏହା ବିଜେଡିର ଦୋମୁହାଁ ନୀତି ବୋଲି ମଧ୍ୟ କହୁଛନ୍ତି।

# ଶିଶୁର ଜୀବନ ଶୈଳୀରେ ସମୟ



ପୁଷ୍ପଲତା ମିଶ୍ର



ଆଜିକାଲି ଦେଖାଯାଉଛି ସମସ୍ତଙ୍କ ଘରେ ଗୋଟିଏ ସନ୍ତାନ ଗୋଟିଏ ପିଲାର ଯତ୍ନ ପାଇଁ ଅଭିଭାବକ ମାନେ ତତ୍ପର ହୋଇ ଉଠୁଛନ୍ତି କିନ୍ତୁ ସେମାନଙ୍କ ପାଖରେ ଯଥେଷ୍ଟ ସମୟ ନାହିଁ ପିଲା ଙ୍କ ର ହାନି ଲାଭ ବୁଝିବା ପାଇଁ,ପିଲା କଣ ଚାହେଁ ? ତାର ଭାୱନା କଣ ପିଲା ର ମନୋଭାବ କୁ ଜାଣିବାକୁ ସମୟ କାହିଁ ? ମନୋସ୍ତତ ବିତ ଙ୍କ ମତ ରେ ପିଲା କଣ ଚାହେଁ ,କଣ ତାର ଭାୱନା କେବଳ ମାଆ ହିଁ ବୁଝିପାରେ ତାଙ୍କ ମତ ରେ ମାଆ ହିଁ ଜଣେ ଫିଲୋ ସଫର ! କିନ୍ତୁ ଆଜି ର ମାଆ ଟଙ୍କା ରୋଜଗାର କରିବାରେ ଏପରି ଛନ୍ଦି ହୋଇ ରହୁଛନ୍ତି ପିଲା କୁ ସମୟ ଦବା ଦୂର ର କଥା ଆୟା ଦ୍ୱାରା ପରିଚାଳିତ ହେଉଛି ଛୁଆ ! ! ଅଭିଭାବକଙ୍କର ସମୟ ର ଅଭାବ ପିଲା ମାନଙ୍କ ର ଜିଦ୍ ର କାରଣ ନୁହେଁ ତ ......?

ବର୍ତ୍ତମାନର ଅଭିଭାବକ ପିଲାମାନଙ୍କୁ ଅପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ସ୍ଥାନକୁ ତଥା ମଲ୍ଲ,ବହୁ ତଳ ପ୍ରାସାଦ ମଧ୍ୟ ରେ ଖେଳାଇବା ଶିଶୁ ର ବିକାଶ ବୃଦ୍ଧି କୁ ବିରୋଧ ର ସମ୍ମୁଖୀନ ହେଉଛନ୍ତି। ଖୋଲା ପବନ ଖୋଲା ପରିବେଶ ରେ ଶିଶୁ ର ମାନସିକ ବୃଦ୍ଧି ହୁଏ ବୋଲି ମନୋ ସ୍ତତ ବିତ ଙ୍କ ମତ। ପାପା ଓ ମାଙ୍କ ପାଖରେ ସମୟ ର ଅଭାବ ଓ ସଦୁପଯୋଗ କୁ ନେଇ ଗୋଟିଏ ଗଳ୍ପ.............। ରମାକାନ୍ତ ବାବୁ ବ୍ୟସ୍ତ ବହୁଳ କାର୍ଯ୍ୟ ପରେ ଘରେ ପହଞ୍ଚିଲା ବେଳକୁ ନଅ ଟା ବାଜିଲାଣି ସ୍ତ୍ରୀ କବାଟ ଖୋଲୁ ଖୋଲୁ କବାଟର ଠକ୍ ଠକ୍ ଶବ୍ଦ ରେ ପୁଅ ରାହୁଲ ବିଛଣା ରୁ ଉଠି ଆସି ପହଁଚି ଗଲା,ସବୁଦିନ ପରି ସେ ଦିନ ବି ଶୋଇ ନ ଥିଲା,ପିଲା ଟିକୁ ଟିକେ ଗେହ୍ଲା କରି କହିଲେ କଣ ଆଜି ଶୋଇବା ହେଇନି, ନିଦ ଲାଗୁନି କିରେ ବାବା ? ଆଗରୁ ରମାକାନ୍ତ ବାବୁ ପୁଅ କୁ ଗପ କହି ଶୁଆଇ ଦେଉଥିଲେ। ଆଜି କାଲି କିନ୍ତୁ ଆଉ ଗପ ନାହିଁ କମ୍ପାନୀ ରୁ ଫୁରସତ ମିଳିଲେ ତ କାମ ର ଅଧିକ ଚାପ ହେତୁ ସମୟ ମିଳୁନି କିଛି ସମୟ ପାଇଲେ ପତ୍ନୀ ସହ ଟିକେ ଆଳାପ ଆଲୋଚନା ଭୂଳନ୍ତି ନାହିଁ ରମାକାନ୍ତ ବାବୁ ,ପୁଅ କିନ୍ତୁ ନିରାଶ ହୋଇ ଶୋଇ ପଡେ। ରମାକାନ୍ତ ବାବୁ ପୋଷାକ ବଦଳାଇବା ବେଳେ ପୁଅ ରହିଲ ଆସି ପଚାରିଲା ପାପା ଗୋଟେ କଥା କହିବି ? ରମାକାନ୍ତ ବାବୁ ଅନ୍ୟ ମନସ୍କ ଭାବେ କହିଲେ କହ,ତୁମେ ଅଫିସ ରୁ ଏକ ଘଣ୍ଟା କୁ କେତେ ଟଙ୍କା ପାଅ ପାପା! ପୁଅ ର ପ୍ରଶ୍ନ ଶୁଣି ରମାକାନ୍ତ ବାବୁ ରାଗି ଗଲେ ଇଏ କି ପ୍ରଶ୍ନ ଆରେ.........। ଏତେ ଛୋଟ ପିଲା ତୋର ଏତେ କଥା ଜାଣିବା କଣ ଦରକାର ? ତଥାପି କହିଲେ ମୋର ଘଣ୍ଟାକୁ ରୋଜଗାର ଦୁଇଶହ ହବ। ପୁଅ କହିଲା ପାପା ମତେ ପଚାଶ ଟଙ୍କା ଦବ ? ଦିଅନା ପାପା ମୋର ପଚାଶ ଟଙ୍କା ଦରକାର ,ରମାକାନ୍ତ ବାବୁ ଆହୁରି ରାଗିଗଲେ ଓ କହିଲେ ବଦମାସ ଶୋଇଛୁ ନା ନାହିଁ କାନକୁ ଧରି ପଚାରିଲେ ଟଙ୍କା କଣ କରିବୁ ଆଯେ ବାଜେ ପିଲାଙ୍କ ସହିତ ମିଶି ମନଇଚ୍ଛା ଯାହା ନାହିଁ ତାହା କିଣା ହବ ? ଯା..ଶୋଇବୁ ଯା ,ପୁଅ ଆଖି ଛଳ ଛଳ କରି ଗୋଡ଼ କଚାଡି ଶୋଇବା ଘରକୁ ଚାଲି ଗଲା ,ଖାଇ ପିଇ ଟିଭି ଦେଖୁ ଦେଖୁ ରମାକାନ୍ତଙ୍କ ର ମନେ ପଡ଼ିଲା ପୁଅ କଥା ପୁଅ ଶୋଇଲା କି ନାହିଁ ? କଣ ଗୋଟିଏ କିଣିବ ବୋଲି ପଚାଶ ଟଙ୍କା ମାଗୁଥିଲା ଷ୍ଟିକର ଫିକର କି କିଛି ଖେଳଣା କିଣିବ ନିଜ ବ୍ୟବହାର ପାଇଁ ତାଙ୍କୁ ଟିକେ ଦୋଷୀ ଦୋଷୀ ଲାଗିଲା ଏମିତି ବି ପୁଅ ଟାକୁ ସେ ଜମା ସମୟ ଦେଇ ପାରୁ ନାହାଁନ୍ତି,ନିଦ ରୁ ଉଠିଲା ବେଳ କୁ ପୁଅ ସ୍କୁଲ ପାଳାଉଛି ତ ଅଫିସ ରୁ ଫେରିବା ପୂର୍ବରୁ ପୁଅ ଶୋଇ ପଡୁଛି। କିଛି କିଣି ନ ପାରିଲେ ସାଙ୍ଗ ମାନଙ୍କ ପାଖରେ ଛୋଟ ଲାଗିବ ତାକୁ ........।

ପାପା ଶୋଇବା ଘର କୁ ଯିବାର ପାଦ ଶବ୍ଦ ରେ ପୁଅ କମ୍ବଳ ତଳୁ କଇଁଛ ପରି ଚାହିଁ ପୁଣି ଶୋଇ ପଡ଼ିଲା, ରମାକାନ୍ତ ବାବୁ ଖଟ ଉପରେ ବସି ପୁଅ ର ମୁଣ୍ଡ କୁ ଆଉଁସି ଆଦରରେ ପଚାରିଲେ ମୋ ସୁନା ପୁଅକୁ ନିଦ ଆସୁନି କି ? ପୁଅ ଆଖି ପତା ଉଠାଇ ପୁଣି ବନ୍ଦ କରି ଦେଲା। ରମାକାନ୍ତ ବାବୁ ବୁଝି ଗଲେ ପୁଅ ଅଭିମାନ କରିଛି। ପୁଅକୁ କୋଳ କୁ ଉଠେଇ ନେଲେ ଗେଲ କରୁ କରୁ କହିଲେ ପଚାଶ ଟଙ୍କା ମାଗୁଥିଲୁ ପରା ,ନେ ପଚାଶ ଟଙ୍କା ଆଉ ଶୋଇପଡ଼। ପାପାଙ୍କ ହାତରୁ ଟଙ୍କା ନେଇ ଖୁସି ରେ କୋଳ ରୁ ଡେଇଁ ପଡ଼ି ଖଟ ର ଗୋଟେ ମୁଣ୍ଡ ରୁ ବିଛଣା ଟେକି କିଛି ରେଜା ଟଙ୍କା ବାହାର କରି ଆଣି ଗଣି ବସିଲା ଦଶ କୋଡ଼ିଏ ପଚାଶ ଏମିତି କେତେ କଣ ? ଏହା କୁ ଦେଖି ରମାକାନ୍ତ ବାବୁ ଭୀଷଣ ରାଗି କି କହିଲେ ପାଖରେ ଏତେ ଟଙ୍କା ରଖିଛୁ ପୁଣି ମତେ ଟଙ୍କା ମାଗୁଛୁ। ପାପାଙ୍କ ଗାଳିକୁ ନ ଶୁଣି ପୁଅ ପଇସା ଗଣୁ ଥିଲା,ଗଣି ସରିଲା ପରେ ପାପା ଙ୍କ ମୁହଁ କୁ ଅନେଇକି କହିଲା........ ପାପା ମୁଁ ଟିଫିନ୍ ନ ଖାଇ ରଖି ଥିଲି କୋଡ଼ିଏ ଟଙ୍କା, ମାମୁଁ ଦେଇଥିଲେ ପଚାଶ ଟଙ୍କା, ଆଉ ମାଉସୀ ଯୋଉ ଦିନ ଆସିଥିଲେ ସେ ମତେ ପଚାଶ ଟଙ୍କା ଦେଇଥିଲେ, ଦାଦା ଦେଇଥିଲେ ତିରିଶି ଟଙ୍କା ଆଉ ତୁମେ ଦେଲ ପଚାଶ ଟଙ୍କା ଏମିତି ମିଶି ହେଲା ଦୁଇଶହ ଟଙ୍କା !! ରମାକାନ୍ତ ବାବୁ କହିଲେ ହଁ ଦୁଇଶହ ହେଲା ଏତେ ଟଙ୍କା କଣ କରିବୁ ଧମକେଇଲା ଭଳି ପଚାରିଲେ। ପାପା ଙ୍କ ରାଗ କୁ ନ ଶୁଣି ପୁଅ ରାହୁଲ କହିଲା ପାପା ! ତୁମେ ପରା ଅଫିସ ରେ ଏକ ଘଣ୍ଟା କୁ ଦୁଇଶହ ଟଙ୍କା ପାଅ ? ହଁ କଣ ହେଲା ସେଠୁ ପାପା କହିଲେ, ନିଅ ପାପା ଏ ଦୁଇଶହ ଟଙ୍କା ନିଅ ସମସ୍ତ ଟଙ୍କା କୁ ରମାକାନ୍ତ ବାବୁ ଙ୍କ ହାତରେ ଧରେଇ ଦେଇ ପାପା ଙ୍କ ବେକ ଚାରିପଟେ ଦୁଇ ହାତ ବଢ଼େଇ କାନ୍ଧ ରେ ମୁଣ୍ଡ ରଖି ଶୋଇଗଲା। ସେମିତି ଶୋଇ ଶୋଇ ଆଖି ବୁଜି ପୁଅ ରାହୁଲ କହିଲା , ପାପା ତମେ ସବୁ ଟଙ୍କା ନିଅ ମତେ ଗୋଟିଏ ଗପ ଓ ଗୀତ ଶୁଣା ଅ ,ତୁମେ ଅଫିସ ରୁ ଏକ ଘଣ୍ଟା କୁ ଦୁଇଶହ ଟଙ୍କା ପାଅ ପରା ସେହି ଦୁଇଶହ ଟଙ୍କା ନେଇ ପୁରା ଘଣ୍ଟା ଟିଏ ଗପ କୁହ କେତେ ଦିନ ହେଲା ତୁମ ଠାରୁ ଗପ ଶୁଣିନି ପାପା ! ରମାକାନ୍ତ ବାବୁ ଙ୍କ ର ଆଖି ଛଳ ଛଳ ହୋଇ ଗଲା ସତରେ ପିଲା ଙ୍କ ଜୀବନ ଶୈଳୀ ପାଇଁ ପାପା ଓ ମା ଅଧିକ ସମୟ ଦେବା ଅପରିହାର୍ଯ୍ୟ...।

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**



# ପ୍ରତିଭା

ଶୋଭାମୟୀ ପତ୍ରୀ

ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ
ମାଧବ ବସିଛି ଯାଇ,
ମାତାଙ୍କ ଆଡ଼କୁ ଅନେଇ ଅନେଇ
ମାଟି ଦେଉଅଛି ଖାଇ।

ଏହି ପଦ୍ୟାଂଶଟିର ଭାବାର୍ଥ ସିନୁକୁ ବୁଝାଇ ବାକୁ ଗଲାବେଳେ ସୁକାନ୍ତ ବାବୁ ନିଜେ ଭାବୁକ ହୋଇପଡୁଥିଲେ ସତେ ଯେମିତି ସେ କେଉଁଠି ହଜି ଯାଉଥିଲେ କିମ୍ବା ମଯାଇ ଦେଉଥିଲେ ନିଜ ବର୍ତ୍ତମାନକୁ । ପିଲାଦିନେ ମାଟିରେ ଗୋଳିହେବା, ମାଟି ଖାଇବା ସେ ପୁଣି ମାଆଙ୍କୁ ଲୁଚେଇ ଏଇଟା ତ ଶିଶୁ ସୁଲଭ ଗୁଣ ଯାହା ପ୍ରତ୍ୟେକ ପିଲାମାନଙ୍କ ପାଖରେ ଦେଖାଯାଇଥାଏ ହେଲେ ତା ଭିତରେ ଭରିରହିଥିବା ଏତେ ବଡ଼ ସନ୍ଦେଶ ଓ ସମ୍ଭବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହ ଏବେକାର ସର୍ବ ତୁଣ୍ଡର ଆଲୋଚ୍ୟ ବିଷୟ ପାଲଟି ଯାଇଛି। ଗାଁ ଗୋଟାକର ବୟୋଜ୍ୟେଷ୍ଠ ଠାରୁ ସମବୟଷ୍କ ପର୍ଯ୍ୟନ୍ତ ସବୁରି ମୁଖର ଗୋଟିଏ କଥା ସୁକାନ୍ତର ପିଲାଦିନରୁ ମାଟି ପ୍ରତି ପ୍ରୀତିରୁ ହିଁ ଆମେ ଜାଣିଥିଲୁ କି ସେ ଦିନେ ଏହି ମାଟି ପାଇଁ ବିଶ୍ୱବିଖ୍ୟାତ ଦେବ ତାର ଏହି ଲୁକାୟିତ ପ୍ରତିଭାର ପ୍ରକାଶରେ ଦେଶ ଜାତିର ଗୌରବ ବଢ଼େଇବ।

କେଉଁଠି ପୁଳାଏ ମାଟି ଦେଖିଲେ ସେ ସବୁକିଛି ଭୁଲି ଯାଇ ସେହିଠାରେ ହିଁ ଖେଳନା କଣ୍ଢେଇ, ମୂର୍ତ୍ତି, ପଶୁ ପକ୍ଷୀ ଆଦି ଗଢି ବସୁଥିଲେ ଆଉ ଏହିଭଳି ବ୍ୟତିକ୍ରମ ତାଙ୍କ ଜୀବନରେ ଅନେକଥର ଘଟିଛି ଏଥିପାଇଁ ସେ ବହୁ ଅପମାନିତ ଏବଂ ଦଣ୍ଡ ବି ଭୋଗିଛନ୍ତି । ତାଙ୍କର ସେଇ ପ୍ରତିଭାକୁ ଚିହ୍ନିବା ଭଳି ମଣିଷଟିଏ ବିଶୋଇ ବାବୁଙ୍କୁ କେବଳ ତାଙ୍କରି ପାଇଁ ଭଗବାନ ଗଢ଼ିଥିଲେ ବୋଧେ। ସେଦିନ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ଯିବା ସମୟରେ ଧର୍ମପଦ କୋଣାର୍କର ଚୁଳି ମାରିଲାପରି ସେ ଦୋଦୁଲ୍ୟମାନ ତଥା ଅସମାପିକା ପରିସ୍ଥିତିରେ ଥିବା ମାଆଙ୍କ ମୂର୍ତ୍ତିକାରିଗରଙ୍କର ସହାୟକ ହୋଇ ଥିଲେ ଆଉ ତାଙ୍କରି କୋମଳ ହାତର ଶେଷସ୍ପର୍ଶ ପାଇଁ ମାଙ୍କ ମୂର୍ତ୍ତି ଯେମିତି ଜୀବନ୍ତ ହୋଇ ଉଠିଥିଲା ଯାହା ସହରର ଶ୍ରେଷ୍ଠ ମୂର୍ତ୍ତିକାର ବିଶୋଇ ବାବୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଆଉ ସେହିଦିନ ହିଁ ସେ ତାଙ୍କ ପରିବାରର ସ୍ୱୀକୃତି କ୍ରମେ ତାଙ୍କୁ ସାଙ୍ଗରେ ନେଇ ଉଚିତ ପ୍ରଶିକ୍ଷଣ ଦେଇଥିଲେ ଆଉ ଆଜି ତାହାରି ପ୍ରତିଫଳନରେ ସେ ସାରା ବିଶ୍ୱ ଦରବାରରେ ତାଙ୍କ ପ୍ରତିଭାର ପରିଚୟ ଦେଇ ପ୍ରତିଷ୍ଠାବାନ ହୋଇପାରିଛନ୍ତି।

**କେନ୍ଦ୍ରାପଡ଼ା**

# ପ୍ରକୃତି ଆମର ଶ୍ରେଷ୍ଠ ଗୁରୁ

ଅନୁପମା ବିଶ୍ୱାଳ

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବ ମହେଶ୍ୱର
ଗୁରୁର୍ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ।



ଏହା କେବଳ ମନ୍ତ୍ରଟିଏ ନୁହେଁ,ଆମ ଜୀବନର ପରମ ସତ୍ୟ। ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ମଣିଷ।ସେ ନିଜେ ଅନ୍ୟଠୁ ଶିଖେ ଓ ଶିଖାଏ।ଆମ ଜୀବନରେ ପିତା,ମାତା,ଶିକ୍ଷକ ପରି ପ୍ରକୃତି ମଧ୍ୟ ଗୁରୁ ଅଟେ।ପ୍ରକୃତିରେ ଥିବା ମାଟି,ପାଣି,ପବନ,ଜଳ,ବୃକ୍ଷ ଲତା ସମସ୍ତଙ୍କ ଠାରୁ ଆମେ ଶିଖିଥାଉ।ପ୍ରକୃତି ଆମ ଭିତରେ ଥିବା ଅଜ୍ଞାନତାକୁ ଦୂର କରିବାକୁ ସର୍ବଦା ଚେଷ୍ଟିତ।ନିଜ ସ୍ୱାର୍ଥ ଭୁଲି ନିରନ୍ତର ସେ ମାନବ ସେବାରେ ନିଜକୁ ନିୟୋଜିତ କରେ।କୁହାଯାଏ-ପ୍ରକୃତି ଶିଖାଏ ଆମକୁ ହାତ ଧରି ସଦା ରହିଥାଏ ଆମ ଗୁରୁ ପରି। ମାଟି ଆମ ମାଆ ପରି।ସମସ୍ତଙ୍କୁ ସ୍ନେହ ଓ ଆଦର କରେ।ତା ଆଖିରେ ଧନୀ,ଗରିବ,ରାଜା,ପ୍ରଜା ସଭିଏଁ ସମାନ।ତ୍ୟାଗ,କ୍ଷମା,ଧୈର୍ଯ୍ୟ ତଥା ପରୋପକାରିତା ଗୁଣ ସେ ସର୍ବଦା ଶିଖାଏ।ଜଳ ଉଦ୍ଧତପଣିଆ ଛାଡି ନମ୍ରତା ଭାବ ଶିଖାଏ ।ଗତି ଯେତେ ବଙ୍କା ହେଲେ ମଧ୍ୟ ଅଟକି ନଯାଇ ଲକ୍ଷ୍ୟ ପୂରଣ କରିବାର ପ୍ରଚେଷ୍ଟା ସର୍ବଦା ଜାରି ରଖିବାକୁ ଶିଖାଇଥାଏ।ସମସ୍ତଙ୍କ ତୃଷା ମେଣ୍ଟାଇ ମଧ୍ୟ ଗର୍ବ କରେ ନାହିଁ।ବାୟୁ ଶିଖାଏ ଅନାସକ୍ତ ଗୁଣ।ସବୁଠାରେ ବିଦ୍ୟମାନ ରହେ,କିନ୍ତୁ ଆସକ୍ତି ରଖେ ନାହିଁ। ପାହାଡ଼ ଦିଏ ସ୍ଥିରତା ଓ ଧୈର୍ଯ୍ୟ ର ବାରତା।ଜୀବନରେ ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ନିଜ ସ୍ଥିରତାକୁ ଭାଙ୍ଗିବା ଅନୁଚିତ।ଆକାଶ ମନୁଷ୍ୟକୁ ସର୍ବବ୍ୟାପି କରାଏ।ଗୋଟିଏ ସ୍ଥାନରେ ବାନ୍ଧି ନହୋଇ ସାରା ଜଗତର କଲ୍ୟାଣ କରିବାର ଶିକ୍ଷା ଦିଏ।ସୂର୍ଯ୍ୟ ଚନ୍ଦ୍ର କାହାରି ପାଖରେ ପାତର ଅନ୍ତର ଭାବ ରଖନ୍ତି ନାହିଁ।ମନୁଷ୍ୟ ଭିତରେ ଜ୍ଞାନ ଆଲୋକ ସୃଷ୍ଟି ହେଲେ ଅନ୍ଧାର ଅଜ୍ଞାନ ଦୂର ହୁଏ।ବିହଙ୍ଗ କୁଳ ପରିଶ୍ରମୀ ଏବଂ ସ୍ୱଚ୍ଛ ହୃଦୟଶୀଳ ହେବାକୁ ଶିଖେଇଥାନ୍ତି। ପ୍ରକୃତିର ମୁଖ୍ୟ ଉପାଦାନ ବୃକ୍ଷଲତା।ବୃକ୍ଷ ନିରନ୍ତର ଫଳ ,ଫୁଲ,ପନିପରିବା, ଔଷଧ,ପ୍ରାଣବାୟୁ ଯୋଗାଇଦିଏ।ଏଥିରେ ନିଜେ କଷ୍ଟ ଭୋଗିଲେ ମଧ୍ୟ ଧ୍ୟାନ ଦିଏନାହିଁ।ଅନ୍ୟ କାହାକୁ କିଛି ମାଗେ ନାହିଁ ମଧ୍ୟ।ବୃକ୍ଷ ସର୍ବଦା ପରୋପକାରୀ।ମରିଗଲେ ମଧ୍ୟ ମଣିଷର ସେବାରେ ଲାଗିଥାଏ। ଗଛ ନରହିଲେ ଜୀବଜଗତ ରହିବ ନାହିଁ। କୁହାଯାଏ-"save trees, save the earth"। ସଂସ୍କୃତରେ କୁହାଯାଏ "ବୃକ୍ଷୋ ରକ୍ଷତି ରକ୍ଷିତଃ।" ମାନବ ପ୍ରକୃତି କୋଳରେ ବଢେ।ଛୋଟରୁ ପ୍ରକୃତି ସହିତ ଜଡିତ। ପ୍ରକୃତିର ପ୍ରତିଟି ଉପାଦାନ ମଣିଷକୁ ଶିକ୍ଷାଦିଏ ମାତା ,ଧାତ୍ରୀ ଓ ଶିକ୍ଷୟିତ୍ରୀ ହୋଇ ।ଅନ୍ନ ବସ୍ତ୍ର ଖାଦ୍ୟ ସବୁ ଯୋଗାଇ ସେବାରେ ଲାଗେ।ମାନବ ଅଜ୍ଞାନତା ଯୋଗୁଁ ଯେଉଁ ଭୁଲ କରେ ତାହା ସୁଧାର କରିବାକୁ ପ୍ରକୃତି ଚେଷ୍ଟା କରିଥାଏ।କିନ୍ତୁ ଗୁରୁଙ୍କ ଶିକ୍ଷା ଶିଷ୍ୟ ମନଯୋଗ ଦେଲେ ହିଁ ସାର୍ଥକ ହୋଇଥାଏ।ଏଥିପାଇଁ ଅବଧୂତ ନିଜକୁ ଶିଷ୍ୟ କରି ପ୍ରକୃତିର ଅନେକ ଉପାଦାନକୁ ଗୁରୁ କରିଥିଲେ। ଭବିଷ୍ୟତ ପିଢ଼ି ପାଇଁ ପରିବେଶ ସୁରକ୍ଷା ଆମର ଗୁରୁ ଦାୟିତ୍ୱ।ଏହା ନାଗରିକ ମାନଙ୍କ ସାମୂହିକ ଏକତା ଓ ଇଚ୍ଛାଶକ୍ତି ଉପରେ ନିର୍ଭର କରେ।ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ମିଶନ ଲାଇଫ' ଆଧାରରେ ସମସ୍ତେ ମିଳିତ ଭାବରେ ପରିବେଶ ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ପଦକ୍ଷେପ ନେବା ଉଚିତ।ବୃକ୍ଷ ରୋପଣକୁ ନିଜ ଭିତରେ ସୀମିତ ନରଖି ଜନ ସମୂହ କଲେ ଏହାର ପ୍ରଚାର ଭଲ ହୋଇପାରିବ।ସି ଓ ପି ୨୮ ଶିଖର ସମ୍ମିଳନୀକୁ ଦୃଷ୍ଟିରେ ରଖି ସମସ୍ତେ ଏକାଠି ହେବା ଓ ଏକ ସବୁଜ ତଥା ସ୍ଥାୟୀ ବିଶ୍ୱର ସ୍ୱପ୍ନକୁ ସାକାର କରିବା ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ। ପ୍ରକୃତି ରୂପକ ଗୁରୁ ନ ରହିଲେ ଆମର ଶିକ୍ଷା ଅଧାରେ ରହିଯିବ।ଏଣୁ ଶପଥ ନେବା-

ପ୍ରକୃତି ଗୁରୁକୁ ନ କରିବା ହେୟ
ଦେବା ସଭିଏଁ ତା'ଠାରେ ଲୟ
ଶିକ୍ଷା ପାଇବାକୁ ନ ରହିବ ଭୟ
ଶିକ୍ଷିତ ହେଲେ ହେବ ଦେଶର ଜୟ।

**ସମ୍ବଲପୁର**

# କାଳି ପୁସ୍ତକର ବାସ୍ନା

ଡକ୍ଟର ଲକ୍ଷ୍ମଣ ସାହୁ



ନୋଟବୁକର ପୃଷ୍ଠା ଓଲଟାଇବା ସମୟରେ ଆଙ୍ଗୁଠିରେ କାଳିର ହାଲୁକା ଛାଇ, ନୂତନ ପୁସ୍ତକରେ କାଳି ଓ କାଗଜର ମିଶ୍ରିତ ବାସ୍ନା, କିମ୍ବା ପୁରୁଣା ପୁସ୍ତକରେ ହଳଦିଆ ପତ୍ରର ମୃଦୁ ବାସ୍ନା...। ବାସ୍ତବରେ ଏହି ଧାରଣାଗୁଡ଼ିକ ଏକଦା ଆମର ଶିକ୍ଷା ଜଗତର ଅଂଶ ଥିଲା। ପୁସ୍ତକଗୁଡ଼ିକ କେବଳ ଜ୍ଞାନର ଉତ୍ସ ନଥିଲା, ବରଂ ଏକ ଭାବପ୍ରବଣ ଅଭିଜ୍ଞତା ମଧ୍ୟ ଥିଲା। ସେତେବେଳେ ଅଧ୍ୟୟନର ଅର୍ଥ ଥିଲା ପୃଷ୍ଠାଗୁଡ଼ିକରେ ନିଜକୁ ବୁଡ଼ାଇ ଦେବା, ଧୀରେ ଧୀରେ ଅକ୍ଷରଗୁଡ଼ିକୁ ଅବଶୋଷିତ କରିବା। ଆମ ନିଜସ୍ୱ ଏକ ଜଗତରେ ହଜିଯିବା। ସମୟ ବଦଳି ଯାଇଛି। ଆଜି ଏହି ସମାନ ପୁସ୍ତକ ଗୁଡ଼ିକ ଆମ ପକେଟରେ, ମୋବାଇଲ୍ ସ୍କ୍ରିନରେ କିମ୍ବା ଟାବଲେଟର ଚମକଦାର ଡିଜିଟାଲ୍ ପୃଷ୍ଠା ଗୁଡ଼ିକରେ ଭରପୁର ଅଛି। ଆମେ ପୃଷ୍ଠାଗୁଡ଼ିକ ସ୍ୱାଇପ୍ କରି "ସନ୍ଧାନ" ବଟନ୍ ଦବାଇ ତୁରନ୍ତ ଆମର ଆବଶ୍ୟକୀୟ ଜିନିଷ ପାଇଥାଉ। ଏହା ସୁବିଧାଜନକ, ଦ୍ରୁତ ଏକ ଆଧୁନିକ ଆବଶ୍ୟକତାକୁ ପୂରଣ କରିବାରେ ସଫଳ ହୋଇଛି। କିନ୍ତୁ ପ୍ରଶ୍ନ ହେଉଛି: ଡିଜିଟାଲ୍ ପୃଷ୍ଠାଗୁଡ଼ିକ ପୁସ୍ତକର ବାସ୍ନା ଓ ସ୍ପର୍ଶକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେଇଛି କି ?

କାଗଜକୁ ଭଲ ପାଇବା। କାଗଜରେ ମୁଦ୍ରିତ ପୁସ୍ତକଗୁଡ଼ିକ କେବଳ ପଢ଼ିବାର ଏକ ମାଧ୍ୟମ ନୁହେଁ; ଏହା ଜୀବନର ଏକ ଅଂଶ। ହାତରେ ଚା କପ୍ କୋଳରେ ପୁସ୍ତକ ରଖି ଉପନ୍ୟାସ ପଢ଼ିବା ଅଗଣିତ ଲୋକଙ୍କ ସ୍ମୃତିରେ ଏବେ ଏକ ଦୃଶ୍ୟଲବ୍ଧ ହେବା କଷ୍ଟକର ହୋଇପାରେ। ପୁସ୍ତକଗୁଡ଼ିକ ଆମକୁ ଭଲ ପାଇବା ଶିଖାଏ। ପୃଷ୍ଠା ଓଲଟାଇବାର ଧୀର ଗତି ଆମକୁ ଶବ୍ଦ ସହିତ ବଞ୍ଚିବାକୁ ଅନୁମତି ଦିଏ। ପୁସ୍ତକଗୁଡ଼ିକ ମଧ୍ୟ ସ୍ମୃତିର ଏକ ଭଣ୍ଡାର। ପୁରୁଣା ପୁସ୍ତକ ପୃଷ୍ଠାରେ ଚିହ୍ନ, କାଛରେ ଲେଖାଯାଇଥିବା ନୋଟ୍ସ ଚିତ୍ରପଞ୍ଜ, କିମ୍ବା ବିନରେ ଶୁଖିଲା ପତ୍ର ଆମକୁ ଇତିହାସ ମୃତ୍ୟୁ ପରେ ମଧ୍ୟ ସମୟକୁ ଫେରାଇ ନେଇଯାଏ। ଏହା ହେଉଛି ଭାବପ୍ରବଣ ସଂଯୋଗ ଯାହା ପ୍ରାୟତଃ ଡିଜିଟାଲ୍ ପୃଷ୍ଠାଗୁଡ଼ିକରୁ ହଜିଯାଏ।

ପ୍ରସିଦ୍ଧ ଆମେରିକୀୟ ଲେଖିକା ଜେନ୍ ଅଷ୍ଟେନ୍ ଏକଦା କହିଥିଲେ, "ପୁସ୍ତକଗୁଡ଼ିକୁ ଭଲ ପାଇବା ବିନା ବଞ୍ଚିବା ଆଖି ଥିବା କିନ୍ତୁ ଆଲୋକ ଦ୍ୱାରା ଅନ୍ଧ ହେବା ପରି।" ଏହା ବ୍ୟତୀତ, ବିଦ୍ୱାନମାନେ ପରାମର୍ଶ ଦିଅନ୍ତି ଯେ କାଗଜରେ ପଢ଼ିବା ଆମର ଏକାଗ୍ରତା ଓ ସ୍ମୃତିକୁ ଗଭୀର କରିଥାଏ। ଯେତେବେଳେ ଆମେ ସ୍କ୍ରିନରେ ପଢ଼ିଥାଉ, ସେତେବେଳେ ନିରନ୍ତର ସୂଚନା ଝଲସୁଥିବା ଆଲୋକ ଆମକୁ ବିଚଳିତ କରିଥାଏ। ଯେତେବେଳେ ପୁସ୍ତକର ପୃଷ୍ଠା ଆମକୁ ଶାନ୍ତି ଓ ନୀରବତା ଦେଇଥାଏ।

ଏହା ମଧ୍ୟ ସତ୍ୟ ଯେ ଆଜିର ଦ୍ରୁତ ଗତିଶୀଳ ଜୀବନରେ, ଡିଜିଟାଲ୍ ମିଡିଆ ଶିକ୍ଷଣକୁ ଏକ ନୂତନ ପରିମାଣ ଦେଇଛି। ଏବେ ଏକ ବିରଳ ପୁସ୍ତକ ପାଇବା ପାଇଁ ମାସ ମାସ ଆଉ କେବେ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଇ-ପୁସ୍ତକଗୁଡ଼ିକ ମାତ୍ର କିଛି ସେକେଣ୍ଡରେ ଡାଉନଲୋଡ୍ ହୋଇଥାଏ। ଛାତ୍ରଛାତ୍ରୀମାନେ ଏକ ଛୋଟ ଡିଭାଇସରେ ହଜାର ହଜାର ପୃଷ୍ଠାର ପୁସ୍ତକ ଅଧ୍ୟୟନ ସାମଗ୍ରୀ ବହନ କରିପାରିବେ। ଡିଜିଟାଲ୍ ମିଡିଆର ପରିବେଶ ମଧ୍ୟ ଅନୁକୂଳ। କାରଣ ଏହା କାଗଜ ଉତ୍ପାଦନ ପାଇଁ ଗଛ କାଟିବାକୁ ହ୍ରାସ କରେ। ସବୁଜ ବନାନୀ ନଷ୍ଟ ହୁଏ ନାହିଁ। ଏହା ବ୍ୟତୀତ ଡିଜିଟାଲ୍ ପ୍ଲାଟଫର୍ମରେ ସନ୍ଧାନ କରିବା ଅତ୍ୟନ୍ତ ସହଜ ହୋଇଥାଏ। ଏକ ନିର୍ଦ୍ଦିଷ୍ଟ ବିଷୟ କିମ୍ବା ଶବ୍ଦ ଖୋଜିବାରେ କେବଳ କିଛି ମୁହୂର୍ତ୍ତ ଲାଗେ, ଯେତେବେଳେ ବିଶାଳ ପୁସ୍ତକ ସହିତ ସମାନ ପ୍ରକ୍ରିୟା ସମୟ ନେଇପାରେ। ଡିଜିଟାଲ୍ ଯୁଗ ଶିକ୍ଷଣକୁ ମଧ୍ୟ ଗଣତାନ୍ତ୍ରିକ କରିଛି।

ପୂର୍ବରୁ ଗୁଣାତ୍ମକ ପୁସ୍ତକଗୁଡ଼ିକ କେବଳ ବଡ଼ ସହର କିମ୍ବା ମହଙ୍ଗା ପାଠାଗାରରେ ଉପଲବ୍ଧ ଥିଲା। ବିଶ୍ୱର ଯେକୌଣସି ସ୍ଥାନରେ ଉଚ୍ଚଇଣ୍ଟରନେଟରେ ଉପଲବ୍ଧ ହେବା ଦ୍ୱାରା ମାଗଣା ଇ-ପୁସ୍ତକ ଓ ଅନଲାଇନ୍ ଆର୍ଟିକିଲ୍ , ସେଗୁଡ଼ିକୁ ଅତି ସହଜରେ ପାଠକଙ୍କ ପାଇଁ ଉପଲବ୍ଧ ହୋଇଥାଏ। ଆଜିର ଯୁବ ପିଢ଼ି ମୋବାଇଲ୍ ଫୋନ୍ ଓ ଟାବଲେଟ୍‌ରେ ପଢ଼ିବା ପାଇଁ ବେଶ୍ ଅଭ୍ୟସ୍ତ ହୋଇଗଲେଣି। ଯେତେବେଳେ ସ୍କ୍ରିନ୍‌ରେ ପଢ଼ିବା ସରଳ ଓ ଖୁବ୍ ଆକର୍ଷଣୀୟ ହୋଇ ଉଠିଛି , ସେତେବେଳେ ସେମାନେ ପୁସ୍ତକର ଓଜନକୁ କଷ୍ଟକର ମନେ କରନ୍ତି।




ଅନ୍ୟପକ୍ଷରେ ପୁରୁଣା ପିଢ଼ି ଏବେ ବି ବିଶ୍ୱାସ କରନ୍ତି ଯେ ପୁସ୍ତକର ଆତ୍ମା ଏହାର ମୁଦ୍ରଣ ଓ ସୁଗନ୍ଧରେ ନିହିତ ଥାଏ। ଏହି କାରଣରୁ ଧାର୍ମିକ ପୁରାଣ, ବେଦ, ବେଦାନ୍ତ, ଉପନିଷଦ, ଗୀତା, ଭାଗବତ, ରାମାୟଣ, ମହାଭାରତ, କୋରାନ୍, ବାଇବେଲ କିମ୍ବା ଶ୍ରେଣୀଗୃହର ପାଠ୍ୟ ପୁସ୍ତକଗୁଡ଼ିକ, କାଳଜୟୀ ଉପନ୍ୟାସ, ନାଟକ, କାବ୍ୟ, କବିତା, ପ୍ରବନ୍ଧ, ଆଲୋଚନା, ଜୀବନୀ ଆଦି ଏବେ ବି ସେମାନଙ୍କ ସେଲଫରେ, ଆଲମିରା ଥାକ ଗୁଡିକରେ ସ୍ଥାନ ବଜାୟ ରଖେ। ଏହି ପିଢ଼ିଗତ ବ୍ୟବଧାନ କେବଳ ପ୍ରଯୁକ୍ତି ବିଦ୍ୟାର ପ୍ରଶ୍ନ ନୁହେଁ, ବରଂ ଅଭିଜ୍ଞତାର ମଧ୍ୟ ବିସ୍ତାରିତ ହେଉଛି। ପୁସ୍ତକ ସହିତ ବିତାଇଥିବା ସମୟ ଏକ ଭାବପ୍ରବଣ ବନ୍ଧନ ସୃଷ୍ଟି କରେ, ଯେତେବେଳେ ଡିଜିଟାଲ୍ ପୃଷ୍ଠାଗୁଡ଼ିକ ସୁବିଧା ଓ ତୁରନ୍ତ ଜ୍ଞାନ ପ୍ରଦାନ କରେ, କିନ୍ତୁ ପୁସ୍ତକ ପ୍ରଦାନ କରୁଥିବା ନିଜର ଭାବନା ନୁହେଁ।

ଏସଂପର୍କରେ ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ଥରେ କହିଥିଲେ, "ଯାହାଙ୍କ ପାଖରେ ପୁସ୍ତକ ଓ ଉଚ୍ଚ କଳ୍ପନା ଅଛି ସେ କେବେ ଏକା ରହିପାରିବେ ନାହିଁ।" ଏହି ଉକ୍ତି ଆଜି ମଧ୍ୟ ସତ୍ୟ ହୋଇପାରେ। କାରଣ କାଗଜ କିମ୍ବା ଡିଜିଟାଲ୍ ରୂପରେ, ପଢ଼ିବା ଆମକୁ ନିଃସଂଗତାର ଏକାକୀତାରୁ ବାହାର କରି ନୂତନ ଦୁନିଆକୁ ନେଇଯାଏ। କାରଣ ପଢ଼ିବା ଏକ ସଂସ୍କାର ଓ ସଂସ୍କୃତି। କର୍ତ୍ତବ୍ୟ ଏହା ପ୍ରବୀଣ ଓ ପ୍ରାଜ୍ଞ ହେବାର ଏକ ବଳିଷ୍ଠ ମାଧ୍ୟମ ପାଲଟିଥାଏ। ସ୍ୱାଧ୍ୟାୟ ମଣିଷକୁ ସ୍ୱାବଲମ୍ବୀ ସହ ସ୍ୱାଭିମାନୀ ମଧ୍ୟ କରାଏ। ଆଜୀବନ ପୁସ୍ତକ ଅଧ୍ୟୟନକୁ ଜୀବନର ବ୍ରତ ରୂପେ ଗ୍ରହଣ କରିବା ଅଭ୍ୟାସ ହେବା ଆବଶ୍ୟକ। ଶଙ୍କରାଚାର୍ଯ୍ୟ ଶ୍ରୀ ଭାରତୀ କୃଷ୍ଣତୀର୍ଥ ଯଥାର୍ଥରେ କହିଛନ୍ତି - Goddess of Learning is still Learning.

ତେଣୁ ଲୋକମାନ୍ୟ ତିଲକ କହିଥିଲେ, " ଆର୍ଥିକ ଅଭାବ ଥିଲେ ଚିରା ସଫା ପୋଷାକ ପିନ୍ଧ ପଛେ, କିନ୍ତୁ ବହି କିଣିବା ଓ ପଢ଼ିବା ଛାଡ ନାହିଁ।" ପ୍ରକୃତରେ ଏହା ସବୁଠାରୁ ଏକ ସୁନ୍ଦର ପ୍ରେରଣାଦାୟୀ ଉପଦେଶ। ବିଭିନ୍ନ ପୁରାଣ, ରାମାୟଣ, ମହାଭାରତ, ଶାସ୍ତ୍ର, ଔଷଧୀୟ ଗୁଣ ସମ୍ବନ୍ଧୀୟ ପୁସ୍ତକ ଆଦି ଦ୍ୱାରା କେବଳ ଜ୍ଞାନ ବଢେ ନାହିଁ , ବରଂ ମନ ଓ ସ୍ୱାସ୍ଥ୍ୟ ସୁନ୍ଦର ରହେ। କ୍ରାନ୍ତିକାରୀ ବିପ୍ଳବୀ ଭଗତ ସିଂହ ଫାଶୀ ପୂର୍ବ ଦିନ ମଧ୍ୟ ସ୍ୱାଧ୍ୟାୟ କରିଥିଲେ। ଅନେକ ସାଧାରଣ ମଣିଷ ପୁସ୍ତକ ପଠନରୁ ନୂଆ ଉତ୍ସାହ ପାଇ ମହାପୁରୁଷ ଭାବରେ ଇତିହାସରେ ବିଖ୍ୟାତ ହେବା ଦୃଷ୍ଟାନ୍ତ ରହିଛି। ପୁସ୍ତକମେଳା ସମୟରେ ଓ ବିଭିନ୍ନ ବିଶେଷ ଦିବସରେ ବହି କିଣିବା ଓ ପଢ଼ିବା ଏକ ପ୍ରକାର ପ୍ରବଣତା, ପ୍ରବୃତ୍ତି ତଥା ନିଶା କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦିଓ ଆଜିର ଡିଜିଟାଲ ଯୁଗରେ ତାହା ହ୍ରାସ ପାଇଛି।

ପୁନର୍ବାର ସଂକ୍ଷେପରେ ସୂଚେଇ ଦିଏ ଆଜିର ଯୁବ ପିଢି ମୋବାଇଲ୍ ଅଭ୍ୟାସରେ ଓ ସେମାନେ ଟାବଲେଟରେ ପଢ଼ିବା ପାଇଁ ଅଭ୍ୟସ୍ତ ହୋଇଗଲେଣି। ତେଣୁ ଯେତେବେଳେ ସ୍କ୍ରିନରେ ପଢ଼ିବା ଆକର୍ଷଣୀୟ ହୋଇ ଯାଇଛି। ବାସ୍ତବରେ ସେତେବେଳେ ସେମାନଙ୍କ ପାଇଁ ପୁସ୍ତକର ଓଜନ ଭାରୀ ମନେହୁଏ। ଏହି ଅତ୍ୟାଧୁନିକ ସମୟରେ ସତରେ ପୁରୁଣା ପିଢ଼ିର ମଣିଷ ଏବେ ବି ବିଶ୍ୱାସ କରନ୍ତି ଯେ ପୁସ୍ତକର ଆତ୍ମା ଏହାର ମୁଦ୍ରଣ ଶୈଳୀରେ ବାସ କରେ। ସେଥିପାଇଁ ଉପନ୍ୟାସ, ଧାର୍ମିକ ପାଠ୍ୟପୁସ୍ତକ ଓ ଶ୍ରେଣୀଗୃହର ପାଠ୍ୟପୁସ୍ତକ ଏବେ ବି ସେମାନଙ୍କ ଘର ସେଲଫରେ ଅତି ସୁନ୍ଦର ଭାବରେ ସଜ୍ଜିତ ହୋଇ ଗୋରେବ, ମର୍ଯ୍ୟାଦା ବୃଦ୍ଧି କରିବାରେ ଲାଗିଛି।



କୁହାଯାଏ ସମତାରକ୍ଷା ପାଇଁ ପ୍ରଶ୍ନ ଏହା ହେବା ଉଚିତ୍ ନୁହେଁ ଯେ ପୁସ୍ତକ କିମ୍ବା ଡିଜିଟାଲ୍ ପୃଷ୍ଠା ଭଲ କି ନୁହେଁ ? ପ୍ରକୃତ ପ୍ରଶ୍ନ ହେଉଛି ଆମେ ଦୁଇଟିକୁ କିପରି ବିଚାର କରିପାରିବା। ଗଭୀର ସୂକ୍ଷ୍ମଭାବେ ଦେଖିଲେ ଓ ବୁଝାମଣା କଲେ, ସାହିତ୍ୟିକ ଉପଭୋଗ ଓ ଆନ୍ତରିକ ଶାନ୍ତି ପାଇଁ, କାଗଜ ପୁସ୍ତକ ସର୍ବଦା ପ୍ରାସଙ୍ଗିକ ହେବ। ଏହି ସମୟରେ ବିସ୍ତୃତ ବା ସଂକ୍ଷିପ୍ତ ସୂଚନା, ଅନୁସନ୍ଧାନ କିମ୍ବା ଆଧୁନିକ ସମ୍ବଳ ପାଇଁ, ଡିଜିଟାଲ୍ ଉପକରଣଗୁଡ଼ିକ ଆମର ଆବଶ୍ୟକତା ପୂରଣ କରିବ। ଯଦି ଜଣେ ଛାତ୍ର ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି, ତେବେ ଡିଜିଟାଲ୍ ବିଷୟବସ୍ତୁ ସଦ୍ୟତମ ସୂଚନା ପ୍ରଦାନ କରିପାରିବ, କିନ୍ତୁ ଯଦି ସେହି ଛାତ୍ର ଜଣେ କବିଙ୍କ କୃତିରେ ନିଜକୁ ବୁଡ଼ାଇ ଦେବାକୁ ଚାହାଁନ୍ତି, ତେବେ ଏକ କାଗଜ ପୁସ୍ତକ ଅଧିକ ସନ୍ତୋଷ ପ୍ରଦାନ କରିବ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ତେଣୁ ଆମେ ଅଧ୍ୟୟନ ଅଭ୍ୟାସରେ ହ୍ରାସ ଦେଖିବା ସ୍ୱାଭାବିକ। କିନ୍ତୁ ଆମକୁ ଏହା ଭୁଲିବା ଉଚିତ୍ ନୁହେଁ ଯେ ପୁସ୍ତକ ଗୁଡ଼ିକ କେବଳ କାଗଜ ଓ କାଳିର ମିଶ୍ରଣ ନୁହେଁ, ବରଂ ଏହା ଭାବନା, ଅଭିଜ୍ଞତା ଓ ଅଭୁଲା ସ୍ମୃତିର ସଂରକ୍ଷକ। ଡିଜିଟାଲ୍ ପୃଷ୍ଠାଗୁଡ଼ିକ ସୁବିଧାର ଏକ ଦୁନିଆ, କିନ୍ତୁ ପୁସ୍ତକର ସୁଗନ୍ଧ ଆତ୍ମାର ଦୁନିଆ। ତେଣୁ ଉଭୟକୁ ସଠିକ୍ ଭାବରେ ବ୍ୟବହାର କରିବା ଆବଶ୍ୟକ। ପିଲାମାନଙ୍କୁ ସ୍କ୍ରିନରେ ଉପଲବ୍ଧ ଜ୍ଞାନ ସହିତ ପରିଚିତ କରାନ୍ତୁ। କିନ୍ତୁ ସେମାନଙ୍କୁ ସବୁବେଳେ ପୁସ୍ତକର ପୃଷ୍ଠା ଓଲଟାଇବାର ଆନନ୍ଦ ମଧ୍ୟ ଦିଅନ୍ତୁ।

କାରଣ ସର୍ବୋପରି, ଅଧ୍ୟୟନର ଉଦ୍ଦେଶ୍ୟ କେବଳ ସୂଚନା ହାସଲ କରିବା ନୁହେଁ, ବରଂ ଜୀବନର ଗଭୀର ଅଭିଜ୍ଞତାକୁ ଅବଶୋଷିତ କରିବା। କାଗଜର ସୁଗନ୍ଧ ଓ ଡିଜିଟାଲ୍ ପୃଷ୍ଠାଗୁଡ଼ିକର ଉଜ୍ଜ୍ୱଳତା ଉଭୟ ଆମର ଅଧ୍ୟୟନ ସଂସ୍କୃତିର ହୀରା କହିଲେ ଅତ୍ୟୁକ୍ତି ହେବନାହିଁ। ଆମକୁ ମନେ ରଖିବାକୁ ହେବ ଯେ ଏହି ଦ୍ରୁତ ଗତିଶୀଳ ଦୁନିଆରେ ମଧ୍ୟ ପୁସ୍ତକର କୋମଳ ସ୍ପର୍ଶ ଓ ବାସ୍ନା ଆମ ଆତ୍ମାକୁ ଶାନ୍ତି ଓ ଖୁସି ଆଣିଦେବ ଏହା ନିଃସନ୍ଦେହ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪**
**ମୋବାଇଲ୍: ୯୦୪୦ ୧୫୧୪ ୭୫**

● ଘୁ.ଉଦୟଗିରିରେ ହାଡ଼ଭଙ୍ଗା ଶୀତ, ଜନଜୀବନ ଅସ୍ତବ୍ୟସ୍ତ

# ତାପମାତ୍ରା ୫.୮ ଡିଗ୍ରୀକୁ ହ୍ରାସ

**ଘୁ.ଉଦୟଗିରି,୧୬।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାର ଦାର୍ଜିଲିଂ ଘୁ.ଉଦୟଗିରିରେ ପାରଦ ଦିନକୁଦିନ ନିମ୍ନମୁଖୀ ହେବାରେ ଲାଗିଛି। ତାପମାତ୍ରା ପୂରା ନିମ୍ନମୁଖୀ ହେବା ସହ ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ଅଞ୍ଚଳ। ଜାଡ଼ରେ କମ୍ପୁଛି ସାରା ସହର। ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡା ସହର ଭାବେ ଘୁ.ଉଦୟଗିରି ଚିହ୍ନଟ ହେବା ସହ ଅଞ୍ଚଳରେ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହୋଇଛି। ସଞ୍ଜ ନଇଁଲେ ସହରର ରାସ୍ତାଘାଟ ଜନଶୂନ୍ୟ ହେବା ସହ ସଡ଼କ ସୁନସାନ ହେବାରେ ଲାଗିଛି। ରାତି ଗଡ଼ିଲେ କୁହୁଡ଼ି କାୟାବିସ୍ତାର କରିବା ସହ ସାରା ଅଞ୍ଚଳ କୁହୁଡ଼ିର ଚାଦର ତଳେ ବିଛେଇ ହୋଇ ରହିବା ର ଭ୍ରମ ସୃଷ୍ଟି ହେଉଛି। ସହରରେ ଆଜିର ତାପମାତ୍ରା ୫.୮ ଡିଗ୍ରୀ ରେକର୍ଡ କରାଯାଇଥିବା ସ୍ଥାନୀୟ ଏଏମଏଫୟୁ ସେଣ୍ଟର ପକ୍ଷରୁ ସୂଚନା ମିଳିଛି। ସହରର ତାପମାତ୍ରା ଠାରୁ ଦୁର୍ଗମ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳରେ ଆହୁରି କମ ତାପମାତ୍ରା ରହୁଥିବା ଅନୁମାନ କରିହେଉଛି। ଚଳିତ ବର୍ଷ ବିଳମ୍ବରେ ଶୀତର ଆଗମନ ହୋଇଥିବା ବେଳେ ପ୍ରବଳ ବର୍ଷା ଯୋଗୁଁ ପ୍ରବଳ ଥଣ୍ଡା ହେବା ବି ଅନୁମାନ କରାଯାଉଛି। ଦିନକୁ ଦିନ ପାରଦ ଖସିବା ସହ ଶୀତ ବଢ଼ିବାରେ ଲାଗିଛି। ଅନ୍ୟପଟେ ଥଣ୍ଡାକୁ ସାରା ଅଞ୍ଚଳ କୁହୁଡ଼ିର ଚାଦର ତଳେ ବିଛେଇ ହୋଇ ରହୁଛି। ସଞ୍ଜ ନଇଁଲେ ଥଣ୍ଡା ତାର ରାଜୁତି ଆରମ୍ଭ କରିଥିବା ବେଳେ ରାତି ଯେତେ ବଢ଼ୁଛି ଥଣ୍ଡାର ପ୍ରକୋପ ବଢ଼ିବାରେ ଲାଗୁଛି ତା ସହ କୁହୁଡ଼ି ବଢ଼ିବାରେ ଲାଗୁଛି। ରାସ୍ତାରେ ଯାନବାହାନ ସମସ୍ୟା ବି ଲାଗି ରହୁଛି କୁହୁଡ଼ି ଯୋଗୁଁ। ପାଣିପାଗ ବିଭାଗ ସୂଚନା ପ୍ରକାରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଆହୁରି ପାରଦ ନିମ୍ନକୁ ଖସିବା ସହ ଥଣ୍ଡା ବଢ଼ିବ। ଚଳିତ ବର୍ଷ ବିଳମ୍ବରେ ଶୀତ ଆରମ୍ଭ ହୋଇଥିବା ବେଳେ ହଠାତ ପାରଦ କମିବା ଯୋଗୁଁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି।

# ଚଳିତ ବର୍ଷ କାର୍ଯ୍ୟକାରୀ ହେବ ବଳଦେବଜୀଉ ପରିକ୍ରମା ପ୍ରକଳ୍ପ




**ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବ କେନ୍ଦ୍ରାପଡ଼ା ବଳଦେବଜୀଉ ପରିକ୍ରମା ପ୍ରକଳ୍ପ। ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ଭିତ୍ତିଭୂମି ବାବଦକୁ ପ୍ରାୟ ୧୦୦କୋଟି ଟଙ୍କାର ବଳଦେବଜୀଉ ପରିକ୍ରମା ପ୍ରକଳ୍ପ ପାଇଁ ସରକାରଙ୍କ ପରିଯୋଜନା। ବଳଦେବଜୀଉ ପରିକ୍ରମା ପ୍ରକଳ୍ପ ନେଇ ସମୀକ୍ଷା ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ବୈଠକ କରିଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀଙ୍କ ବାସଭବନରେ ଆୟୋଜିତ ବୈଠକରେ ଉପସ୍ଥିତ ଥିଲେ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏଣ୍ଡାମେଣ୍ଟ କମିଶନରଙ୍କ ସହ ଅନ୍ୟ ଅଧିକାରୀ। ବଳଦେବଜୀଉ ପ୍ରକଳ୍ପ ନେଇ ପୂର୍ବରୁ ୩ରୁ ୪ ଥର ବୈଠକ ହୋଇଛି। ମନ୍ଦିରର ସେବକ, ଟ୍ରଷ୍ଟ ବୋର୍ଡ, ସ୍ଥାନୀୟ ଲୋକ ଏବଂ ଜନପ୍ରତିନିଧିଙ୍କ ସହ ବି ଆଲୋଚନ ହୋଇଛି। ଖୁବ୍‌ଶୀଘ୍ର ପ୍ରକଳ୍ପ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ବୈଠକରେ ସାଂସଦ ମଧ୍ୟ ତାଙ୍କର ମତାମତ ରଖିଛନ୍ତି। ଖୁବ୍‌ଶୀଘ୍ର ସୌନ୍ଦର୍ଯ୍ୟକରଣ ଓ ଆନୁଷଙ୍ଗିକ ଭିତ୍ତିଭୂମି ବାବଦକୁ ପ୍ରାୟ ୧୦୦ କୋଟିର ପ୍ରକଳ୍ପ ହୋଇପାରେ। ଖୁବ୍‌ଶୀଘ୍ର ଏହାର ଚୂଡ଼ାନ୍ତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ହେବ। ଚଳିତ ଆର୍ଥିକ ବର୍ଷ ଭିତରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ନୂଆପଡ଼ା ଉପନିର୍ବାଚନ ନେଇ ସ୍ନେହାଙ୍ଗିନୀଙ୍କ ଅଭିଯୋଗ

# ପ୍ରଶାସନ ମାଧ୍ୟମରେ ହୋଇଛି ଭୋଟ ରିଗିଂ

**ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ):** ବିଜେଡି ସଭାନେତ୍ରୀ ତଥା ନୂଆପଡ଼ା ଉପନିର୍ବାଚନରେ ଦଳର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନୂଆପଡ଼ା ଉପନିର୍ବାଚନରେ ଜିଲ୍ଲା ପ୍ରଶାସନ, ପୁଲିସ୍ ଓ ନିର୍ବାଚନ କମିଶନଙ୍କୁ ହାତବାରେସୀ କରି ଭୋଟ ରିଗିଂ ମାଧ୍ୟମରେ ବିଜେପି ବିଜୟୀ ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଛନ୍ତି ଯେ ପ୍ରଚାର ସମୟରେ ନୂଆପଡାର ପ୍ରତ୍ୟେକ ପଞ୍ଚାୟତ ଓ ଏନଏସି ଅଞ୍ଚଳକୁ ଯାଇଥିଲେ ଓ ପ୍ରତ୍ୟେକ ସ୍ଥାନରେ ଦଳ ଓ ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଓ ଭଲପାଇବା ଦେଖିଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜେଡି ନେତା ଓ କର୍ମୀଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ମନୋବଳ ଦୁର୍ବଳ କରିବା ସକାଶେ ଉଦ୍ୟମ ହୋଇଥିଲା। ଏପରିକି ସାଇଲେନ୍ସ ପିରିଅଡରେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରି ବିଜେପି ନେତାଏ ଟଙ୍କା ବଣ୍ଟାରେ ବ୍ୟସ୍ତ ରହିଥିବା ବେଳେ ଏନେଇ ସ୍ଥାନୀୟ ଥାନରେ ଅଭିଯୋଗ କରାଯିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖାଯିବା ସହ ତାଙ୍କୁ ଆର୍ମ୍ସ ଆକ୍ଟରେ ଜେଲ୍‌କୁ ପଠାଯାଇଥିଲା। ଭୋଟିଂ ସମୟରେ ବୁଥ୍‌ରେ ବିଜେପି କର୍ମୀମାନେ କ୍ୟାମ୍ପେନିଂ କରିବା ସହ ଭୋଟରମାନଙ୍କୁ ପଦ୍ମଫୁଲରେ ଭୋଟ ଦେବାକୁ ଏକପ୍ରକାର ବାଧ୍ୟ କରୁଥିଲେ। ବୁଥ୍ ରିଗିଂ କାରଣରୁ ଭୋଟିଂ ପ୍ରତିଶତ ଅହେତୁକ ବୃଦ୍ଧି ପାଇଥିଲା। ୪୧ଟି ବୁଥ୍‌ରେ ୯୦ ପ୍ରତିଶତରୁ ଅଧିକ ଭୋଟିଂ ହୋଇଥିଲା, ଯାହା ଗ୍ରହଣୀୟ ନୁହେଁ ଓ ଏଥିରୁ ଭୋଟ୍ ଜାଲିଆତିର ଆଭାସ ମିଳୁଛି ବୋଲି ସ୍ନେହାଙ୍ଗିନୀ କହିଛନ୍ତି।



୩୩ତମ ଏକଲବ୍ୟ ପୁରସ୍କାର ପାଇଛନ୍ତି ବ୍ୟାଡ୍‌ମିଣ୍ଟନ୍ ତାରକା ଶ୍ୱେତପର୍ଣ୍ଣା ପଣ୍ଡା। ରବିବାର ମେ' ଫେୟାରରେ ଅନୁଷ୍ଠିତ ଏହି ପୁରସ୍କାର ଉତ୍ସବରେ ଏଜି ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ପ୍ରକାଶ ମିଶ୍ର, ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ତଥା ଇମ୍ପାକ୍ଟ ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଉପସ୍ଥିତ ଥିଲେ। ପୁରସ୍କାର ଆକାରରେ ଶ୍ୱେତପର୍ଣ୍ଣାଙ୍କୁ ଟ୍ରଫି ସହ ୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହାଛଡ଼ା ଭାରୋତ୍ତୋଳକ ପ୍ରୀତିସ୍ମିତା ଭୋଇ ଓ ଟେନିସ୍ ଖେଳାଳି ଆହାନଙ୍କୁ ମଧ୍ୟ ୧.୫ ଲକ୍ଷ ଟଙ୍କା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି।

# ରୋଗୀ ଦେଖୁଥିଲେ, ଟଳିପଡ଼ିଲେ ଡାକ୍ତର

**ନୀଳଗିରି,୧୬।୧୧(ସଂଚାର ବ୍ୟୁରୋ):** ଡ୍ୟୁଟି କରିବାକୁ ଆସିଥିଲେ। କିନ୍ତୁ ଆଉ ଘରକୁ ଫେରିନଥିଲେ। କାରଣ ରୋଗୀ ଦେଖୁଥିବା ସମୟରେ ହୃଦ୍‌ଘାତର ଶିକାର ହୋଇ ପ୍ରାଣ ହରାଇଛନ୍ତି ଡାକ୍ତର ତ୍ରିନାଥ ପାଲ୍। ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର ଡାକ୍ତରଖାନାରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ କାର୍ଯ୍ୟ କରୁଥିବା ଡାକ୍ତର ପାଲ ଆଜି ସକାଳେ ୮ଟାରେ ଡ୍ୟୁଟି ପାଇଁ ଡାକ୍ତରଖାନାରେ ପହଞ୍ଚିଥିଲେ। ତାଙ୍କର ଓପିଡିରେ ଡ୍ୟୁଟି ଥିଲା। ତେବେ ସେ ହଠାତ ଅସୁସ୍ଥ ଅନୁଭବ କରିବାରୁ ରୋଗୀଙ୍କୁ ଛାଡ଼ି ବାଥରୁମ୍‌କୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ପରେ ବି ସେ ଓପିଡିକୁ ନ ଫେରିବାରୁ ତାଙ୍କ ସହଯୋଗୀ ଡାକ୍ତରମାନେ ତାଙ୍କୁ ଫୋନ୍ କରିଥିଲେ। ତେବେ ସେ ଫୋନ ଉଠାଇ ନଥିଲେ। ପରେ ବହୁ କଷ୍ଟରେ ସେ ବାଥରୁମ କବାଟ ଖୋଲି ଆସିବା ପରେ କିଛି ବାଟ ଚାଲିଥିଲେ ହେଁ ଶେଷରେ ଓପିଡିରେ ପହଞ୍ଚିବା ପୂର୍ବରୁ ଟଳି ପଡ଼ିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବାଲେଶ୍ୱର ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ନୂଆପଡ଼ା ଉପନିର୍ବାଚନ ଗଣତନ୍ତ୍ର ପ୍ରତି ଉପହାସ: ଭକ୍ତ



**ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ଗଣତନ୍ତ୍ର ପ୍ରତି ଉପହାର ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ନିର୍ବାଚନ ଫଳାଫଳ ଆସିବାର ଦୁଇ ଦିନ ପରେ ଆଜି ଭୁବନେଶ୍ୱର ଫେରି ବିମାନବନ୍ଦରଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା କହିଛନ୍ତି ଯେ ସବୁ ଦଳରେ ବିଭୀଷଣ ଅଛନ୍ତି। କଂଗ୍ରେସ ଏଥିରୁ କେମିତି ବାଦ୍ ପଡ଼ିବ? କିନ୍ତୁ ଦଳରେ ଏପରି ବିଭୀଷଣ ଆଚରଣ କରିଥିବା ନେତାଙ୍କୁ କଦାପି ଛଡାଯିବ ନାହିଁ। ଗତ ଉପନିର୍ବାଚନ କଂଗ୍ରେସ ସଠିକ୍ ଭାବେ ପରିଚାଳନା କରିଥିଲା। ପ୍ରାୟ ମାସକ ପୂର୍ବରୁ ଦଳ ପ୍ରାର୍ଥୀ ଘୋଷଣା କରିବା ସହ ପ୍ରତି ପଞ୍ଚାୟତରେ ନିର୍ବାଚନୀ ସଭା ସହ ଜୋନ ସ୍ତରରେ ବି ସଭା କରାଯାଇଥିଲା। ଏହିସବୁ ସଭାରେ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ଯୋଗଦେଇଥିଲେ। କଂଗ୍ରେସର ଏପରି ଜନସମର୍ଥନ ଦେଖି ବିଜେପି ଭୟଭୀତ ହୋଇଯାଇଥିଲା। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହେବାରୁ ବଳକା ଖାଦ୍ୟ ୧୭ଟି ଗାଈ ମରିଯିବା ଫଳରେ ଦଳ ଅଧିକ ନିରୁତ୍ସାହିତ ହୋଇପଡ଼ିଥିଲା। ତେଣୁ ଦଳ ରଣନୀତି ବଦଳାଇ ମାଳ ମାଳ ମନ୍ତ୍ରୀ ଓ ବିଧାୟକଙ୍କୁ ପ୍ରଚାର କାମରେ ନିୟୋଜିତ କଲା। ଦୁଇ ଜଣ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ତୋଫାନୀ ସଭା କରିବା ସହ ଶହ ଶହ ସଂଖ୍ୟାରେ ଗାଡ଼ି ଘୋଡ଼ା, ଗୀତବାଦ୍ୟ, ଯାତ୍ରା, ଅର୍କେଷ୍ଟା ପାର୍ଟି ଆଣି ଦଳ ରାସ୍ତା ଅବରୋଧ କରିଥିଲା। ଦଳ ଗୋଟିଏ ଦିନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ନିର୍ବାଚନ ପ୍ରଚାରକୁ ପୁଲିସ୍ ପରିଚାଳନା କରୁଥିଲା। ଏପରିକି ବିଜୟୀ ହେବା ପରେ ଜୟ ଢୋଲକିଆ ଆଇଜି ହିମାଂଶୁ ଲାଲଙ୍କ ପାଦ ଛୁଇଁ ପ୍ରଣାମ କରିବା ସମସ୍ତେ ଦେଖିଛନ୍ତି। ତେଣୁ ନିର୍ବାଚନରେ ବିଜେପି ସବୁ ନିୟମକାନୁନ୍‌କୁ ପଛରେ ପକାଇ ଗଣତନ୍ତ୍ରକୁ ହତ୍ୟା କରିଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି।

● ଓଏଭି ସଂଘର ମହାସମ୍ମିଳନୀ

# ୧୩ ଦଫା ଦାବିର ବିଚାର ନ ହେଲେ ମହାଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ସଂଘ ପକ୍ଷରୁ ସ୍ଥାନୀୟ ରେଲୱେ ଅଡିଟୋରିୟମ ହଲ୍‌ଠାରେ ମହାସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଥିବା ସରକାରୀ ହାଇସ୍କୁଲ ଭଳି ଓଡ଼ିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ ସକାଶେ ଦାବି କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ କର୍ମଚାରୀଙ୍କ ନ୍ୟାୟ ସଙ୍ଗତ ଦାବି ଓ ଦୀର୍ଘଦିନ ଧରି ଅପେକ୍ଷିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ରାଜ୍ୟ ଆଦର୍ଶ ବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ୧୩ଟି ମୁଖ୍ୟ ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଉକ୍ତ ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କର୍ମଚାରୀ ମାନଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଥିବା ସରକାରୀ ହାଇସ୍କୁଲଙ୍କ କର୍ମଚାରୀଙ୍କ ଭଳି ସରକାରୀ ମାନ୍ୟତା ପ୍ରଦାନ, ସମସ୍ତ କର୍ମଚାରୀଙ୍କୁ ୟୁନିଫର୍ମ କ୍ୟାଡର ମାନ୍ୟତା, ସମାନ କାମକୁ ସମାନ ଦରମା, ପିଇଟି, ମ୍ୟୁଜିକ ଓ କମ୍ପ୍ୟୁଟର ଶିକ୍ଷକଙ୍କୁ ଅନ୍ୟ କର୍ମଚାରୀଙ୍କ ପରି ୪୬୦୦ ଗ୍ରେଡ ପେ' ପ୍ରଦାନ, ପ୍ରତ୍ୟେକ ଓଏଭିରେ ପିଜିଟି ଓଡ଼ିଆ ପୋଷ୍ଟିଂ ଦେବା ସହ ହିନ୍ଦୀ ଓ ସଂସ୍କୃତରେ ପିଜିଟି ପୋଷ୍ଟ ତିଆରି କରିବା, ପ୍ରତ୍ୟେକ ଓଏଭିକୁ ପିଏମ ଶ୍ରୀ ସ୍କୁଲ ମାନ୍ୟତା, ପ୍ରତ୍ୟେକ ଓଏଭିରେ ଆର୍ଟସ୍ ଷ୍ଟ୍ରିମ୍ ଖୋଲିବା, ପ୍ରତ୍ୟେକ ଓଏଭିରେ ଓଏଭି କର୍ମଚାରୀ ପିଲାଙ୍କ ସିଟ୍ ସଂରକ୍ଷଣ କରିବା, ଆଦର୍ଶ ବିଦ୍ୟାଳୟର କାର୍ଯ୍ୟରତ ସମସ୍ତ ବର୍ଗର କର୍ମଚାରୀ ଓ ପ୍ରିନ୍ସପାଲ୍‌ମାନଙ୍କ ପଦୋନ୍ନତି ବ୍ୟବସ୍ଥାକୁ ନିୟମିତ କରିବା ଆଦି ପ୍ରମୁଖ। ସଭାରେ ସଭାପତି ରିପୁ ଦମନ ସୋରଭ ମିଶ୍ର ଓ ସାଧାରଣ ସମ୍ପାଦକ ଶୁଭାଶିଷ ଦାଶ ଏହି ଦାବିଗୁଡ଼ିକ ଉପରେ ସରକାର ଆଗାମୀ ୧୫ ଦିନ ଭିତରେ କୌଣସି ବିଚାର ନ କଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ମହାଆନ୍ଦୋଳନ ଗଢ଼ିଉଠିବ ବୋଲି ଚେତାବନୀ ଦେଇଛନ୍ତି।

# ରାଜ୍ୟ ହସ୍ତତନ୍ତ ପ୍ରଦର୍ଶନୀ ଉଦ୍‌ଘାଟିତ

**ଜୟପୁର, ୧୬।୧୧ (ସଂଚାର ବ୍ୟୁରୋ) :** କୋରାପୁଟ ହାଇସ୍କୁଲ ପଡିଆଠାରେ ରାଜ୍ୟ ହସ୍ତତନ୍ତ ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦଘାଟନ କରିଛନ୍ତି। ଏହି ପ୍ରଦର୍ଶନୀ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। କୋରାପୁଟ ଜିଲ୍ଲାପାଳ ପ୍ରଦର୍ଶନୀ ଷ୍ଟଲଗୁଡ଼ିକ ବୁଲି ଦେଖିଥିଲେ। ରାଜ୍ୟର ବୁଣାକାରମାନଙ୍କୁ ହସ୍ତତନ୍ତ ଉତ୍ପାଦର ବିପଣନ ପାଇଁ ଏହା ଏକ ସାଧାରଣ ପ୍ଲାଟଫର୍ମ ଅଟେ ବୋଲି ଜିଲ୍ଲାପାଳ କହିଛନ୍ତି। ଏହାଦ୍ୱାରା ସ୍ଥାୟୀ ଜୀବିକା ନିର୍ବାହ କରିବାକୁ ସୁବିଧା ମିଳିବ ବୋଲି ସେ କହିଛନ୍ତି। ଏହି ପ୍ରଦର୍ଶନୀ ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟର ହସ୍ତତନ୍ତ ବିକାଶ କମିଶନରଙ୍କ ଦ୍ୱାରା ଆୟୋଜନ କରାଯାଉଛି। ଆମ ରାଜ୍ୟର ୪୦ ଜଣ ପ୍ରମୁଖ ମାଷ୍ଟର କାରିଗର ଏବଂ ରାଜ୍ୟ ବାହାରୁ ୨୦ ଜଣ ହସ୍ତତନ୍ତ ଏଜେନ୍ସି ପ୍ରଦର୍ଶନୀରେ ବୟନିକା ସହିତ ଅଂଶଗ୍ରହଣ କରୁଛନ୍ତି। ପ୍ରଦର୍ଶନୀ ସମସ୍ତ ଦିନ ଦିନ ୧୧ଟା ରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ।

# ପିଲାଏ ଆଙ୍କିଲେ ସେମାନଙ୍କ ସ୍ୱପ୍ନର ଓଡ଼ିଶା



**ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ):** ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଏକାମ୍ର ହାଟରେ ଚାଲିଥିବା ସାତଦିନ ବ୍ୟାପୀ ୩୬ତମ ଶିଶୁମେଳାର ତୃତୀୟ ଦିବସରେ ପିଲାମାନଙ୍କ ମଧ୍ୟରେ ହୋଇଥିଲା 'ଚିତ୍ରାଙ୍କନ' ପ୍ରତିଯୋଗୀତା। ରଙ୍ଗ ତୁଳିରେ ପିଲାମାନେ ସଜାଇଥିଲେ 'ମୋ ସ୍ୱପ୍ନର ବିକଶିତ ଓଡ଼ିଶା'। ସନ୍ଧ୍ୟାର ଆଗମନରେ ଏକାମ୍ର ହାଟର ମଞ୍ଚଟି ହେଉଥିଲା ଆଲୋକ ଓ ହସ ଖୁସିରେ ଭରିଥିବା ଏକ ଛୋଟ ଦୁନିଆ। କାରଣ ଆରମ୍ଭ ହୋଇଥିଲା କୁନି କୁନି ଛୁଆମାନଙ୍କ ମଧ୍ୟରେ 'ବେବି ଅଫ ଦି ଇୟର' ଓ 'ଆବୃତ୍ତି'ପ୍ରତିଯୋଗିତା। ଏଥିରେ ମୁଖ୍ୟ ବିଚାରକ ଥିଲେ ପ୍ରଖ୍ୟାତ ଚିତ୍ରଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକ, ସରୋଜିନୀ ମହାନ୍ତି ଓ ଦେବର୍ଚ୍ଚନା ଦ୍ୱିବେଦୀ। ଡଃ ପୁରଣିମା ପ୍ରଧାନ,ଡଃ ମିତାଲି ମହାନ୍ତି, ସୁମିତ୍ରା ତ୍ରିପାଠୀ, ମଧୁମିତା ଦାସ, ଉଷାରାଣୀ ବେହେରା ଓ କମଳ ପ୍ରସାଦ ପତି ପ୍ରମୁଖ ମଧ୍ୟ ବିଚାରକ ଭାବେ ଯୋଗ ଦେଇଥିଲେ।

ଆଜି ସନ୍ଧ୍ୟାର ଅତିଥି ଥିଲେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ୱିତା ଖୁଣ୍ଟିଆ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଉପସଚିବ ସନ୍ୟାସୀ ବେହେରା, ଓଏଏସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ୟୁନିସେଫର ଶିଶୁ ସୁରକ୍ଷା ପରାମର୍ଶଦାତା ଘାଷିରାମ ପଣ୍ଡା। ଓଡିଶୀ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଦନ୍ତା ଲଢ଼େଇର ଫଟୋ ଉଠାଉଥିବା ବେଳେ ଜୀବନ ଗଲା



**ରାଉରକେଲା,୧୫।୧୧(ସଂଚାର ବ୍ୟୁରୋ):** ଲଢୁଥିଲେ ଦନ୍ତା। ଉତ୍ସାହରେ ଏହି ଲଢ଼େଇ ଦେଖିବା ସହ ଫଟୋ ଉତ୍ତୋଳନ କରୁଥିବା ଜଣେ ଯୁବକଙ୍କ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଛି। ଲଢ଼େଇ ଫଟୋ ନେଲା ସମୟରେ ଦନ୍ତା ଦଳିଦେବାରୁ ଉକ୍ତ ଯୁବକଙ୍କ ପ୍ରାଣ ଚାଲିଯାଇଛି। ରାଉରକେଲା ଲାଠିକଟା ବ୍ଲକର ଏରଗଡାର ପାହାଡ଼ ତଳି ଗାଁରେ ଘଟିଛି ଏପରି ଏକ ଅଘଟଣ। ଦୁଇଟି ଦନ୍ତା ହାତୀ ଲଢ଼େଇର ଫଟୋ ଉଠାଉଥିବା ବେଳେ ଦନ୍ତାହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଯୁବକ ଜଣଙ୍କ ମାଙ୍ଗରା କୁଜୁର ବୋଲି ଜଣାପଡ଼ିଛି। ରାମଯୋଡ଼ି, ଅସୁରଛାପଲ, ଅଟାଘାଟ ଜଙ୍ଗଲରେ ୩୫ଟିକିଆ ହାତୀ ପଲରୁ ବାହାରି ଆସି ଦୁଇ ଦନ୍ତା ଏରଗଡ଼ା ଗାଁ ମୁଣ୍ଡରେ ଥିବା ଜଙ୍ଗଲରେ ମୁହାଁମୁହିଁ ହୋଇଥିଲେ। ହାତୀ ପଲଙ୍କୁ ଟ୍ରାକ କରୁଥିବା ବନବିଭାଗ କର୍ମଚାରୀମାନେ ଡାକବାଜି ଯନ୍ତ୍ର ଯୋଗେ ଗାଁ ଲୋକମାନଙ୍କୁ ହାତୀଠାରୁ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଗାଁ ଲୋକେ ଫଟୋ ଉଠାଇବା ପାଇଁ ହାତୀଙ୍କ ନିକଟକୁ ଚାଲିଆସୁଥିଲେ। ଦୁଇ ଉତ୍ତ୍ୟକ୍ତ ହାତୀଙ୍କ ମଧ୍ୟରୁ ଗୋଟିଏ ହାତୀ ହଠାତ୍ ମାଡ଼ି ଆସି ମାଙ୍ଗରାଙ୍କୁ ଆକ୍ରମଣ କରିଥିଲା। ହାତୀ ଆକ୍ରମଣରେ ଗୁରୁତର ମାଙ୍ଗରା କୁଜୁରକୁ ଡାକ୍ତରଖାନାରେ ମୃତ ଘୋଷଣା କରିଥିଲେ ଡାକ୍ତର। ତେବେ ସନ୍ଧ୍ୟାରେ ହାତୀ ଦୁଇଟିଙ୍କୁ ନିକଟସ୍ଥ ଜଙ୍ଗଲକୁ ଘଉଡ଼ାଇବା ସକାଶେ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ବିଶ୍ରା ରେଞ୍ଜ ଅଫିସର୍ ସୂଚନା ଦେଇଛନ୍ତି।

# ଚୋରି ମାମଲାରେ ୬ ଗିରଫ

**ଜୟପୁର, ୧୬।୧୧ (ସଂଚାର ବ୍ୟୁରୋ) :** ଚୋରି ମାମଲାରେ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦୁଗୁଡାର କାର୍ତ୍ତିକ ମୁଦୁଲି ଏଲିୟସ ରାହୁଲ (୧୯), ମନୋଜ ଜାନୀ (୧୯), ବଣ୍ଡାଗୁଡାର ସଞ୍ଜିବ ଖରା (୨୫), ଫଟକିଜାମ ଗ୍ରାମର ବାବୁଲା ବାଘ (୨୫) ସେମିଲିଗୁଡାର ବାବୁଲା କୁଳଦୀପ (୪୮) ମୁଖିବିଡେଇ ଗ୍ରାମର ପ୍ରହ୍ଲାଦ ଖିଲ ଏଲିୟସ ରବି (୩୨)। ଗିରଫ ଅଭିଯୁକ୍ତ ମାନଙ୍କଠାରୁ ୬ଟି ମୋବାଇଲ, ଚୋରି ହୋଇଥିବା ସୁନା ଗହଣା ଜବତ କରିଛି। ଏନେଇ ଆଜି ଟାଉନ ଥାନାରେ ଏସଡିପିଓ ପାର୍ଥ କଶ୍ୟପ ସୂଚନା ଦେଇଛନ୍ତି।

■ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

# ଭ୍ରମାତ୍ମକ ଖବର ବିଶ୍ୱାସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ




**ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ):** ଗଣତନ୍ତ୍ରକୁ ସୁଦୃଢ଼ ଓ ସକ୍ରିୟ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଠିକ ଖବର ପରିବେଷଣ ଓ ଗଠନମୂଳକ ସମାଲୋଚନା ଗଣତନ୍ତ୍ରକୁ ଋଦ୍ଧିମନ୍ତ କରିଥାଏ। ମାତ୍ର ସାମ୍ପ୍ରତିକ ଦୁନିଆରେ ଅନେକ ସମୟରେ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଖବର ଭ୍ରମାତ୍ମକ ଭାବେ ପ୍ରସାରିତ ହେଉଥିବାରୁ ପ୍ରେସ୍‌ର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର କହିଛନ୍ତି ଯେ ଗଣମାଧ୍ୟମ ସର୍ବଦା ଗଣତନ୍ତ୍ରର ସୁରକ୍ଷା ଦିଗରେ ନିଜର ନୀତି ସ୍ପଷ୍ଟ କରିଆସିଛି। ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ଚଳିତ ବର୍ଷର ଶୀର୍ଷକ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ' ଉପରେ ଆଲୋକପାତ କରି ଭ୍ରମାତ୍ମକ ତଥା ଭୁଲ ଖବରରୁ ଦୂରେଇ ରହି ଜନସାଧାରଣଙ୍କୁ ସଠିକ୍ ସୂଚନା ପ୍ରଦାନ କରି ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଗଣମାଧ୍ୟମ ନିଜେ ନିଜର ଭୂମିକା ନିର୍ଣ୍ଣୟ କରିବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଦେବୀଲାଲ ମିଶ୍ର କହିଲେ ଯେ ଖବର ପ୍ରସାରଣ ପୂର୍ବରୁ ପ୍ରତ୍ୟେକ ତଥ୍ୟର ଗଭୀର ସମୀକ୍ଷାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକ ପୌରୋହିତ୍ୟ କରି ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମଗୁଡ଼ିକ ଖବର ପ୍ରସାରଣ ସମୟରେ ଭ୍ରମାତ୍ମକ ଖବରଠୁ ଦୂରେଇ ରହିବାକୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ଦ୍ଦେଶକ ଗୁର୍‌ବୀର୍ ସିଂ ଖବର ପ୍ରସାରଣ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ସଚେତନ ରହିବା ନିହାତି ଆବଶ୍ୟକ ବୋଲି କହିଛନ୍ତି। ବୈଠକରେ ବରିଷ୍ଠ ସାମ୍ବାଦିକ ପୀତବାସ ମିଶ୍ର ଅଭିଭାଷଣ ପ୍ରଦାନ କରିଥିଲେ।

# ୩ କିମି ପାହାଡ଼ ଚଢ଼ିଲେ ବିଡିଓ

## ସମସ୍ୟାର ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

**ନନ୍ଦାହାଣ୍ଡି,୧୬।୧୧(ସଂଚାର ବ୍ୟୁରୋ):** ସରକାରୀ ସ୍ତରରେ ନିୟମିତ ଭାବେ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। କିନ୍ତୁ ସେହି ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇ ତା'ର ସଫଳ ରୂପାୟନ କ୍ଷେତ୍ରରେ ସରକାରୀ ଅଧିକାରୀଙ୍କ ମୁଖ୍ୟ ଭୂମିକା ରହିଛି। ସରକାରୀ ଯୋଜନାକୁ ଦୁର୍ଗମ ଅଞ୍ଚଳର ହିତାଧିକାରୀଙ୍କ ନିକଟରେ ପହଞ୍ଚାଇ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ୩ଟି ପାହାଡ଼ ଚଢ଼ି ଚର୍ଚ୍ଚାରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ। ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଝାଡ଼ବନ୍ଦ ଗୁଡ଼ା ପଞ୍ଚାୟତର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଫୁଟଘର ଗାଁ। ଗାଁରେ ୫ଟି ପରିବାର ବସବାସ କରୁଥିବା ବେଳେ ୩ଟି ପାହାଡ଼ ଚଢ଼ି ଗାଁରେ ପହଞ୍ଚିବାକୁ ହୋଇଥାଏ। ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ନନ୍ଦାହାଣ୍ଡି ବ୍ଲକରେ ୨୦୨୩ରେ ବିଡିଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବାର ଅଳ୍ପ ଦିନ ପରେ ସେ ଫୁଟଘର ଗାଁରେ ପହଞ୍ଚି ସେଠାକାର ବାସିନ୍ଦାଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ ଏବଂ ସମସ୍ତ ସମାଧାନ ପାଇଁ ପଦକ୍ଷେପ ନେଇ ପ୍ରତିଶ୍ରୁତି ପାଳନ କରିଥିଲେ। ତେବେ ଅନ୍ୟ କିଛି ନୂତନ ସମସ୍ୟା ରହିଯାଇଛି କି ତାହା ଜାଣିବା ପାଇଁ ବ୍ଲକର ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ଫୁଟଘର ଗାଁକୁ ପହଞ୍ଚିଥିଲେ। ଏଇଇ ଶଙ୍କର ବୁଢ଼େକ, ସିପି ନବୀନ ନାୟକ, ଏମଆଇ ସନ୍ଦୀପ ମାଝୀ, ଜିପିଓ ପର୍ଶୁରାମ ମାଳି, ଡିଆରଏଚ ରିଜବାନ ଫତିମା, ଏମଜିଏନ ଆରଇଜିଏ ଷ୍ଟାପ, ବିଏସଏସଓ, ପାର୍ଥଜିତ ମଣ୍ଡଳ, ପିଇଓ ଅଭିଷେକ ବାଘ, ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ଼, ବର୍ତ୍ତମାନ ସମସ୍ତ ବ୍ୟକ୍ତିଗତ ସମସ୍ୟା ସହ ମୌଳିକ ସମସ୍ୟାର ସମାଧାନ ହୋଇଯାଇଥିଲେ ମଧ୍ୟ କେବଳ ଜଣେ ଲୋକର ବାର୍ଦ୍ଧକ୍ୟ ଭତ୍ତା ରହିଯାଇଥିବା ବେଳେ ତାହାର ଯଥାଶୀଘ୍ର ସମାଧାନ କରାଯିବ ଓ ଗାଁକୁ ପାହାଡ଼ିଆ ରାସ୍ତା ଥିବାରୁ କିଛି ରାସ୍ତା ନିର୍ମାଣ ହୋଇଥିବା ବେଳେ ବାକି ରାସ୍ତା କାର୍ଯ୍ୟ ପାଇଁ ଅନୁଦାନ ଟଙ୍କା ଆସିଥିବାରୁ ସେ ସମସ୍ୟାର ସମାଧାନ ହୋଇଯିବ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ବିଡିଓ। ତୃଣମୂଳ ସ୍ତରର ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

# କ୍ଷେତ୍ରମୋହନ ଉପ୍ରା ସ୍କୁଲରେ ପୋଷାକ ବିତରଣ



**ସୋର, ୧୬।୧୧ (ସଂଚାର ବ୍ୟୁରୋ) :** ସୋର ଅନ୍ତର୍ଗତ ବର୍ତ୍ତନାସ୍ଥିତ କ୍ଷେତ୍ରମୋହନ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ଓ ପୋଷାକ ବିତରଣ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପଣ୍ଡାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ନେହରୁ ଜୟନ୍ତୀ ପାଳନ କରିଥିଲେ। ପରେ ପୋଷାକ ବିତରଣ ମେଳା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସହକାରୀ ଶିକ୍ଷକ ରାମଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅବସରପ୍ରାପ୍ତ କୃଷି ଅଧିକାରୀ ବଟକୃଷ୍ଣ ପାତ୍ର ମୁଖ୍ୟବକ୍ତା ଏବଂ ମୂଳିସିଂ ଗ୍ରାମପଞ୍ଚାୟତର ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ସାଦୁଆପଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରବୀନ୍ଦ୍ର କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାସନ୍ତୀ ପୁଥାଳ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କମିଟି ଉପସଭାପତି ସ୍ୱପ୍ନେଶ୍ୱର ପାତ୍ର, 'ମୋ ସ୍କୁଲ କମିଟି' ସଦସ୍ୟ ଗୌରାଙ୍ଗ ବାରିକଙ୍କ ସମେତ ଅନ୍ୟ ସଭ୍ୟସଭ୍ୟା ଏବଂ ଅଭିଭାବକମାନଙ୍କ ଉପସ୍ଥିତିରେ ଅତିଥିମାନଙ୍କ ଦ୍ୱାରା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଅବନ୍ତୀ ପଟ୍ଟନାୟକ ଏବଂ ସଞ୍ଜୁଲତା ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହେଉନି ଗାଡ଼ିମୋଟର ବାୟୁ ପ୍ରଦୂଷଣ ଯାଞ୍ଚ




**ଭୁବନେଶ୍ୱର,୧୬।୧୧:** ରାଜଧାନୀରେ ବାୟୁର ଗୁଣବତ୍ତା ଦିନକୁ ଦିନ ବିଗୁଡୁଥିବାବେଳେ ଏଠାରେ ଚଳାଚଳ କରୁଥିବା ପୁରୁଣା ଯାନବାହାନର ଯେଭଳି ପ୍ରଦୂଷଣ ଯାଞ୍ଚ ହେବାକଥା ତାହା ହେଉନାହିଁ। ପୁରୁଣା ଅଟୋ ସହିତ ରାଜ୍ୟ ବାହାରରୁ ଆସିଥିବା ପୁରୁଣାଗାଡ଼ିଗୁଡ଼ିକ କଳାଧୂଆଁ ଛାଡ଼ି ଯାଉଥିବାବେଳେ ସେମାନଙ୍କର ପ୍ରଦୂଷଣ ଯାଞ୍ଚ ପାଇଁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି।

ରାଜଧାନୀରେ ଦିନକୁ ଦିନ ଯାନବାହାନ ସଂଖ୍ୟା ହୁ ହୁ ହୋଇ ବଢ଼ୁଥିବାବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପୁରୁଣା ଗାଡ଼ି ଏଠାରେ ଚଳାଚଳ କରୁଛି। ଏମାନଙ୍କ ପାଇଁ ପ୍ରଦୂଷଣ ପ୍ରମାଣପତ୍ର ବାଧ୍ୟତାମୂଳକ ହୋଇଥିବାବେଳେ ଯେଉଁମାନଙ୍କ ନିକଟରେ ଏହା ନଥିବ ସେମାନଙ୍କ ଉପରେ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗିବ। ତେବେ ଏହି ଯାନବାହାନ ନିକଟରେ ପ୍ରମାଣପତ୍ର ରହିଛି କି ନାହିଁ ତାହାକୁଯାଞ୍ଚ କରିବାକୁ କାହାର ହେଲେ ବେଳ ନଥିବା ଲକ୍ଷ୍ୟ କରାଯାଉଛି। କାରଣ ରାସ୍ତାଘାଟରେ ଯେଉଁ ଯାଞ୍ଚ ହେଉଛି ତା' କେବଳ ହେଲମେଟ୍ ଓ ସିଟବେଲ୍ଟରେ ସୀମିତ ରହିଯାଉଛି।

ପ୍ରଦୂଷଣ ଯାଞ୍ଚ କଡ଼ାକଡ଼ି ହେଉନଥିବାରୁ ପୁରୁଣା ଗାଡ଼ିଗୁଡ଼ିକ ରାଜଧାନୀ ରାସ୍ତାରେ କଳାଧୂଆଁ ଛାଡ଼ି ନିର୍ବିଘ୍ନରେ ଯାତାୟତ କରୁଛନ୍ତି। ଏଭଳି ଯାନବାହାନ ଯୋଗୁଁ ଏବେ ରାଜଧାନୀର ବାୟୁର ଗୁଣବତ୍ତା ବିଗିଡ଼ିବାରେ ଲାଗିଛି। ଏପରିକି ରାଜଧାନୀବାସୀ ମାସ୍କ ବ୍ୟବହାର କରିବାକୁ ସର୍ତକତା ବି ଜାରି ହେବାରେ ଲାଗିଛି। ଯେଉଁସବୁ ଗାଡ଼ିମୋଟର ପ୍ରଦୂଷଣ ପ୍ରମାଣପତ୍ର ନଥିବ ସେମାନେ ଯଦି କୌଣସି ଟୋଲଗେଟ୍ ପାରିହୋଇ ଯିବେ ତେବେ ତୁରନ୍ତ ସେଠାରେ ଲାଗିଥିବା କ୍ୟାମେରାରେ ଧରାପଡ଼ିବେ ଓ ସେମାନଙ୍କ ମୋବାଇଲ୍‌କୁ ଜୋରିମାନା ଦେୟ ପାଇଁ ମେସେଜ ଆସିଯିବ। ହେଲେ ରାଜଧାନୀ ଭିତରେ ଟୋଲ୍ ଗେଟ୍ ନଥିବା କିମ୍ବା ସେଭଳି କୌଣସି ବ୍ୟବସ୍ଥା ନଥିବାରୁ ଗାଡ଼ିମୋଟରଗୁଡ଼ିକ ବେଧଡ଼କ ଭାବେ ବାୟୁ ପ୍ରଦୂଷଣ କରିବାରେ ଲାଗିଛନ୍ତି।

ସହରରେ ଏବେ ଅତି ପୁରୁଣା ଯାନବାହାନ ସହିତ ରାଜ୍ୟ ବାହାରର କିଛି ବଡ ଓ ଛୋଟ ଗାଡ଼ି ଚଳାଚଳ କରୁଛି। ଏହି ଯାନଗୁଡ଼ିକ ସାଧରଣତଃ ସହର ଭିତରେ ସ୍କୁଲ ପିଲାଙ୍କୁ ନେବା ଆଣିବା ସହିତ ମାଲ ପରିବହନ କରୁଛନ୍ତି। ଏମାନେ ନିୟମିତ ଗାଡ଼ିମୋଟରର ରକ୍ଷଣା ବେକ୍ଷଣ କରୁନଥିବା ଓ ପ୍ରଦୂଷଣ ଯାଞ୍ଚ କରୁନଥିବାରୁ ସହରରେ ଏମାନେ ପ୍ରଦୂଷଣର କାରଣ ପାଲଟିଛନ୍ତି।

ଗୋଟିଏ ପଟେ ରାଜଧାନୀରେ କୋଠାବାଡ଼ି ବଢ଼ିବା ସହିତ ସବୁଜବଳୟ ହ୍ରାସ ଏବଂ ଯାନବାହାନ ଧୂଆଁ ବାୟୁ ପ୍ରଦୂଷଣକୁ ବଢ଼ାଇ ଚାଲିଥିବାବେଳେ ତୁରନ୍ତ ଏହା ଉପରେ ନିୟନ୍ତ୍ରଣ ଅଣାନଗଲେ ଦିଲ୍ଲୀ ଭଳି ପରିସ୍ଥିତି ଉପୁଜିବା ନେଇ ପରିବେଶବିତ୍‌ମାନେ ଆଶଙ୍କା ପ୍ରକଟ କଲେଣି। ତେଣୁ ତୁରନ୍ତ ରାଜଧାନୀରେ ସବୁଜ ବଳୟ ସୃଷ୍ଟି ସହିତ ପ୍ରଦୂଷଣ କରୁଥିବା ଗାଡ଼ିମୋଟରଗୁଡ଼ିକର କଡ଼ାକଡ଼ି ଯାଞ୍ଚ ପାଇଁ ମତପ୍ରକାଶ ପାଉଛି। (ତଥ୍ୟ)

sanchar.live

SANCHAR
ସଂଚାର

୪ | ସୋମବାର ୧୭ ନଭେମ୍ବର ୨୦୨୫, ଭୁବନେଶ୍ୱର
Monday 17 November 2025, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ପ୍ରେସ୍ ଦିବସ ଓ ପ୍ରେସ୍ ସ୍ୱାଧୀନତା

ପ୍ରତିବର୍ଷ ନଭେମ୍ବର ୧୬ ତାରିଖରେ ଆମେ ରାଷ୍ଟ୍ରୀୟ ପ୍ରେସ୍ ଦିବସ ପାଳନ କରୁ। ଏହି ଦିବସଟି ଭାରତୀୟ ପ୍ରେସ୍ କାଉନସିଲର ସ୍ଥାପନା ଦିବସକୁ ସ୍ମରଣ କରାଇଥାଏ, ଯାହା ୧୯୬୬ ମସିହାରେ ଗଠିତ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରେସ୍‌ର ସ୍ୱାଧୀନତାକୁ ସୁରକ୍ଷିତ ରଖିବା ଏବଂ




ସାମ୍ବାଦିକତାର ନୈତିକତାକୁ ଉନ୍ନତ କରିବା। ଆଜିର ଡିଜିଟାଲ୍ ଯୁଗରେ ପ୍ରେସ୍ କେବଳ ଖବର ପ୍ରଚାର କରୁନାହିଁ, ବରଂ ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଛି। ଏହି ଦିବସ ଆମକୁ ପ୍ରେସ୍‌ର ଭୂମିକା ଓ ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ ଚିନ୍ତା କରିବାକୁ ପ୍ରେରଣା ଦେଇଥାଏ। ପ୍ରେସ୍ ସ୍ୱାଧୀନତା ଲୋକତନ୍ତ୍ରର ମୂଳଧନ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ) ଅନୁଯାୟୀ, ଭାଷଣ ଓ ଅଭିବ୍ୟକ୍ତିର ସ୍ୱାଧୀନତା ନାଗରିକଙ୍କ ମୌଳିକ ଅଧିକାର। ଏହା ପ୍ରେସ୍‌କୁ ସରକାରୀ ହସ୍ତକ୍ଷେପ ବିନା ସତ୍ୟ ପ୍ରକାଶ କରିବାର ଅଧିକାର ଦେଇଥାଏ। ସ୍ୱାଧୀନ ପ୍ରେସ୍ ସରକାରଙ୍କ ଦୁର୍ନୀତି, ଅନିୟମିତତା ଓ ଅନ୍ୟାୟକୁ ଉନ୍ମୋଚନ କରି ଜନସାଧାରଣଙ୍କୁ ସଚେତନ କରାଇଥାଏ। ଉଦାହରଣ ସ୍ୱରୂପ, ବୋଫର୍ସ କେଲେଙ୍କାରୀ ବା ନିର୍ଭୟା ଘଟଣାରେ ପ୍ରେସ୍‌ର ଭୂମିକା ଅପରିସୀମ। ଏହା ସମାଜରେ ସମାନତା, ନ୍ୟାୟ ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରେ। ବିନା ସ୍ୱାଧୀନ ପ୍ରେସ୍‌ରେ ଲୋକତନ୍ତ୍ର ଅଧୂରା ରହିଯାଏ।

କିନ୍ତୁ ଆଜିର ସମୟରେ ପ୍ରେସ୍ ସ୍ୱାଧୀନତା ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ରେପୋର୍ଟର୍ସ ଉଥଆଉଟ୍ ବର୍ଡର୍ସ (ଆରଏସଏଫ)ର ୨୦୨୫ ରିପୋର୍ଟ ଅନୁଯାୟୀ, ଭାରତ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ୧୫୯ତମ ସ୍ଥାନରେ ରହିଛି। ସରକାରୀ ଚାପ, କର୍ପୋରେଟ୍ ପ୍ରଭାବ, ଫେକ୍ ନ୍ୟୁଜ୍ ଓ ସୋସିଆଲ୍ ମିଡିଆର ଅପବ୍ୟବହାର ପ୍ରେସ୍‌କୁ ଦୁର୍ବଳ କରୁଛି। ଅନେକ ସାମ୍ବାଦିକ ଧମକ, ମାମଲା ଓ ହିଂସାର ଶିକାର ହେଉଛନ୍ତି। ଓଡ଼ିଶାରେ ମଧ୍ୟ ଖଣି ଦୁର୍ନୀତି ବା ପରିବେଶ ପ୍ରଦୂଷଣ ଖବର ପ୍ରକାଶ କରିବାରୁ ସାମ୍ବାଦିକମାନେ ଚାପରେ ପଡ଼ୁଛନ୍ତି। ଡିଜିଟାଲ୍ ଯୁଗରେ ଟ୍ରୋଲିଂ ଓ ସାଇବର୍ ଆଟାକ୍ ନୂଆ ବିପଦ। ଏହା ସତ୍ୟର ଅନ୍ୱେଷଣକୁ ବାଧା ଦେଉଛି।

ପ୍ରେସ୍ ସ୍ୱାଧୀନତାକୁ ସୁରକ୍ଷିତ ରଖିବା ସରକାର, ମିଡିଆ ଓ ଜନସାଧାରଣଙ୍କ ଦାୟିତ୍ୱ। ସରକାର କଠୋର ଆଇନ୍ ଯେମିତି ୟୁଏପିଏ ବା ସେଡିସନ୍‌କୁ ଅପବ୍ୟବହାର ନକରି ସାମ୍ବାଦିକଙ୍କ ସୁରକ୍ଷା ନିଶ୍ଚିତ କରିବା ଉଚିତ୍। ମିଡିଆ ହାଉସ୍‌ଗୁଡ଼ିକ ନିଜର ନୈତିକତା ବଜାୟ ରଖି ଫ୍ୟାକ୍ଟ-ଚେକିଂକୁ ପ୍ରାଧାନ୍ୟ ଦେବା ଦରକାର। ଜନସାଧାରଣ ଫେକ୍ ନ୍ୟୁଜ୍‌କୁ ଚିହ୍ନଟ କରି ବିଶ୍ୱସନୀୟ ସ୍ରୋତକୁ ସମର୍ଥନ କରିବା ଆବଶ୍ୟକ। ଓଡ଼ିଶାରେ ସ୍ଥାନୀୟ ଭାଷା ମିଡିଆକୁ ମଜବୁତ୍ କରି ଗ୍ରାମାଞ୍ଚଳ ସମସ୍ୟାଗୁଡ଼ିକୁ ଉଜାଗର କରାଯାଇପାରିବ। ରାଷ୍ଟ୍ରୀୟ ପ୍ରେସ୍ ଦିବସ ଆମକୁ ସ୍ମରଣ କରାଇଥାଏ ଯେ ସ୍ୱାଧୀନ ପ୍ରେସ୍ ହିଁ ସମାଜର ଆଇନା। ଏହାକୁ ସୁରକ୍ଷିତ ରଖି ଆମେ ଏକ ସୁସ୍ଥ ଲୋକତନ୍ତ୍ର ଗଢ଼ିପାରିବା। ସାମ୍ବାଦିକମାନେ ସାହସର ସହ ସତ୍ୟ ଲେଖନ୍ତୁ, ଆମେ ସମର୍ଥନ ଦେଇ ତାଙ୍କୁ ପ୍ରୋତ୍ସାହିତ କରୁ। ଏହା ହିଁ ଭାରତର ଉଜ୍ଜ୍ୱଳ ଭବିଷ୍ୟତର ଚାବିକାଠି।

# ଦରଦୀ ଜନନେତା ବକ୍ସିପାତ୍ର



## ସୁବ୍ରତ କୁମାର ନନ୍ଦ

କାଲି ଭଳି ମନେପଡ଼େ ସେ ଦିନର କଥା। ସେ ସମୟରେ ବକ୍ସିପାତ୍ର ଥାଆନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଷ ବିଭାଗର ମନ୍ତ୍ରୀ। ବନମହୋତ୍ସବ ପାଳନ ପାଇଁ ବାଲେଶ୍ୱର ଚାନ୍ଦିପୁର ଠାରେ ଉତ୍ସବର ଆୟୋଜନ କରାଯାଇଥାଏ। ଆଜିକାଲିକା ପରି ଅବସ୍ଥାନ ନଥିଲା ସେତେବେଳେ କେବଳ ଦୂରଦର୍ଶନ ବୈଦ୍ୟୁତିକ ଗଣମାଧ୍ୟମ ଭାବରେ କେବଳ କାମ କରୁଥାଏ। ସାରା ରାଜ୍ୟର ସମ୍ବାଦ ସଂଗ୍ରହ କରିବା ପାଇଁ କ୍ୟାମେରାର ସଂଖ୍ୟା ମଧ୍ୟ କମ୍। ଯେହେତୁ ରାଜ୍ୟ ସ୍ତରୀୟ ଉତ୍ସବ। ବାଲେଶ୍ୱରରେ ଚାନ୍ଦିପୁରରେ ହେଉଛି ତାହାର ପ୍ରସାରଣ ପାଇଁ ବହୁକଷ୍ଟରେ କ୍ୟାମେରାର ଯୋଗାଡ କରାଗଲା। ରାତିରେ ଚାନ୍ଦିପୁରରେ ପହଁଚି ବନ ବିଭାଗ ଡାକବଙ୍ଗଳାରେ ରହି ସକାଳୁ ବନମହୋତ୍ସବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଦୂରଦର୍ଶନର କ୍ୟାମେରା ମ୍ୟାନ ଓ ସାମ୍ବାଦିକଙ୍କୁ ସାଙ୍ଗରେ ରଖିବା ଓ ଖାଇବା ସମୟରେ ମଧ୍ୟ ପାଖରେ ବସାଇ ଖାଇବାର ବ୍ୟବସ୍ଥା କରିଥିଲେ। ସାମାଜିକ ଦୂରତା ନ ରଖି ସମସ୍ତ ଶ୍ରେଣୀର ଲୋକଙ୍କୁ ସାଙ୍ଗରେ ନେଇ କାମ କରିବାର ସୁଯୋଗ ସୃଷ୍ଟି କରିଥିଲେ ତାହା ବର୍ତ୍ତମାନର ରାଜନୈତିକ ନେତୃବୃନ୍ଦଙ୍କ ପାଖରେ ବିରଳ। ସେ ଦିନ ରାତିରେ ରେଭେନସା ଛାତ୍ର ସଂସଦର ତତ୍କାଳୀନ ସଭାପତି କୌଣସି କାମରେ ରାତିରେ ଚାନ୍ଦିପୁରରେ ପହଁଚିଲେ। ରାତି ବେଶୀ ହୋଇଯାଇଥିବାରୁ ତାଙ୍କର ବକ୍ସିପାତ୍ରଙ୍କ ସହିତ ଦେଖା ହୋଇପାରିଲା ନାହିଁ। ମାତ୍ର ସକାଳ ୬ଟା ବେଳେ ଭାଇନା ନିଜେ ଆସି ମୋତେ କହିଲେ କାଲି ରାତିରେ ସେମାନେ ଆସିଛନ୍ତି ସେମାନଙ୍କର ଖାଇବାର ତୁରନ୍ତ ବ୍ୟବସ୍ଥା କର। ଯେକୌଣସି ଲୋକ ତାଙ୍କ ପାଖରେ କୌଣସି କାମରେ ପହଁଚୁଥିଲେ ସେ ସବୁବେଳେ ବ୍ୟକ୍ତିଗତ ସମ୍ପର୍କ ଓ ସୌଜନ୍ୟକୁ ଭୁଲୁ ନଥିଲେ।

ଆଉ ଦିନର କଥା ମୁଁ ସେତେବେଳେ କଟକର ରେଭେନସା କଲେଜ ପରିସରରେ ରହୁଥାଏ। ଆଠଗଡ଼ ଉପନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିର୍ବାଚନ ଲଢ଼ୁଥାନ୍ତି ଏହି ନିର୍ବାଚନରେ ଦଳୀୟ ସଂଗଠନ କରିବା ଓ ପରିଚାଳନା କରିବା ପାଇଁ ସୁଦୂର ଜୟପୁରରୁ ଗୋଟିଏ ଜିପ୍‌ରେ କେତେଜଣ କର୍ମୀଙ୍କୁ ନେଇ ସେ ଆସି ମୋ ପାଖରେ ପହଁଚିଲେ। ଆଦେଶ ଦେବା ଢଙ୍ଗରେ କହିଲେ ମୁଁ ଆଜିଠାରୁ ଆଠଗଡ଼ ଯାଉଛି ଏଠାରେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ରହି ପରିଚାଳନା କରିବି। ତୁମେ ତୁରନ୍ତ ସେଠାରେ ଆସି ପହଁଚି କାର୍ଯ୍ୟକ୍ରମରେ ଯୋଗଦେବ। ତାଙ୍କ ସହିତ ସେହି ଜିପ୍‌ରେ କୋରାପୁଟ ଜିଲ୍ଲାର କେତେକ ସେ ସମୟର ଯୁବ ଛାତ୍ରମାନଙ୍କୁ ସାଙ୍ଗରେ ନେଇ ସେ ଆଠଗଡ଼ ଅଭିମୁଖେ ଗଲେ ନିର୍ବାଚନ ପରିଚାଳନା କରିବା ପାଇଁ। ବିଜୁ ପଟ୍ଟନାୟକ ସେ ସମୟରେ ନିର୍ବାଚନ ଖର୍ଚ୍ଚ ବାବଦକୁ ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ମାତ୍ର ଏକ ମାସ ଧରି ଆଠଗଡ଼ରେ ରହି ନିର୍ବାଚନ ପରିଚାଳନା କରି ମଧ୍ୟ ସେହି ୧୦ ହଜାର ଟଙ୍କା ମଧ୍ୟରେ ଦୁଇ ହଜାର ଟଙ୍କା ନିର୍ବାଚନ ପରେ ବିଜୁ ପଟ୍ଟନାୟକଙ୍କୁ ସେ ଫେରାଇ ଥିଲେ। ଟଙ୍କା ଫେରାଇଲା ବେଳେ ବିଜୁ ପଟ୍ଟନାୟକ ଟଙ୍କା ନ ନେବା ପାଇଁ ବାରମ୍ବାର ତାଗିଦ୍ କରୁଥିଲେ ମଧ୍ୟ ସେ ତାଙ୍କ ଟେବୁଲ ଉପରେ ଟଙ୍କା ଥୋଇ ଦେଇ ପଳାଇ ଆସିଲେ।



ଆଜିକାଲିକା ଦୁନିଆରେ ପ୍ରଚଳିତ ରାଜନୈତିକ ବ୍ୟବସ୍ଥା ମଧ୍ୟରେ ଏଭଳି ବ୍ୟକ୍ତିତ୍ୱଙ୍କୁ ପାଇବା ପୁରାପୁରୀ ଦୁର୍ଲଭ ବ୍ୟାପାର। ରାଜନୈତିକ ପଶାପାଲିରେ ନିଜର ସମ୍ପତ୍ତି ଆହରଣ କରିବା ଓ ଦଳୀୟ ପାଣ୍ଠିକୁ ହଡପ କରି ନିଜର ପାଣ୍ଠିରେ ପରିଣତ କରିବା ପାଇଁ ରାଜନୈତିକ ଲୋକମାନଙ୍କ ମଧ୍ୟରେ ବିକଳ ପ୍ରତିଦ୍ୱିତା ଆଜିକାଲି ଦେଖିବାକୁ ମିଳୁଛି।

ଶେଷରେ ନରସିଂହପୁର ନିର୍ବାଚନ ମଣ୍ଡଳୀର ତାଙ୍କର ଗ୍ରସ୍ତ କାର୍ଯ୍ୟକ୍ରମ ସମୟରେ ବିଧାୟକ ଥାଆନ୍ତି ୰ ତ୍ରିଲୋଚନ ସିଂହଦେଓ। ବର୍ତ୍ତମାନର ନରସିଂହପୁର ନିର୍ବାଚନ ମଣ୍ଡଳୀ ଭଳି ସେତେବେଳର ଅବସ୍ଥା ଭିନ୍ନ। ପୁରା ନିର୍ବାଚନ ମଣ୍ଡଳୀର ଘଞ୍ଚ ଜଙ୍ଗଲ ଓ ବନାନୀରେ ପରିପୂର୍ଣ୍ଣ ଥିଲା। ଏବେକାର ରାଜ୍ୟ ବିଜୁ ଜନତା ଦଳରେ ଥିବା ଜଣେ ପୂର୍ବତନ ମନ୍ତ୍ରୀ ବିଧାୟକ ସେତେବେଳେ ଖ୍ରୀଷ୍ଟ କଲେଜରେ ପଢ଼ୁଥାନ୍ତି। ନରସିଂହପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ସେ ଆସି ପହଞ୍ଚିଲେ। ନରସିଂହପୁର ବନ୍ୟା ଅଞ୍ଚଳରେ କାମକରୁଥିବା ରେଞ୍ଜର ବହୁ ଦୁର୍ନୀତିରେ ସମ୍ପୃକ୍ତ ଥିବା କଥା ସାଧାରଣଲୋକ ବିଧାୟକଙ୍କ ସହିତ ଆସି ଅଭିଯୋଗ କଲେ। ତୁରନ୍ତ ଅଭିଯୋଗର ଶୁଣାଣି କରି ସେତେବେଳର ନରସିଂହପୁର ଅଞ୍ଚଳର ରାଜନୈତିକ ପୃଷ୍ଟପୋଷକତା ଲାଭ କରିଥିବା ରେଞ୍ଜରଙ୍କୁ ତୁରନ୍ତ ବଦଳି କରିବା ପାଇଁ ମୁଖ୍ୟବଣ୍ୟ ପ୍ରାଣୀ ସଂରକ୍ଷକଙ୍କୁ ତତ୍କ୍ଷଣାତ୍ ନିର୍ଦ୍ଦେଶ ଦେଲେ। ସେତେବେଳେ ସଂଗ୍ରାମୀ ଛାତ୍ର ଜନତା କରୁଥିବା ଏହି ଛାତ୍ରନେତା ଜଣକ ସେହି ରେଞ୍ଜରଙ୍କ ପୃଷ୍ଟପୋଷକ ଥିଲେ। ସେ ଏ ଖବର ପାଇଁ ସେଠାରେ ପହଁଚି ତାଙ୍କର ବଦଳି ବାତିଲ କରିବାକୁ ଅନୁରୋଧ କଲେ। ମାତ୍ର ସାଙ୍ଗେ ସାଙ୍ଗେ ଶ୍ରୀ ବକ୍ସିପାତ୍ର ଏକଥାକୁ ପ୍ରତ୍ୟାଖାନ କଲେ। ମାତ୍ର ସେହି ଛାତ୍ରନେତାଙ୍କ ସହିତ ମୋର ଭଲ ସମ୍ପର୍କ ଥିବାରୁ ଓ ସେ ମୋର ସମୟସାମୟିକ ବନ୍ଧୁ ହୋଇଥିବାରୁ ସେ କହିଲେ ୧୦ ହଜାର ଟଙ୍କା ମୁଁ ସେ ରେଞ୍ଜରଙ୍କ ଠାରୁ ଆଣି ଖର୍ଚ୍ଚ କରିଦେଇଛି ତାଙ୍କର ବଦଳି ବାତିଲ କରିବା ପାଇଁ ଚେଷ୍ଟା କର। ମାତ୍ର ଯେହେତୁ ବଳଦଳି ପାଇଁ ନିର୍ଦ୍ଦେଶ ଦେଇଥିଲେ ତାକୁ ସେ ବାତିଲ କଲେ ନାହିଁ। ପରବର୍ତ୍ତୀ ଅବସ୍ଥାରେ ରାଜ୍ୟ ବିଜୁ ଜନତା ଦଳର ବହୁଥର ବିଧାୟକ ହେବା ସଙ୍ଗେ ସଙ୍ଗେ ମନ୍ତ୍ରୀ ଓ ଦଳୀୟ କର୍ମକର୍ତ୍ତା ହୋଇଛନ୍ତି ମୋର ଏହି ସମୟସାମୟିକ ବନ୍ଧୁ। ସେ ସମୟରେ ତଥା ଆଜି ତାଙ୍କର ଜୟନ୍ତୀ ଅବସରରେ ମନେପଡେ ଓ ସାଧାରଣ ଜନତାଙ୍କ ସହିତ ତାଙ୍କର ସମ୍ପର୍କ। ରାଜନୀତିର ପଶାପାଲିରେ ପରିଭାଷାକୁ ପରିବର୍ତ୍ତନ କରି ବହୁ ରାଜନୈତିକ ବ୍ୟକ୍ତିବିଶେଷ ସମ୍ପତ୍ତି ଆହରଣ ଓ ପରବର୍ତ୍ତୀ ଅବସ୍ଥାରେ ଜେଲରେ ରହିବା ବର୍ତ୍ତମାନ ରାଜନୈତିକ ବ୍ୟବସ୍ଥାର ମୁକସାକ୍ଷୀ ହୋଇଛି। ସାଧାରଣ ଲୋକଙ୍କ ସମସ୍ୟାକୁ ସମାଧାନ କରିବା ଓ ଲୋକଙ୍କ ପାଇଁ ଲଢ଼େଇ କରିବାର ଜେଣ ମେହେନତି ମଣିଷଙ୍କ ଏହି ଜନ୍ମ ଜୟନ୍ତୀରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ହେବ ତାଙ୍କର ଆଦର୍ଶରେ ଛାତ୍ର ଓ ଯୁବ ସମାଜ ଯଦି ସାମନ୍ୟ ଅନୁପ୍ରାଣିତ ହେବେ।

# କାଷ୍ଠ: ମୃଣ୍ମୟ ଶିଳାର ସମାହାର ନୁହଁ ଅଟେ ଚିନ୍ମୟ ଚିନ୍ତନର ଆଧାର



## ଶ୍ରୀମତୀ ବିଜୟଲକ୍ଷ୍ମୀ ଶତପଥୀ

ଅନ୍ୟମନସ୍କ ହୋଇ ହଜି ଯାଇଥିଲି ଅତୀତର ଏକ ସ୍ମୃତିରେ। ଏକ ଲୟରେ କାଷ୍ଠକୁ ଦେଖୁ ଦେଖୁ ସ୍ମୃତି ରାଇଜରେ ଭ୍ରମଣ କରୁଥିଲି। ହଁ, ମନେ ପଡୁଥିଲା ବାପା ଆମ ମାନଙ୍କୁ କହିଥିବା କାହାଣୀର ନାୟକ ଫତେ ସିଂ, ଜୋରାବର ସିଂହଙ୍କ କଥା। ଯେତେବେଳେ ବାପା ଆମକୁ ତାଙ୍କ ବୀରତ୍ୱର ଗାଥା ଶୁଣାଉଥିଲେ, ଟିକି ହୃଦୟ ସେ ଆଜନ୍ମ ବାଳ ଦେଶ ଭକ୍ତଙ୍କ ଦେଶ। ପ୍ରୀତିକୁ ନମନ କରୁଥିଲା, ଦେଶ ପ୍ରେମରେ ଉଦବୁଦ୍ଧ ହେଉଥିଲା। ଆଜି ସତେ ଯେମିତି ମୋ ସମ୍ମୁଖସ୍ଥ କାଷ୍ଠ ହୋଇଯାଇଥିଲା ମୋ ପାଇଁ ସିନେମାର ଏକ ପ୍ରଚ୍ଛଦ ପଟ, ଯେଉଁଠୁ ଫତେ ସିଂ ଓ ଜୋରାବର ସିଂଙ୍କ ଆତ୍ମ ସନ୍ତୋଷ ଭାବକୁ ମୁଁ ମନ ଭରି ଉପଭୋଗ କରୁଥିଲି। ସେ ଦିନ ତାଙ୍କ ଆତ୍ମ ବିଶ୍ୱାସର ସୁଦୃଢ଼ ଭିତ୍ତିଭୂମି ତାଙ୍କୁ ଦେଶ ମାତୃକା ପାଇଁ ବଳିଦାନ ଦେବାରେ ଆତ୍ମ ସନ୍ତୁଷ୍ଟି ପ୍ରଦାନ କରୁଥିଲା, ତ୍ୟାଗର ସୁଉଚ୍ଚ ଛାତ ଆତ୍ମୋପଲବ୍ଧିର ମାର୍ଗ ପ୍ରଶସ୍ତ କରିଥିଲା। ସାମାନ୍ୟ ଦୁର୍ବଳ ଭିତ୍ତିଭୂମିର ସେହି ଦୁର୍ବଳ କାଷ୍ଠ କି ତାଙ୍କ ଶୌର୍ଯ୍ୟ, ବୀର୍ଯ୍ୟ ପରାକ୍ରମକୁ ଲୁଚେଇ ଦେଇପାରେ? ଇତିହାସ ପୃଷ୍ଠାରୁ ପୋଛି ଦେଇପାରେ?

ପୁଣି ହଜିଯାଏ ନିର୍ନିମେଷ ନୟନରେ ସେ କାଷ୍ଠର ଅବଲୋକନରେ। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଉପଦେଶ ଅନୁରଣୀତ ହୁଏ। ଆତ୍ମବିଶ୍ୱାସର ନିହ, ଆତ୍ମ ସନ୍ତୁଷ୍ଟିର କାଷ୍ଠ ଓ ତ୍ୟାଗର ଛତା ବିନା ଗୃହ ନିର୍ମାଣ ଅସମ୍ଭବ ଭଳି ଏହା ଜୀବନରେ ଆତ୍ମୋପଲବ୍ଧିର ମାର୍ଗ ପ୍ରଶସ୍ତ କରିଥାନ୍ତି। ଯେତେ ମଜବୁତ ଭିତ୍ତିଭୂମି, କାଷ୍ଠ ଓ ଛାତ ସେତେ ସୁନ୍ଦର ଭବନ। ସୁଦୃଢ଼ କାଷ୍ଠ ତୁଲ୍ୟ ଆତ୍ମ ସନ୍ତୋଷରେ ବିଭୋର ମଣିଷ ହିଁ ଲଭେ ସାର୍ଥକ ଜୀବନ। ତାହା ହିଁ ତାକୁ ତ୍ୟାଗପୂତ ଜୀବନ ପାଇଁ ପ୍ରେରିତ କରେ। ଆଜି କାହିଁକି ଲାଗୁଛି ଏଇ ସାମାନ୍ୟ କାଷ୍ଠ ମୋତେ ଅସାମାନ୍ୟ ଶିକ୍ଷା ଦେଇ ଚାଲିଛି। ପ୍ରଭୁଙ୍କ ବାଣୀକୁ ଆହୁରି ଗଭୀର ଭାବରେ ବୁଝେଇବାକୁ ସହାୟ ହେଉଛି।



ସାମାନ୍ୟ? ସାମାନ୍ୟ କେମିତି କହିପାରେ ତାକୁ? ସେ କଣ ଏକ ମୃଣ୍ମୟୀ ଶିଳାର ରୂପ? ଇସ କି କଙ୍କର କଙ୍କର ଶଙ୍କର ହେ... ବାଲି ମୋ ଭାରତୀର ଆମେ ଜୟ ଗାନ କରୁ, ସବୁରି ଭିତରେ ଏକ ଈଶ୍ୱର ସତ୍ତାର ଅନୁଭବର ଶିକ୍ଷା ଦିଏ ଆମ ସଂସ୍କୃତି। ଯେଉଁ କାଷ୍ଠରୁ ପ୍ରହଲ୍ଲାଦର ଆକୁଳ ପ୍ରାର୍ଥନାରେ ଚିନ୍ମୟ ସ୍ୱରୂପଙ୍କ ଆବିର୍ଭାବ ହୋଇପାରେ ଆଜି ମୁଁ ସେହି କାଷ୍ଠ ସହ କଥା ହୋଇ ଚାଲିଛି। ବିନା ବାକ୍ୟ ସ୍ଫୁରଣରେ ସତେ ଯେମିତି ଅନେକ କିଛି କହି ଦେଉଛି। ମୋର ସେ ଆଜି ପାଲଟି ଯାଇଛି ଅନ୍ତରଙ୍ଗ ସଖା। ମୌନ ରହି କେତେ ଶିକ୍ଷା ଦେଇ ଯାଉଛି। ହଠାତ୍ କାହାର ଆଃ ଶବ୍ଦ ମୋତେ ପ୍ରକୃତିସ୍ଥ କରେ। ଦେଖେ ତ ପୁରୁଣା ଜଣେ ବନ୍ଧୁ ମୋତେ ଖୋଜି ଖୋଜି ଆସି ମୋତେ କାଷ୍ଠ ସହ ନିର୍ଲିପ୍ତ ଦେଖି କାଷ୍ଠକୁ ପ୍ରହାର କରୁଛନ୍ତି, ତାଙ୍କ ମୋ ଭିତରେ ତାକୁ ବାଧକ ମନେ କରି। ସତରେ ନିଜ ରାଗ, ରୋଷ, ଅଭିମାନ ପ୍ରଦର୍ଶନ ସବୁଥିରେ ଯେମିତି ଏହି କାଷ୍ଠ ହିଁ ଆମର ବନ୍ଧୁ। ଆମ ଅଳି, ଗାଳି, ଗେଲ ସବୁର ନୀରବ ଦ୍ରଷ୍ଟା, ମୁକ ସାକ୍ଷୀ। ବିଜୁଳି ବେଗରେ ଏକ ଚିନ୍ତନ ମୋ ହୃଦୟ ମାନସରେ ସଞ୍ଚାରିଗଲା। ମୁଁ ଯଦି ସତରେ କାଷ୍ଠ ଅନୁରୂପ ବ୍ୟବହାର କରି ଜାଣନ୍ତି, ନିର୍ବିକାର, ନିର୍ଲିପ୍ତତା ମୋତେ ଆବୋରି ରଖିଥାନ୍ତା, ଗୀତାର ଶ୍ଳୋକ ଦୁଃଖେଷୁ ଅନୁଦବିଗ୍ନ ମନା ସୁଖେଷୁ ବିଗତସ୍ପୃହ ମୋ ଜୀବନରେ ପ୍ରତିଫଳିତ ହେଉଥାନ୍ତା। କାହାର ପ୍ରଶଂସାରେ ମୁଁ ଉତଫୁଲ୍ଲିତ ମଦ ମତ୍ତ ହୁଅନ୍ତି ନି କିମ୍ବା ନିନ୍ଦାର ପ୍ରଖର ବାକ୍ୟ ବାଣ ମୋବେ ବ୍ୟତବ୍ୟସ୍ତ କରି ପକାଉ ନଥାନ୍ତା।

ସାଙ୍ଗର କଷ୍ଟ ମୋତେ ବ୍ୟଥିତ କଲା। ସେ ସେତେବେଳେ ପର୍ଯ୍ୟନ୍ତ କଷ୍ଟ ପାଉଥାଏ। ତାର କଷ୍ଟ ନିବାରଣ ପାଇଁ ଉପଚାର ମଧ୍ୟରେ ସାଙ୍ଗ ସ୍ଥାନରେ ନିଜକୁ ରଖୁ ରଖୁ ଭାବୁକ ହୋଇଗଲି। ସମଗ୍ର ସଂସାର ଯଦି ଏକ କାଷ୍ଠ ଭଳି ହୁଏ, କେବଳ ଆମ କର୍ମ, କଥା, ଚିନ୍ତା, ପ୍ରତିଫଳିତ, ପ୍ରତିଧ୍ୱନିତ ହୋଇ ଆମ ପାଖକୁ ଫେରିଆସେ। ମୁଁ ଯଦି କାହାକୁ କଷ୍ଟ ଦେବାକୁ ଚାହିଁବି, ତାହା ବୁମେରାଙ୍ଗ ଭଳି ମୋ ପାଖକୁ ହିଁ ଫେରିବ, କାହାକୁ ଯଦି ଭଲ ପାଇବି ବହୁ ଗୁଣିତ ହୋଇ ମୋ ପାଖକୁ ହିଁ ଫେରିବ। ମୋର ଏ ଭାବନା ଭିତରେ ବୁଡ଼ିଥିବା ଦେଖି ସାଙ୍ଗର ବିରକ୍ତି ମୋତେ ପୁଣିଥରେ ପ୍ରକୃତିସ୍ଥ କଲା। ସେ କହୁଥାଏ 'ଆରେ ମୁଁ ତୋ ସହ କଥା ହେଉଛି, କାଷ୍ଠ ବାଡ଼ ସହ ନୁହଁ, ଉତ୍ତର କାହିଁକି ଦେଉନୁ?'। ସେତେବେଳେ ସାଙ୍ଗ ପ୍ରଶ୍ନ ମୋତେ ବାଧ୍ୟ କରୁଥାଏ ଭାବିବାକୁ ଯେ ସାମ୍ନାରେ ଥିବା ବ୍ୟକ୍ତିଙ୍କ ସହ କଥୋପକଥନ ସମୟରେ ସେହି ଅନୁରୂପ ବାକ୍ୟାଳାପ କରିବ ଯେମିତି କେହି ନିଜକୁ ଉପେକ୍ଷିତ ମନେ ନକରେ। ମୋ ଭାବନା ମୋ ସାଙ୍ଗକୁ ଜଣେଇବା ଭିତରେ ମନେ ମନେ କାଷ୍ଠକୁ ଧନ୍ୟବାଦ ଦେଉଥାଏ। ଆଜିର ସମୟରେ ଗୃହର ଚାରି କାଷ୍ଠ ମୋତେ କି ଶିକ୍ଷା ନଦେଲୁ ସତରେ। ଅନେକଙ୍କ ଘର କାଷ୍ଠ ନୀଳ ରଙ୍ଗରେ ସୁଶୋଭିତ ଥାଏ। ଏହି ବିଶ୍ୱାସର ସହିତ ଯେ ନୀଳ ରଙ୍ଗର କାଷ୍ଠ ଆମ ମସ୍ତିଷ୍କକୁ ଖୁବ ସକ୍ରିୟ ରଖେ। ନୀଳ କାଷ୍ଠ ମଧ୍ୟ ଭାଗରେ ସୁନ୍ଦର ମୃଦୁମନ୍ଦ ହସ ହସ ମୁଖ ଓ ଅଭୟ ମୁଦ୍ରାରେ ଥିବା ଶ୍ରୀ ସତ୍ୟସାଇଙ୍କ ମନ ଲୋଭା ଚିତ୍ରପଟ ଖୁବ ଜୀବନ୍ତ ଲାଗୁଥାନ୍ତି ସେତେବେଳେ ମୋତେ ଆଉ ସତେ ଯେମିତି କାଷ୍ଠକୁ ବି ଜୀବନ୍ତ କରି ଦେଇଛନ୍ତି ମୋ ପାଇଁ।

**ଖରିଆର ରୋଡ଼, ନୂଆପଡ଼ା**

# ଅକ୍ଷୟ ସଙ୍ଗୀତରେ ଯାରେ ଭାସି ଭାସିଯା

## ବିପିନ ମହାପାତ୍ର



ଉନବିଂଶ ଶତାବ୍ଦୀର ସପ୍ତମ ଦଶକରେ 'ଗ୍ରାମଫୋନ୍' ପରିବର୍ତ୍ତେ ବଜାରକୁ ନୂଆ କରି ଆସିଥିଲା 'ରେକଡ୍‌ର୍ ପ୍ଲେୟାର୍' ଓ 'ଏଲ୍.ପି' ଏବଂ 'ଇ.ପି' ରେକଡ୍‌ର୍। ଗ୍ରାମଫୋନ୍ ପୂରାପୂରି ବିଲୁପ୍ତ ହୋଇଗଲା। ସଙ୍ଗୀତପ୍ରେମୀ ମାନେ ଘରେ ଘରେ ରେକର୍ଡ ପ୍ଲେୟାର ରଖି ମଜା ଉଠାଇଲେ। ଠିକ୍ ସେତିକିବେଳେ କଲିକତା (କୋଲକତା) ସ୍ଥିତ 'ଗାଥାନୀ' ନାମକ କମ୍ପାନୀର ମାଲିକ ସହ ଅକ୍ଷୟ ମହାନ୍ତି ଯାଇ ସାକ୍ଷାତ୍‌ରେ ଇ.ପି ଓ ଏଲ୍.ପି ରେକର୍ଡ ଜରିଆରେ ଓଡ଼ିଆ ଗୀତ ବଜାରକୁ ଛାଡ଼ିବାକୁ ଆଲୋଚନା କଲେ। କିନ୍ତୁ ସମ୍ପୃକ୍ତ ମାଲିକ ଯଦିଓ ସଙ୍ଗୀତ ବାଦ୍‌ଶାହ ଅକ୍ଷୟ ମହାନ୍ତିକୁ ସମ୍ମାନ ଦେଉଥିଲେ, ଓଡ଼ିଆ ଗୀତ ବଜାରକୁ ଛାଡ଼ିଲେ କାଳେ ତାଙ୍କ ବ୍ୟାବସାୟିକ ସଫଳତାରେ ରୋକ୍ ଲାଗିବ ବୋଲି ଆଶଙ୍କା କଲେ। କିନ୍ତୁ ପେସାଦାର, ଜିଦ୍‌ଖୋର ଓ ସ୍ୱାଭିମାନୀ ଅକ୍ଷୟ ଓଡ଼ିଆ ଗୀତ ନିଶ୍ଚିତ ଭାବେ ମାର୍କେଟ୍ କରିବ ବୋଲି ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲେ। ତା'ପରେ କେତୋଟି ସର୍ତ୍ତ ରଖି କମ୍ପାନୀ ମାଲିକ ରାଜି ହେଲେ। ତେଣୁ ସର୍ବ ପ୍ରଥମେ ଅକ୍ଷୟ ମହାନ୍ତି ନିଜ କଣ୍ଠରେ ରେକର୍ଡ କରି ବଜାରକୁ ଆଣିଲେ 'ଗାଥାନୀ' ଆନୁକୂଲ୍ୟରେ ଚାରି ଗୋଟି ଗୀତର 'ଇ.ପି' ରେକର୍ଡ। ଯଥା - ଝୁକୁ ଝୁକୁ ଝୁକୁ ସକାଳର ଗାଡ଼ି (ଲେ: ଶିବବ୍ରତ ଦାସ), ଜାତକ ପଢ଼ିଛି ରାଜ ଯୋଟକ (ଲେ: ବୀରେନ୍ଦ୍ର ଭୂୟାଁ), ଏଇନା ଏଇନା ଚିହ୍ନା (ଲେ: ଦେବଦାସ ଛୋଟରାୟ), ବନ୍ଧୁରେ ଆଣିଦେ ଆଣିଦେ ଧରି ସୁନା ଇଲିଶି (ଲେ: ଶିବବ୍ରତ ଦାସ)। ପ୍ରତିଶ୍ରୁତି ଯେପରି ପ୍ରତାରଣା ନ ହେବ ସେଥିପାଇଁ ନିଜେ ଅକ୍ଷୟ ବାବୁ ତହିଁରୁ କିଛି କିଛି ଧରି ଓଡ଼ିଶାର ପ୍ରମୁଖ ବ୍ୟବସାୟୀ ମାନଙ୍କୁ ହସ୍ତାନ୍ତର କଲେ ଯାଇ ସାକ୍ଷାତ୍‌ରେ। ତାର କିଛି ଦିନ ପରେ ସେଗୁଡ଼ିକର ସଂଗୃହୀତ ମୂଲ୍ୟ ନେଇ ମାଲିକଙ୍କୁ ପୈଠ କଲେ। ଏ କଥା ଥିଲା ମାଲିକର କଳ୍ପନାର ବାହାରେ। ତେଣୁ ସେ ପ୍ରତିବର୍ଷ ପୂଜା ବେଳକୁ ନୂଆ ନୂଆ ଗୀତ ରେକର୍ଡ ବଜାରକୁ ଆଣିବା ପାଇଁ ଉଭୟଙ୍କ ଭିତରେ ଚୁକ୍ତିପତ୍ର ସ୍ୱାକ୍ଷରିତ କଲେ। ଏହି ପ୍ରକ୍ରିୟା ଯୋଗୁଁ ଅକ୍ଷୟଙ୍କ ବହୁ ହିଟ୍ ଗୀତର କମର୍ସିଆଲ୍ ରେକର୍ଡ ବଜାରକୁ ଆସିଲା। ତନ୍ମଧ୍ୟରୁ ଶେଷ ଗୀତ ଥିଲା 'ହାରି ଯାଇଥିବା ଲୋକର କି ଅଛି ଜୀଇଁଲେ ଜୀଇଁଲା ନ ହେଲେ ନାହିଁ..'।

ସେଇ ଶୁଭ ସମୟରେ ଶିବବ୍ରତ ଦାସ ରଚିତ ଅନ୍ୟତମ ହିଟ୍ ଗୀତ ଥିଲା "ଯାରେ ଭାସି ଭାସିଯା ନଉକା ମୋର ଭାସିଯା.."। ଯାହାକି ଆଜି ଲୋକାଦୃତିରୁ ବଞ୍ଚିତ ହୋଇ ନାହିଁ। ଏହା ଦ୍ୱୈତ କଣ୍ଠରେ ରେକର୍ଡ ହୋଇଛି। ଯାହାର ସ୍ୱର ସଂଯୋଜନା ସହ ମୁଖ୍ୟତଃ ଗାୟନ ଶୈଳୀର ଅବତାରଣା ଓ ଉପସଂହାର ଅତ୍ୟନ୍ତ ପ୍ରାଣବନ୍ତ ହୋଇପାରିଛି।

ସ୍ଥାନ-କାଳ ଓ ପାତ୍ର-ପାତ୍ରୀ ଅର୍ଥାତ୍ ମହାନଦୀ କୂଳେ କୂଳେ ମୁଣ୍ଡ ଟେକି ଥିବା ପ୍ରମୁଖ ସହର ଓ ପଲ୍ଲୀର ଅଭିଆଡ଼ି ଝିଅ ମାନଙ୍କ ମନସ୍କତା ଓ ସେମାନଙ୍କ ବାପା-ମା' ମାନଙ୍କ ନିଷ୍ପତ୍ତି ସହ ଯୌତୁକ ସମସ୍ୟା ଇତ୍ୟାଦି ପ୍ରତିଫଳିତ ହୋଇଛି ଏଇ ଗୀତରେ। ଦ୍ୱିତୀୟତଃ, ଐତିହ୍ୟର ସ୍ୱଳ୍ପତା ପରିଲକ୍ଷିତ ହୁଏ। ମୁଖ୍ୟ ଚରିତ୍ର ରୂପେ ଗୀତିକାରଙ୍କ ପରିକଳ୍ପନାରେ ନାଉରିଆ ଓ ଝିଅମାନଙ୍କ ପ୍ରଶ୍ନୋତ୍ତର ଏଥିରେ ବ୍ୟବସ୍ଥିତ ଭାବେ ସାଂଗୀତିକ ଫର୍ମୁଲାରେ ଆବଦ୍ଧ ହୋଇଛି। ଏଇଠି ଏତିକି କେବଳ ସ୍ପଷ୍ଟ କରାଯାଇ ପାରେ ଯେ, ସଙ୍ଗୀତଜ୍ଞ ସ୍ୱର୍ଗତ ଅକ୍ଷୟ ମହାନ୍ତି ଥିଲେ ଏକାଧାରରେ ଗୀତିକାର, କଣ୍ଠଶିଳ୍ପୀ, କଥାକାର, କବି ଓ ଔପନ୍ୟାସିକ। ତଥା ଓଡ଼ିଆ ଲଘୁ ସଙ୍ଗୀତର ଅପ୍ରତିଦ୍ୱନ୍ଦ୍ୱୀ ଦିଗ୍‌ଦର୍ଶକ। ଏତାଦୃଶ ସ୍ୱତନ୍ତ୍ର ପରିଚିତି ଏଯାବତ୍ ଦୁର୍ଲଭ। ତା'ଛଡ଼ା ଗୀତ ଗାଇବା ଆଗରୁ ଆପେକ୍ଷିକ ଗୁରୁତ୍ୱ ବହନ କରୁଥିଲା ତାଙ୍କ ଚୟନ ପ୍ରକ୍ରିୟା। ତେଣୁ ସେ କେବଳ ଜୀବଦ୍ଦଶାରେ ସଙ୍ଗୀତକୁ ପେଷା କରି ଓଡ଼ିଶାରେ ତିଷ୍ଠି ରହିଥିଲେ। ଏବଂ ଆଜି ବି ସ୍ମରଣୀୟ।

ମହାନଦୀର ବିସ୍ତାରିତ ବକ୍ଷରେ ନଉକା ବାହି ଯାଉଥିବା ନାଉରିଆର ଚକ୍ଷୁ ଆଢୁଆଳରୁ ବର୍ତ୍ତି ଯାଇ ନାହାନ୍ତି ନଈତୁଠରେ ସ୍ନାନ କରୁଥିବା ପଞ୍ଚକନ୍ୟା। ସେମାନଙ୍କ ରୂପ, ରଙ୍ଗ ଓ ପ୍ରସାଧାନ ବି ଗୀତରୁ ବାଦ୍ ପଡ଼ିନାହିଁ। ନାଉରିଆର ସମବେଦନା ସେମାନଙ୍କ ପ୍ରତି ପ୍ରକଟିତ ହେବାରୁ ସେମାନଙ୍କ ପିତାମାତାଙ୍କୁ ସେ ନିର୍ଦ୍ଦୟ ବୋଲି ଆଖ୍ୟା ଦେଇଛି। ପରେ ପରେ ସେମାନଙ୍କ ମୁହଁରୁ ଅବିବାହିତ ଥିବାର ଅସଲ କାରଣ ଶୁଣିପାରିଛି।

ସର୍ବ ପ୍ରଥମେ ନାଉରିଆ ପ୍ରତି ସ୍ନାନରତା ସମ୍ବଲପୁରୀ ଝିଅର ଉତ୍ତର ଥିଲା ଯେ, ବାପା ଦୂର ବନ୍ଧୁ ଚାହୁଁଥିଲା ବେଳେ ମା' ଚାହୁଁଛି ଘରଜ୍ୱାଇଁ କରିବାକୁ ବର ପ୍ରସ୍ତାବ। ତା' ପରେ "କଣ୍ଟିଲୋ" ଝିଅର ଉତ୍ତର ଥିଲା - ଜାତକ ମେଳ ହେବା ଆଗରୁ ସେ ଗଡ଼ଗଡ଼ିଆ ଝିଅ ବୋଲି ମୁଗଲ ବନ୍ଦୀ ମରଦ ତାକୁ ଆକ୍ଷେପ କରୁଥିଲା। ତୃତୀୟରେ ଅତ୍ୟନ୍ତ ଦୁଃଖରେ "ବାଙ୍କୀ'ର ଝିଅ କହିଛି - ମୁଁ କାଳି କନ୍ୟା ବୋଲି ମୋତେ ଦେଖି ସମସ୍ତେ ବାହା ହେବାକୁ ନାପସନ୍ଦ କରୁଛନ୍ତି। ତା'ପରେ "ଗଡ଼ଗଡ଼ିଆ ଘାଟ"ରେ ସ୍ନାନ କରୁଥିବା ହେମବରଣୀ କଟକୀ ଝିଅ ରାଗିଯାଇ ନାଉରିଆକୁ 'ବେହିଆ' ବୋଲି କହି 'ଅଦା ବେପାରୀ' ଆଖ୍ୟା ଦେଇ ଓଲଟି ପ୍ରଶ୍ନ କରିଛି ଯେ, "ମୁଁ ବାହା ହେଲେ କି ନହେଲେ ତୋ ବାପାର ଯାଏ ଆସେ କେତେ..। ପରିଶେଷରେ "କଳମାଳ'ର ରୂପକୁମାରୀ ଅତ୍ୟନ୍ତ ଆବେଗ ଭରା କଣ୍ଠରେ ଉତ୍ତର ଦେଇଛି ଯେ, ମୋ ପାଇଁ ଭୁବନେଶ୍ୱରରୁ ବର ପ୍ରସ୍ତାବ ଆସିଛି। ହେଲେ ସେଠିକାର କିରାଣୀ ଚାକିରୀ କରୁଥିବା ବର ଯୌତୁକ ସ୍ୱରୂପ ଦାବି କରୁଛି ଫଟଫଟିଆ (ମୋଟର ବାଇକ୍)।

ଅନୁଧ୍ୟାନ କଲେ ଜଣଯାଏ, ଏଇ ଗୀତର ଗୀତିକାରଙ୍କ ଆଞ୍ଚଳିକତାର ଉପସ୍ଥାପନା ଶୈଳୀ ଅର୍ଥାତ୍ କଣ୍ଟିଲେ ଝିଅର ମୁହଁରେ "ମୁଗଲ ବନ୍ଦୀ ମରଦ କହେ.." ମୁସଲିମ୍ ସମ୍ପ୍ରଦାୟକୁ ବୁଝାଏ। ଯାହାକି ଶ୍ରୋତାଙ୍କ ମନରେ ଭ୍ରମ ସୃଷ୍ଟି କଲା ଭଳି ମନେହୁଏ। କାରଣ ଏଣେ ସହରୀ ସଭ୍ୟତାର ପକ୍ଷପାତି ହେଇଛି ଭୁବନେଶ୍ୱର କିରାଣୀ ବରର ଯୌତୁକ ଦାବି ଫଟଫଟିଆ। ଏଇ ପରିପ୍ରେକ୍ଷୀରେ ସ୍ୱାଧୀନତାର ବହୁବର୍ଷ ପରେ ଏଇ ଗୀତ ରଚିତ ହେଇଛି। କିନ୍ତୁ 'ମୁଗଲ ବନ୍ଦୀ ମରଦ'ର ଉପସ୍ଥାପନା ସ୍ପଷ୍ଟ ହେଇପାରିନି। ଯେହେତୁ ଅନ୍ୟ ମାନଙ୍କ କଥୋପକଥନ ସ୍ୱାଭାବିକ୍ ମନେ ହୁଏ। ସେ ଯାହା ହେଉନା କାହିଁକି, ଏହା ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ଗୃହୀତ ହୋଇ ହିଟ୍ ହୋଇଛି। ଯହିଁରେ ସାମାଜିକ ଓ ପାରିପାର୍ଶ୍ୱିକ ସମସ୍ୟା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରାଯାଇଛି।

**ବ୍ରହ୍ମପୁର, ମୋବାଇଲ୍: ୯୮୫୩୭୫୧୩୨୨**



ଦିଲ୍ଲୀ କାର ବିସ୍ଫୋରଣ ମାମଲା

# ଘଟଣାସ୍ଥଳରୁ ମିଳିଲା ୯ ଏମ୍ଏମ୍‌ର ୩ କ୍ୟାଟ୍ରିଜ



ନୂଆଦିଲ୍ଲୀ, ୧୬।୧୧: ଦିଲ୍ଲୀ ବିସ୍ଫୋରଣ ମାମଲାରେ ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଛି। ଏହା ଭିତରେ ଆତଙ୍କୀ ଡାକ୍ତର ଉମର ନବୀ ରହୁଥିବା ଭଡ଼ା ଘରର ଛାନଭିନରୁ ବଡ ଖୁଲାସା ହୋଇଛି। ଉମର କେବଳ ଏକ ଆତଙ୍କୀ ନଥିଲା ବରଂ ବୋମା ତିଆରି ଏକ୍ସପର୍ଟ ଥିଲା। ନିଜ ଘରେ ବନାଇଥିଲା ବୋମା ନିର୍ମାଣକାରୀ ଲ୍ୟାବ୍। ଫରିଦାବାଦ ଅଲ ଫାଲହା ବିଶ୍ୱବିଦ୍ୟାଳୟରୁ କିଛି କିଲୋମିଟର ଦୂରରେ ଏକ ଭଡା ଘରକୁ ବୋମା ଲ୍ୟାବ କରିଥିଲା। ସବୁଠୁ ବଡ଼ କଥା ହେଉଛି, ଏହା ପାଇଁ ଆତଙ୍କୀ ଡାକ୍ତରଙ୍କୁ ପାକିସ୍ତାନରୁ ବସି ମୋଟା ଅଙ୍କର ଅର୍ଥ ଯୋଗାଉଥିଲେ ଆତଙ୍କୀ। ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣରେ ବ୍ୟବହୃତ ହୋଇଥିଲା ୨ କିଲୋରୁ ଅଧିକ ଆମୋନିୟମ ନାଇଟ୍ରେଟ୍। ଖାଲି ସେତିକି ନୁହେଁ ବିସ୍ଫୋରଣ ପାଇଁ ଡିଟୋନେଟିଂ ଡିଭାଇସ ଓ ପେଟ୍ରୋଲିୟମ ଅଏଲ୍ ମଧ୍ୟ ବ୍ୟବହାର କରାଯାଇଥିବା ତଦନ୍ତକାରୀ ସଂସ୍ଥାର ଛାନଭିନରେ ସାମ୍ନାକୁ ଆସିଛି। ଫରେନ୍ସିକ ଟିମ ଏପର୍ଯ୍ୟନ୍ତ ସଂଗ୍ରହ କରିଥିବା ୫୨ରୁ ଅଧିକ ନମୁନା ସଂଗ୍ରହ କରିସାରିଛି। ଦିଲ୍ଲୀ ବିସ୍ଫୋରଣର ମାଷ୍ଟର ମାଇଣ୍ଡ ହେଉଛି ଉମର ମହମ୍ମଦ ନବି। ଘଟଣା ଦିନ ସେ ହିଁ ଆଇ-୨୦ କାର୍ ଚଳାଉଥିଲା ଦିଲ୍ଲୀ ବିସ୍ଫୋରଣ ମାମଲାରେ ବଡ ତଥ୍ୟ ସାମ୍ନାକୁ ଆସିଛି। ଘଟଣାସ୍ଥଳରୁ ମିଳିଲା ୯ଏମଏମର ୩ଟି କ୍ୟାଟ୍ରିଜ। ଏଥିମଧ୍ୟରୁ ଦୁଇଟୀ ଜୀବନ୍ତ ଓ ଗୋଟିଏ ଫୁଟା କ୍ୟାଟ୍ରିଜ ରହିଥିବା ସୂଚନା ମିଳିଛି। ସବୁଠୁ ବଡ କଥା ହେଉଛି ଆଖପାଖରେ କୌଣସି ବନ୍ଧୁକ ମିଳିନି। ତେବେ ନିୟମ ଅନୁସାରେ ସାଧାରଣ ଲୋକ ଏହି ୯ଏମଏମ କ୍ୟାଟ୍ରିଜ ରଖିବା ଉପରେ କଟକଣା ରହିଛି। କେବଳ ସୁରକ୍ଷାକର୍ମୀ ଓ ପୁଲିସ ଏହାକୁ ରଖିପାରିବେ। ତେଣୁ ପ୍ରଶ୍ନ ଉଠୁଛି ଦିଲ୍ଲୀ ବିସ୍ଫୋରଣ ଘଟଣାସ୍ଥଳରୁ ୩ଟି ୯ ଏମଏମ କ୍ୟାଟ୍ରିଜ ଆସିଲା କେଉଁଠୁ? କିଏ ଏହାକୁ ବ୍ୟବହାର କରିଥିଲେ? ଅନ୍ୟପଟେ ବିସ୍ଫୋରଣ ମାମଲାର ତଦନ୍ତ ବିଭିନ୍ନ ଦିଗରୁ କରାଯାଉଛି। ଘଟଣାସ୍ଥଳରୁ ସୁରାକ ସଂଗ୍ରହ କରାଯାଉଛି।

**ଭଡ଼ା ଘରେ ବିସ୍ଫୋରକ ବନାଉଥିଲା ଆତଙ୍କୀ ଉମର**

## ପୁଣି ଖୋଲିଲା ଲାଲକିଲ୍ଲା ମେଟ୍ରୋ ଷ୍ଟେସନ

ନୂଆଦିଲ୍ଲୀ,୧୬।୧୧ : ଲାଲକିଲ୍ଲା ବିସ୍ଫୋରଣ ପରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନକୁ ବନ୍ଦ କରି ଦିଆଯାଇଥିଲା। ବର୍ତ୍ତମାନ କିନ୍ତୁ ପୁଣି ଷ୍ଟେସନ୍‌ର ସମସ୍ତ ଗେଟ୍ କାର୍ଯ୍ୟକ୍ଷମତା ପାଇଁ ଖୋଲି ଦିଆଯାଇଛି ବୋଲି ଡିଏମଆରସି ଟ୍ୱିଟ୍ ଘୋଷଣା କରିଛନ୍ତି। ଗେଟ୍ ୨ ଏବଂ ୩ ଗତକାଲି ଖୋଲାଯାଇଥିଲା ବେଳେ ଗେଟ୍ ୧ ଏବଂ ୪ ଆଜି ଖୋଲାଯାଇଛି। ସୂଚନାନୁଯାୟୀ, ନଭେମ୍ବର ୧୦ ଦିଲ୍ଲୀ ବିସ୍ଫୋରଣ ପରେ ସତର୍କମୂଳକ ପଦକ୍ଷେପ ସ୍ୱରୂପ ମେଟ୍ରୋ ଷ୍ଟେସନକୁ ବନ୍ଦ କରିଦିଆଯାଇଥିଲା। ଏହାରି ମଧ୍ୟରେ ବନ୍ଦ ହୋଇ ରହିଥିବା ମେଟ୍ରୋ ଷ୍ଟେସନକୁ ପୁଣି ଖୋଲି ଦିଆଯାଇଛି।

ରାଜନୀତି ଆଗରେ ଫିକା ସମ୍ପର୍କ, ଲାଲୁଙ୍କ ପରିବାରରେ ଫାଟ

# ସହିପାରିଲିନି ନିର୍ଯାତନା, ସବୁ ଛାଡ଼ିଲି: ରୋହିଣୀ



ନୂଆଦିଲ୍ଲୀ,୧୬।୧୧: ବିହାର ବିଧାନସଭା ନିର୍ବାଚନରେ ଆରଜେଡିର ପରାଜୟ ପରେ ଲାଲୁଙ୍କ ପରିବାର ମଧ୍ୟରେ ବିବାଦ ବୃଦ୍ଧି ପାଇଛି। ଲାଲୁ ପ୍ରସାଦ ଯାଦବଙ୍କ ଝିଅ ରୋହିଣୀ ଆଚାର୍ଯ୍ୟଙ୍କ ଏକ ବୟାନ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଗତକାଲି ରୋହିଣୀ ଆଚାର୍ଯ୍ୟ ଅଭିଯୋଗ କରି କହିଥିଲେ,' ତେଜସ୍ୱୀ ଯାଦବ, ସଞ୍ଜୟ ଯାଦବ ଏବଂ ରମିଜ ତାଙ୍କୁ ପରିବାରରୁ ବାହାର କରିଦେଇଛନ୍ତି।' ଏଭଳି ଅଭିଯୋଗ ପରେ ରୋହିଣୀ ସୋସିଆଲ ମିଡିଆ ଜରିଆରେ ଏକ ପୋଷ୍ଟ ସେୟାର କରି ତାଙ୍କ ଯନ୍ତ୍ରଣା ବଖାଣିଛନ୍ତି। ସେ ରବିବାର ସୋସିଆଲ ମିଡିଆରେ ଏକ ଭାବପ୍ରବଣ ପୋଷ୍ଟ ସେୟାର କରି ଦାବି କରିଛନ୍ତି ଯେ, 'ମୋତେ ଦଳ ଭିତରେ ଅପମାନିତ କରାଯିବା ସହିତ ଦୁର୍ବ୍ୟବହାର କରାଯାଇଛି। କେବଳ ଏତିକି ନୁହେଁ ଚପଲରେ ମାଡ଼ ମାରିବାକୁ ଚେଷ୍ଟା କରାଯାଇଛି। ଏସବୁ ପଛର କାରଣ ହେଉଛି ମୁଁ କୌଣସି ପରିସ୍ଥିତିରେ ସତ୍ୟ ସହିତ ସାଲିସ କରି ନଥିଲି। ଆତ୍ମସମ୍ମାନ ଉପରେ ଆଞ୍ଚ ଆସିବାକୁ ଦେଇ ନଥିଲି। ତେଣୁ ଏଭଳି ନିର୍ଯାତନାର ଶିକାର ହୋଇଛି। ମୋତେ ମୋ ବାପାମାଆ ଏବଂ ଭଉଣୀମାନଙ୍କୁ ଛାଡିବାକୁ ବାଧ୍ୟ କରାଯାଇଛି। ମୋତେ ଅନାଥ ସଜାଇ ଦିଆଯାଇଛି।

ମୋତେ କୁହାଯାଉଛି ମୁଁ ଜଣେ ଖରାପ ଝିଅ। ମୋର ବାପାଙ୍କ ଜୀବନ ବଞ୍ଚାଇବା ପାଇଁ ମୁଁ ଖରାପ କିଡନୀ ଦାନ କରିଛି। ମୁଁ କୋଟି କୋଟି ଟଙ୍କା ନେଇ ଟିକେଟ୍ କିଣିଛି। ଏହାପରେ ଯାଇ ଖରାପ କିଡନୀ ଦାନ କରିଛି। ମୁଁ ସମସ୍ତ ବିବାହିତ ଝିଅ ଏବଂ ଭଉଣୀମାନଙ୍କୁ କହିବାକୁ ଚାହୁଁଛି ଯେ, ଯଦି ଆପଣଙ୍କ ପରିବାରରେ କେହି ପୁଅ କିମ୍ବା ଭାଇ ଅଛନ୍ତି ତେବେ ଭୁଲରେ ମଧ୍ୟ ଆପଣଙ୍କ ବାପାଙ୍କ ଜୀବନ ବଞ୍ଚାନ୍ତୁ ନାହିଁ। ମୁଁ ମୋ ପରିବାର, ମୋର ତିନି ପିଲାଙ୍କ ବିଷୟରେ ଚିନ୍ତା କଲି ନାହିଁ, କିଡନୀ ଦାନ କରିବା ସମୟରେ ମୋ ସ୍ୱାମୀ କିମ୍ବା ଶ୍ୱଶୁର ଘର ଲୋକଙ୍କଠାରୁ କୌଣସି ପ୍ରକାର ଅନୁମତି ନ ନେଇ ନିଜ ଇଚ୍ଛାରେ ଯେଉଁ ତ୍ୟାଗ କରିଛି, ତାହା ଆଜି ମୋ ପାଇଁ ଏକ ମହାପାପ ସାଜିଛି। ଆପଣମାନଙ୍କୁ ଅନୁରୋଧ କେବେ ମୋ ପରି ଭୁଲ କରନ୍ତୁ ନାହିଁ। ଭଗବାନଙ୍କୁ ଏତିକି ପ୍ରାର୍ଥନା ରୋହିଣୀ ଭଳି ଝିଅ କାହାକୁ ନଦିଅନ୍ତୁ।' ଗତ ଶନିବାର ରୋହିଣୀ ଦଳୀୟ ନେତୃତ୍ୱ ବିରୋଧରେ ଗମ୍ଭୀର ଅଭିଯୋଗ ଆଣି କହିଥିଲେ 'ତାଙ୍କର ଆଉ ପରିବାର ନାହିଁ। ତେଜସ୍ୱୀ ଯାଦବଙ୍କ ନିକଟତର ସହଯୋଗୀ ସଞ୍ଜୟ ଯାଦବ ଏବଂ ରମିଜ ତାଙ୍କୁ ବହିଷ୍କାର କରିଛନ୍ତି।' ରୋହିଣୀ ଆଚାର୍ଯ୍ୟଙ୍କ ଏହି ଅଭିଯୋଗ ବିହାର ରାଜନୀତିରେ ହଇଚଇ ସୃଷ୍ଟି କରିଛି।

## ଘର ଛାଡ଼ି ପଳେଇଲେ ଆଉ ୩ ଝିଅ



ପାଟନା,୧୬।୧୧: ବିହାର ନିର୍ବାଚନ ଖରାପ ରେଜଲ୍ଟ ପରେ ଲାଲୁ ପ୍ରସାଦ ଯାଦବଙ୍କ ପରିବାର ଭାଙ୍ଗିବାରେ ଲାଗିଛି। ଝିଅ ରୋହିଣୀ ଦଳ ଛାଡ଼ିବା ସହ ପରିବାର ସହ ସମ୍ପର୍କ ଛିନ୍ନ କରିବାର ଗୋଟିଏ ଦିନ ପରେ ରବିବାର ଲାଲୁଙ୍କର ଅନ୍ୟ ୩ ଝିଅ ପାଟନା ସ୍ଥିତ ପାରିବାରିକ ଘର ଛାଡ଼ି ଦେଇଛନ୍ତି। ଲାଲୁଙ୍କ ୩ ଝିଅ ରାଜଲକ୍ଷ୍ମୀ, ରାଗିଣୀ ଓ ଚନ୍ଦା ସେମାନଙ୍କ ପିଲା ଛୁଆ ଧରି ପରିବାରର ପାଟନା ସ୍ଥିତ ଘରୁ ବାହାରି ଦିଲ୍ଲୀ ଚାଲିଯାଇଛନ୍ତି। ଏଥିରେ ଯାଦବଙ୍କ ପରିବାରରେ ବଡ଼ ଫାଟ ସୃଷ୍ଟି ହୋଇଥିବା ସଂକେତ ମିଳିଛି। ଭୋରରୁ ରାଜଲକ୍ଷ୍ମୀ, ରାଗିଣୀ ଏବଂ ଚନ୍ଦା ଲାଲୁ ଏବଂ ରାବଡୀ ଦେବୀଙ୍କ ଘର ୧୦ ସର୍କୁଲାର ରୋଡରୁ ଚୁପଚାପ୍ ବାହାରି ଚାଲି ଯାଇଛନ୍ତି। ଗତ ଦୁଇ ଦିନ ହେଲା ଦେଖା ଦେଇଥିବା ପାରିବାରିକ ଅଶାନ୍ତୋଷରୁ ସେ ବିରକ୍ତି ହୋଇ ଘର ଛାଡ଼ିଥିବା ଜଣାପଡ଼ିଛି। ତେବେ ସମସ୍ତଙ୍କ ନଜର ତେଜସ୍ୱୀ ଯାଦବଙ୍କ ଉପରେ ରହିଛି।

ମେକ୍ସିକୋରେ 'ଜେନ୍ ଜି' ମାତିଲେ

# ରାଷ୍ଟ୍ରପତିଙ୍କ ଘର ଉପରେ ଆକ୍ରମଣ, ୧୨୦ ଆହତ




ମେକ୍ସିକୋ ସିଟି, ୧୬।୧୧: ମେକ୍ସିକୋରେ ଜେନ୍-ଜି ବିଦ୍ରୋହ। ସରକାର ଏବଂ ପୁଲିସ ବିରୋଧରେ ରାସ୍ତାକୁ ଓହ୍ଲାଇଲେ ଶହଶହ ଯୁବକ। ଧାରଣ ଦେଇ ପ୍ରତିବାଦ କଲେ। ଦେଶରେ ବଢୁଥିବା ଅପରାଧ ଏବଂ ହିଂସା ବିରୋଧରେ ଏଥର ମେକ୍ସିକୋରେ ଏକାଠି ହୋଇଛନ୍ତି ଜେନ୍-ଜି। ବିକ୍ଷୋଭ ବେଳେ ପ୍ରଦର୍ଶନକାରୀମାନେ ହାତରେ ଜେନ୍-ଜିର ପ୍ଲାକାର୍ଡ ଧରିଥିବା ଦେଖିବାକୁ ମିଳିଥିଲା। ଜଣେ ମେୟରଙ୍କ ହତ୍ୟା ପ୍ରତିବାଦରେ ସେମାନେ ରାସ୍ତାକୁ ଓହ୍ଲାଇଥିବା ଜଣାପଡିଛି। କେବଳ ଏତିକି ନୁହେଁ ଗତ କିଛି ମାସ ହେଲା ଦେଶରେ ଅପରାଧ ବଢ଼ିଛି। ଯାହା ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଥିଲା। ସରକାର କିଛି କରୁନଥିବା ସେମାନେ ଅଭିଯୋଗ କରୁଥିଲେ। ଯାହାର ପ୍ରତିବାଦ ସ୍ୱରୂପ ଜେନ-ଜି କମ୍ୟୁନିଟି ସାମ୍ନାକୁ ଆସିଛି।

ରିପୋର୍ଟ ଅନୁସାରେ, ନଭେମ୍ବର ୧ ତାରିଖରେ ମେକ୍ସିକୋ ୟୁରୁଆପନ୍ ମେୟରଙ୍କୁ ଗୁଳି କରିହତ୍ୟା କରାଯାଇଥିଲା। ଦେଶର ଏକ ଛୁଟି ଦିନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ହତ୍ୟାକାଣ୍ଡ ହୋଇଥିଲା। ଯାହାକୁ ଜେନ-ଜି ଗୁରୁତର ସହ ନେଇଛନ୍ତି। ତାଙ୍କୁ ହତ୍ୟା କରାଯାଇନାହିଁ ବରଂ ସରକାର ମାରିଛନ୍ତି ବୋଲି ଜେନ-ଜି କହୁଛନ୍ତି। କିଛି ଜେନ-ଜି ପ୍ରଦର୍ଶନକାରୀ ମେକ୍ସିକୋ ରାଷ୍ଟ୍ରପତି ରହୁଥିବା ଘର ଅଭିମୁଖେ ଯାଇଥିଲେ। ସେଠାରେ ଲାଗିଥିବା ତାରବାଡକୁ କାଟି ପକାଇଥିଲେ। ଫଳରେ ପୁଲିସ ସହ ସେମାନଙ୍କ ସଂଘର୍ଷ ହୋଇଥିଲା। ଯେଉଁଥିରେ ୧୦୦ରୁ ଅଧିକ ପୁଲିସ ଅଧିକାରୀ ଆହତ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୪୦ ଜଣ ଗୁରୁତର ରହି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏତଦ୍ ବ୍ୟତୀତ ୨୦ ଜଣ ସାଧାରଣ ଲୋକ ଆହତ ହୋଇଛନ୍ତି। ଏହାସହ ୨୦ ଜଣଙ୍କୁ ଗିରଫ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ ମେକ୍ସିକୋ ରାଷ୍ଟ୍ରପତି ସେନବାଉମ୍ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏଥିରେ ଦେଶର ଅରାଜକତା ପାଇଁ ବାହ୍ୟଶକ୍ତିର ହାତ ଥିବା ସେ ଅଭିଯୋଗ କରିଥିଲେ। ମେକ୍ସିକୋରେ ସରକାର ଭାଙ୍ଗିବାକୁ ଏହା ଚକ୍ରାନ୍ତ ବୋଲି ସେ କହିଥିଲେ।

ସ୍ତ୍ରୀକୁ ହତ୍ୟାକରି ମୁଣ୍ଡ ଧରି ତାଣ୍ଡବ ଘଟଣା

## ୨୨ ମାସରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ



କୋଲକାତା, ୧୬।୧୧(ସଂଚାର ବ୍ୟୁରୋ): ପଟାଶପୁରରେ ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ହତ୍ୟାକରି ତାଙ୍କ କଟା ମୁଣ୍ଡ ରାସ୍ତାରେ ବୁଲାଇଥିଲେ। କାନ୍ଥୀ ମହକୁମା କୋର୍ଟ ସେହି ନିର୍ମମ ହତ୍ୟା ପାଇଁ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ସହିତ ଜରିମାନା ମଧ୍ୟ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ କାରାଦଣ୍ଡର ନିର୍ଦ୍ଦେଶ ଦିଆଯାଇଛି। ଶନିବାର ଅତିରିକ୍ତ ଜିଲ୍ଲା ସେସନ୍ସ ଜଜ୍ ଶୁଭଦୀପ ଚୌଧୁରୀ ଏହି ଦଣ୍ଡାଦେଶ ଘୋଷଣା କରିଛନ୍ତି। ଘଟଣାର ୨୨ ମାସ ମଧ୍ୟରେ କୋର୍ଟ ଗୌତମ ଗୁଚୈତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଘଟଣାରେ ମୋଟ ୧୮ ଜଣ ସାକ୍ଷ୍ୟ ଦେଇଥିଲେ। ମାମଲାର ସରକାରୀ ଓକିଲ ମଞ୍ଜୁର ରହମାନ ଖାନ ଅଛନ୍ତି। ଉଲ୍ଲେଖନୀୟ ଯେ ଫେବୃଆରୀ ୧୪, ୨୦୧୪ରେ, ସ୍ୱାମୀ ଗୌତମ ତାଙ୍କ ୨୬ ବର୍ଷୀୟା ପତ୍ନୀ ଫୁଲରାଣୀ ଗୁଛାଇତଙ୍କୁ ହତ୍ୟା କରିଥିଲେ। ତାଙ୍କ ସ୍ତ୍ରୀର ଅନ୍ୟ ପ୍ରେମ ସମ୍ପର୍କ ଥିବା ସନ୍ଦେହ କରି ସ୍ୱାମୀ ତାଙ୍କୁ ହତ୍ୟା କରିଥିଲେ। ଘଟଣା ଦିନ ଫୁଲରାଣୀ ରୋଷେଇ ଘରେ ଥିଲେ, ସେହି ସମୟରେ ଗୌତମ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ତାଙ୍କ ସ୍ତ୍ରୀର ମୁଣ୍ଡକୁ ତାଙ୍କ ଗଣ୍ଡିରୁ ଅଲଗା କରିଥିଲେ। ଏହା ପରେ, ସେ କଟା ମୁଣ୍ଡ ହାତରେ ଧରି ସମଗ୍ର ଗାଁରେ ବୁଲିଥିଲେ। ତାଙ୍କ ହାତରେ ରକ୍ତ ଲାଗିଥିବା ଛୁରୀ ଥିଲା। ପୁଲିସ ମୃତଦେହ ଏବଂ କଟା ମୁଣ୍ଡ ଉଦ୍ଧାର କରି ଯୁବକଙ୍କୁ ଗିରଫ କରିଇଥିଲା। ଫୁଲରାଣୀଙ୍କ ଭାଇ ପ୍ରଶାନ୍ତ ଦାସାଧିକାରୀ ହତ୍ୟାକାରୀକୁ ଆଜୀବନ ଦଣ୍ଡ ନୁହେଁ, ମୃତ୍ୟୁଦଣ୍ଡ ଦାବି କରିଛନ୍ତି।

## ବ୍ରାଜିଲରେ ପ୍ରକୃତିର ସୁରକ୍ଷା ପାଇଁ ବିକ୍ଷୋଭ

ଆନ୍ଦୋଳନ କଲେ ହଜାର ହଜାର ପରିବେଶବିତ୍




ନୂଆଦିଲ୍ଲୀ, ୧୬।୧୧: ଜଳବାୟୁ ପରିବର୍ତ୍ତନ୍‌ ମୁକାବିଲା ପାଇଁ ତାତିଲେ ଲୋକେ। ରାସ୍ତାକୁ ଓହ୍ଲାଇ କଲେ ଆନ୍ଦୋଳନ। ବ୍ରାଜିଲରେ ଏକାଠି ହେଲେ ହଜାର ହଜାର ପରିବେଶବିତ୍। ନିଜ ନିଜ ଦାବି ରଖିଲେ। ବ୍ରାଜିଲର ବେଲେମରେ ସାମ୍ନାକୁ ଆସିଛି ଏମିତି ଚିତ୍ର। ଆମେରିକା ସମେତ ବିଶ୍ୱର ଅନେକ ସ୍ଥାନରେ ଚାଲିଥିବା ବେଆଇନ ଖଣି ଉତ୍ତୋଳନ, ଜଙ୍ଗଲ ନଷ୍ଟ, କଳ କାରଖାନାରୁ ନିର୍ଗତ ପ୍ରଦୂଷଣ ବିରୋଧରେ ଗର୍ଜିଛନ୍ତି ଆନ୍ଦୋଳନକାରୀ। ଏସବୁ ଉପରେ ରୋକ୍ ଲଗାଯିବା ଦରକାର ବୋଲି ସେମାନେ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ବ୍ରାଜିଲ, ପେରୁ, ଫ୍ରାନ୍ସ ଏବଂ ଭେନେଜୁଏଲାରେ ଅନେକ ଶିଳ୍ପକୁ ଘରୋଇକରଣ କରାଯାଉଛି। ଯାହା ନିଜ ଲାଭ ପାଇଁ ପରିବେଶକୁ ନଷ୍ଟ କରୁଛି। ଜଳବାୟୁ ପରିବର୍ତ୍ତନ ଏଥିପାଇଁ ଦାୟୀ। ବିଭିନ୍ନ ପ୍ରାକୃତିକ ସମ୍ବଳକୁ ସେମାନେ ମନଇଚ୍ଛା ବ୍ୟବହାର କରୁଛନ୍ତି। ପେଟ୍ରୋଲ-ଡିଜେଲ ଆଦିର ବହୁଳ ବ୍ୟବହାର ମଧ୍ୟ ପରିବେଶ ଉପରେ ନକରାତ୍ମକ ପ୍ରଭାବ ପକାଉଛି। ଯାହା ଆଗକୁ ଭୟଙ୍କର ବିପତ୍ତିର କାରଣ ହେବ। ଏସବୁକୁ ନଜରରେ ରଖି ବ୍ରାଜିଲରେ ବେଲେମରେ ଜନତା ରାସ୍ତାକୁ ଓହ୍ଲାଇଥିଲେ। କାରଣ ଏଠାରେ କୋପ୍-୩୦ର ଆୟୋଜନ ହେଉଛି। ଏହି କୋପ୍-୩୦ ସମ୍ମିଳନୀ ସାରା ବିଶ୍ୱରେ କିପରି ଜଳବାୟୁ ପରିବର୍ତ୍ତନର ମୁକାବିଲା କରିହେବ ସେନେଇ ଯୋଜନା ପ୍ରସ୍ତୁତ କରିଥାଏ। ଏହାସହ ଅନେକ ଦେଶକୁ କିଛି ଟାର୍ଗେଟ୍ ମଧ୍ୟ ପ୍ରଦାନ କରିଥାଏ।

## ପଥର ଖଣିରେ ଫସିଛନ୍ତି ୧୫ରୁ ଉର୍ଦ୍ଧ୍ୱ ଶ୍ରମିକ

ଲକ୍ଷ୍ନୌ, ୧୬।୧୧: ଉତ୍ତରପ୍ରଦେଶ ସୋନଭଦ୍ରରେ ଅଘଟଣ। ପଥରଖଣିରେ ଫସି ରହିଛନ୍ତି ୧୫ରୁ ଅଧିକ ଶ୍ରମିକ। ଶନିବାର କାମ କରୁଥିବା ସମୟରେ ବଡ ଖଣିଖାଦାନର ଏକ ଅଂଶ ଭାଙ୍ଗିଯିବା ଫଳରେ ରାସ୍ତା ଅବରୋଧ ହୋଇଯାଇଛି। ଏଥସହ ପଥରଖଣ୍ଡ ତଳେ ଚାପି ହୋଇ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଶନିବାର କାମ ଚାଲିଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଅନ୍ୟ ଶ୍ରମିକମାନେ ବିପଦସଙ୍କୁଳ ସ୍ଥିତିରେ ଥିବାବେଳେ ପ୍ରଶାସନ ତା ଉପରେ ନଜର ରଖିଛି। ଘଟଣାସ୍ଥଳରେ ଏନଡିଆରଏଫ ଓ ଏସଡିଆରଏଫ ଟିମ ପହଞ୍ଚି ଉଦ୍ଧାର କାମ ଜାରି ରଖିଛନ୍ତି। ସେପଟେ ଘଟଣା ବାବଦରେ ଟିକିନିଖି ତଥ୍ୟ ନେବା ସହିତ ସୁରକ୍ଷିତ ଭାବେ କିଭଳି ଶ୍ରମିକଙ୍କୁ ଉଦ୍ଧାର କରାଯିବ, ସେନେଇ ଚେଷ୍ଟା ଚାଲିଥିବା କହିଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।

## ବିହାରରୁ ଏନ୍‌ଡିଏକୁ ମିଳିବ ୧୦ ରାଜ୍ୟସଭା ଆସନ

ପାଟନା,୧୬।୧୧: ବିହାର ନିର୍ବାଚନରେ ଏନ୍‌ଡିଏର ବିପୁଳ ବିଜୟ ନରେନ୍ଦ୍ର ମୋଦୀ ସରକାରଙ୍କ ଅବଶିଷ୍ଟ କାର୍ଯ୍ୟକାଳ ମଧ୍ୟରେ ରାଜ୍ୟରେ ହେବାକୁ ଥିବା ଦ୍ୱିବାର୍ଷିକ ନିର୍ବାଚନରେ ଶାସକ ମେଣ୍ଟକୁ ସମସ୍ତ ୧୦ଟି ରାଜ୍ୟସଭା ଆସନରେ ବିଜୟୀ କରିବାରେ ସାହାଯ୍ୟ କରିବ। ଏହି ୧୦ଟି ଆସନ ମଧ୍ୟରୁ ଆର୍‌ଜେଡି ପାଖରେ ବର୍ତ୍ତମାନ ୩ଟି ଆସନ ରହିଛି, ଯାହାର ଅର୍ଥ ହେଉଛି ଏନ୍‌ଡିଏ ବିହାରରୁ ୩ଟି ଆସନ ପାଇ ଉଚ୍ଚ ସଦନରେ ଏହାର ସାମଗ୍ରିକ ସଂଖ୍ୟାରେ ଉନ୍ନତି ଆଣିପାରେ। ୨୪୫ ସାଂସଦ ବିଶିଷ୍ଟ ରାଜ୍ୟସଭାରେ ଏନ୍‌ଡିଏର ୧୩୩ଟି ଆସନ ରହିଛି। ଆସନ୍ତା ବର୍ଷ ପାଞ୍ଚଟି ଆସନର କାର୍ଯ୍ୟକାଳ ଶେଷ ହେବ। ୨୦୨୮ରେ ଅନ୍ୟ ପାଞ୍ଚଟି ଆସନ ଦ୍ୱିବାର୍ଷିକ ମତଦାନର ସମ୍ମୁଖୀନ ହେବ। ନରେନ୍ଦ୍ର ମୋଦୀ ସରକାରଙ୍କ ବର୍ତ୍ତମାନର କାର୍ଯ୍ୟକାଳ ୨୦୨୯ ମେ ମାସରେ ଶେଷ ହେବ। ଆର୍‌ଜେଡିର ପ୍ରେମଚାନ୍ଦ ଗୁପ୍ତା, ଏଡି ସିଂହ, ଉପାଧ୍ୟକ୍ଷ ହରିବଂଶ (ଜେଡିୟୁ), ରାମନାଥ ଠାକୁର (ଜେଡିୟୁ) ଓ ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ସାଂସଦ ଉପେନ୍ଦ୍ର କୁଶୱାହାଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷ ଶେଷ ହେବ। ରାଜ୍ୟସଭା ନିର୍ବାଚନ ଫର୍ମୁଲା ଅନୁଯାୟୀ ପାଞ୍ଚଟି ଆସନରେ ନିର୍ବାଚନ ହେବାକୁ ଥିବାରୁ ଗୋଟିଏ ଆସନ ଜିତିବା ପାଇଁ ଗୋଟିଏ ଦଳକୁ ଅତି କମ୍‌ରେ ୪୨ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ହେବ। ୨୦୨ଟି ଆସନ ପାଇଥିବା ଏନ୍‌ଡିଏକୁ ପ୍ରଥମ ପସନ୍ଦ ଭୋଟରେ ୪ଟି ଆସନ ମିଳିବ। ଯେହେତୁ ଆର୍‌ଜେଡି ନେତୃତ୍ୱାଧୀନ ମହାଗଠବନ୍ଧନରେ ଗୋଟିଏ ଆସନ ଜିତିବା ପାଇଁ ଆବଶ୍ୟକ ୪୨ ଭୋଟ୍ ନାହିଁ, ତେଣୁ ଏନ୍‌ଡିଏ ଦ୍ୱିତୀୟ ପସନ୍ଦ ଭୋଟରେ ପଞ୍ଚମ ଆସନରେ ଜିତିପାରେ। ୨୦୨୮ରେ ଆର୍‌ଜେଡିର ଫୟାଜ ଅହମଦ, ବିଜେପିର ସତୀଶ ଚନ୍ଦ୍ର ଦୁବେ, ଜେଡିୟୁର ଖିରୁ ମାହାତୋ, ବିଜେପିର ମନନ କୁମାର ମିଶ୍ର ଓ ବିଜେପିର ଶମ୍ଭୁ ଶରଣ ପଟେଲଙ୍କ କାର୍ଯ୍ୟକାଳ ଶେଷ ହେବ।

● 'ଏସ୍‌ଆଇଆର୍' ଭୟରେ ବାଂଲାଦେଶ ଫେରିଥିଲେ

# ନଦିଆ ସୀମାନ୍ତରୁ ୧୧ ଗିରଫ



କୋଲକାତା,୧୬।୧୧ (ସଂଚାର ବ୍ୟୁରୋ): ଏସ୍‌ଆଇଆର୍ ଆତଙ୍କରେ ରାତିର ଅନ୍ଧାରରେ ବାଂଲାଦେଶ ଫେରିବାକୁ ଚେଷ୍ଟା କରୁଥିଲେ ବାଂଲାଦେଶୀ ଅନୁଅପ୍ରବେଶକାରୀ। ଏହା ପୂର୍ବରୁ, ସୀମାନ୍ତ ଅଞ୍ଚଳରେ ୧୧ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଗିରଫ କରାଯାଇଛି। ଶନିବାର ବିଳମ୍ବିତ ରାତିରେ ନଦୀଆର ହଂସଖାଲି ସୀମାନ୍ତ ଅଞ୍ଚଳରୁ ସେମାନଙ୍କୁ ଧରାଯାଇଛି। ଅଭିଯୋଗ ହୋଇଛି ଯେ, ସେମାନେ ବହୁ ଦିନ ଧରି ବାଂଲାଦେଶରୁ ଭାରତରେ ଅନୁପ୍ରବେଶ କରି ରହୁଥିଲେ।

ବଙ୍ଗଳାରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହି ପରିବେଶରେ, ଅନୁପ୍ରବେଶକାରୀମାନେ ଭୟରେ ସୀମାପାର କରି ବାଂଲାଦେଶ ଫେରିବାକୁ ଚେଷ୍ଟା କରୁଛନ୍ତି। ରାଜ୍ୟର ବିଭିନ୍ନ ସୀମା ଦେଇ ବାଂଲାଦେଶ ଫେରିବା ପୂର୍ବରୁ ଅନୁପ୍ରବେଶକାରୀମାନଙ୍କୁ ପୁଲିସ ଏବଂ ବିଏସ୍‌ଏଫ୍ ଯବାନମାନେ ଧରିବାରେ ଲାଗିଛନ୍ତି। ବର୍ତ୍ତମାନ ସେହି ପରିବେଶରେ ଶନିବାର ରାତିରେ ନଦୀଆର ହଂସଖାଲି ସୀମାନ୍ତ ଅଞ୍ଚଳରେ ୧୧ ଜଣ ଅନୁପ୍ରବେଶକାରୀଙ୍କୁ ଧରାଯାଇଛି। କିଛି ଅଜଣା ପୁରୁଷ ଓ ମହିଳାଙ୍କୁ ଅଞ୍ଚଳରେ ବୁଲୁଥିବା ଦେଖି ସ୍ଥାନୀୟ ବାସିନ୍ଦାଙ୍କ ସନ୍ଦେହ ହୋଇଥିଲା। ହଂସଖାଲି ଥାନାକୁ ସୂଚନା ଦିଆଯାଇଥିଲା। କିଛି ସମୟ ମଧ୍ୟରେ ପୁଲିସ ଆସି ସେମାନଙ୍କୁ ଅଟକାଇ ପଚରାଉଚରା ଆରମ୍ଭ କରିଥିଲା। ସେମାନଙ୍କ ବୟାନରେ ଅନେକ ଅସଙ୍ଗତି ଦେଖିବାକୁ ମିଳିଥିଲା। ସେମାନଙ୍କ ପାଖରେ କୌଣସି ବୈଧ ଭାରତୀୟ ପରିଚୟପତ୍ର ନଥିଲା। ପରେ ପଚରାଉଚରା ସମୟରେ ସେମାନେ ଅନୁପ୍ରବେଶକାରୀ ବୋଲି ସ୍ୱୀକାର କରିଥିଲେ। ଏସ୍‌ଆଇଆର୍ ଆରମ୍ଭ ହେବାରୁ ସେମାନେ ଧରାପଡ଼ିବା ଭୟରେ ଗୁପ୍ତ ଭାବରେ ବାଂଲାଦେଶ ଫେରିବାକୁ ଯୋଜନା କରିଥିଲେ। ସେଥିପାଇଁ ସେମାନେ ରାତିରେ ସୀମାର ସେହି ଅଞ୍ଚଳରେ ଏକାଠି ହୋଇଥିଲେ। ଏହା ପରେ, ପୁଲିସ ସେମାନଙ୍କୁ ଗିରଫ କରିଥିଲା।

## ବଦଳିଲା ଦିଲ୍ଲୀର ୩ ମେଟ୍ରୋ ଷ୍ଟେସନର ନାମ



ନୂଆଦିଲ୍ଲୀ,୧୬।୧୧: ଦିଲ୍ଲୀ ମେଟ୍ରୋ ସମ୍ପର୍କରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଦିଲ୍ଲୀର ତିନୋଟି ମେଟ୍ରୋ ଷ୍ଟେସନର ନାମ ପରିବର୍ତ୍ତନ କରାଯିବ। ରାଜ କଳଶ ଯାତ୍ରାରେ ଅଂଶଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହା ଘୋଷଣା କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିତାମପୁରା ମେଟ୍ରୋ ଷ୍ଟେସନ, ପ୍ରଶାନ୍ତ ବିହାର ମେଟ୍ରୋ ଷ୍ଟେସନ ଏବଂ ହାଇଦରପୁର ବାଦଲି ମୋଡ଼ ଷ୍ଟେସନର ନାମ ପରିବର୍ତ୍ତନ କରାଯିବ। ରେଜାଙ୍ଗ ଲା ଯୁଦ୍ଧର ସାହସୀ ସହିଦମାନଙ୍କୁ ସମ୍ମାନ ଜଣାଇବା ପାଇଁ ଏକ ରାଜ କଳଶ ଯାତ୍ରା ଅନୁଷ୍ଠିତ ହେଉଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ଏହି ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ପିତମପୁରା ମେଟ୍ରୋ ଷ୍ଟେସନ ଏବେ ମଧୁବନ ଚୌକ ଭାବରେ ଜଣାଯିବ। ପ୍ରଶାନ୍ତ ବିହାର ମେଟ୍ରୋ ଷ୍ଟେସନର ନାମ ପରିବର୍ତ୍ତନ କରି ଉତ୍ତର ପିତମପୁରା/ପ୍ରଶାନ୍ତ ବିହାର କରାଯାଇଛି। ହାଇଦରପୁର ବାଦଲି ମୋଡ଼ର ନାମ ପରିବର୍ତ୍ତନ କରି ହାଇଦରପୁର ଗାଁ ରଖାଯାଇଛି। ମ୍ୟାକ୍ସ ହସ୍ପିଟାଲ ରାସ୍ତାକୁ ପ୍ରଶସ୍ତ କରିବା ଏବଂ ଏକ ଅଣ୍ଡରପାସ୍ ନିର୍ମାଣ କରିବା ପାଇଁ ମଧ୍ୟ କାମ ଦ୍ରୁତ ଗତିରେ ଚାଲିଛି।

## ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ, ୭ ମୃତ



କରାଚୀ,୧୬।୧୧ : ପାକିସ୍ତାନର ସିନ୍ଧ ପ୍ରଦେଶରେ ଏକ ବଡ଼ ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ବିସ୍ଫୋରଣ ଏକ ଅବୈଧ ଅସ୍ଥାୟୀ ବାଣ ଫ୍ୟାକ୍ଟ୍ରିରେ ହୋଇଥିବା ଜଣାପଡିଛି। ଶନିବାର ରାତିରେ ହାଇଦ୍ରାବାଦ ସହରର ଲତିଫାବାଦ ଅଞ୍ଚଳରେ ଏକ ଅଣଲାଇସେନ୍ସ ପ୍ରାପ୍ତ ବାଣ ତିଆରି ୟୁନିଟରେ ଏହି ବିସ୍ଫୋରଣ ଘଟିଥିବା ସୂଚନା ମିଳୁଛି। ସୂଚନାନୁଯାୟୀ, ଲତିଫାବାଦ ପୁଲିସ ଷ୍ଟେସନ ନିକଟରେ ଲାଗାରି ଗୋଥ୍ ନଦୀ କୂଳରେ ଥିବା ଏକ ବାଣ କାରଖାନାରେ ଏକ ବଡ଼ ବିସ୍ଫୋରଣ ଘଟିଛି। ବିସ୍ଫୋରଣରେ ଘର ଭୁଶୁଡ଼ି ପଡିଥିବାରୁ କିଛି ଲୋକ ଏବେ ବି ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଏପର୍ଯ୍ୟନ୍ତ ଭଗ୍ନାବଶେଷ ମଧ୍ୟରୁ ସାତ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଅଧିକାରୀମାନେ କହିଛନ୍ତି। ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଉଦ୍ଧାରକାରୀ ଟିମ୍ ଚେଷ୍ଟା କରୁଛନ୍ତି ବୋଲି କୌଣସି ଏକ ସୂତ୍ରରୁ ପ୍ରକାଶ ପାଇଛି। ଏହାରି ମଧ୍ୟରେ ସିନ୍ଧ ମୁଖ୍ୟମନ୍ତ୍ରୀ ମୁରାଦ ଅଲି ଶାହ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ନୀତୀଶ ସରକାରଙ୍କ ବିରୋଧରେ ଅଭିଯୋଗ

# ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟିର ଦୁରୁପଯୋଗ ହୋଇଛି

ପାଟନା,୧୬।୧୧: ବିହାର ନିର୍ବାଚନ ଶେଷ ହେବା ପରେ ବିରୋଧୀ ଦଳମାନଙ୍କର ଗୋଟିଏ ପରେ ଗୋଟିଏ ବଡ଼ ଅଭିଯୋଗ ସାମ୍ନାକୁ ଆସୁଛି। ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ନୀତୀଶ ସରକାରଙ୍କ ବିରୁଦ୍ଧରେ ଏକ ବଡ଼ ଅଭିଯୋଗ ଆଣିଛି। ବିକାଶ ପ୍ରକଳ୍ପ ପାଇଁ ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪,୦୦୦ କୋଟି ଟଙ୍କାକୁ ନୀତୀଶ ସରକାର ଦୁରୁପଯୋଗ କରିଛନ୍ତି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମହିଳାମାନଙ୍କୁ ଯେଉଁ ୧୦,୦୦୦ ଟଙ୍କା ନଗଦ ହସ୍ତାନ୍ତର କରାଯାଇଥିଲା, ତାହା ଏହି ଟଙ୍କାରୁ ଦିଆଯାଇଥିଲା। ଏଥିପାଇଁ ନିର୍ବାଚନ ପ୍ରଭାବିତ ହେଲା ବୋଲି ଦଳ ଅଭିଯୋଗ କରିଛି।

ଦଳ ଅଭିଯୋଗ କରିଛି ଯେ, ଏହା ଲୋକଙ୍କ ଟଙ୍କାର ସ୍ପଷ୍ଟ ଅପବ୍ୟବହାର ଏବଂ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଏକ ଅନୈତିକ ପ୍ରୟାସ କରାଯାଇଛି। ତେଣୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ। ନିର୍ବାଚନ ପୂର୍ବରୁ ନୀତିଶ କୁମାରଙ୍କ ସରକାର ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ଅଧୀନରେ ୧.୨୫ କୋଟି ମହିଳା ଭୋଟରଙ୍କ ଆକାଉଣ୍ଟକୁ ୧୦,୦୦୦ ଟଙ୍କା ସ୍ଥାନାନ୍ତର କରିଥିଲେ। ଏହା ହିଁ ବିହାରରେ ଏନଡିଏ ସରକାରକୁ ଏଭଳି ବଡ଼ ବିଜୟ ଦେଲା




ବୋଲି ଅନେକ ରାଜନୈତିକ ବିଶ୍ଳେଷକ କହିଛନ୍ତି। ଶନିବାର ଏନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ଜନ ସୁରାଜ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ସିଂହ କହିଛନ୍ତି 'ଏହି ନିର୍ବାଚନର ଫଳାଫଳକୁ ପ୍ରଭାବଶାଳୀ ଭାବରେ କିଣାଯାଇଛି। ଜୁନ୍ ୨୧ ତାରିଖରୁ ଭୋଟ୍ ଦିନ ପର୍ଯ୍ୟନ୍ତ ଏହି ଜନାଦେଶକୁ ସୁରକ୍ଷିତ ରଖିବା ପାଇଁ ପ୍ରାୟ ୪୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ସାଧାରଣ ଲୋକଙ୍କ ଟଙ୍କା ବ୍ୟବହାର କରି ସେମାନେ ମୂଳତଃ ଲୋକଙ୍କ ଭୋଟ୍ କିଣିଥିଲେ। ମୁଁ ଏହା ମଧ୍ୟ ଜାଣିବାକୁ ପାଇଛି ଯେ, ବିଶ୍ୱ ବ୍ୟାଙ୍କରୁ ଲୋକଙ୍କ ଆକାଉଣ୍ଟରେ ନଗଦ ସ୍ଥାନାନ୍ତର ପାଇଁ ବ୍ୟବହାର କରାଯାଇଥିଲା।' ଜେଏସ୍ପି ନେତା ଆହୁରି ଦାବି କରିଛନ୍ତି ଯେ ବିହାରର ଅର୍ଥନୀତି ଏତେ ବିପୁଳ ପରିମାଣର ଟଙ୍କା ପୁନରୁଦ୍ଧାର କରିବାକୁ ସକ୍ଷମ ନୁହେଁ।ଏବଂ ସରକାର କ୍ଷମତାକୁ ଆସିବା ପରେ ଜନକଲ୍ୟାଣ ପାଇଁ ଖର୍ଚ୍ଚ କରିବା ପାଇଁ ଏବେ ଆଉ କିଛି ଟଙ୍କା ବାକି ନାହିଁ। ରାଜ୍ୟ ରାଜକୋଷ ଏବେ ଖାଲି ପଡ଼ିଛି ବୋଲି ଦଳର ପ୍ରବକ୍ତା ପବନ ବର୍ମା ଦାବି କରିଛନ୍ତି।

ନିର୍ବାଚନ ପାଇଁ ଆଚରଣ ସଂହିତା ଲାଗୁ ହେବାର ଗୋଟିଏ ଘଣ୍ଟା ପୂର୍ବରୁ, ୧୪,୦୦୦ କୋଟି ଟଙ୍କା ବାହାର କରି ରାଜ୍ୟର ୧.୨୫ କୋଟି ମହିଳାଙ୍କୁ ବଣ୍ଟନ କରାଯାଇଥିଲା। ବିହାର ଦୁଃସ୍ଥିତି ସମ୍ପର୍କରେ ଦର୍ଶାଇ ବର୍ମା କହିଛନ୍ତି ଯେ ବିହାରର ସାର୍ବଜନୀନ ଋଣ ବର୍ତ୍ତମାନ ୪.୦୬ ଲକ୍ଷ କୋଟି ଟଙ୍କା ହୋଇଛି। ଦୈନିକ ୬୩ କୋଟି ଟଙ୍କା ସୁଧ ବୋଝ ରହିଛି। ତେଣୁ ବର୍ତ୍ତମାନ ରାଜ୍ୟ ରାଜକୋଷ ଖାଲି ପଡ଼ିଛି। ସୂଚନା ଥାଉକି ନଭେମ୍ବର ୧୪ ତାରିଖରେ ବିହାର ନିର୍ବାଚନ ଫଳାଫଳ ଘୋଷଣା ପରେ ପ୍ରଶାନ୍ତ କିଶୋରଙ୍କର ନବଗଠିତ ଜନସୁରାଜ ପାର୍ଟି ୨୩୮ ଆସନରେ ଲଢ଼ିଥିଲେ ବି କୌଣସି ପ୍ରାର୍ଥୀ ଜିତିପାରି ନଥିଲେ।

▶ଅଢ଼େଇ ଦିନରେ ଖେଳ ଶେଷ ▶୧୫ ବର୍ଷ ପରେ ଖାତା ଖୋଲିଲା ଦକ୍ଷିଣ ଆଫ୍ରିକା

# ଭାରତର ଲଜ୍ଜାଜନକ ପରାଜୟ

**କୋଲକାତା, ୧୬।୧୧(ସଂଚାର ବ୍ୟୁରୋ):** ଅଢ଼େଇ ଦିନରେ ଶେଷହେଲା କୋଲକାତା ଟେଷ୍ଟ। ମାଟି କାମୁଡ଼ିଲା ଭାରତ। ୩୦ ରନ୍‌ରେ ବାଜି ମାରିନେଲା ଦକ୍ଷିଣ ଆଫ୍ରିକା। ଘରୋଇ ମାଟିରେ ମାତ୍ର ୧୨୪ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରିବାରେ ଭାରତ ବିଫଳ ହୋଇଥିବା ବେଳେ ୧୫ ବର୍ଷ ପରେ ଭାରତ ମାଟିରେ ଟେଷ୍ଟ ମ୍ୟାଚ୍ ଜିତିଲା ଦକ୍ଷିଣ ଆଫ୍ରିକା। ବିଜୟ ପାଇଁ ଭାରତ ଆଗରେ ୧୨୪ ରନ୍‌ର ଲକ୍ଷ୍ୟ ଥିବା ବେଳେ ଦଳ ୧୦୦ ରନ୍ ବି କରିପାରିଲାନି। ୯୩ ରନ୍‌ରେ ଅଲ୍‌ଆଉଟ୍ ହୋଇଗଲା ଦଳ।



ବୋଲରଙ୍କ ଦବଦବା ରହିଥିବା କୋଲକତା ଟେଷ୍ଟରେ ଗତକାଲି ଖେଳ ବନ୍ଦହେବା ବେଳକୁ ଦକ୍ଷିଣ ଆଫ୍ରିକା ୭ ୱିକେଟ ହରାଇ କରିଥିଲା ୯୩ ରନ୍। ଅଧିନାୟକ ତେମ୍ବା ବଭୂମା ଓ କୋରବିନ ବଚ୍ ଯଥାକ୍ରମେ ୨୯ ଓ ୧ ରନ୍ କରି ଅପରାଜିତ ରହିଥିଲେ। ଆଜି ତୃତୀୟ ଦିନରେ ଏହି ଦୁଇ ବ୍ୟାଟରଙ୍କ ମଧ୍ୟରେ ୪୪ ରନ୍‌ର ଭାଗିଦାରୀ ହୋଇଥିଲା। ଏହି ଯୋଡ଼ିକୁ ଭାଙ୍ଗିବାକୁ ଭାରତୀୟ ବୋଲରଙ୍କୁ ପ୍ରାୟ ୧୪ ଓଭର ଅପେକ୍ଷା କରିବାକୁ ପଡ଼ିଥିଲା। ୪୭.୧ ଓଭରରେ କୋରବିନ ବଚ୍‌ଙ୍କୁ ବୋଲ୍ଡ କରିଥିଲେ ଯଶପ୍ରୀତ ବୁମ୍ରା। ସେତେବେଳକୁ ବଚ୍ ତାଙ୍କ ଖାତାରେ ଆହୁରି ୨୪ ରନ୍ ଯୋଡ଼ି ସାରିଥିଲେ। ସେ ୩୭ଟି ବଲ୍‌ରୁ ୨ ଚୌକା ଓ ଗୋଟିଏ ଛକା ସହାୟତାରେ ୨୫ ରନ୍ କରି ଆଉଟ୍ ହୋଇଥିଲେ। କିନ୍ତୁ ଶେଷ ପର୍ଯ୍ୟନ୍ତ ତେମ୍ବା ବଭୂମାଙ୍କୁ ଆଉଟ୍ କରିପାରିନଥିଲେ ଭାରତୀୟ ବୋଲର। ସେ ୧୩୬ଟି ବଲ୍‌ରୁ ୪ ଚୌକା ସହାୟତାରେ ୫୫ ରନ୍ କରି ଅପରାଜିତ ରହିଥିଲେ।

ସିମନ ହାରମେର ୭ ରନ୍ କରି ଆଉଟ୍ ହୋଇଥିବା ବେଳେ କେଶବ ମହାରାଜ ଖାତା ଖୋଲିପାରି ନଥିଲେ। କେଶବ ମହାରାଜ ଆଉଟ୍ ହେବା ପରେ ଦକ୍ଷିଣ ଆଫ୍ରିକାର ଇନିଂସ ଶେଷ ହୋଇଥିଲା। ଦଳ ୧୫୩ ରନ୍ କରି ଅଲ୍ ଆଉଟ୍ ହେବା ପରେ ପ୍ରଥମ ଇନିଂସରେ ୩୦ ରନ୍‌ର ଲିଡ୍ ନେଇଥିବା ଭାରତ ଆଗରେ ବିଜୟୀ ପାଇଁ ରହିଥିଲା ୧୨୪ ରନ୍‌ର ଲକ୍ଷ୍ୟ।

ଆହତ ଅଧିନାୟକ ଶୁବମନ ଗିଲଙ୍କ ଅନୁପସ୍ଥିତିରେ ଭାରତୀୟ ଟିମ୍ ପାଇଁ ୧୨୪ ରନ୍‌ର ବିଜୟ ଲକ୍ଷ୍ୟକୁ ଛୁଇଁବା କଷ୍ଟକର ହୋଇପଡ଼ିଥିଲା। ଦଳକୁ ଆରମ୍ଭରୁ ଲାଗିଥିଲା ବଡ଼ ଝଟକା। ୧ ରନ୍‌ରେ ଦଳ ହରାଇଥିଲା ୨ଟି ୱିକେଟ୍। ପ୍ରଥମ ଓଭରରେ ଖାତା ଖୋଲି ନପାରି ମାର୍କୋ ଜାନସେନଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ ଯଶସ୍ୱୀ ଜୈସୱାଲ। ୨.୧ ଓଭରରେ ମାତ୍ର ୧ ରନ୍ କରି ମାର୍କୋ ଜାନସେନଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ କେଏଲ ରାହୁଲ। ଏହା ପରେ ମ୍ୟାଚ୍‌କୁ ଆଗେଇ ନେଇଥିଲେ ୱାଶିଂଟନ ସୁନ୍ଦର ଓ ଧ୍ରୁବ ଜୁରେଲ। ଦୁହେଁ ଧୈର୍ଯ୍ୟର ସହିତ ଖେଳୁଥିବା ବେଳେ ୧୪.୬ ଓଭରରେ ଆଉଟ୍ ହୋଇଥିଲେ ଧ୍ରୁବ ଜୁରେଲ। ସେ ୩୪ଟି ବଲ୍‌ରୁ ୧୩ ରନ୍ କରି ଆଉଟ୍ ହୋଇଥିଲେ। ସେତେବେଳକୁ ଦଳୀୟ ସ୍କୋର ୩୩ରେ ପହଞ୍ଚିଥିଲା। ତାଙ୍କ ପରେ ଆସିଥିବା ଋଷଭ ପନ୍ତ ମାତ୍ର ୨ ରନ୍ କରି ଆଉଟ୍ ହୋଇଯାଇଥିଲେ। ସିମନ ହାରମେରଙ୍କ ଦ୍ୱାରା ସେ କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ।

ଧ୍ରୁବ ଆଉଟ୍ ହେବା ପରେ କ୍ରିଜ୍‌କୁ ଆସିଥିବା ରବୀନ୍ଦ୍ର ଜାଡେଜାଙ୍କୁ ସାଥୀ କରି ୱାଶିଂଟନ ସୁନ୍ଦର ମ୍ୟାଚ୍‌କୁ ଆଗେଇ ନେଇଥିଲେ। ଜାଡେଜା ଅଧିକ ସମୟ କ୍ରିଜ୍‌ରେ ରହିପାରି ନଥିଲେ। ସେ ୨୬ଟି ବଲ୍‌ରୁ ୧୮ ରନ୍ କରି ସିମନ ହାରମେରଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସେ ଆଉଟ୍ ହେବାର ୨ ଓଭର ପରେ ୱାଶିଂଟନ ସୁନ୍ଦର ଆଉଟ୍ ହୋଇଯାଇଥିଲେ। ସେ ୯୨ଟି ବଲ୍‌ରୁ ୩୧ ରନ୍ କରିଥିଲେ। ଅକ୍ଷର ପଟେଲ ୧୭ ବଲ୍‌ରୁ ୨୬ ରନ୍ କରିଥିବା ବେଳେ କୁଲଦୀପ ଯାଦବ ୧ ରନ୍ କରିଥିଲେ। ମହମ୍ମଦ ସିରାଜ ଖାତା ଖୋଲିପାରି ନଥିବା ବେଳେ ଯଶପ୍ରୀତ ବୁମ୍ରା ଶୂନରେ ଅପରାଜିତ ରହିଥିଲେ। ଆହତ ହୋଇଥିବା ଯୋଗୁ ଅଧିନାୟକ ଶୁବମନ ଗିଲ୍ ବ୍ୟାଟିଂ କରିବାକୁ ନଆସିପାରିବାରୁ ସିରାଜ ଆଉଟ୍ ହେବା ପରେ ଭାରତର ଦ୍ୱିତୀୟ ଇନିଂସ ଶେଷ ହୋଇଥିଲା ଓ ଦଳ ୩୦ ରନ୍‌ରେ ପରାସ୍ତ ହୋଇଥିଲା। ଦକ୍ଷିଣ ଆଫ୍ରିକା ତରଫରୁ ସିମନ ହାରମେର ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ଜାନସେନ ଓ କେଶବ ମହାରାଜ ୨ଟି ଲେଖାଏ ୱିକେଟ୍ ପାଇଥିଲେ। ଏଡେନ ମାର୍କରମ ଗୋଟିଏ ୱିକେଟ୍ ନେଇଥିଲେ। କୋଲକାତା ଟେଷ୍ଟରେ ବିଜୟୀ ହେବା ସହିତ ଦୁଇଟି ମ୍ୟାଚ୍ ବିଶିଷ୍ଟ ଚଳିତ ଟେଷ୍ଟରେ ୧-୦ରେ ଆଗୁଆ ରହିଛି ଦକ୍ଷିଣ ଆଫ୍ରିକା। ଦ୍ୱିତୀୟ ମ୍ୟାଚ୍ ନଭେମ୍ବର ୨୨ ତାରିଖରୁ ଆରମ୍ଭ ହେବ।

ଭତ୍ତା ଟଙ୍କା ଏବଂ ଦ୍ୱିତୀୟ ବିବାହକୁ ନେଇ ବଚସା

## ବାପାଙ୍କୁ ହତ୍ୟା, ପୁଅ ଗିରଫ

**କବିସୂର୍ଯ୍ୟନଗର, ୧୬।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଏ. ବରିଡା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା । ଜନ୍ମକଲା ବାପାଙ୍କୁ ହତ୍ୟା କଲା ପୁଅ । ମୃତକ ଗ୍ରାମର ପଦ୍ମନାଭ ସାହୁ ହୋଇଥିବା ବେଳେ ମଝିଆ ପୁଅ ରମେଶ ଚନ୍ଦ୍ର ସାହୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଭତ୍ତା ଟଙ୍କା ଏବଂ ଦ୍ୱିତୀୟ ବିବାହ କରିବାକୁ ନେଇ ଗତ ରାତିରେ ବାପା ସହ କଳହ କରିଥିଲା ରମେଶର । ପରେ ତାହା ଉଗ୍ରରୂପ ନେବା ସହ ଛୁରୀ ଭୁସି ଓ ପିଟିପିଟି ବାପାକୁ ହତ୍ୟା କରିଛି ପୁଅ । ହତ୍ୟା ଘଟଣା ନେଇ ମୃତକଙ୍କ ବଡ଼ ପୁଅ ଥାନା ଅଭିଯୋଗ ପରେ ପୁଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାକାରୀ ପୁଅକୁ ଅଟକ ରଖିଛି ପୁଲିସ । ଅନ୍ୟପଟେ ପୂର୍ବରୁ ବଡ଼ ଭାଇଙ୍କୁ ମଧ୍ୟ ମାଡ଼ମାରି ରମେଶ ଗୁରୁତର କରିଥିବା ଅଭିଯୋଗ ହୋଇଛି ।

## ଆଜି ୫ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ

**ପୁରୀ, ୧୬।୧୧ (ସଂଚାର ବ୍ୟୁରୋ) :** ମାର୍ଗଶିର ମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହ ମାନଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଏଥିନେଇ ଦ୍ୱିତୀୟ ଭୋଗମଣ୍ଡପ ପରେ ଅପରାହ୍ନ ୫ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରାୟ ୫ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଏକ ଗୁପ୍ତନୀତି। ତେଣୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ। ଶ୍ରୀଜୀଉଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ପଇତା ଲାଗି ଅନ୍ୟତମ। ଶ୍ରୀବିଗ୍ରହ ମାନଙ୍କ ଠାରେ ଦୈନନ୍ଦିନ ଲାଗି ହେଉଥିବା ଚନ୍ଦନରୁ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ନିମନ୍ତେ ପଇତାଲାଗି କରାଯାଇଥାଏ।

## ଭୟାବହ ଦୁର୍ଘଟଣା: ଜଣେ ମୃତ, ୩ ଆହତ

**କୋଲକାତା, ୧୬।୧୧(ସଂଚାର ବ୍ୟୁରୋ):** ଉଲୁବେଡିଆର ମୁମ୍ବାଇ ରୋଡରେ ପୁଣି ଏକ ଦୁର୍ଘଟଣା ଘଟିଛି। ଦୁଇଟି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଦୁଇଟି ଟ୍ରକରେ ଥିବା ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଉଲୁବେଡିଆ ଶରତ ଚନ୍ଦ୍ର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୁଲିସ ଅନୁଯାୟୀ, ଶନିବାର ରାତିରେ ମୁମ୍ବାଇ ରୋଡର ମାନସତଲା ଫ୍ଲାଏଓଭରରେ କୋଲକାତା ଅଭିମୁଖେ ଯାଉଥିବା ଏକ କଣ୍ଟେନର ଟ୍ରକ ନିୟନ୍ତ୍ରଣ ହରାଇ ଡିଭାଇଡରରେ ଧକ୍କା ଦେଇଥିଲା। ଦ୍ରୁତ ଗତି ଯୋଗୁଁ ଗାଡିଟି ଡିଭାଇଡର ପାର ହୋଇ କୋଲାଘାଟ ଆଡ଼କୁ ପ୍ରବେଶ କରିଥିଲା। ସେହି ସମୟରେ ସେହି ଲେନରୁ ଆସୁଥିବା ଏକ ଟ୍ରକ ଗାଡ଼ିକୁ ଧକ୍କା ଦେଇଥିଲା। ଉଭୟ ଟ୍ରକର ଆଗ ଅଂଶ କ୍ଷତିଗ୍ରସ୍ତ ହୋଇଛି। ପୁଲିସ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତରମାନେ ସେଠାରେ ଜଣଙ୍କୁ ମୃତ ଘୋଷଣା କରିଥିଲେ।

## ମୃତ୍ୟୁର ୩୪ ଦିନ ପରେ କବରରୁ ବାହାରିଲା ମୃତଦେହ

**କୋଲକାତା, ୧୬।୧୧(ସଂଚାର ବ୍ୟୁରୋ):** ମୃତ୍ୟୁ ୩୪ ଦିନ ପୂର୍ବରୁ ଘଟିଥିଲା। ରୀତିନୀତି ଅନୁଯାୟୀ କବର ଦିଆଯାଇଥିଲା। କିନ୍ତୁ କବର ପାଇଁ ବାଛି ନିଆଯାଇଥିଲା ବିବାଦୀୟ ଜମି। ଏହା ପରେ, ଜମିର ମାଲିକାନା ନେଇ ବିବାଦ ତୀବ୍ର ହୋଇଥିଲା। ଶେଷରେ, କୋର୍ଟଙ୍କ ନିର୍ଦ୍ଦେଶରେ, ମୃତଦେହକୁ କବରରୁ ବାହାର କରି ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପଡିଲା। ଘଟଣାଟି ପୁରୁଲିଆ-୧ ବ୍ଲକର ଚକଦା ଅଞ୍ଚଳରେ ଘଟିଛି। ଚକଦା ଅଞ୍ଚଳରେ ଏକ ଆଶ୍ରମ ଅଛି। ଆଶ୍ରମ ସଂଲଗ୍ନ ଏକ ଜମିର ମାଲିକାନା ନେଇ ଆଶ୍ରମ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି। ଗ୍ରାମବାସୀଙ୍କ ଏକ ଗୋଷ୍ଠୀ ଦାବି କରିଛନ୍ତି ଯେ, ଏହି ଜମି ପ୍ରକୃତରେ ଏକ କବରସ୍ଥାନ। ଆଶ୍ରମ କର୍ତ୍ତୃପକ୍ଷ ଦାବି କରିଛନ୍ତି ଯେ, ଏହି ଜମି ସେମାନଙ୍କର ସମ୍ପତ୍ତି। ଗ୍ରାମବାସୀମାନେ ଏହାକୁ ଏତେ ଦିନ ଧରି ବ୍ୟବହାର କରିଆସୁଥିଲେ। ଏହାରି ମଧ୍ୟରେ, ଅକ୍ଟୋବର ୧୨ ତାରିଖରେ ସମୀରନ ଅନସାରୀ ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ପରିବାର ଏବଂ ଗ୍ରାମବାସୀ ବିବାଦୀୟ ଜମିରେ ତାଙ୍କ ମୃତଦେହକୁ କବର ଦେଇଥିଲେ। ଏହି ପରିପ୍ରେକ୍ଷୀରେ, ଆଶ୍ରମ କର୍ତ୍ତୃପକ୍ଷ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ସେଠାରୁ, ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଦିନ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏବଂ ପୁଲିସ ଉପସ୍ଥିତିରେ ମୃତଦେହକୁ କବରରୁ ବାହାର କରାଯାଇଥିଲା। ଶବକୁ ଶବବାହକ ଗାଡ଼ିରେ ଅନ୍ୟ ଏକ ସ୍ଥାନରେ କବର ଦିଆଯାଇଥିଲା।

## ଗୁମ୍ଫାରୁ ବିପୁଳ ପରିମାଣର ବିସ୍ଫୋରକ ଜବତ

**ମାଲକାନଗିରି, ୧୬।୧୧ (ସଂଚାର ବ୍ୟୁରୋ) :** ପୁଲିସ ଓ ବିଏସଏଫଙ୍କୁ ମିଳିଛି ବଡ଼ ସଫଳତା। ଏକ ଗୁମ୍ଫାରୁ ମାଓବାଦୀ ଲୁଚାଇ ରଖିଥିବା ବିସ୍ଫୋରକ ଜବତ କରାଯାଇଛି। କାଲିମେଲା ଥାନା ଅନ୍ତର୍ଗତ ଦୁଲାଗୁଣ୍ଡି ଜଙ୍ଗଲରେ ସର୍ଚ୍ଚ ଅପରେସନ ବେଳେ ଏହି ବିସ୍ଫୋରକ ସାମଗ୍ରୀକୁ ଜବତ କରିଛି ପୁଲିସ। ଗୁମ୍ଫାରୁ ଗୋଟିଏ ବନ୍ଧୁକ, ଜୀବନ୍ତ ଗୁଳି, ଜିଲେଟିନ ଷ୍ଟିକ୍, ଲ୍ୟାଣ୍ଡ ମାଇନ ଜବତ କରାଯାଇଥିବା ସୂଚନା ମିଳିଛି।

## ୬ଟି ଚୋରି ମାମଲାରେ ୮ ଗିରଫ

**ଜୟପୁର, ୧୬।୧୧ (ସଂଚାର ବ୍ୟୁରୋ) :** ୬ଟି ଚୋରି ମାମଲାରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ ପୁଲିସ। ଏନେଇ ଆଜି ଜୟପୁର ଟାଉନ ଥାନାରେ ଏସଡିପିଓ ପାର୍ଥ କଶ୍ୟପ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ହାଟପଦାର ରାଜ ମାଣ୍ଡାଙ୍ଗି (୧୯), ମାଧବ ଭୂମିଆ (୧୯), ଜୁନେଶ ମାଡାଙ୍ଗି, ପୁରୁଣାଗଡର କାର୍ତ୍ତିକ ମାଝୀ (୨୨), ନବରଙ୍ଗପୁର ଜିଲା ସନ୍ତୋଷପୁର ଗ୍ରାମର କୈଳାସ ବିନ୍ଧାଣି (୧୮), ସୌରାସାହିର ରାଜୁ ନାୟକ (୫୨) ସହ ୨ ଜଣ ନାବାଳକ ରହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ଠାରୁ ସୁନା ଗହଣା, ୩୫୦ ଗ୍ରାମର ରୁପା ଜିନିଷ, ୨ ଲକ୍ଷ ୩୦ ହଜାର ଟଙ୍କା, ୨ଟି କ୍ୟାମେରା, ଲୁହା ରଡ ଆଦି ଜବତ କରିଛି। ୮ ଜଣଙ୍କ ମଧ୍ୟରୁ ୬ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ୨ ଅଭିଯୁକ୍ତଙ୍କୁ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯାଇଛି।

## ବୃଦ୍ଧଙ୍କ ସାହାରା ହେଲା ବୟୋ ବନ୍ଦନା କାର୍ଡ

**ଭୁବନେଶ୍ୱର, ୧୬।୧୧(ସଂଚାର ବ୍ୟୁରୋ):** ବାର୍ଦ୍ଧକ୍ୟାବସ୍ଥାରେ ସାହା ହୋଇଛି ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ। କଷ୍ଟ ଲାଘବ କରିବା ସହ ନୂଆ ଜୀବନ ଦେଲା କାର୍ଡ। ଏହା କହିଛନ୍ତି ଖୋର୍ଦ୍ଧା ଜିଲ୍ଲା କାଉପାଳ ପଞ୍ଚାୟତର ହଳଦିଆ ଗ୍ରାମ ନିବାସୀ ୮୪ ବର୍ଷୀୟ ବରିଷ୍ଠ ନାଗରିକ ବିଶ୍ୱନାଥ ସେଠୀ। ସେହିପରି ପୁଅ ବିନାୟକ ମଧ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କର ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ନଥିଲେ ଆମେ ବାପାଙ୍କୁ ବଞ୍ଚେଇ ପାରିନଥାନ୍ତୁ। କାର୍ଡ ଯୋଗୁ ବାପାଙ୍କର ହାର୍ଟରେ ଦୁଇଟି ଷ୍ଟେଣ୍ଟ ଲାଗିଲା। ଏବେ ସେ ଭଲ ଅଛନ୍ତି। ଗତ ମେ'ରେ ଶ୍ରୀ ସେଠୀ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ପରୀକ୍ଷା କରିବା ପରେ ହାର୍ଟରେ ବ୍ଲକେଜ୍ ଥିବା ଡାକ୍ତର ସନ୍ଦେହ ପ୍ରକାଶ କରିବା ସହ ଅପରେସନର ଆବଶ୍ୟକତା ପଡ଼ିବାରେ ବୋଲି କହିଛନ୍ତି। ଭିଡ଼ ଯୋଗୁ କ୍ୟାପିଟାଲ ହସ୍ପିଟାଲରେ ସଙ୍ଗେ ସଙ୍ଗେ ବେଡ୍, ଆଇସିୟୁ ଆଦି ମିଳିବା ସମ୍ଭାବନା କମ୍ ଥିଲା। ତା'ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ନିଆଯାଇଥିଲା। କିନ୍ତୁ ସେଠାରେ ଆଇସିୟୁ ବେଡ୍ ଖାଲି ନ ଥିବାରୁ ଶେଷରେ ଶ୍ରୀ ସେଠୀଙ୍କୁ ମଣିପାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବୟୋ ବନ୍ଦନା କାର୍ଡରେ ବିନା ଖର୍ଚ୍ଚରେ ଆଡମିଶନ ଓ ଚିକିତ୍ସା ହେବା ସହ ଶେଷରେ ଶ୍ରୀ ସେଠୀଙ୍କ ହାର୍ଟରେ ଷ୍ଟେଣ୍ଟ ଲାଗିଥିଲା। ଡାକ୍ତରଙ୍କ କହିବାନୁସାରେ, ଗତ ଜୁଲାଇରେ ଶ୍ରୀ ସେଠୀଙ୍କ ହାର୍ଟରେ ଦ୍ୱିତୀୟ ଷ୍ଟେଣ୍ଟ ସଫଳତା ପୂର୍ବକ ଲାଗିବା ଫଳରେ ସେ ନୂଆ ଜୀବନ ପାଇଛନ୍ତି। ଏଥିରେ ପାଖାପାଖି ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ସବୁ ଟଙ୍କା କାର୍ଡରୁ କଟିଛି। ସେ ଏବେ ସୁସ୍ଥ ଅଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ତାଙ୍କ ପରିବାରକୁ ନୂଆ ଜୀବନ ଦେଇଛି ବୋଲି ବିନାୟକ କହିବା ସହ ଏଥିସକାଶେ କୃତଜ୍ଞତା ଜ୍ଞାପନ କରିଛନ୍ତି।



● କାର୍ଡ ନଥିଲେ ଜୀବନ ପାଇନଥାନ୍ତି
● ହୃଦ୍‌ରୋଗର ଶିକାର ହୋଇଥିଲେ

## ଅଦାଲତଙ୍କ ନିର୍ଦ୍ଦେଶ, ବର୍ଦ୍ଧିତ ଗ୍ରେଡ୍ ପେ' ମିଳୁନି

**ଭୁବନେଶ୍ୱର, ୧୬।୧୧:** ସ୍ୟାଟ୍‌ରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବିଭିନ୍ନ ନ୍ୟାୟିକ ସଂସ୍ଥାଙ୍କ ସ୍ପଷ୍ଟ ରାୟ ଏବଂ ରାଜ୍ୟ ସରକାରଙ୍କ ନୀତିଗତ ନିଷ୍ପତ୍ତି ସତ୍ତ୍ୱେ ହଜାର ହଜାର ଶିକ୍ଷକ ବର୍ଦ୍ଧିତ ସଂଶୋଧିତ ଗ୍ରେଡ୍ ପେ ପାଇପାରୁ ନାହାନ୍ତି। ଏଥିଯୋଗୁଁ ମାମଲା ସଂଖ୍ୟା ମଧ୍ୟ ବଢୁଛି। ଇତିମଧ୍ୟରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରିରୁ ଅବସର ଗ୍ରହଣ କରିସାରିଥିଲେ ମଧ୍ୟ ସେମାନଙ୍କ ବେତନ ଓ ପେନ୍‌ସନ ସଂଶୋଧିତ ହେଉନଥିବା ଘେନି ଅଭିଯୋଗମାନ ଆସୁଛି। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ୨୦୧୩ ମସିହାରେ ଆରଏସିପି ଲାଗୁ କରିବାଲାଗି ସ୍ୱତନ୍ତ୍ର ବିଜ୍ଞପ୍ତି ମାଧ୍ୟମରେ ଘୋଷଣା କରିଥିଲେ। ତେବେ ଅର୍ଥ ବିଭାଗର ବିଜ୍ଞପ୍ତିକୁ କଦର୍ଥକରି ଅନେକ ବିଭାଗ ୧୦, ୨୦ ଓ ୩୦ ବର୍ଷ ଚାକିରି କରିଥିବା କର୍ମଚାରୀମାନଙ୍କୁ ସଂଶୋଧିତ ଆରଏସିପି ଅନୁଯାୟୀ ଗ୍ରେଡ୍ ପେ ପ୍ରଦାନ ନକରିବାରୁ ସେତେବେଳେ ହଜାର ହଜାର ସଂଖ୍ୟକ ମାମଲା ରୁଜୁ ହୋଇଥିଲା। କେତେକ ପ୍ରାଥମିକ ଶିକ୍ଷକଙ୍କ ପକ୍ଷରୁ ଆରଏସିପି ବ୍ୟବସ୍ଥା ଅନୁଯାୟୀ ସଂଶୋଧିତ ଗ୍ରେଡ୍ ପେ ଦେବାକୁ ଦାବି ହେଉଥିବାବେଳେ ଗ୍ରେଡ୍ ପେ ପରିମାଣ ବଢ଼ାଇବା ପରିବର୍ତ୍ତେ ସରକାର ଏହାକୁ ୪୨୦୦ ଟଙ୍କାରୁ ୨୮୦୦ ଟଙ୍କାକୁ ୨୦୧୬ ମସିହାରେ ହ୍ରାସ କରିଦେଇଥିଲେ। ଏହା ବିରୁଦ୍ଧରେ ସ୍ୟାଟ୍‌ରେ ରୁଜୁ ହୋଇଥିବା କେତେକ ମାମଲା ୨୦୧୭ ମସିହାରେ ଫଏସଲା ହୋଇଥିଲା ଏବଂ ତଦନୁଯାୟୀ ବଞ୍ଚିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବର୍ଦ୍ଧିତ ହାରରେ ଗ୍ରେଡ୍ ପେ ଦେବାପାଇଁ ନିର୍ଦ୍ଦେଶ ଦିଆଯିବା ସହ ୨୦୧୬ର ସରକାରୀ ଆଦେଶନାମାକୁ ସ୍ୟାଟ୍ ବାତିଲ କରିଦେଇଥିଲେ। ଏଭଳି ସ୍ଥିତିରେ ଗୋଟିଏ ପଟେ ରାଜ୍ୟ ସରକାର ସ୍ୟାଟ୍ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାବେଳେ ଅନ୍ୟ ପଟେ ସ୍ୟାଟ୍‌ଙ୍କ ଆଦେଶ ବିରୁଦ୍ଧରେ ହାଇକୋର୍ଟରେ କେତେଗୁଡ଼ିଏ ମାମଲା ରୁଜୁ ହୋଇଥିଲା। ୨୦୨୨ ଜୁନ୍ ୨୪ ତାରିଖରେ ଅନ୍ୟତମ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଓ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ୟାଟ୍‌ଙ୍କ ଆଦେଶରେ କୌଣସି ତ୍ରୁଟି ନାହିଁ ବୋଲି ଉଲ୍ଲେଖ କରିବା ସହିତ ସରକାରଙ୍କ ରିଟ୍ ଆବେଦନକୁ ଖାରଜ କରିଦେଇ ବଞ୍ଚିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବର୍ଦ୍ଧିତ ଗ୍ରେଡ୍ ପେ ଆରଏସିପି ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରିବାକୁ ବିସ୍ତୃତ ରାୟରେ ଉଲ୍ଲେଖ କରିଥିଲେ। ରାଜ୍ୟ ସରକାର ହାଇକୋର୍ଟ ଓ ସ୍ୟାଟ୍‌ଙ୍କ ରାୟ ପାଳନ ନକରି ତାହା ବିରୁଦ୍ଧରେ ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିସନ ଦାଏର କରିଥିଲେ। ସୁପ୍ରିମକୋର୍ଟରେ କିନ୍ତୁ ବର୍ଦ୍ଧିତ ହାରରେ ଆରଏସିପି ଦେବାପାଇଁ ରାଜ୍ୟ ସରକାର ସ୍ୱୀକାର କରିବା ସହିତ ତିନିମାସ ମଧ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏହି ସୁବିଧା ମିଳିବ ବୋଲି କହିବାପରେ ସୁପ୍ରିମକୋର୍ଟ ଗତ ସେପ୍ଟେମ୍ବର ୯ତାରିଖରେ ମାମଲାର ଫଏସଲା କରିଥିଲେ। ଏବେ ତିନିମାସ ସମୟ ଅତିକ୍ରମ କରିବାକୁ ଯାଉଥିବାବେଳେ ସରକାରଙ୍କ ପକ୍ଷରୁ ବଞ୍ଚିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ରାୟ ମୁତାବକ ଆରଏସିପି ବ୍ୟବସ୍ଥା ଅନୁଯାୟୀ ବର୍ଦ୍ଧିତ ଗ୍ରେଡ୍ ପେ ପଛିଲା ତାରିଖରୁ ପ୍ରଦାନ କରାଯାଇନାହିଁ।

ଇତି ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ପତ୍ରଲେଖି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ସେଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ସଂକ୍ରାନ୍ତରେ ଉଲ୍ଲେଖ କରି ଏ ବାବଦରେ ରାଜକୋଷ ଉପରେ କେତେ ଆର୍ଥିକ ଚାପ ପଡିବ ସେ ସଂକ୍ରାନ୍ତରେ ଜଣାଇବାକୁ କୁହାଯାଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ମଧ୍ୟ ଅନୁରୂପ ଅନ୍ୟଏକ ପତ୍ରରେ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଆରଏସିପି ସୁବିଧା ସଂକ୍ରାନ୍ତରେ ଲେଖିଛନ୍ତି। ତେବେ କେବଳ ଯେଉଁମାନେ ମୋକଦ୍ଦମା କରିଥିଲେ ସେହିମାନଙ୍କୁ ଏହି ଆର୍ଥିକ ସୁବିଧା ମିଳିବ ନା ସମସ୍ତ ବଞ୍ଚିତ ଶିକ୍ଷକ ଶିକ୍ଷୟିତ୍ରୀ ଏହା ପାଇବେ ସେଥିଘେନି କିନ୍ତୁ କେହି ସ୍ପଷ୍ଟଭାବେ କହୁନାହାନ୍ତି। ଏ ପରିପ୍ରେକ୍ଷୀରେ ଏବେ କାର୍ଯ୍ୟରତ ଥିବା ଓ ଅବସରଗ୍ରହଣ କରିଥିବା ଅନେକ ବଞ୍ଚିତ ଶିକ୍ଷକ ଶିକ୍ଷୟିତ୍ରୀ ପୁଣି ନ୍ୟାୟାଳୟ ମୁହାଁ ହେଉଛନ୍ତି ବୋଲି ବିଭାଗୀୟ ଅଧିକାରୀମାନେ ଅବଶ୍ୟ ସ୍ୱୀକାର କରୁଛନ୍ତି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାମାୟଣ...

ସାନଖେମୁଣ୍ଡି ମୌଳାଭଣଜାରେ ଲାଗିଥିଲା ଦୁଇ ପାର୍ଟି 'ରାମାୟଣ' ନାଟକ। ଗୋଟିଏ ହେଉଛି ଜୁରା ଏବଂ ଅନ୍ୟଟି ଚିକିଲି। କିନ୍ତୁ ଏହି ନାଟକରେ ସ୍ଥାନିତ ଏକ ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିବା ଭଳି ଥିଲା। କାରଣ ନାଟକ ପରିବେଷଣ ହୋଇଥିଲା ସତ, କିନ୍ତୁ ସେଥିରେ ପୌରାଣିକ ଆଧ୍ୟାତ୍ମିକ ଚିନ୍ତାଧାରା ପରିବର୍ତ୍ତେ ଭରି ରହିଥିଲା ଅଶ୍ଳୀଳତା। ଆଜିର ସଭ୍ୟ ସମାଜକୁ ନିନ୍ଦିତ କଲା ଭଳି ଅନେକ ଦୃଶ୍ୟ ସୋସିଆଲ୍ ମିଡିଆ ଭାଇରାଲ ହେଉଛି। ମଞ୍ଚସ୍ଥ ହୋଇଥିବା 'ରାମାୟଣ' ନାଟକରେ ଏମିତି କିଛି ଦୃଶ୍ୟ ରହିଛି ଯାହା ରାମାୟଣର ଅଂଶବିଶେଷ ତ ଆଦୌ ନୁହେଁ, ବରଂ ଏହାକୁ ଅତିରଞ୍ଜିତ କରି କୁତ୍ସିତ ମାନସିକତା ସମ୍ପନ୍ନ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇ ଦିଆଯିବା ସକାଶେ ଉଦ୍ୟମ ହୋଇଛି।

ମିଳିଥିବା ସୂଚନାନୁସାରେ, 'ରାମାୟଣ'ର ବହୁଚର୍ଚ୍ଚିତ ଅଧ୍ୟାୟ ଲଙ୍କାପତି ରାବଣର ମାତା ସୀତାଙ୍କୁ ଅପହରଣ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଅପହରଣ ପରେ ରାବଣ ମାତା ସୀତାଙ୍କୁ ପଞ୍ଚବଟି ବନରେ ବନ୍ଦୀ କରି ରଖିଥିଲା। ଅପହରଣ କରି ରଖିଥିଲେ ମଧ୍ୟ ରାକ୍ଷସ ହୋଇ ବି ରାବଣ କଦାପି ମାତା ସୀତାଙ୍କୁ କୁଦୃଷ୍ଟିରେ ଦେଖୁନଥିଲା। କିନ୍ତୁ ଆଲୋଚ୍ୟ ନାଟକରେ ଏହାର ବିନ୍ଦୁ ବିସର୍ଗ ବି ନଥିଲା। ବରଂ ରାବଣ ମାତା ସୀତାଙ୍କୁ ଦୁଷ୍କର୍ମ ପାଇଁ ଉଦ୍ୟମ କରିଥିବା ଉକ୍ତ ନାଟକରେ ଆୟୋଜକ ଦେଖାଇଛନ୍ତି। ଆୟୋଜକଙ୍କ ଲଜ୍ଜାହୀନତା ଏତିକିରେ ଅଟକି ଯାଇନଥିଲା। ବରଂ ଯେଉଁ ମଞ୍ଚରେ 'ରାମାୟଣ' ପରି ମହାପୁରାଣ ମଞ୍ଚସ୍ଥ ହେଉଛି, ସେଠାରେ ଅଶ୍ଳୀଳତାର ସୀମା ଡେଇଁଯାଇଥିବା ଆଇଟମ୍ ଗାର୍ଲ ନିଶା ମହାରଣା ବି ଉଦଣ୍ଡ ନୃତ୍ୟ କରୁଥିବା ଦେଖାଯାଇଛି। ଆହୁରି ଷ୍ଟେଜ ଉପରକୁ ଘୋଡ଼ା ଆଣିବା ସହ ଆତସବାଜିରେ ଦର୍ଶକଙ୍କ କାନ ଫଟାଇବା ଭଳି ଘଟଣା ମଧ୍ୟ ଉକ୍ତ ମଞ୍ଚରେ ଦେଖିବାକୁ ମିଳିଥିଲା। ଏପରି ଦୃଶ୍ୟ ନିଶ୍ଚିତ ଭାବେ ଆଜିର ସଭ୍ୟ ସମାଜ ପାଇଁ ଚିନ୍ତାର ବିଷୟ। ଏଥିସହ ପୌରାଣିକ ନାଟକରେ ଦୁଷ୍କର୍ମ ପରି ଦୃଶ୍ୟ ସ୍ଥାନ ପାଇବା ସାଧାରଣ ଲୋକଙ୍କ ଧର୍ମୀୟ ଚିନ୍ତାଧାରା ପ୍ରତି କୁଠାରଘାତ ହୋଇଥିବାରୁ ଆୟୋଜକଙ୍କ ସହ ଏହି ନାଟକ ସହ ଜଡ଼ିତ ପ୍ରତିଟି ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି ଜୋର୍ ଧରିଛି।

## ଆହୁରି...

ତାଙ୍କ କହିବା କଥା ଯେ ସରକାର ଚନ୍ଦ୍ରଯାନ-୪ ମିଶନକୁ ମଞ୍ଜୁରୀ ଦେଇସାରିଛନ୍ତି। ଏହା ଚନ୍ଦ୍ର ନମୁନା-ପ୍ରତ୍ୟାବର୍ତ୍ତନ ମିଶନ୍ ରୂପରେ ଡିଜାଇନ୍ କରାଯାଇଛି। ଏହା ଭାରତର ଅଦ୍ୟାବଧି ସବୁଠାରୁ ଜଟିଳ ଚନ୍ଦ୍ର ଅଭିଯାନ ହେବ। ଚନ୍ଦ୍ରଯାନ-୪ ପାଇଁ ୨୦୨୮ର ଲକ୍ଷ୍ୟ ରହିଛି। ଅନ୍ୟ ଏକ ମିଶନ୍ ଲୁପେକ୍ସ ରହିଛି, ଯାହାକି ଜାକ୍ସା (ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେସନ୍ ଏଜେନ୍ସି) ସହ କରାଯାଉଥିବା ମିଳିତ ଚନ୍ଦ୍ର ମେରୁ ଅନ୍ୱେଷଣ କାର୍ଯ୍ୟକ୍ରମ। ଏହି ଇସ୍ରୋ ମିଶନ୍ କାରଣରୁ ବଢୁଥିବା ଚାହିଦା ସହ ତାଳମେଳ ବଜାୟ ରଖିବା ପାଇଁ ଆଗାମୀ ୩ ବର୍ଷରେ ନିଜର ବାର୍ଷିକ ମହାକାଶ ଯାନ ଉତ୍ପାଦନକୁ ତିନି ଗୁଣା ବୃଦ୍ଧି କରିବା ଉପରେ ମଧ୍ୟ କାମ କରୁଛି ବୋଲି ଇସ୍ରୋ ମୁଖ୍ୟ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋକୁ ଭାରତୀୟ ମହାକାଶ ଯାତ୍ରୀଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇବା ଓ ୨୦୪୦ ପର୍ଯ୍ୟନ୍ତ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଦିଗରେ କାମ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ଦୀର୍ଘକାଳୀନ ମାନବ-ମହାକାଶ ଉଡ଼ାଣର ଯୋଜନା ଏହାକୁ ବିଶ୍ୱର ଅଗ୍ରଣୀ ମହାକାଶ ଶକ୍ତି ଭାବେ ଉପସ୍ଥାପିତ କରିଛି। ଆମେରିକା ଅର୍ଟିମିସ୍ ଅନୁସାରେ, ମାନବଯୁକ୍ତ ମିଶନ୍‌ର ଯୋଜନା ରହିଛି। ଏଥିସହ ଚୀନ୍ ନିଜର ପ୍ରଥମ ମାନବଯୁକ୍ତ ଚନ୍ଦ୍ର ଅଭିଯାନ ଲକ୍ଷ୍ୟ ୨୦୩୦ରେ ପୂରଣ କରିପାରେ ବୋଲି ଶ୍ରୀ ନାରାୟଣନ୍ କହିଛନ୍ତି।

## ଉପମୁଖ୍ୟମନ୍ତ୍ରୀ...

ଉତ୍ସବ ପାଇଁ ମଧ୍ୟ ପ୍ରସ୍ତୁତି ଜୋରଦାର ହୋଇଛି। ମିଳିଥିବା ସୂଚନାନୁସାରେ, ଆସନ୍ତା ୧୭ରୁ ୨୦ ତାରିଖ ମଧ୍ୟରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଟନାର ଗାନ୍ଧି ମଇଦାନକୁ ବିଭିନ୍ନ ସ୍ଥାନରେ ପ୍ରାୟତଃ ସିଲ୍ କରିଦିଆଯାଇଛି। ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଉକ୍ତ ମୈଦାନରେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ନିଷେଧାଦେଶ ଜାରି କରାଯାଇଛି। ପ୍ରଶାସନ ପକ୍ଷରୁ ଏସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯାଇଛି ଯେ ସୁରକ୍ଷା ସହ ସମାରୋହ ସମୟରେ କୌଣସି ପ୍ରକାରର ବିଭ୍ରାଟ କିମ୍ବା ଭିଡ଼ ଏଡ଼ାଇବା ସକାଶେ ଏହି ନିଷ୍ପତ୍ତି ନିଆଯାଇଛି। ଗାନ୍ଧୀ ମଇଦାନରେ ତମ୍ବୁ, ଫାଟକ, ମଞ୍ଚ ଏବଂ ବ୍ୟାରିକେଡ୍ ସ୍ଥାପନ ପାଇଁ ବ୍ୟାପକ କାର୍ଯ୍ୟ ଚାଲିଛି। ଭିଭିଆଇପି ଆଗମନ, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଗଣମାଧ୍ୟମ କଭରେଜ୍ ପାଇଁ ମଧ୍ୟ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଉଛି। ଏହି ସମୟ ମଧ୍ୟରେ, ସକାଳ ଏବଂ ସନ୍ଧ୍ୟା ପଦଯାତ୍ରୀ, ସ୍ଥାନୀୟ ଦୋକାନୀ ଏବଂ ନିକଟସ୍ଥ ବାସିନ୍ଦାଙ୍କୁ ମଧ୍ୟ ପ୍ରବେଶରୁ ବାରଣ କରାଯିବ। ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ହାମ୍)ର ଆବାହକ ଏବଂ କେନ୍ଦ୍ର ମନ୍ତ୍ରୀ ଜିତନ ରାମ ମାଞ୍ଝି ଆଜି ରାତିରେ ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହ ଏବଂ ଅନ୍ୟାନ୍ୟ ବିଜେପି ନେତାଙ୍କୁ ଭେଟିଛନ୍ତି। ସେହିପରି ଉପେନ୍ଦ୍ର କୁଶୱାହା ବି ସ୍ୱରାଷ୍ଟ୍ର ଶାହ ଅମିତ ଶାହଙ୍କୁ ଭେଟିଛନ୍ତି। ସମସ୍ତ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ମନ୍ତ୍ରିମଣ୍ଡଳର ରୂପରେଖ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି।

ବିଜେପି ଏବଂ ଜେଡି(ୟୁ) ମଧ୍ୟରେ ପ୍ରଥମ ପର୍ଯ୍ୟାୟ ସରକାର ଗଠନ ନେଇ ଆଲୋଚନା ଶେଷ ହୋଇଛି। କ୍ୟାବିନେଟ ଗଠନ ଏବଂ ସାଂଗଠନିକ ଦଳଗୁଡ଼ିକର ଅଂଶଧନ ପାଇଁ ଫର୍ମୁଲା ଚୂଡ଼ାନ୍ତ ହୋଇଛି। ୬ ଜଣ ବିଧାୟକଙ୍କ ପାଇଁ ଗୋଟିଏ ମନ୍ତ୍ରୀପଦର ଫର୍ମୁଲା କାର୍ଯ୍ୟକାରୀ ହୋଇପାରେ। ବିଜେପି କେନ୍ଦ୍ରୀୟ ନେତାମାନଙ୍କ ସହ ଆଲୋଚନା ସମାପ୍ତ କରିବା ପରେ ଜେଡିୟୁ ଜାତୀୟ କାର୍ଯ୍ୟକାରିଣୀ ସଭାପତି ସଞ୍ଜୟ କୁମାର ଝା' ରବିବାର ପାଟନା ଫେରି ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସହ ଆଲୋଚନା କରିଛନ୍ତି। ଶ୍ରୀ ଝା ଜେଡି(ୟୁ) ବିଧାୟକ ଦଳ ବୈଠକ ଏବଂ ଏନଡିଏ ବିଧାୟକ ଦଳ ବୈଠକ ପାଇଁ ପ୍ରସ୍ତୁତିକୁ ଆଗକୁ ବଢ଼ାଇବେ। କେତେକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଆସନ୍ତାକାଲି ସୁଦ୍ଧା ଜେଡି(ୟୁ) ବିଧାୟକ ଦଳ ବୈଠକ ଡକାଯାଇପାରେ। ସେହିପରି ଏନଡିଏ ନେତା ଚୟନ ପ୍ରକ୍ରିୟା ଆସନ୍ତା ମଙ୍ଗଳବାର ସୁଦ୍ଧା ସମାପ୍ତ ହେବା ନେଇ ଆକଳନ କରାଯାଉଛି।

## ନୀରବ...

ସେ ଦଳର ରାଜନୀତି ଏବଂ ସଂଗଠନରେ ଗଭୀର ଭାବରେ ଜଡିତ ଅଛନ୍ତି। ସେ ବିଜେପି ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ସର୍ବଦା ସଂଗଠନକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଧର୍ମେନ୍ଦ୍ର ଓ ନୀତୀଶ କୁମାରଙ୍କ ମଧ୍ୟରେ ଏକ ଦୃଢ଼ ବ୍ୟକ୍ତିଗତ ସମ୍ପର୍କ ରହିଛି। ଏହି ଦୁଇ ପରିବାରର ଅଟଳ ବିହାରୀ ବାଜପେୟୀ ସରକାର ସହିତ ସମ୍ପର୍କ ରହିଛି। ଏହି କାରଣରୁ ଏନଡିଏ ଭିତରେ ସମନ୍ୱୟ ବୃଦ୍ଧି କରିବାରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୂମିକାକୁ ଆହୁରି ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ନୀତୀଶ କୁମାରଙ୍କ ପ୍ରତି ତାଙ୍କର ସାନ୍ତ୍ୱନା ଏବଂ ବିଶ୍ୱାସ ମେଣ୍ଟର ଶକ୍ତିର ମୂଳଦୁଆ ପାଲଟିଛି। ଧର୍ମେନ୍ଦ୍ର ପ୍ରଧାନ ଓବିସି ସମ୍ପ୍ରଦାୟରୁ ଆସିଛନ୍ତି, ଯାହାକୁ ଦୀର୍ଘ ଦିନ ଧରି ନୀତୀଶ କୁମାରଙ୍କ ମୁଖ୍ୟ ଭୋଟ ବ୍ୟାଙ୍କ ଭାବେ ବିବେଚନା କରାଯାଉଛି। ଫଳସ୍ୱରୂପ, ପ୍ରଧାନଙ୍କ ସାମାଜିକ ପୃଷ୍ଠଭୂମି ବିଜେପି-ଜେଡିୟୁ ମେଣ୍ଟକୁ ଆହୁରି ମଜବୁତ କରିଛି। ବିଜେପି ନିଶ୍ଚିତ ଯେ ତାଙ୍କ ରଣନୀତି ଏବଂ ସାମାଜିକ ସମ୍ପର୍କ ସିଧାସଳଖ ଏନଡିଏ ପାଇଁ ଲାଭଦାୟକ ସାବ୍ୟସ୍ତ ହେଉଛି। ସେ ଗତ ୨୦୧୨ରେ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ, ଯାହା ପରେ ସେ ଦଳର ରାଜନୀତି ଓ ସଂଗଠନ ସହ ଗଭୀର ଭାବେ ଜଡ଼ିତ ଅଛନ୍ତି। ସେ ଦଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି ଏବଂ ସର୍ବଦା ସଂଗଠନକୁ ମଜବୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛନ୍ତି।

## ଧରାପଡ଼ିଲା...

ରସିଦ ନାମରେ ପଞ୍ଜୀକୃତ ହୋଇଥିଲା। କେନ୍ଦ୍ରୀୟ ତଦନ୍ତ ସଂସ୍ଥା ଆମୀରର ଏହି ବିସ୍ଫୋରଣ ମାମଲାରେ ପ୍ରମୁଖ ଭୂମିକା ଥିବା ନେଇ ତଦନ୍ତ ସମୟରେ ଜାଣିବାକୁ ପାଇଛି। ଆମୀର କାର କିଣିବା ଓ ଆତ୍ମଘାତୀ ବିସ୍ଫୋରଣକାରୀଙ୍କୁ ସମର୍ଥନ କରିବା ପାଇଁ ଦିଲ୍ଲୀ ଆସିଥିଲା। ପୂର୍ବରୁ ଫରେନସିକ୍ ରିପୋର୍ଟ ନିଶ୍ଚିତ କରିଥିଲା ଯେ ଆତ୍ମଘାତୀ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଡ୍ରାଇଭର ଜଣଙ୍କ ନବୀ ହିଁ ଥିଲା। ସେ ପୁଲୱାମାର ବାସିନ୍ଦା ହୋଇଥିବା ବେଳେ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଜଣେ ସହାୟକ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲା। ଜମ୍ମୁ ଓ କାଶ୍ମୀରର ପାମ୍ପୋରର ସାମ୍ବୁରାର ବାସିନ୍ଦା ଆମୀର ରସିଦ ଅଲୀ ଆତ୍ମଘାତୀ ବିସ୍ଫୋରଣକାରୀ ନବୀ ସହ ମିଶି ଷଡ଼ଯନ୍ତ୍ର କରିଥିଲା।

## ଅସ୍ତ୍ର...

ହିସାବରେ କାମ କରୁଥିଲେ। ଦକ୍ଷିଣ-କେନ୍ଦ୍ର ଓଡ଼ିଶା ମଧ୍ୟ ଦେଇ ଲାଲବାହିନୀର ଉତ୍ତର--ଦକ୍ଷିଣ କରିଡରକୁ ପୁନଃ ସକ୍ରିୟ କରିବା ପାଇଁ ଏମାନେ କାମ କରୁଥିଲେ ବୋଲି ଆଜି ସ୍ଥାନୀୟ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ପ୍ରକାଶ କରିଛନ୍ତି। ଏମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଘଟିତ ଅନେକ ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିଥିବା କହିଛନ୍ତି କନ୍ଧମାଳ ଏସପି ହରିଣ ବିସି। ମାଓ ସଂଗଠନର ମିଥ୍ୟା ପ୍ରତିଶ୍ରୁତି, ହିଂସାତ୍ମକ କାର୍ଯ୍ୟକଳାପ, ନିର୍ଯାତନା, ବିକାଶକୁ ବିରୋଧ ଭଳି ଜନବିରୋଧୀ କାର୍ଯ୍ୟ ପ୍ରତି ବୀତସ୍ପୃହ ହେବା ସହ ଏହି ଦମ୍ପତି ସରକାରଙ୍କ ପକ୍ଷରୁ ଘୋଷିତ ବିଭିନ୍ନ ଆକର୍ଷଣୀୟ ଥଇଥାନ ପ୍ୟାକେଜରେ ପ୍ରଭାବିତ ହୋଇ ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ସକାଶେ ପାଇଁ ନିଷ୍ପତ୍ତି ନେଇଥିବା କିଶୋର ଓ ମାଣ୍ଡଭୀ କହିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ସମସ୍ତ ସହାୟତା ଏହି ଦମ୍ପତିଙ୍କୁ ଯୋଗାଇ ଦିଆଯିବ ବୋଲି ନିତି ଶେଖର କହିଛନ୍ତି।

ଅନ୍ୟପକ୍ଷରେ ଆଜି ସକାଳେ ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାର ଭେଜ୍ଜି ଏବଂ ଚିନ୍ତାଗୁଫା ପୁଲିସ ଷ୍ଟେସନ ସୀମାନ୍ତ ଟୁମାଲପାଡ ଜଙ୍ଗଲରେ ସୁରକ୍ଷା ବାହିନୀର ଏନକାଉଣ୍ଟରରେ ୩ ଜଣ ମାଓବାଦୀ ନିହତ ହୋଇଛନ୍ତି। ଡିଆରଜି ଟିମ୍ ଦୁଇ ମହିଳା ମାଓବାଦୀଙ୍କ ସମେତ ମୋଟ ୩ ଜଣ ମାଓ କ୍ୟାଡରଙ୍କ ମୃତଦେହ ଉଦ୍ଧାର କରିଛି। ଏଥିସହ ଉକ୍ତ ଅଞ୍ଚଳରେ ଅଧିକ ମାଓବାଦୀ ରହିଥିବା ସନ୍ଦେହରେ ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି। ଏ ସଂକ୍ରାନ୍ତରେ ସୁକମା ଏସପି କିରଣ ଚୌହାନ କହିଛନ୍ତି ଯେ ଆଜି ସକାଳେ ସୁକମା ଜିଲ୍ଲାର ଭେଜ୍ଜି ଓ ଚିନ୍ତାଗୁଫା ଥାନା ସୀମାନ୍ତ ଟୁମାଲପାଡ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି)ର ଏକ ଟିମ୍ ସେଠାରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ଏହି ସର୍ଚ୍ଚ ଅପରେସନ ସମୟରେ ଡିଆରଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୩ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମୁଣ୍ଡରେ ମୋଟ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଆହୁରି ମଧ୍ୟ ସୁରକ୍ଷାକର୍ମୀମାନେ ଘଟଣାସ୍ଥଳରୁ ଗୋଟିଏ .୩୦୩ ରାଇଫଲ୍, ବିଜିଏଲ୍ ଗ୍ରେନେଡ୍ ଲଞ୍ଚର୍ ଓ ଆହୁରି ଅନେକ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ମୃତକଙ୍କ ମଧ୍ୟରୁ ଜଣଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ପରିଚୟ ମିଳିପାରିନାହିଁ। ସେ ହେଉଛନ୍ତି ଜନମିଲିସିଆ କମାଣ୍ଡର୍ ତଥା ସ୍ନାଇପର୍ ସ୍ପେଶାଲିଷ୍ଟ ମାଡବୀ ଦେବା। ସେମାନଙ୍କ ମୁଣ୍ଡରେ ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ସ୍ଥାନୀୟ ପୁଲିସ୍ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା।

## ପ୍ରତିଷ୍ଠା...

ସେ ଅଭିନେତା ପିଣ୍ଟୁ ନନ୍ଦ ହୁଅନ୍ତୁ ଅବା ସଙ୍ଗୀତକାର-ଗାୟକ ଅଭିଜିତ୍ ମଜୁମଦାର ଅବା ଏବେ ଏମ୍ସରେ ଚିକିତ୍ସାଧୀନ ଥିବା ହ୍ୟୁମାନ୍ ସାଗର। ଅଭିନେତା ପିଣ୍ଟୁ ମାତ୍ର ୪୫ ବର୍ଷ ବୟସରରେ ପରଲୋକ ଗମନ କରିଛନ୍ତି। ଗତ ୨୦୨୩ ମାର୍ଚ୍ଚ ୧ ତାରିଖରେ ସେ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲ୍‌ରେ ତାଙ୍କ ପରିବାର ଲୋକଙ୍କୁ ଶୋକ ସାଗରରେ ଭସାଇଦେଇ ଅକାଳ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତ୍ୟୁର କାରଣ ଥିଲା ଲିଭର୍ ସୋରିଆସିସ୍। ଏହା ମୁଖ୍ୟତଃ ଅତ୍ୟଧିକ ମଦ୍ୟପାନ ଯୋଗୁଁ ଘଟିଥିବା ଡାକ୍ତର ସ୍ପଷ୍ଟ କରିଥିଲେ। ପିଣ୍ଟୁ ୧୯୯୬ରୁ ଓଡ଼ିଆ ସିନେମା ସହ ଜଡ଼ିତ ରହି ପାଖାପାଖି ୧୧୫ଟି ଚଳଚ୍ଚିତ୍ର ସହ ଧାରାବାହିକ ଓ 'ଏ ଗୋରା...' ଆଲବମ୍‌ରେ ଅଭିନୟ କରି ତାଙ୍କ ସ୍ୱତନ୍ତ୍ର ପ୍ରତିଭାର ପରିଚୟ ଦେଇଥିଲେ। ସେ ତାଙ୍କ ଅଭିନୟର ଯାଦୁରେ ଦର୍ଶକଙ୍କୁ ବାନ୍ଧି ରଖିପାରୁଥିଲେ। କିନ୍ତୁ ଅଭିନୟରେ ରଖୁଥିବା ପଟୁତା ସେ ନିଜ ବ୍ୟକ୍ତିଗତ ଜୀବନରେ କାମରେ ଲଗାଇପାରିନଥିଲେ। ଅତ୍ୟଧିକ ବିଶୃଙ୍ଖଳିତ ଜୀବନଚର୍ଯ୍ୟା ତାଙ୍କ ପାଇଁ କାଳ ହୋଇଥିଲା। ପ୍ରାୟ ପ୍ରତି ମୁହୂର୍ତ୍ତରେ ମଦନିଶାରେ ବୁଡ଼ିରହୁଥିଲେ ପିଣ୍ଟୁ। ଫଳତଃ ୨୦୨୨ ଶେଷ ଆଡ଼କୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ବେଶ୍ କିଛି ମାସ ଚିକିତ୍ସାଧୀନ ରହିଥିବା ପିଣ୍ଟୁଙ୍କଠାରେ ଲିଭର୍ ପ୍ରତିରୋପଣର ଆବଶ୍ୟକତା ରହିଥିଲା। କିନ୍ତୁ ଏହା ସମ୍ଭବପର ନ ହେବାରୁ ଶେଷରେ ଗତ ୨୦୨୩ ମାର୍ଚ୍ଚ ୧ ତାରିଖରେ ତାଙ୍କର ଅକାଳ ବିୟୋଗ ଘଟିଥିଲା ଓ ଓଲିଉଡ୍ ଜଣେ ପ୍ରତିଭାବାନ କଳାକାରଙ୍କୁ ହରାଇଥିଲା।

ସେହିପରି ଗତ କିଛି ମାସ ହେଲା ଅଭିଜିତ୍ ମଜୁମଦାର ଚିକିତ୍ସାଧୀନ ଅଛନ୍ତି। ତାଙ୍କଠାରେ ମଧ୍ୟ ସମାନ ସମସ୍ୟା ରହିଛି। ଗତ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଅଭିଜିତ୍ ନିମୋନିଆ ଓ ଅନ୍ୟାନ୍ୟ କେତେକ ସମସ୍ୟା କାରଣରୁ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। କିଛିଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବାରୁ ତାଙ୍କୁ ଆଇସିୟୁରୁ ଜେନେରାଲ୍ ୱାର୍ଡକୁ ଅଣାଯାଇଥିଲା। କିନ୍ତୁ ସେ ଏବେ ବି ସୁସ୍ଥ ହୋଇନାହାନ୍ତି ଓ ଏମ୍ସରେ ତାଙ୍କ ଚିକିତ୍ସା ଜାରି ରହିଛି। ତେବେ ମେଲୋଡି କିଙ୍ଗ୍ ଭାବେ ପରିଚିତ ଅଭିଜିତ୍ ଖୁବ୍‌ଶୀଘ୍ର ସୁସ୍ଥତା ଲାଭ କରନ୍ତୁ ବୋଲି ପ୍ରଶଂସକ ପ୍ରାର୍ଥନା କରୁଛନ୍ତି। ଅଭିଜିତ୍‌ଙ୍କ ପରି ଓଡ଼ିଆ ସିନେମା ଜଗତରେ ରାତାରାତି ଷ୍ଟାର୍ ପାଲଟିଯାଇଥିବା ହ୍ୟୁମାନ୍ ସାଗର ବି ଏବେ ଭୁବନେଶ୍ୱର ଏମ୍ସ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଦୁଇ ଦିନ ତଳେ ଅଚାନକ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ପ୍ରଥମେ କଟକ ଓ ପରେ ଏମ୍ସରେ ଭର୍ତ୍ତି ହୋଇଛନ୍ତି। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଲିଭର୍ ସୋରିଆସିସ୍ ସହ ତାଙ୍କ ବିଭିନ୍ନ ଅଙ୍ଗ ମଧ୍ୟ ଅଚଳ ହୋଇଯାଇଥିବା ଡାକ୍ତରମାନେ କହିଛନ୍ତି। ତାଙ୍କର ଏପରି ସମସ୍ୟା ମଧ୍ୟ ଅତ୍ୟଧିକ ମଦ୍ୟପାନଜନିତ ବୋଲି କୁହାଯାଉଛି। ବିଶୃଙ୍ଖଳିତ ଜୀବନଶୈଳୀ ତାଙ୍କୁ ଆଜି ଏପରି ସ୍ଥିତିରେ ପହଞ୍ଚାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅର୍ଥ ରୋଜଗାର ପାଇଁ କଳାକାରମାନେ ନିଜ ଶରୀରକୁ ଅଣଦେଖା କରୁଥିବା ଅନ୍ୟ ଏକ କାରଣ ମଧ୍ୟ ହୋଇପାରେ। ତେଣୁ ଏପରି ପ୍ରତିଷ୍ଠିତ କଳାକାରମାନଙ୍କଠାରୁ ଶିକ୍ଷା ଗ୍ରହଣ କରି ଓଲିଉଡ୍‌ର ଅନ୍ୟ କଳାକାରମାନେ ଶୃଙ୍ଖଳିତ ଜୀବନଶୈଳୀକୁ ଆପଣାଇବା ବୁଦ୍ଧିମାନର କାମ ହେବ ବୋଲି କହିବା ବାହୁଲ୍ୟ ମାତ୍ର।

## ଦ୍ୱୈତ...

ନେଇ ଗାଁକୁ ଫେରୁଥିଲେ। ତେବେ କାମାକ୍ଷନଗର ପାର୍ଶ୍ୱରୁ ଏକ ବାଇକ୍‌ରେ ଆସୁଥିବା କେଉଟବେରେଣୀ ଗାଁର ୨ ଯୁବକଙ୍କ ସହ ତାଙ୍କ ସ୍କୁଟିର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ବ୍ରିଜ ଉପରେ ଛିଟିକି ପଡ଼ିଥିଲେ। ବାଇକ୍‌ର ଗତି ଅଧିକ ଦ୍ରୁତ ଥିବାରୁ ଦୁଇ ଆରୋହୀଙ୍କ ମୁଣ୍ଡ ମାଡ଼ ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଫଳତଃ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷରେ ମନୁଆ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟସଦସ୍ୟମାନେ ଗୁରୁତର ଭାବେ ଆହତ ହୋଇଥିବା ବେଳେ ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ସ୍ଥାନାନ୍ତର ଜଣାପଡ଼ିଛି। ଘଟଣାସ୍ଥଳରେ କାମାକ୍ଷାନଗର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ୮୫ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ କଲା ପୁଲିସ



**ଫୁଲବାଣୀ, ୧୬।୧୧ (ସଂଚାର ବ୍ୟୁରୋ):** ଖଜୁରିପଡ଼ା ଥାନା ଅଂଚଳରେ ଲାଗିଥିବା ବେଆଇନ ଗଞ୍ଜେଇ ଗଛ ସବୁ ପୁଲିସ ଏବଂ ଅବକାରୀ ବିଭାଗ ମିଶି ନଷ୍ଟ କରିଛନ୍ତି।ମିଳିଥିବା ସୂଚନା ଅନୁଯାୟୀ ଅରା ପାଙ୍ଗୁ ପଞ୍ଚାୟତରେ ରାଇକିଆ ପଦର, ଭେଡି ବଙ୍କା, ମାଣ୍ଡେଲି,ଏବଂ ଝାଡ଼ପଦର, ଜଙ୍ଗଲରେ ଲାଗିଥିବା ବେଆଇନ ଗଞ୍ଜେଇ ଗଛ କାଟି ଜାଳି ପୋଡ଼ି ନଷ୍ଟ କରିଛି। ଏ ନେଇ ଥାନାରେ ୨୫୬/୨୫ ମାମଲା ରୁଜୁ କରାଯାଇଥିବା ସହିତ ୩ ଜଣ ଅଭିଯୁକ୍ତ ନାମରେ ମାମଲା ଦାଏର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

# ଅଡୁଆରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ସେତୁ ନିର୍ମାଣ

**● ୭ମାସ ପରେ ମଧ୍ୟ ହୋଇପାରୁନି ନିର୍ମାଣ କାର୍ଯ୍ୟ ● ଜମି ଅଧିଗ୍ରହଣ ହୋଇନଥିବାରୁ ଠିକା ସଂସ୍ଥା ଘାଟରେ**



**ଆଳି,୧୬।୧୧(ସଂଚାର ବ୍ୟୁରୋ):** ଆଳିର ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣକୁ ନେଇ ଦେଖାଦେଇଛି ବିବାଦ। ଦୁଇ ଦୁଇଟି ସେତୁ ନିର୍ମାଣ ପାଇଁ ୭ମାସ ହେବ ଓଡ଼ି ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ସରିଥିବା ବେଳେ ପ୍ରଶାସନ ତରଫରୁ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହୋଇପାରିନାହିଁ। ଯେଉଁ ଜମି ମାଲିକମାନେ ଘରବାଡ଼ି, ଭିଟାମାଟି ଓ ଚାଷଜମି ହରାଇବେ ସେମାନଙ୍କୁ ଉଚିତ ମୂଲ୍ୟ ମିଳୁନଥିବାରୁ ଜମି ଅଧିଗ୍ରହଣ କାର୍ଯ୍ୟ ମଧ୍ୟ ଆଗେଇ ପାରୁନାହିଁ। ଯାହାକୁ ନେଇ ପ୍ରଶାସନ ଓ ଜମିମାଲିକଙ୍କ ମଧ୍ୟରେ ହୋଇଥିବା ଆଲୋଚନା ମଧ୍ୟ ବିଫଳ ହୋଇଛି। ଅନ୍ୟପଟେ ଓଭିସିସି ୬୦ ପ୍ରତିଶତ ଜମି ଅଧିଗ୍ରହଣ ହୋଇଥିବା ଦର୍ଶାଇ ଟେଣ୍ଡର ଡାକିଥିବାରୁ ସେତୁ ନିର୍ମାଣ ପାଇଁ ଟେଣ୍ଡର ପାଇଥିବା ସଂସ୍ଥା ମଧ୍ୟ ଅଛି, ହେଲେ ଓଭିସିସି କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠାଇଛି।

ଆଳିର ପତ୍ତପୁର ଠାରେ ବ୍ରାହ୍ମଣୀ ନଦୀ ଓ ଗଡ଼ଗଡ଼ିଘାଟ ଠାରେ ଖରସ୍ରୋତା ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣକୁ ନେଇ ଏବେ ଜମି ଅଧିଗ୍ରହଣ ଅଡୁଆ, ଦୁଇଟି ସେତୁ ନିର୍ମାଣ ପାଇଁ ନଦୀର ଉଭୟ ପାଶ୍ୱର୍ରେ ଜମି ଅଧିଗ୍ରହଣ ହୋଇନଥିବାରୁ ସେତୁକାମକୁ ନେଇ ଏବେ ଅନିଶ୍ଚିତତା ଦେଖାଦେଇଛି। ଦିର୍ଘ ୭ମାସ ହେବ ଟେଣ୍ଡର ପ୍ରକ୍ରିୟା ସରିଥିଲେ ମଧ୍ୟ ଆଜି ଯାଏଁ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥା ମାଟି ମୁଠାଏ ମଧ୍ୟ ପକାଇ ପାରିନାହିଁ।

କଟକ-ଚାନ୍ଦବାଲି ରାଜ୍ୟ ରାଜରଥ ସମ୍ପ୍ରସାରଣ ହେବା ନେଇ ରାଜ୍ୟସରକାର ନିଷ୍ପତ୍ତି ନେବା ପରେ ଆଳିର ପତ୍ତପୁର ନିକଟସ୍ଥ ଖରସ୍ରୋତା ନଦୀ ଉପରେ ଦ୍ୱିତୀୟ ସେତୁ ଓ ଗଡ଼ଗଡ଼ିଘାଟ ନିକଟସ୍ଥ ଖରସ୍ରୋତା ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ନେଇ କ୍ୟାବିନେଟ ମଂଜୁର ହୋଇଥିଲା। ଏହାପରେ ଓଭିସିସି ପକ୍ଷରୁ ଗତ ମାର୍ଚ୍ଚ ମାସରେ ଖରସ୍ରୋତା ସେତୁ ପାଇଁ ୨୨୧କୋଟି ୫୩ଲକ୍ଷ ଟଙ୍କା ଓ ବ୍ରାହ୍ମଣୀ ସେତୁ ପାଇଁ ୨୨୮କୋଟି ୯୯ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଟେଣ୍ଡର ଡାକିଥିଲା। ଏହାକୁ ହରିୟାଣାର ରାମକୁମାର କଣ୍ଟ୍ରାକ୍ଟର ପ୍ରାଇଭେଟ ଲିମିଟେଡ ଟେଣ୍ଡର ଗ୍ରହଣ କରିଥିଲା। ଟେଣ୍ଡର ପାଇବା ଦିନ ଠାରୁ ୩୬ମାସ ଭିତରେ ଦୁଇଟି ସେତୁକାମ ଶେଷ କରିବା ପାଇଁ ଚୁକ୍ତି ହୋଇଥିଲା।

## ବିଜେପିରେ ମିଶିଲେ ପଚାଶ ପରିବାର



**ଆଳି,୧୬।୧୧(ସଂଚାର ବ୍ୟୁରୋ):** ଆଳି ବ୍ଲକ ଚାରି ନମ୍ବର ଜୋନ୍ କୋଳିକିହ ପଞ୍ଚାୟତର ଇଛାପୁର ଗ୍ରାମର ୫୦ ପରିବାର ଆଳି ଭବନ ଠାରେ ବିଜେପିର ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି।ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ବିଜେପିରେ ବିଧିବଦ୍ଧଭାବେ ଯୋଗ ଦେଇଛନ୍ତି। ଏହାକୁ ଆଳି ବିଜେପି ବିଧାୟକ ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରାଯାଇଥିଲେ । ଏହି ମିଶ୍ରଣ ପର୍ବରେ ଥିଲେ ଚାରି ନମ୍ବର ମଣ୍ଡଳ ସଭାପତି ତପନ ରଥ ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ରଥ ,ବିଚିତ୍ର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅନୁଶାସନ ରେ ଅନୁପ୍ରାଣିତ ହୋଇ ଆଳିରେ ବିଜେଡି ଦଳ ପ୍ରତି ଆକୃଷ୍ଟ ହୋଇ ବିଜେପି ସ୍ରୋତରେ ସାମିଲ ହୋଇଥିବା କୁହାଯାଉଛି। ଅନ୍ୟପଟେ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ମିଶ୍ରଣ ପର୍ବ ହେବ ବୋଲି ବିଜେପି ବିଧାୟକ ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା କହିଛନ୍ତି।

## ତଟବନ୍ଧ ସବଡିଭିଜନ କାର୍ଯ୍ୟାଳୟ କବାଟ ତାଡ଼ି ଚୋରି



**ରାଜନଗର, ୧୬।୧୧ (ସଂଚାର ବ୍ୟୁରୋ):** ରାଜନଗରରେ ଥିବା ତଟବନ୍ଧ ବିଭାଗ ସବଡିଭିଜନ କାର୍ଯ୍ୟାଳୟ ଓ ସେକନ୍ସ ଅଫିସ କବାଟ ଭାଙ୍ଗି ଚୋରି ହୋଇଛି। ଦୁର୍ବୃତ୍ତ ସବଡିଭିଜନ କାର୍ଯ୍ୟାଳୟ ଓ ସେକନ୍ସ ଅଫିସର ସମସ୍ତ କବାଟକୁ ତାଡି ଦେଇଛନ୍ତି। କାର୍ଯ୍ୟାଳୟ ଭିତରେ ସରକାରୀ କାଗଜପତ୍ର ବିଛାଡି ହୋଇ ପଡିଛି। କାର୍ଯ୍ୟାଳୟ ଭିତରେ ଓ ବାହାରେ ଲାଗିଥିବା ୩ଟି ସିସିଟିଭି କ୍ୟାମେରା ନଥିବା ବେଳେ ହାର୍ଡଡିସ୍କ ମଧ ନଥିବା ଦେଖିବାକୁ ମିଳିଛି। ଆଜି ରବିବାର ଥିବାରୁ ପିଅନ ଖବର ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ଖବର ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଆସିବା ପରେ କଣ କଣ ଚୋରି ହୋଇଛି ତାହା ସ୍ପଷ୍ଟ ହେବ। ରାଜନଗର ବ୍ଲକ ହେଡକ୍ୱାଟରରେ ସରକାରୀ କାର୍ଯ୍ୟାଳୟରେ ଚୋରି ଘଟଣା ଉଦ୍‌ବେଗ ସୃଷ୍ଟି କରିଛି।

## ଗୁହାଳ କବାଟ ତାଲା ଭାଙ୍ଗି ନେଇଗଲେ ୪୦ ମେଣ୍ଢା

**ବାଲିଅନ୍ତା,୧୬।୧୧(ସଂଚାର ବ୍ୟୁରୋ):** ବାଲକାଟି ଫାଣ୍ଡି ଅଧୀନ ସାତକାଣିଆ ଗ୍ରାମର ଜୟୀରାମ ବେହେରାଙ୍କ ଗୁହାଳ ତାଲା ଭାଙ୍ଗି ଦୁର୍ବୃତ୍ତ ୪୦ଟି ମେଣ୍ଢା ଲୁଟି ନେଇଛନ୍ତି । ଜୟୀରାମ ଏସଂପର୍କରେ ବାଳକାଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ବାଲକାଟି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ହେଲେ ଲୁଟ୍ ମେଣ୍ଢା ଓ ଲୁଟେରାଙ୍କ ସଂପର୍କରେ ପୁଲିସକୁ କିଛି ସୂଚନା ମିଳିପାରି ନାହିଁ। ସୂଚନା ଅନୁସାରେ ଜୟୀରାମଙ୍କ ଗୁହାଳ ଘର ଠାରୁ ଅଳ୍ପ ଦୂରରେ। ଦୁର୍ବୃତ୍ତ ମେଣ୍ଢାମାନଙ୍କ ମୁହଁରେ ନିଶା ଔଷଧ ସ୍ପ୍ରେ କରି ଲୁଟି ନେଇଥିବା ବେଳେ ୮ଟି ଛୁଆ ମେଣ୍ଢା ଛାଡ଼ି ଦେଇ ଯାଇଛନ୍ତି । ମେଣ୍ଢାଗୁଡ଼ିକୁ ବୋଲେରୋ କିମ୍ବା ଟାଟାଏସ ଗାଡ଼ିରେ ଲଦି ପଳାଇଥିବା ଅନୁମାନ କରାଯାଉଛି।

## ୱାଲେଟ ଫର ୱେଲଥ ଓ ରୋଟାରୀ କ୍ଲବ ତରଫରୁ ସମୁଦ୍ରତଟ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ପୁରୀ,୧୬।୧୧(ସଂଚାର ବ୍ୟୁରୋ):** ସଫା, ସବୁଜ ଓ ଅଧିକ ବିକସିତ ଓଡ଼ିଶା ଦିଗରେ ଦୃଷ୍ଟି ରଖି, ୱାଲେଟ ଫର ୱେଲଥ, ରୋଟାରୀ କ୍ଲବ ଭୁବନେଶ୍ୱର, ରୋଟାରୀ କ୍ଲବ ପୁରୀ, ରୋଟାରୀ କ୍ଲବ ଶ୍ରୀକ୍ଷେତ୍ର ଓ ରୋଟାରୀ କ୍ଲବ ପୁରୀ ସାଗରର ମିଳିତ ସହଯୋଗରେ ସମୁଦ୍ରତଟ ସଫେଇ, ଗଛରୋପଣ, ବିଚ ୱାକ ଅଭିଯାନ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମଟି ପୁରୀ ସମୁଦ୍ରତଟରେ ରବିବାର ସକାଳ ସାଢେ ୭ଟାରେ ଆରମ୍ଭ ହୋଇଥିଲା। ଏଥିରେ ଅନେକ ରୋଟାରିୟାନ୍, ପରିବେଶବିତ, ଶିକ୍ଷାର୍ଥୀ ଓ ସ୍ଥାନୀୟ ନାଗରିକ ସହଯୋଗର ହାତ ବଢାଇଥିଲେ। ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା ପରିବେଶ ସୁରକ୍ଷା, ନାଗରିକ ଦାୟିତ୍ୱ ଓ ସାମୁଦାୟିକ ଭାଗୀଦାରି ବିଷୟରେ ସଚେତନତା ବୃଦ୍ଧି କରିବା, ଯାହା ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ର ଦୃଷ୍ଟିକୋଣ ସହିତ ସମ୍ପୃକ୍ତ। ମାଆଙ୍କ ନାମରେ ଗଛ ଲଗାନ୍ତୁ ନାମକ ବିଶେଷ ପ୍ରୟାସ ମଧ ଆରମ୍ଭ ହେଲା, ଯାହା ମାଆଙ୍କ ପ୍ରତି କୃତଜ୍ଞତା ଓ ପରିବେଶ ପ୍ରତି ଦାୟିତ୍ୱର ପ୍ରତୀକ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଲୋକଙ୍କୁ ନିଜ ମାଆଙ୍କ ନାମରେ ଗଛ ଲଗାଇବାକୁ ପ୍ରୋତ୍ସାହିତ କରାଗଲା। ଏହି କାର୍ଯ୍ୟକ୍ରମରେ ଓ୍ୱାଲେଟ ଫର ଓ୍ୱେଲଥର ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ନାଲକୋର ପୂର୍ବତନ ସିଏମଡି ତପନ ଚାନ୍ଦ, ହାଲର ପୂର୍ବତନ ସିଇଓ ମିହିରକାନ୍ତି ମିଶ୍ର, ବିଏସଏଫ କମାଣ୍ଡାଣ୍ଟ ଜିନେଶ ଶାହା ଏବଂ ବିଭିନ୍ନ ରୋଟାରୀ କ୍ଲବର ଅଧକ୍ଷ ଓ ସଚିବମାନେ ଯୋଗଦେଇଥିଲେ।

## ଶ୍ରମଜୀବୀଙ୍କୁ ମାଗଣା କମ୍ବଳ ବଣ୍ଟନ



**ବାଲିଅନ୍ତା,୧୬।୧୧(ସଂଚାର ବ୍ୟୁରୋ):** ହରି ଭାରତୀ ଫାଉଣ୍ଡେସନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ମଞ୍ଜରୀ ଦେବୀ ନର୍ସିଂ କଲେଜ ପରିସରରେ ଆଜି ଏକ ସ୍ୱେଚ୍ଛାକୃତ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଅପରାହ୍ନରେ ଆୟୋଜିତ ସଭାରେ କଲେଜ ପ୍ରତିଷ୍ଠାତା ତଥା ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଉପାଧକ୍ଷା ଜ୍ୟୋତ୍ସ୍ନା ଦାସ, ପ୍ରାଶାସନିକ ଅଧିକାରୀ ତାରାପଦ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ତ୍ରିପାଠୀ, ମଧୁସୂଦନ ସାହୁ, ମୁଖ୍ୟ କୋଷାଧକ୍ଷ ଶ୍ରଦ୍ଧାଞ୍ଜଳୀ ଷଡ଼ଙ୍ଗୀ, ଲକ୍ଷ୍ମୀଧର ପତି ଏବଂ ସୁକାନ୍ତ କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କମ୍ବଳ ବଣ୍ଟନ କରିଥିଲେ । ସମାଜସେବା ଏବଂ ପରୋପକାର ମାନବିକତାର ସକାରାତ୍ମକ ଭାବନାର ପ୍ରତୀକ ବୋଲି ଅତିଥିବୃନ୍ଦ କହିଥିଲେ । ଏହି ଉପଲକ୍ଷେ ସମବେତ ଶତାଧିକ ଶ୍ରମଜୀବୀ ମହିଳା ଓ ପୁରୁଷଙ୍କୁ କମ୍ବଳ ବଣ୍ଟନ କରା ଯାଇଥଲା ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଖସୁଛି ରଙ୍ଗ, ଲାଗିଲାଣି ଶିଉଳି

## ଠିକାଦାରଙ୍କ ଅବ୍ୟବସ୍ଥାରେ ସରକାର ବଦନାମ




**ଯାଜପୁର,୧୬।୧୧(ସଂଚାର ବ୍ୟୁରୋ):** ନୂଆ ସରକାର ଆସିବା ପରେ ଜିଲ୍ଲା ପ୍ରଶାସନର ସୁନ୍ଦରୀକରଣ ଓ ସଫା-ସୁଫାଇକୁ ନେଇ ଲୋକମାନଙ୍କ ଆଶା ବେଶି ବଢ଼ିଥିଲା। ଏହି ଆଶା ମଧ୍ୟରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନବୀକରଣ ଓ ରଙ୍ଗାରଙ୍ଗ କାମ ଆରମ୍ଭ ହୋଇଥିଲା। କିନ୍ତୁ କେବଳ ଅଳ୍ପ ଦିନରେ ହିଁ ଏହି ରଙ୍ଗ ଖସିପଡ଼ିବା ଆରମ୍ଭ କରିବାରୁ ସ୍ପଷ୍ଟ ହେଲା - ଠିକାଦାରଙ୍କ ଅବ୍ୟବସ୍ଥା ଓ ନିମ୍ନମାନର କାମରେ ସରକାରଙ୍କ ଛବିକୁ କଳୁଷିତ କରାଯାଉଛି। ଦେୱାଲରୁ ଖସୁଥିବା ରଙ୍ଗ ଦୃଶ୍ୟ ଦେଖି ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତାଙ୍କ କହିବା କଥା ସରକାର ପରିବର୍ତ୍ତନ ହେଲା, କିନ୍ତୁ ଠିକାଦାରଙ୍କ ଅବ୍ୟବସ୍ଥା ଦେଖିବାକୁ ଏବେ ମଧ ପ୍ରଚଳିତ। ଲୋକଙ୍କ ପାଇଁ ସରକାର କାମ କରୁଛନ୍ତି, ଅଧିକାରୀମାନେ ଚେଷ୍ଟା କରୁଛନ୍ତି; କିନ୍ତୁ ଏହିପରି ନିମ୍ନମାନର କାର୍ଯ୍ୟ ସରକାରଙ୍କ ନାମକୁ ବଦନାମ କରୁଛି। ଗୋଟେ ଠିକାଦାରଙ୍କ ଅନୁଚିତ କାମ ଫଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମର୍ଯ୍ୟାଦା ଓ ସରକାରୀ ଛବି ଖରାପ ହେବା ଉପରେ ସାଧାରଣ ଲୋକ ମଧ କଡ଼ା ପ୍ରତିକ୍ରିୟା ଦେଉଛନ୍ତି। ଏପରି ସମୟରେ ଯେଉଁଠି ପ୍ରଶାସନରୁ କଠୋର ପଦକ୍ଷେପ ଆଶା କରାଯାଉଥିଲା, ସେଠି ଉଚ୍ଚସ୍ତରୀୟ ଅଧିକାରୀମାନେ ଗୁଣସ୍ତର ଯାଞ୍ଚ କିମ୍ବା ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କରିନାହାନ୍ତି ବୋଲି ସ୍ଥାନୀୟ ଲୋକଙ୍କ ଅଭିଯୋଗ। ଲୋକମାନେ ଦାବି କରୁଛନ୍ତି ଏହିପରି ଅନୁଶାସନହୀନ ଠିକାଦାରଙ୍କୁ ତୁରନ୍ତ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ। ନୂଆ ସରକାର ଜନଆଶାକୁ ସାର୍ଥକ କରିବା ପାଇଁ ପ୍ରତିବଦ୍ଧ। କିନ୍ତୁ ଏହିପରି ନିମ୍ନମାନର କାମ ଲୋକମାନଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କରିଛି।

## ତାଲାବନ୍ଧ ଘରେ କଳାକାନା ବୁଲାଇଲେ ଲୁଟେରା

**ବ୍ରହ୍ମପୁର,୧୬।୧୧(ସଂଚାର ବ୍ୟୁରୋ):** ଲୁଟେରା ଗ୍ୟାଙ୍ଗ ଏକ ତାଲାବନ୍ଧ ଘର ଗ୍ରୀଲ ଭାଙ୍ଗି ଘର ଭିତରୁ ସୁନା ଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ଏପରିକି ମୂଲ୍ୟବାନ ସାମଗ୍ରୀ ମଧ ନେଇ ଘରେ କଳାକାନା ବୁଲାଇଛନ୍ତି। ଗୃହକର୍ତ୍ତା ସୌମ୍ୟରଂଜନ ପାଳ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ୫୭୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବାପୁଜିନଗରର ଦ୍ୱିତୀୟ ଲାଇନରେ ଥିବା ନିର୍ମଳା ରାମ ନିବାସ ପ୍ଲଟ ନଂ ୪୯/୫୦ ରେ ସୌମ୍ୟରଂଜନ ରୁହନ୍ତି। ଗତ ୧୨ ତାରିଖ ସେ ଘରେ ତାଲା ପକାଇ କୌଣସି କାମରେ ଭଞ୍ଜନଗର ଯାଇଥିଲେ। ପରଦିନ ସେ ଘରକୁ ଫେରିଥିଲେ। ସମ୍ମୁଖ ଭାଗର ଗ୍ରୀଲ ତାଲା ଓ ମୁଖ୍ୟ ଫାଟକରେ ପଡିଥିବା ତାଲା ଭଙ୍ଗାଯାଇଥିବା ସେ ଦେଖିବାକୁ ପାଇଥିଲେ। ସେ ଘର ଭିତରକୁ ଯାଇ ଦେଖିବା ବେଳେ ଆଲମୀରା ଚାବି ଭାଙ୍ଗି ସେଥିରେ ଥିବା ଗୋଟାଏ ସୁନା ଚେନ, ସୁନା ହାର ଗୋଟିଏ, ସୁନାର ଆଙ୍ଗୁଠି ମୁଦି ୪ଟି, ସୁନା କାନ ଫୁଲ ହଳେ, ରୁପା ପାଉଁଛି ଦୁଇ ହଳ, ନଗଦ ୬୦ ହଜାର ଟଙ୍କା, ୪ଟି ହାତ ଘଣ୍ଟା ଓ ମୋବାଇଲ ଚାର୍ଜର ପ୍ରଭୃତି ଗାୟବ ଥିଲା। ଚୋର ଦଳ ଘର ଭିତରେ ପଶି ଉପରୋକ୍ତ ସାମଗ୍ରୀ ଚୋରି କରିଥିବା ନେଇ ଉକ୍ତ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ଲୁଟେରା ଗ୍ୟାଙ୍ଗକୁ ଚିହ୍ନଟ କରି ସେମାନଙ୍କୁ କାବୁ କରିବା ପାଇଁ ଯୋଜନା କରୁଛି।

## ଝାରସୁଗୁଡ଼ା ୟୁପିଏଲ ବିଜେତା



**ଉମରକୋଟ,୧୬।୧୧(ସଂଚାର ବ୍ୟୁରୋ):** ୭ ତାରିଖରୁ ଆରମ୍ଭ ହୋଇଥିବା ଉମରକୋଟ ପ୍ରୀମିୟର ଲିଗ୍‌ର ଆଜି ଥିଲା ଶେଷ ଦିନ। ଆଜି ଶେଷ ଦିନରେ ପଶ୍ଚିମ ଓଡ଼ିଶାର ଦୁଇଟି ଦଳ ସୁନ୍ଦରଗଡ଼ ଏଚ ଦା ବୁଲ ବନାମ ଝାରସୁଗୁଡ଼ା ଲିଟିଲ୍ ଷ୍ଟାର ମଧ୍ୟରେ ଖେଳା ଯାଇଥିଲା। ଲିଟିଲ୍ ଷ୍ଟାର ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ ଭାର ସମ୍ଭାଳି ଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୧୭୮ ରନ ସଂଗ୍ରହ କରିଥିଲେ। ଜବାବରେ ସୁନ୍ଦରଗଡ଼ ଏଚଦାବୁଲ ୧୭୯ ରନର ଲକ୍ଷ୍ୟ ରଖି ସମସ୍ତ ଉଇକେଟ ହରାଇ ୧୬.୨ ଓଭରରେ ୧୧୫ ରନ ସଂଗ୍ରହ କରିଥିଲେ। ଝାରସୁଗୁଡ଼ା ଲିଟିଲ୍ ଷ୍ଟାର ଟିମ ବିଜୟ ଲାଭ କରିଥିଲା।

ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିନେ ଜଗତର ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ନବରଙ୍ଗପୁର ବିଧାୟକ ଗୌରୀ ମାଝୀ, ଝରୀଗାଁ ବିଧାୟକ ନରସିଂ ଭତ୍ରା, ସାଂସଦ ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ବିଜେତା ଦଳ ଝାରସୁଗୁଡାକୁ ୨ ଲକ୍ଷ ୧ ଟଙ୍କା ରାଶି ସହ ଟ୍ରଫି ଓ ଉପ ବିଜେତା ଏଚ ଦା ବୁଲ ସୁନ୍ଦରଗଡ ଦଳକୁ ୧ ଲକ୍ଷ ୫୦ ହଜାର ୧ ଟଙ୍କା ରାଶି ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ଝାରସୁଗୁଡ଼ାର ଜେ ଡି ଙ୍କୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ହିସାବରେ ଝାରସୁଗୁଡ଼ାର ରାଜା କୁସୁମଙ୍କୁ ୫ ହଜାର ଟଙ୍କା ଓ ବେଷ୍ଟ ବଲର ଭାବେ ଝାରସୁଗୁଡ଼ା ର ମୁନା ମାନସ ଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା।

# ଗୋରୁ ମାଫିଆଙ୍କ ଗୁଳିକାଣ୍ଡ ଘଟଣା: ଜଣଙ୍କୁ ଗିରଫ କଲା ପୁଲିସ

**କେନ୍ଦ୍ରାପଡ଼ା, ୧୬।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇରୁ କେନ୍ଦ୍ରାପଡ଼ା ସହର ଅଭିମୁଖେ କେତେକ ସଂଖ୍ୟାଲଘୁ ସାମ୍ପ୍ରଦାୟର ଅସାମାଜିକ ବ୍ୟକ୍ତି ଏକ ଗାଡିରେ ବେଆଇନ ଭାବେ ଆଣୁଥିବା ଗୋରୁ ଗାଡିକୁ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଆୟବା ପଞ୍ଚାୟତର ଗଣ୍ଡାଖିଆ ନିକଟରେ କେତେକ ସ୍ଥାନୀୟ ଯୁବକ ଅଟକାଇବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସାରୁ ଉତ୍କ୍ଷିପ୍ତ ହୋଇ ଗୋଚାଲାଣକାରୀମାନେ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଗାଡି ଅଟକାଇଥିବା ଯୁବକମାନଙ୍କୁ ନରଣପୁର ଗ୍ରାମ ପର୍ଯ୍ୟନ୍ତ ଗୋଡାଇ ଯାଇଥିଲେ । ଫଳରେ ଯୁବକମାନେ ଗୋଚାଲାଣ କାରୀଙ୍କ ହାତରେ ବନ୍ଧୁକ, ଭୁଜାଲି ଓ ଖଣ୍ଡା ଭଳି ମାରଣାସ୍ତ୍ର ଦେଖି ଭୟଭୀତ ହୋଇ ଲୁଚିଯାଇଥିଲେ । କିନ୍ତୁ ଗାଁ ମୁଣ୍ଡରେ ଥିବା କ୍ଲବଘରେ ଶୋଇଥିବା ମାନସିକ ଭିନ୍ନକ୍ଷମ ଯୁବକ ଅକ୍ଷୟ ମଣ୍ଡଳ(୪୨) ପରିସ୍ରା କରିବାକୁ ଉଠିଥିବା ବେଳେ ଗୋଚାଲାଣକାରୀ ଗାଡି ଅଟକାଉଥିବା ଯୁବକ ଭାବି ତା' ଉପରକୁ ବନ୍ଧୁକରୁ ଗୁଳି ଚଳାଇଥିଲେ। ଗୁଳିଟି ତାର ବାମ ଗୋଡ଼ ଜଙ୍ଘରେ ବାଜିଥିଲା। ଫଳରେ ସେ ମରିଗଲି ବୋଲି ଚିତ୍କାର କରିଥିଲା। ଆକ୍ରମଣକାରୀମାନେ ଏକ ବୋଲରୋ ଗାଡ଼ିରେ କେନ୍ଦ୍ରାପଡ଼ା ସହର ଅଭିମୁଖେ ପଳାଇ ଯାଇଥିଲେ।

ସ୍ଥାନୀୟ ଗ୍ରାମବାସୀଙ୍କ ଠାରୁ ଖବର ପାଇ ସଦର ଥାନା ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଆହତ ଅକ୍ଷୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେହି ଘଟଣାରେ ସଦର ଥାନା ପୁଲିସ କେନ୍ଦ୍ରାପଡା ଟାଉନ ଥାନା ଅଧିନ ରଣପଡା ଗ୍ରାମର ସେକ ଖଲିଲଙ୍କ ପୁଅ ସେକ ଗୋରା(୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଶୁଭେନ୍ଦୁ ସାହୁ ସୂଚନା ଦେଇଛନ୍ତି । ଅନ୍ୟ ୧୦ଜଣ ଅଭିଯୁକ୍ତ ଫେରାର ଥିବା ପୁଲିସ କହିଛି ।

## ଡ୍ରାମାରେ ଯୋଗଦେଇ ଗାଁ'ର ବିକାଶ ପାଇଁ ୩୦ଲକ୍ଷ ଘୋଷଣା କଲେ ବିଧାୟକ



**ମାହାଙ୍ଗା,୧୬।୧୧(ସଂଚାର ବ୍ୟୁରୋ):** ପବିତ୍ର ଅଷ୍ଟମୀ ଯାତ୍ରା ଅବସରରେ ମାହାଙ୍ଗା ବ୍ଲକ ଗୋଡରା ଗ୍ରାମ ପଞ୍ଚାୟତ ଆପିଲୋ ଗ୍ରାମର ତଳପଡ଼ାସ୍ଥିତ ଗ୍ରାମେଶ୍ୱର ଡ୍ରାମାଟିକ୍ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଡ୍ରାମା ପରିବେଷଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦେଇ ଏକତ୍ରିତ ଭାବେ ଏକ ହୋଇ ଅଷ୍ଟମୀ ଭଳି ପବିତ୍ର ଯାତ୍ରାର ପରମ୍ପରାକୁ ବଞ୍ଚାଇ ରଖିବାକୁ ପ୍ରୟାସ କରିଥିବା ଆପିଲୋ ଗ୍ରାମର ସମସ୍ତ ଗ୍ରାମବାସୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରାଜସ୍ୱ ଗ୍ରାମ ଆପିଲୋରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କରାଯିବ ଓ ଗ୍ରାମର ବିକାଶରେ ୩୦ଲକ୍ଷ ଟଙ୍କାର ଅନୁଦାନ ରାଶି ଯୋଗାଇଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ଗୌରୀ ସାଂସ୍କୃତିକ ପ୍ରତିଷ୍ଠାନ ଆନୁକୂଲ୍ୟରେ ଶିଶୁ ଦିବସ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ



**ଖୋର୍ଦ୍ଧା,୧୬।୧୧(ସଂଚାର ବ୍ୟୁରୋ):** ଗୌରୀ ସାଂସ୍କୃତିକ ପ୍ରତିଷ୍ଠାନର ଛାତ୍ରଛାତ୍ରୀ, ଅଭିଭାବକ ଓ ଖୋର୍ଦ୍ଧାର ଅନେକ ମାନ୍ୟଗଣ୍ୟ ଅନୁଷ୍ଠାନ, ସଂଗଠନ ମାନଙ୍କୁ ନେଇ ମହାଆଡମ୍ବର ମଧ୍ୟରେ ଶିଶୁ ଦିବସ ଓ ବନ୍ଧୁମିଳନ ଉତ୍ସବ ପାଳନ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ତିନିଶହରୁ ଉର୍ଦ୍ଧ୍ୱ କଳାକାର ତଥା ଅଭିଭାବକ ଏବଂ ଅନ୍ୟ ସଂଗଠନର ପଦାଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଓଡ଼ିଆ ସଂସ୍କୃତି ପ୍ରେମୀ ଖୋର୍ଦ୍ଧାର ମାନ୍ୟବର ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ ତାଙ୍କର ଧର୍ମପତ୍ନୀ ସ୍ୱାଗତିକା ଜଗଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଆଶୀର୍ବାଦ କରିବା ସହ ଭଲ ମଣିଷ ହେବ ପାଇଁ ଶିକ୍ଷା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶିଳ୍ପପତି ଗୌତମ ବେହେରା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଜଗଦେବ ପିଲାମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ଓଡିଶୀ ସଂସ୍କୃତିରୁ ପିଲାମାନଙ୍କୁ ସଂସ୍କାର ମୂଳକ ଶିକ୍ଷା ମିଳିପାରିବ। ସଂସ୍କାର ମୂଳକ ଶିକ୍ଷା ପ୍ରାପ୍ତ ହେଲେ ଆତ୍ମନିର୍ଭରଶୀଳ ଭାରତ ଗଠନରେ ସମସ୍ତେ ବ୍ରତୀ ହୋଇପାରିବେ। କାର୍ଯ୍ୟକ୍ରମରେ ଗୁଣନିଧି ମହାପାତ୍ର, ମିହିର କୁମାର ବିଧାର, ଗୋପବନ୍ଧୁ ସାହୁ, ମାନସ ଚନ୍ଦ୍ର ସାହୁ, ଦେବବ୍ରତ ଆଚାର୍ଯ୍ୟ ବିଶିଷ୍ଟ ଯୋଗଗୁରୁ, ଏବଂ ବିଶିଷ୍ଟ ସଂଗୀତ ଗାୟିକା ସୁଚନ୍ଦ୍ର ରାଉଳ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ଶିଶୁ ଦିବସ



**ପଟ୍ଟାମୁଣ୍ଡାଇ, ୧୬।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍କୁଲ ଅଧକ୍ଷ ପ୍ରତାପ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, ଇଂ ବିଜୟ ଚକ୍ର ମୁଖ୍ୟବକ୍ତା ଓ ସ୍କୁଲ ନିର୍ଦ୍ଦେଶକ ଆଡ଼ଭୋକେଟ ସଞ୍ଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ହୋଇଥିବାରୁ ସଫଳ ଶିଶୁମାନେ ଦେଶ ବିକାଶରେ ସହାୟକ ହୋଇପାରିବେ ବୋଲି ମତପ୍ରକାଶ କରିଥିଲେ ।

ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ମୋନାଲିସା ରାୟ ଧନ୍ୟବାଦ ଦେଇଥିଲେ।

## ଡ୍ରଗ୍ସ ବିରୋଧରେ ସଚେତନତା ଓ ସାଇକେଲ ଶୋଭାଯାତ୍ରା



**ପାରାଦ୍ୱୀପ,୧୬।୧୧(ସଂଚାର ବ୍ୟୁରୋ):** ଅବୈଧ ଡ୍ରଗ୍ସ ସେବନ ବିରୁଦ୍ଧରେ ନିଶାମୁକ୍ତ ଓଡିଶା ଗଠନର ଲକ୍ଷ୍ୟ ନେଇ ଅଗ୍ରଣୀ ଅନୁଷ୍ଠାନ ୱାଦା ତରଫରୁ ଏକ ସାଇକେଲ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୱାଦାର ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ଗତିକୃଷ୍ଣ ଶତପଥିଙ୍କ ନେତୃତ୍ୱ ରେ ଶତାଧିକ ଛାତ୍ରଛାତ୍ରୀ, ଯୁବକ ଯୁବତୀ ଓ ବୁଦ୍ଧିଜୀବୀମାନେ ହାତରେ ଫ୍ଲାଗ କାର୍ଡ ଧରି ନିଶା ହଟାଅ ଦେଶ ବଞ୍ଚାଅ ନାରା ଦେଇଥିଲେ। ଏହିପରି ଅନୟିତିକ ଡ୍ରଗ୍ସ କାରବାର ଏହା କେବଳ ସଚେତନଧର୍ମ କାର୍ଯ୍ୟକ୍ରମ ନୁହେଁ ବରଂ ଦେଶ ର ଭବିଷ୍ୟ ପିଢ଼ିକୁ ଧ୍ୱଂସମୁଖରୁ ଉଦ୍ଧାର କରିବା ପାଇଁ ଏହା ଏକ ଜନଆନ୍ଦୋଳନର ଆହ୍ୱାନ ବୋଲି କହିଥିଲେ। ଏଭଳି ଅନୟିତିକ ଡ୍ରଗ୍ସ ଏକ ସଚେତନତା ସହ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୁତମୁଣ୍ଡାଇ ପଂଚାୟତରୁ ଆରମ୍ଭ ହୋଇ ପାରାଦ୍ୱୀପଗଡ଼ ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୁଜଙ୍ଗ ବ୍ଲକ ଭାଇସ ଚେୟାରମ୍ୟାନ ଓ ୪ ନମ୍ବର ଜିଲ୍ଲା ପରିଷଦ କନକ ପ୍ରଭା ବେହେରା ଅନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ।

## ସୂର୍ଯ୍ୟମୁଖୀ ଚାଷ ପ୍ରତି ଚାଷୀ ବିମୁଖ



**କାକଟପୁର/ଅସ୍ତରଙ୍ଗ,୧୬।୧୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କୃଷି ବିଭାଗ ପକ୍ଷରୁ ଏକଦା ଲାଭ ଦାୟକ ସୂର୍ଯ୍ୟମୁଖୀ ଚାଷ ପ୍ରତି ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଥିଲା। ଚାଷୀଙ୍କୁ ବିହନରୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସହଯୋଗ କରାଯାଉଥିଲା। ମାତ୍ର ଏବେ କୃଷି ବିଭାଗ ସବୁଥିରେ ଅଙ୍କୁଶ ଲଗାଇଛି। ନା ଚାଷୀଙ୍କୁ ପ୍ରୋତ୍ସାହିତ କରୁଛି ନା ସଚେତନ କରୁଛି। ଏମିତିକି କୃଷି ବିଭାଗ ବ୍ଲକରୁ ସୂର୍ଯ୍ୟମୁଖୀ ଚାଷ ପ୍ରତି ଆନ୍ତରିକତା ଦେଖାଉନଥିବାରୁ ଏବେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ସୂର୍ଯ୍ୟମୁଖୀ ଲୋପ ପାଇଛି। ଚାଷୀ ଏହି ଚାଷ ପ୍ରତି ବିମୁଖ ହୋଇଥିବା ଅଭିଯୋଗ ହେଉଛି।

ଅସ୍ତରଙ୍ଗ ବ୍ଲକ ଅଂଚଳର ବେଗୁନିଆବସ୍ତ, ମାଣ୍ଡୁକି, ନଗର, ଶିଶୁଅ, କେନ୍ଦ୍ରାପଟି, ନଈଗୁଆଁ ଆଦି ଅଂଚଳରେ ଶହ ଶହ ଏକର ଜମିରେ ସୂର୍ଯ୍ୟମୁଖୀ ଚାଷ କରାଯାଉଥିଲା। ସରକାର ମଧ ଏଥିପାଇଁ ଚାଷୀଙ୍କୁ ମାଗଣାରେ ମଞ୍ଜି ଯୋଗାଇ ଦେବା ସହିତ ଚାଷ ପ୍ରଣାଳୀ ନେଇ ଚାଷୀଙ୍କୁ ସଚେତନ କରୁଥିଲେ। ୨ ରୁ ୩ ବର୍ଷ ଧରି ବହୁଳ ପରିମାଣରେ ଏହି ଚାଷ କରି ବହୁ ଚାଷୀ ସ୍ୱାବଲମ୍ବି ହୋଇପାରିଥିଲେ। ଏବେ ଏହି ଚାଷ ବୁଡିଗଲାଣି।

କୃଷି ବିଭାଗ ସୂଚନା ମୁତାବକ, ଗତ ବର୍ଷ କିଛି ଚାଷୀ ଯଦିଓ ଚାଷ କରିଥିଲେ କିନ୍ତୁ ଚଳିତ ବର୍ଷ ପର୍ଯ୍ୟାପ୍ତ ପରିମାଣର ଜମିରେ ଚାଷ କରିବାକୁ ମଞ୍ଜି ଆସିନାହିଁ, ଆଗାମୀଦିନରେ ଆସିବାକୁ ଅଛି। ମଞ୍ଜିର ଅଭାବ ସହ ସରକାରଙ୍କ ପ୍ରୋତ୍ସାହନ ନ ମିଳିବାରୁ ଏହି ଚାଷ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଲୋପ ପାଇବାକୁ ବସିଲାଣି।

ତେବେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ସୂର୍ଯ୍ୟମୁଖୀ ଚାଷ କରିବାକୁ ଅନେକ ଉପଯୋଗୀ ଜମି ରହିଛି। ଏହି ଚାଷ ପ୍ରତି ଚାଷୀଙ୍କର ଆନ୍ତରିକତା ରହିଛି, ହେଲେ ସଚେତନତା ଅଭାବରୁ ଏଭଳି ଏକ ଲାଭ ଦାୟକ ଚାଷ ଆଉ ସେତେ ମାତ୍ରାରେ ହେଉନାହିଁ। ଏଥିପ୍ରତି ଜିଲ୍ଲା କୃଷି ବିଭାଗ ଦୃଷ୍ଟି ଦେବା ସହିତ ସଚେତନ କରିଲେ ପୁନର୍ବାର ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମର ଚାଷୀ ଏହି ଚାଷ କରିବାକୁ ମନ ବଳାଇବେ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

ସିଟି salad

## ମିଶନକୁ ପାୱାର ଦେଲା କିଏ ?




ରାଜ୍ୟରେ ନୂଆ ସରକାର ଗଠନ ହେବାପରେ ମିଶନ ଶକ୍ତିର ନାମ ବଦଳି ସୁଭଦ୍ରା ଶକ୍ତି ହୋଇଥିଲା। ସୁଭଦ୍ରାରେ ଆଉ କିଛି ଯୋଜନା ଥିବାରୁ ମିଶନ ପଛକୁ ପେଲିହୋଇଯିବ ବୋଲି ସମସ୍ତେ ଭାବୁଥିଲେ। ତେଣୁ ବିଭିନ୍ନ ସ୍ଥାନରେ ମିଶନକୁ ଶକ୍ତିହୀନ କରିବାପାଇଁ ମିଶନ ଶକ୍ତି ବଦଳରେ ସୁଭଦ୍ରା ଶକ୍ତି ହୋଇଥିଲା। ମିଶନଟି ଥିଲା, ହେଲେ ସମସ୍ତେ କିନ୍ତୁ ସଭଦ୍ରାକୁ ଦେଖୁଥିଲେ। ପୂର୍ବ ସରକାରର ଏହି ମିଶନ ଧିରେ ଧିରେ ଲୋକଙ୍କ ମନରୁ ହଟୁଥିବାବେଳେ ଏବେ ହଠାତ୍ ଆଉ ଗୋଟିଏ ମିଶନ ପଶି ଆସିଛି। ଏହା ହେଉଛି ପାୱାର ମିଶନ। ଏ ବାଦରେ ବୈଠକ ପରେ ବୈଠକ ହେବା ସହିତ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାରେ ଲାଗିଛି। ଏହି ମିଶନକୁ ନେଇ ଏବେ କିଛି ଲୋକ ଅଡୁଆରେ ବି ପଡୁଛନ୍ତି। ନୂଆ ମିଶନଟି କଣ ତାହା ଜାଣିବାପାଇଁ ବିଭିନ୍ନ ଲୋକଙ୍କ ଠାରୁ ପଚାରି ବୁଝୁଛନ୍ତି। ତେବେ ଲୋକଙ୍କ ମନରୁ ପୂର୍ବ ସରକାରର ମିଶନ ହଟାଇବାପାଇଁ ଏହା ନିକଟରେ ଥିବା ଶକ୍ତିକୁ କଟାଯାଇଥିବାବେଳେ ଏବେ ନୂଆ ମିଶନରେ କିଏ ପୁଣି ପାୱାରକୁ ଯୋଡିଲା ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟ ସରକାରରେ ଏବେ ଡବଲ ମିଶନକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏଥିରୁ ଗୋଟିଏ ପୁରୁଣା ସରକାରଙ୍କର ମିଶନ ବୋଲି କୁହାଯାଉଛି। ତେବେ ସଂଯୋଗର ବିଷୟଟି ହେଉଛି ଯେ ଦୁଇଟି ମିଶନର ମାଲିକ ରାଜ୍ୟର ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ। ଗୋଟିଏ ମିଶନ ପୁରୁଣା ହୋଇଥିବାବେଳେ ଆଉ ଗୋଟିଏ ସମ୍ପୂର୍ଣ୍ଣ ନୂଆ। ତେବେ କାହା ମିଶନ କେତେ ଲକ୍ଷ୍ୟ ପୂରଣ କରୁଛି ତାହା କେବଳ ଦେଖିବାକୁ ବାକି ରହିଲା।

## ପିଲାଏ ଲେଖିଲେ ୫-ଟି ରଚନା




ବିଜେଡି ସରକାରଙ୍କ ସହିତ ରାଜ୍ୟରୁ ୫-ଟି ବିଦାୟ ନେଇଥିବାବେଳେ ପିଲାଏ କିନ୍ତୁ ଏହାକୁ ଭୁଲିପାରି ନାହାନ୍ତି। ରାଜ୍ୟର ବିକାଶର କଥା ଲେଖିଲା ବେଳକୁ ସେଥିରେ ୫-ଟି ଉପରେ ରଚନା ଲେଖିବାରେ ଲାଗିଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ପାଇଥିଲେ ସୁରଭିର ବିଚାରକମଣ୍ଡଳୀ। ରାଜଧାନୀରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ଚାଲିଥିଲା ଲିଖନ ପ୍ରତିଯୋଗିତା। ଓଡିଶାର ବିକାଶ ଉପରେ ପିଲାଏ ନିଜ ନିଜର ଅନୁଭୂତି ଲେଖିବାକୁ କୁହାଯାଇଥିଲା। ତେବେ ପିଲାଏ ଯାହା ସବୁ ଲେଖିଲେ ତାହାକୁ ଦେଖି ବିଚାରକ ମଣ୍ଡଳୀ କାବା। କେତେକ ପିଲା ରାଜ୍ୟ ବିକାଶର ଚାବିକାଠି ୫-ଟି ବୋଲି ଲେଖିବାକୁ ପଛାଇନଥିଲେ। ଏପରିକି ୫-ଟିର ପାଞ୍ଚଟି ଟି କୁ ପ୍ରାଞ୍ଜଳ ଭାବେ ବୁଝାଇବା ସହିତ ଏହା କିଭଳି ବିଭିନ୍ନ କ୍ଷେତ୍ରରେ ବିକାଶର ଚାବିକାଠି ହୋଇଛି ତାହା ବୁଝାଇ ଦେଇଥିଲେ। ଏହାକୁ ଦେଖିଲା ପରେ ବିଚାରକମଣ୍ଡଳୀ କେବଳ ହତବାକ୍ ହୋଇନଥିଲେ କାହାକୁ କେତେ ନମ୍ବର ଦେବେ ବୋଲି ଦ୍ୱନ୍ଦରେ ପଡିଥିଲେ। ତେବେ ସ୍କୁଲ କାନ୍ଥରେ ଥିବା ୫-ଟି ଗେରୁଆ ରଙ୍ଗ ତଳେ ଲୁଚି ଯାଇଥିବାବେଳେ ପିଲାଙ୍କ ମନରେ ଥିବା ୫-ଟି କିନ୍ତୁ ଏପର୍ଯ୍ୟନ୍ତ ବସାବାନ୍ଧି ରହିଥିବା ଦେଖିବାକୁ ମିଳିଥିଲା। ଏହା କେବେ ବିଦାୟ ନେବ ତାକୁ ନେଇ କେତେକ ଆଲୋଚନା କରୁଥିବାବେଳେ ହଠାତ୍ ସେମାନଙ୍କ ନଜରରେ ବିଦ୍ୟାଳୟ କାନ୍ଥରେ ଥିବା ବିଜୁ ବାବୁଙ୍କ ବଡ ଫଟୋଟି ପଡିବାରୁ ଆଲୋଚନାକୁ ସେହିଠାରେ ସମାପ୍ତ କରି ଯିଏ ଯେଝା ବାଟରେ ଯାଇଥିଲେ।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ଚିହ୍ନି ପାରିଲେନି ପିଲାଏ




ସୁରଭି କାର୍ଯ୍ୟକ୍ରମରେ ଆଉ ଗୋଟିଏ ଦୃଶ୍ୟ ବି ଦେଖିବାକୁ ମିଳିଥିଲା। ଖୋଦ୍ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ହୋଇଥିବାବେଳେ ସାଙ୍ଗରେ ଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଟି ବି ସେହି ବିଭାଗର। ମୁଖ୍ୟମନ୍ତ୍ରୀ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କ ଷ୍ଟଲ ବୁଲି ବୁଲି ଦେଖିଥିଲେ। ହଠାତ୍ ପହଞ୍ଚିଥିଲେ ନବରଙ୍ଗପୁର ଜିଲ୍ଲାରୁ ଆସିଥିବା ପିଲାଙ୍କ ନିକଟରେ। ପିଲାଏ ମୁଖ୍ୟମନ୍ତ୍ରୀ ମୋହନଙ୍କୁ ପାଖରେ ପାଇ ଖୁସିରେ ବିଭୋର ହୋଇଥିଲେ। ପାଖରେ ଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଖୁସି କରିବାପାଇଁ ମୁଖ୍ୟମନ୍ତ୍ରୀ ପିଲାଙ୍କୁ ପଚାରିଥିଲେ ତୁମେମାନେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କିଏ ଜାଣିଛ ? ପିଲାଏ ଜୁଲୁ ଜୁଲୁ ହୋଇ ଅନାଇଲେ। ପୁଣି ମୁଖ୍ୟମନ୍ତ୍ରୀ କହିଲେ ତୁମ ଜିଲ୍ଲାରୁ ସିଏ ମନ୍ତ୍ରୀ ହୋଇଛନ୍ତି ତାଙ୍କ ନାଁଟି କହିଲ। ପିଲାଏ ପୁଣି ବୋକା ଭଳି ଅନାଇ ରହିଲେ। ମୁଖ୍ୟମନ୍ତ୍ରୀ କହିଲେ ତାଙ୍କ ଫଟୋ କେବେ ଦେଖିନାହଁ ? ପିଲାଏ ମନାକଲେ। ପାଖରେ ଥିବା ମନ୍ତ୍ରୀଙ୍କ ମୁହଁଟି ଝାଉଁଳିବା ଅବସ୍ଥାରେ। କଥା ଅନ୍ୟ ଆଡକୁ ଯିବାର ଦେଖି ମୁଖ୍ୟମନ୍ତ୍ରୀ କହିଲେ, ସବୁବେଳେ ତ ମୋବାଇଲ୍ ଦେଖୁଛ, ସେଥିରେ କ'ଣ ମନ୍ତ୍ରୀଙ୍କୁ ଦେଖୁନ। କି ପାଠ ପଢୁଛ ? ପିଲାଏ ଆଉ କିଛି କହିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ସ୍ଥାନ ଛାଡିଥିଲେ। ହେଲେ ଉପସ୍ଥିତ ଗଣମାଧ୍ୟମ କ୍ୟାମେରାରେ ଏସବୁ କଥା କଏଦ ହୋଇ ସାରିଥିଲା।

## ହଂସ ଉପରେ ଭାରି ପଡିଲେ କୁକୁଡା



ପୋଖରୀରେ ପହଁରୁଥିବା ହଂସକୁ ଦେଖି କୁକୁଡା ପହଁରିବାକୁ ଚାହିଁଲା। ହେଲେ ହଂସ କହିଲା କୁକୁଡା କ'ଣ ପହଁରିପାରିବ। ପହଁରିବା ହେଉଛି ହଂସର ଏକଚାଟିଆ ଅଧିକାର। କୁକୁଡା ପାଣିକୁ ଆସିଲେ ମରିବାଟା ଥୟ। ହେଲେ ସେହି କୁକୁଡା ପାଣିରେ ପହଁରୁଥିବାବେଳେ ହଂସ ପୋଖରୀ ଛାଡି ପଳାଇଛନ୍ତି। ଏହି ରୋଚକ ଆଲୋଚନାଟି ଏବେ ନୂଆପଡାରୁ ଆସି ଭୁବନେଶ୍ୱରରେ ପହଞ୍ଚିଛି। ଏ ସଂକ୍ରାନ୍ତରେ ଆମେଜଣେ ନୂଆପଡାର ଗେରୁଆ ଭକ୍ତଙ୍କୁ ପଚାରିବାରୁ ସେ ବୁଝାଇ କହିଲେ, ଉପନିର୍ବାଚନ ସମୟରେ ବିଜେଡିର ଯେଉଁ ମାମଲତକାରମାନେ ନୂଆପଡାରେ ଡେରା ପକାଇଥିଲେ ସେମାନଙ୍କ ମଧ୍ୟରେ ଥିବା ବିଧାୟକ ତଥା କବି ଡକ୍ଟର ଅରୁଣ ସାହୁ। କଥା କହିବାରେ ଧୂରନ୍ଧର ଅରୁଣ ଗଣମାଧ୍ୟମକୁ ବାଇଟ୍ ଦେବାବେଳେ ବିଜେପିକୁ ଛିଗୁଲେଇ କୁକୁଡା ବୋଲି କହିଥିଲେ। ବିଜେଡିକୁ ହଂସର ସ୍ଥାନ ଦେଇଥିଲେ। କହିଥିଲେ ହଂସ ସବୁବେଳେ ପାଣିରେ ପହଁରିଥାଏ। କୁକୁଡା ନୂଆ ନୂଆ ପହଁରିବାକୁ ବାହାରିଛି। ପାଣିରେ ପଶିଲେ ମରିବା ଥୟ। ହଂସ କିନ୍ତୁ ପହଁରିଚାଲିଥିବ। ଏହି କଥାଟି କାହା ଉଦ୍ଦେଶ୍ୟରେ ଓ କ'ଣ ପାଇଁ ଥିଲା ତାହା କାହାକୁ ଅବୁଝା ନୁହେଁ। ହେଲେ ନୂଆପଡା ଭୋଟ ପରେ କିଛିଲୋକ ଏବେ କବିଙ୍କ ଚାତୁରୀକୁ ଟଥା କରିବାରେ ଲାଗିଛନ୍ତି। କହୁଛନ୍ତି କୁକୁଡା ପୋଖରୀରେ ପହଁରୁଛି, ହେଲେ ହଂସର ଆଉ ଦେଖାନାହିଁ। ହଂସ କୁଆଡେ ଦଳ ଦଳ ହୋଇ ପୋଖରୀ ଛାଡି ଶଙ୍ଖଭବନ ଆଡେ ଉଡିଯାଇଛନ୍ତି।

## ଜୟଙ୍କ ଉତ୍ସାହ ପାଇଁ ପୁଲିସ୍ ଅଡୁଆରେ



ରେକର୍ଡ ଭୋଟରେ ଜିତିବାପରେ ଜୟ ଢୋଲକିଆ ଉତ୍ସାହିତ ଥିଲେ। ହେଲେ ତାଙ୍କର ଏହି ଉତ୍ସାହ ଏବେ ପୁଲିସ୍‌କୁ ଅଡୁଆରେ ପକାଇ ଦେଇଛି। ବିଜୟପାଇଁ ଜୟ ଉତ୍ସାହିତ ଥିବାବେଳେ ତାଙ୍କ ସାମ୍ନାରେ କିଛି ପୁଲିସ୍ ଅଧିକାରୀ ଛିଡା ହୋଇଥିବା ଦେଖିବାକୁ ପାଇଥିଲେ। ଆଗ ପଛ କିଛି ନବିଚାରି ସିଧା ଯାଇ ଜଣେ ପୁଲିସ୍ ବାବୁଙ୍କୁ ପାଦ ଛୁଇଁ ଜୁହାର ହୋଇଗଲେ। ପୁଲିସ୍ ବାବୁ ବି ଅପ୍ରିତିକର ପରିସ୍ଥିତିର ସମ୍ମୁଖୀନ ହେଲେ। ତେବେ ଜୟଙ୍କର ଏହା କୌଣସି ଉଦ୍ଦେଶ୍ୟ ନଥିଲା। ବି ଜ ୟ ପାଇଁ ସମସ୍ତଙ୍କର ଆର୍ଶୀବାଦ ଲୋଡୁଥିବାବେଳେ ନିଜ ଠାରୁ ବୟସରେ ବଡ ପୁଲିସ୍ ବାବୁଙ୍କୁ ବି ଜୁହାର ହୋଇଗଲେ। ହେଲେ ସେହି ଜୁହାର ଭିଡିଓଟି ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ବିରୋଧିଦଳ ବି ଏହାକୁ ପ୍ରସାର କରିବାରେ ଲାଗିଛନ୍ତି। ଜୟ କାହିଁକି ପୁଲିସଙ୍କୁ ମୁଣ୍ଡିଆ ମାଇଲେ ବୋଲି ପ୍ରଶ୍ନ କରିବା ସହିତ ପୁଲିସ୍ ବାବୁମାନେ ଜୟଙ୍କୁ ନିର୍ବାଚନରେ ସହଯୋଗ କରିଥିବାର ଅଭିଯୋଗ ଆଣୁଛନ୍ତି। ତେବେ ଏହା ଉପରେ ପୁଲିସ୍ କିମ୍ବା ଜୟ କେହି କିଛି ପ୍ରତିକ୍ରିୟା ଦେଇନଥିବାବେଳେ ପୁଲିସ୍ କିନ୍ତୁ ଏହାକୁ ନେଇ ଅଡୁଆରେ ପଡିଥିବା ଖାକି ମହଲରେ ଆଲୋଚନା ଚାଲିଛି। ଏଣିକି ନିର୍ବାଚନରେ ବିଜୟୀ ଉତ୍ସାହି ନେତାଙ୍କ ଠାରୁ ଦୂରେଇ ରହିବାପାଇଁ ଖାକି ବାବୁମାନେ ପରସ୍ପରକୁ ପରାମର୍ଶ ଦେଉଥିବାବେଳେ ବିନା କାରଣରେ ପୁଲିସ୍ ଖାଲି ଗୁଡାଏ ଦୋଷ ମୁଣ୍ଡାଇଲା ବୋଲି କହୁଛନ୍ତି।

● ସଡ଼କ ଦୁର୍ଘଟଣାଜନିତ 'ଶୂନ୍ୟ ମୃତାହତ ପକ୍ଷ' ପାଳନର ଶୁଭାରମ୍ଭ

# ୧୬ରୁ ୩୦ କଡ଼ା ଚେକିଂ ସହ ବ୍ୟାପକ ସଚେତନତା

● ସମସ୍ତେ ସାମିଲ ହୋଇ ସଡ଼କ ଦୁର୍ଘଟଣା ମୃତ୍ୟୁ ହ୍ରାସ ଦିଗରେ ସହଯୋଗ କରନ୍ତୁ



**ଭୁବନେଶ୍ୱର, ୧୬।୧୧(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ସ୍ମୃତିରେ ବିଶ୍ୱ ସ୍ମୃତି ଦିବସ ଅବସରରେ ରାଜ୍ୟରେ ଆରମ୍ଭ ହୋଇଛି 'ଶୂନ୍ୟ ମୃତାହତ ପକ୍ଷ'। ଏହି ଅଭିଯାନ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ ସଡ଼କ ସୁରକ୍ଷା ନିୟମର କଡ଼ାକଡ଼ି ପାଳନ ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହେବ। ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌ରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର ଏବଂ ଭୁବନେଶ୍ୱର-କଟକ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ସଡ଼କ ଦୁର୍ଘଟଣାରେ ହେଉଥିବା ମୃତ୍ୟୁ ସଂଖ୍ୟା ଆମ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। ସରକାର ଏହାକୁ ହ୍ରାସ କରିବା ପାଇଁ ସମସ୍ତ ପ୍ରୟାସ କରୁଛନ୍ତି, କିନ୍ତୁ ଏହା କେବଳ ସରକାରୀ ଉଦ୍ୟମରେ ସମ୍ଭବ ନୁହେଁ। ଏଥିପାଇଁ ସାମୂହିକ ସହଭାଗିତା ଆବଶ୍ୟକ। ସମସ୍ତେ ଏହି ଅଭିଯାନରେ ଯୋଗ ଦେଇ ସଡ଼କ ସୁରକ୍ଷା ନିୟମ ପାଳନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। 'ଶୂନ୍ୟ ମୃତାହତ ପକ୍ଷ'ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଡ଼କ ଦୁର୍ଘଟଣା ହ୍ରାସ କରି ଏକ ଦୁର୍ଘଟଣାମୁକ୍ତ ସମାଜ ଗଠନ। ଗାଡ଼ି ଚାଳକ ଓ ଅନ୍ୟ ସଡ଼କ ବ୍ୟବହାରକାରୀମାନେ ନିୟମ ପାଳନ କଲେ ଅନେକ ଜୀବନ ରକ୍ଷା ହୋଇପାରିବ। ପରିବହନ ଆୟୁକ୍ତ ଶ୍ରୀ ଠାକୁର କହିଛନ୍ତି ଯେ, କୋଭିଡ୍ ମହାମାରୀ ସମୟରେ ନିୟମ ପାଳନ କରି ଆମେ ନିଜକୁ ରକ୍ଷା କରିଥିଲେ। ସଡ଼କ ଦୁର୍ଘଟଣା ମଧ୍ୟ ଏକ ମହାମାରୀ ରୂପ ନେଇଛି ଏବଂ ଏଥିରୁ ରକ୍ଷା ପାଇବାକୁ ନିୟମ ପାଳନକୁ ଗୁରୁତ୍ୱ ଦେବା ଆବଶ୍ୟକ। ପୋଲିସ କମିଶନର ଶ୍ରୀ ସିଂ କହିଛନ୍ତି ଯେ, ଅନେକ ଦୁର୍ଘଟଣାର ତଦନ୍ତରୁ ଦେଖାଯାଉଛି ଯେ, ଚାଳକମାନଙ୍କର ଛୋଟ ତ୍ରୁଟି ବଡ଼ ଦୁର୍ଘଟଣା ଘଟାଉଛି। ସଡ଼କ ବ୍ୟବହାରକାରୀମାନେ ସୁରକ୍ଷା ନିୟମକୁ ଗମ୍ଭୀରତାର ସହ ପାଳନ କରିବା ଉଚିତ୍, ନହେଲେ ସେମାନେ ନିଜେ ଶିକାର ହେବେ।

ଏହି ୧୫ ଦିନର ଅଭିଯାନରେ ସାରା ରାଜ୍ୟରେ ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଅନ୍ୟାନ୍ୟ ବିଭାଗର ସହଯୋଗରେ ଆଞ୍ଚଳିକ ପରିବହନ ଅଧିକାରୀମାନେ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବେ। କାର୍ଯ୍ୟକ୍ରମରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ଏବଂ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଗଲା। ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା, ଯାହା ପକ୍ଷ ସାରା ବୁଲି ଲୋକଙ୍କୁ ସଚେତନ କରିବ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷା ପଦଯାତ୍ରାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଟ୍ରାଫିକ୍ ଡିସିପି, ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ।

## ଜାତୀୟ ପ୍ରେସ ଦିବସରେ ଖବରକାଗଜ ପ୍ରଦର୍ଶନୀ



**ଭୁବନେଶ୍ୱର, ୧୬।୧୧(ସଂଚାର ବ୍ୟୁରୋ):** ଜାତୀୟ ପ୍ରେସ ଦିବସ ଅବସରରେ ଓଡିଶାର ପ୍ରଥମ ଖବରକାଗଜ ସହ ବର୍ତ୍ତମାନ ପର୍ଯ୍ୟନ୍ତ ଥିବା ବିଭିନ୍ନ ଖବରକାଗଜକୁ ଜୟଦେବ ଭବନ ଠାରେ ପ୍ରଦର୍ଶିତ କରାଯାଇଛି। ଉତ୍କଳ ଦୀପିକା ଓଡିଶାର ପ୍ରଥମ ଖବରକାଗଜକୁ ଏହି ପ୍ରଦର୍ଶନୀରେ ସାମିଲ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ଏହି ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି। ସାମ୍ବାଦିକଙ୍କ ସମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ ଯୋଜନା ମଧ୍ୟ ରାଜ୍ୟ ସରକାର ପ୍ରସ୍ତୁତ କରୁଥିବା ସେ ଆଜି ଜାତୀୟ ପ୍ରେସ ଦିବସ ଅବସରରେ କହିଛନ୍ତି। ଜୟଦେବ ଭବନରେ ଲାଗିଥିବା ପ୍ରଥମ ଖବରକାଗଜରୁ ବର୍ତ୍ତମାନ ପର୍ଯ୍ୟନ୍ତ ଥିବା ସମସ୍ତ ଖବର କାଗଜ ପ୍ରଦର୍ଶନୀକୁ ସେ ବୁଲି ଦେଖିଛନ୍ତି। ପେପରମ୍ୟାନ ଅଫ ଓଡିଶା ଶଶାଙ୍କ ଶେଖର ଦାଶ୍ ଓ ସୂଚନା ଲୋକ ସମ୍ପର୍କ ବିଭାଗର ମିଳିତ ଉଦ୍ୟାମରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏଠାରେ ୫୦୦ରୁ ଅଧିକ ପୁରୁଣା, ନୂଆ ଖବରକାଗଜ ପ୍ରଦର୍ଶିତ ହୋଇଛି। କେବଳ ଦୈନିକ ନୁହେଁ, ସାପ୍ତାହିକ, ମାସିକ ପତ୍ରିକା ସହ ଦେଶର ଅନ୍ୟ ଭାଷା ଖବରକାଗଜ, ହିନ୍ଦୀ ,ଇଂରାଜୀ, ଉର୍ଦ୍ଦୁ ଖବରକାଗଜ ମଧ୍ୟ ପ୍ରଦର୍ଶିତ କରାଯାଇଛି। କେବଳ ଦେଶ କି ରାଜ୍ୟ ନୁହେଁ ବିଦେଶୀ ଖବରକାଗଜକୁ ମଧ୍ୟ ଏହି ପ୍ରଦର୍ଶନୀରେ ସାମିଲ କରାଯାଇଛି।

● ପାରାଦୀପରେ ବିମାନ ଦୁର୍ଘଟଣାର ଉଦ୍ଧାର କୌଶଳ ପ୍ରଦର୍ଶନ

## ଅଭ୍ୟାସ ବେଳେ ସାମିଲ ହେଲା ବାୟୁସେନା ବିମାନ



**ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ):** ପାରାଦୀପରେ କୋଷ୍ଟଗାର୍ଡ ପକ୍ଷରୁ ସମୁଦ୍ରରେ ବିମାନ ଦୁର୍ଘଟଣା ଉଦ୍ଧାରର ଅଭ୍ୟାସ କରାଯାଇଛି। ଅଭ୍ୟାସ ସମୟରେ ବିମାନ ଦୁର୍ଘଟଣାର ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ କୋଷ୍ଟଗାର୍ଡ ଆଇଜି ଇକବାଲ ସିଂହ ଚୌହ୍ୱାନ କହିଛନ୍ତି, ପ୍ରତିବର୍ଷ ଏକ ଆଞ୍ଚଳିକ ଅନୁସନ୍ଧାନ ଓ ଉଦ୍ଧାର ଅଭ୍ୟାସ କରାଯାଉଛି। ଏହା ଆମର ମାନକ ପରିଚାଳନା ପ୍ରଣାଳୀ। ଅନ୍ୟ ଏଜେନ୍ସି ଗୁଡିକ ସହିତ ସମନ୍ୱୟ ଯାଞ୍ଚ କରିବା ପାଇଁ କରାଯାଏ। ଅଭ୍ୟାସରେ ଉତ୍ତର-ପୂର୍ବର ପ୍ରାୟ ସମସ୍ତ ବଡ ଜାହାଜ ସାମିଲ ହୋଇଥିଲା। ୮ଟି ଜାହାଜ ଏଥିରେ ସାମିଲ ହୋଇଥିଲେ। ଏହାସହ ଲାଇଫ୍ ରାଫ୍ଟ ଖସାଇବା ପାଇଁ ବାୟୁସେନାର ବିମାନ ମଧ୍ୟ ସାମିଲ ହୋଇଥିଲା । ସମୁଦ୍ରରେ କୌଣସି ବିମାନ ଦୁର୍ଘଟଣା ଘଟିଲେ ତା'ର କିପରି ସ୍ଥାନାନ୍ତରଣ କରାଯିବ ସେନେଇ ଅଭ୍ୟାସ କରାଯାଇଥିଲା।

## ଜଳିଗଲା ୨ ଏକର ପାଚିଲା ଧାନ ଫସଲ



ମୁଣ୍ଡରେ ହାତ ଦେଇ ବସିଛି ଚାଷୀ

**ବାଙ୍କୀ,୧୬।୧୧(ସଂଚାର ବ୍ୟୁରୋ) :** ଦୁଇ ଏକର ଜମିରେ ଲାଗିଲା ନିଆଁ। ହୁ ହୁ ହୋଇ ଜଳିଗଲା ପାଚିଲା ଧାନ। ବାଙ୍କୀ ବେଦପୁର ଗାଁରେ ଘଟିଛି ଅଘଟଣ। ଆଜି ମଧ୍ୟାହ୍ନରେ ଜମିରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ ଲୋକେ। ସଙ୍ଗେ ସଙ୍ଗେ ବାଙ୍କୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ନିଆଁକୁ ଲିଭାଇବା ପାଇଁ ଉଦ୍ୟମ କରିଥିଲା ଅଗ୍ନିଶମ ବିଭାଗ କର୍ମଚାରୀ। ତେବେ କେହି ଦୁର୍ବୃତ୍ତ ଜାଣିଶୁଣି କାଶତଣ୍ଡିରେ ନିଆଁ ଲଗାଇଥିଲେ। ପାଖରେ ଧାନ ଫସଲ ଜମି ଥିବାରୁ ନିଆଁ ସେଠାକୁ ମଧ୍ୟ ମାଡ଼ି ଯାଇଛି। ନିଆଁ ଲାଗିବା ଯୋଗୁ ପ୍ରାୟ ୨ ଏକରରୁ ଅଧିକ ଧାନ ଫସଲ ପୋଡ଼ି ନଷ୍ଟ ହୋଇଛି। ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଆୟତ୍ତ ହୋଇଛି। ଏହି ନିଆଁରେ ଚାଷୀଙ୍କ ସର୍ବାନାଶ ହୋଇଛି। ଏବେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

● କନେଷ୍ଟବଲଙ୍କୁ ପଥର ଛେଚି ହତ୍ୟା ଘଟଣା

## ଅଭିଯୁକ୍ତକୁ ବାନ୍ଧିଲା ପୁଲିସ



**ପୁରୁଣାକଟକ, ୧୬।୧୧ (ସଂଚାର ବ୍ୟୁରୋ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଯାଜପୁର ବାଲିସାହିରେ ପୁଲିସ କନେଷ୍ଟବଲଙ୍କୁ ବୀଭତ୍ସ ହତ୍ୟା ଘଟଣା ଉପରୁ ପରଦା ହଟିଛି। ସୂଚନା ଅନୁଯାୟୀ ବାଲିଗୁଡ଼ା ଥାନାରେ କାର୍ଯ୍ୟରତ ପୁଲିସ କନେଷ୍ଟବଳ ଉଦୟ ରଞ୍ଜନ ପଟ୍ଟନାୟକ ଛୁଟିରେ ଆସି ଯାଜପୁରସ୍ଥିତ ତାଙ୍କ ବାସଭବନରେ ରହୁଥିଲେ। ତାଙ୍କ ପଡ଼ୋଶୀ ସଞ୍ଜୟ ନାଏକଙ୍କ ସହ ତାଙ୍କର ଦୀର୍ଘ ଦିନରୁ ଶତ୍ରୁତା ଥିଲା। ଏହାକୁ ନେଇ ଅଭିଯୁକ୍ତ ହତ୍ୟା ପାଇଁ ଯୋଜନା ଆରମ୍ଭ କରିଥିବା ବେଳେ ସୁଯୋଗ ଅପେକ୍ଷାରେ ରହିଥିଲା। ପୁଲିସ କହିଛି, ଚଳିତ ମାସ ୧୦ ତାରିଖ ଦିନ ଅପରାହ୍ନ ପ୍ରାୟ ୩ଟା ସମୟରେ ଉଦୟ ଘରେ ଖାଇ ସାରି ଶୋଇଥିବା ଅବସ୍ଥାରେ ଅଭିଯୁକ୍ତ ସଞ୍ଜୟ ଏକ ବଡ଼ ପଥର ଆଣି ଛେଚି ହତ୍ୟା କରିଥିଲା। ଘଟଣାକୁ ଲୁଚାଇବାକୁ ଯାଇ ଅଭିଯୁକ୍ତ ଶବକୁ ଘୋଷାଡ଼ି ଘୋଷାଡ଼ି ନେଇ ବାରିପଟେ ରଖି ଶାଗୁଆନ ପତ୍ର ଢାଙ୍କି ଦେଇଥିଲା। ଫଳରେ ସାହିପଡିଶା ଘଟଣାର ଟେର ମଧ୍ୟ ପାଇ ନଥିଲେ। ଦୁଇତିନି ଦିନ ପରେ ଶବ ଦୁର୍ଗନ୍ଧ ଆରମ୍ଭ ହୋଇଥିଲା। ଘଟଣାର ୫ ଦିନ ପରେ ଅଞ୍ଚଳ ପୂରା ଦୁର୍ଗନ୍ଧରେ ଫାଟି ପଡ଼ିଥିଲା। ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଠାବ କରିବା ସହ ଅଭିଯୁକ୍ତ ସଞ୍ଜୟକୁ କାବୁ କରିବା ପାଇଁ ବେଶୀ ସମୟ ନନେଇ ସଙ୍ଗେ ସଙ୍ଗେ ଧରିଥିଲା। ଅଭିଯୁକ୍ତ ମଧ୍ୟ ହତ୍ୟା କରିଥିବା ପୁଲିସକୁ ପ୍ରକାଶ କରିଥିଲା। କନେଷ୍ଟବଳ ହତ୍ୟା ମାମଲାରେ ଅଭିଯୁକ୍ତ ସଞ୍ଜୟକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପୁଲିସ ମାମଲାର ତଦନ୍ତ ଜାରି ରଖିଥିବା କହିଛନ୍ତି ପୁରୁଣାକଟକ ଥାନା ଅଧିକାରୀ ଅରୁଣ ସିଂ।

● ଯୁବ ଡାକ୍ତରଙ୍କ ବିରୁଦ୍ଧରେ ଅଭିଯୋଗ

## ପତ୍ନୀଙ୍କୁ ୧୦ ଦିନରୁ ଅଧିକ ଘରେ ପକାଇଦେଲେ ତାଲା

**କଟକ,୧୬।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳିରେ କାର୍ଯ୍ୟରତ ଜଣେ ଯୁବ ଡାକ୍ତରଙ୍କ ବିରୁଦ୍ଧରେ ସାଙ୍ଘାତିକ ଅଭିଯୋଗ ଆସିଛି। ଖୋଦ ଡାକ୍ତରଙ୍କ ପତ୍ନୀ ଆଣିଲେ ଅଭିଯୋଗ। କହିଲେ ଡାକ୍ତର ସ୍ୱାମୀ ଦେଉଛନ୍ତି ମାନସିକ ନିର୍ଯାତନା। ମହିଳାଙ୍କ ଅଭିଯୋଗ କ୍ରମେ କଟକ ମହିଳା ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, କଟକ କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳର ଜଣେ ଡାକ୍ତର କେନ୍ଦ୍ରାପଡ଼ା ଆଳିରେ ଏକ ଡାକ୍ତରଖାନାରେ କାର୍ଯ୍ୟ କରନ୍ତି। ଡାକ୍ତର ଜଣକ ୨୦୨୧ରେ ବିବାହ କରିଥିଲେ। ତେବେ ବିବାହର ଦୁଇ ବର୍ଷ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ହେଲେ



ପତ୍ନୀ ସ୍ୱାମୀଙ୍କ ସହ ରହିବାକୁ ଚାହୁଥିବା ବେଳେ ଡାକ୍ତର ସ୍ୱାମୀ କିନ୍ତୁ ଛାଡ଼ପତ୍ର ଦେବାକୁ ଚାହୁଁଛନ୍ତି। ଏହାରି ମଧ୍ୟରେ ସ୍ୱାମୀଙ୍କର କଟକରେ ଥିବା ଅନ୍ୟ ଏକ ଘରକୁ ଯାଇ ରହିଥିଲେ ପତ୍ନୀ। ହେଲେ ଏହାକୁ ବିରୋଧ କରି ସ୍ୱାମୀ ଉକ୍ତ ଘର ବାହାର ଗେଟରେ ତାଲା ପକାଇଦେଲେ। ଏହି ବିଷୟରେ ପତ୍ନୀ ତୁରନ୍ତ ଜାଣିପାରି ନଥିଲେ। ତେବେ ଜାଣିବା ପରେ ସ୍ୱାମୀଙ୍କୁ ଫୋନ୍ କରି ତାଲା ଖୋଲିବା ପାଇଁ କହିଥିଲେ ବି କିଛି ଲାଭ ହୋଇନଥିଲା। ପ୍ରାୟ ୧୧ ଦିନ ଧରି ତାଲା ନଖୋଲିବାରୁ ସମ୍ପର୍କୀୟଙ୍କୁ କହି ଗେଟରେ ତାଲା ଖୋଲିବା ସହିତ ପୁଲିସକୁ ଜଣାଇଥିଲେ ପତ୍ନୀ। ପୁଲିସ ଆସି ସ୍ଥିତି ଯାଞ୍ଚ୍ କରିଥିଲା ବୋଲି କ୍ୟାମେରା ଆଗରେ ଅଭିଯୋଗ କରିଛନ୍ତି ପତ୍ନୀ। ମହିଳା ଜଣକ ଆହୁରି କହିଛନ୍ତି ତାଙ୍କ ସ୍ୱାମୀ ଚତୁରତା ସହ କୌଣସି ଏକ ଅସ୍ତ୍ରୋପଚାର କରିଛନ୍ତି। ଘର ତାଲା ଭାଙ୍ଗି ତାଙ୍କୁ ଉଦ୍ଧାର କରିବା ପରେ ବର୍ତ୍ତମାନ ଶ୍ୱଶୁର ଘର ଓ ସ୍ୱାମୀଙ୍କ ପକ୍ଷରୁ ଅନେକ ପ୍ରକାରର ଧମକ ମିଳୁଛି। ଏମିତିକି ଜୀବନ ପ୍ରତି ବିପଦ ଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଆହୁରି ମଧ୍ୟ ଡାକ୍ତର ସ୍ୱାମୀଙ୍କ ଅନେକ ମହିଳାଙ୍କ ସହ ସହ ସମ୍ପର୍କ ଥିବା ମଧ୍ୟ ଅଭିଯୋଗ କରିଛନ୍ତି ଅଭିଯୋଗକାରିଣୀ। ଏହି ଘଟଣାରେ ଡାକ୍ତର କିମ୍ବା ତାଙ୍କ ପରିବାର ଲୋକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ପୁଲିସ ମାମଲାର ତଦନ୍ତ କରୁଛି।

# ଫାଟିଲା ପାଉଁଶ ପାଇପ୍ ଲାଇନ୍

● ଲୋକଙ୍କ ଘରେ ଏବଂ ଚାଷ ଜମିରେ ମାଡ଼ିଗଲା ଓପିଜିସି ପାଉଁଶ ପାଣି

● ୪ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ନଷ୍ଟହେଲା

**ଝାରସୁଗୁଡା ୧୬।୧୧(ସଂଚାର ବ୍ୟୁରୋ):** ଝାରସୁଗୁଡା ଜିଲ୍ଲା ବନହରପାଲି ସ୍ଥିତ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଓପିଜିସିର ଫାଟିଲା ପାଉଁଶ ପାଇପ୍ ଲାଇନ୍। ପାଉଁଶ ପାଣି ପଶିଲା ଲୋକଙ୍କ ଘରେ ଏବଂ ଚାଷ ଜମିରେ । ରବିବାର ଭୋର ୩ ଟାରୁ ଏହି ପାଉଁଶ ପାଇପ୍ ଫାଟିଥିବା ସ୍ଥାନୀୟ ଲୋକେ ସୂଚନା ଦେଇଥିବା ବେଳେ ପାଉଁଶ ପାଣି ମାଡି ଯାଇ ୪ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ନଷ୍ଟ ହୋଇଛି, ସେହିପରି ବନହରପାଲିର ଉମାଶଙ୍କର ସିଂଙ୍କ ଘରେ ପାଉଁଶ ପାଣି ପଶିଛି। ଏକ ବର୍ଷ ପୂର୍ବରୁ ଓପିଜିସିର ପାଉଁଶ ପୋଖରୀ ହିଡ଼ ଭାଙ୍ଗି ମଧ୍ୟ ବ୍ୟାପକ କ୍ଷତି ହୋଇଥିବା ବେଳେ ପୁଣି ପାଇପ୍ ଫାଟି ପାଉଁଶ ମାଡିଯିବାରୁ ଲୋକେ ଭୟଭୀତ ଅଛନ୍ତି। ଏହି ପାଉଁଶ ପାଣି ଚାଷ ଜମି, ଘରଦ୍ୱାର, ଗାଁ ପୋଖରୀରେ ମାଡିଯାଇ ବ୍ୟାପକ କ୍ଷତି କରିଛି। ଓପିଜିସି ଏହାର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଉ ଏବଂ ଜିଲ୍ଲା ପ୍ରଶାସନ ଓପିଜିସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଅନ୍ୟପଟେ ବହୁଥିବା ପାଉଁଶ ପାଣିକୁ ରୋକାଯିବା ସହ ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିବା ଓପିଜିସି ପକ୍ଷରୁ ସୂଚନା ଦିଆଯାଇଛି ।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଏନ୍‌ଟିପିସି ଦେଶରେ ପ୍ରତିଷ୍ଠା କରିବ ବଡ଼ ନ୍ୟୁକ୍ଲିୟର ପ୍ଲାଣ୍ଟ



**ନୂଆଦିଲ୍ଲୀ, ୧୬।୧୧:** ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେସନ ବା ଏନଟିପିସି ଏବେ ପାରମ୍ପରିକ ଶକ୍ତିଠାରୁ ଆଗକୁ ବଢ଼ି ପରମାଣୁ ଶକ୍ତିରେ ଉଲ୍ଲେଖନୀୟ ଭାବରେ ନିବେଶ ଏବଂ ବିସ୍ତାର କରୁଛି । ଏହି କ୍ରମରେ କମ୍ପାନି ଏବେ ଦେଶରେ ୭୦୦, ୧୦୦୦ ଏବଂ ୧୬୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। କମ୍ପାନି ଗୁଜରାଟ, ମଧ୍ୟପ୍ରଦେଶ, ବିହାର ଏବଂ ଆନ୍ଧ୍ରପ୍ରଦେଶ ସମେତ ବିଭିନ୍ନ ରାଜ୍ୟରେ ପ୍ଲାଣ୍ଟ ସ୍ଥାପନ ପାଇଁ ଯୋଜନା କରୁଛି। ଏହି ପ୍ଲାଣ୍ଟଦ୍ୱାରା କମ୍ପାନି ୨୦୪୭ ସୁଦ୍ଧା ଦେଶର ପ୍ରସ୍ତାବିତ ୧୦୦ ଗିଗାଓ୍ୱାଟ ପରମାଣୁ କ୍ଷମତାର ପ୍ରାୟ ୩୦%, ଅର୍ଥାତ୍ ପ୍ରାୟ ୩୦ ଗିଗାଓ୍ୱାଟ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଆକଳନ ଅନୁସାରେ ଗୋଟିଏ ୧ ଗିଗାଓ୍ୱାଟ ପରମାଣୁ କେନ୍ଦ୍ର ପାଇଁ ପ୍ରାୟ ୧୫-୨୦ ହଜାର କୋଟି ଟଙ୍କା ନିବେଶର ଆବଶ୍ୟକ ହୋଇପାରେ ଏବଂ ପ୍ରକଳ୍ପ ପାଇଁ ଅତି କମରେ ତିନି ବର୍ଷ ସମୟ ଲାଗିପାରେ। ଏନଟିପିସି ପକ୍ଷରୁ କୁହାଯାଇଛି ଯେ, ଏହା ୭୦୦ ମେଗାଓ୍ୱାଟ ଏବଂ ୧ ହଜାର ମେଗାଓ୍ୱାଟ ରିଆକ୍ଟର ପାଇଁ ସ୍ୱଦେଶୀ ଭାବରେ ବିକଶିତ ପିଏଚଡବ୍ଲ୍ୟୁଆର (ପ୍ରେସରାଇଜଡ୍ ହେଭି-ୱାଟର ରିଆକ୍ଟର) ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବ। ୧,୬୦୦ ମେଗାଓ୍ୱାଟ ପ୍ରକଳ୍ପ ପାଇଁ ଆବଶ୍ୟକ ହେଲେ କମ୍ପାନି ବୈଷୟିକ ସହଭାଗିତା ମଧ୍ୟ ଲୋଡ଼ିପାରେ। ତେବେ ସ୍ଥାନ ଅନୁମୋଦନ ପାଇଁ ପରମାଣୁ ଶକ୍ତି ନିୟାମକ ସଂସ୍ଥା (ଏଇଆରବି) ଠାରୁ ଅନୁମୋଦନ ଆବଶ୍ୟକ ହେବ । ଏନଟିପିସି କେବଳ ଏଇଆରବି ଦ୍ୱାରା ଅନୁମୋଦିତ ସ୍ଥାନଗୁଡ଼ିକରେ ପରବର୍ତ୍ତୀ କାର୍ଯ୍ୟ କରିବ। ୟୁରାନିୟମ କଞ୍ଚାମାଲ ଆପୂର୍ତ୍ତି ସୁରକ୍ଷିତ କରିବା ପାଇଁ, କମ୍ପାନି ବିଦେଶରେ ମଧ୍ୟ ୟୁରାନିୟମ ଅନୁସନ୍ଧାନ ଜାରି ରଖିଛି। ଏଥିପାଇଁ ଏନଟିପିସି, ୟୁରାନିୟମ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ୟୁସିଆଇଏଲ) ସହିତ ଏକ ଡ୍ରାଫ୍ଟ ଚୁକ୍ତିନାମା ସ୍ୱାକ୍ଷର କରିଛି। ବର୍ତ୍ତମାନ, ଏନଟିପିସି ଗ୍ରୁପ୍ର ମୋଟ କ୍ଷମତା ପ୍ରାୟ ୮୪, ୮୪୮ ମେଗାଓ୍ୱାଟ ରହିଛି। ଯେଉଁଥିରେ କୋଇଲା, ଗ୍ୟାସ୍/ତରଳ ଇନ୍ଧନ, ଜଳ ଏବଂ ସୌର ଶକ୍ତି ଅନ୍ତର୍ଭୁକ୍ତ। ଏନଟିପିସି ପୂର୍ବରୁ ଏନପିସିଆଇଏଲ ସହିତ ମିଳିତ ଉଦ୍ୟମରେ ରାଜସ୍ଥାନରେ ଏକ ପରମାଣୁ ପ୍ରକଳ୍ପ ବିକଶିତ କରୁଛି। ଏହି ନିବେଶ ପ୍ରାୟ ୪୨ ହଜାର କୋଟି ଟଙ୍କାର ହେବ ବୋଲି ଆକଳନ କରାଯାଉଛି। ଏହି ଜଏଣ୍ଟ ଭେଞ୍ଚରରେ ଏନପିସିଆଇଏଲର ୫୧% ଅଂଶଧନ ରହିଥିବାବେଳେ ଏନଟିପିସିର ୪୯% ଅଂଶଧନ ରହିଛି।

# ଆସିଲା ମୁଡିଜ୍‌ର ଗ୍ଲୋବାଲ ମାକ୍ରୋ ଆଉଟ୍ ଲୁକ୍




ନୂଆଦିଲ୍ଲୀ ୧୬।୧୧: ବୈଶ୍ୱିକ ରେଟିଂ ଏଜେନ୍ସୀ 'ମୁଡିଜ୍' ନୂଆ ରିପୋର୍ଟରେ ଆଗାମୀ ବର୍ଷମାନଙ୍କରେ ଭାରତର ଅର୍ଥ ବ୍ୟବସ୍ଥା ପ୍ରମୁଖ ୨୦ ଦେଶଙ୍କ ସମୂହ ଜି-୨୦ରେ ସବୁଠୁ ଦ୍ରୁତ ଅଭିବୃଦ୍ଧି କରିବ। ଏଜେନ୍ସୀର ଅନୁମାନ ୨୦୨୭ ସୁଦ୍ଧା ଭାରତର ବାର୍ଷିକ ଜିଡିପି ବୃଦ୍ଧି ହାରାହାରି ୬.୫% ଆଖପାଖରେ ରହିବ, ଯାହା ଜି-୨୦ ଦେଶଙ୍କ ମଧ୍ୟରେ ସବୁଠୁ ଉଚ୍ଚ ହାର ଥିବ। ତେବେ ଆମେରିକା ଦ୍ୱାରା ଲଗାଯାଇଥିବା ଉଚ୍ଚ ଟାରିଫ ବର୍ତ୍ତମାନ ସମୟରେ ରପ୍ତାନୀକାରୀଙ୍କ ନିମନ୍ତେ

## ଆଗାମୀ ବର୍ଷମାନଙ୍କରେ ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି କରିବ ଭାରତ

ଚ୍ୟାଲେଞ୍ଜ ସୃଷ୍ଟି କରିଛି। ୫୦% ପର୍ଯ୍ୟନ୍ତ ଟାରିଫ ବୃଦ୍ଧି ଯୋଗୁ ଆମେରିକୀୟ ବଜାରରେ ଭାରତୀୟ ସାମଗ୍ରୀ ଆମଦାନୀ ୧୧.୯% ପର୍ଯ୍ୟନ୍ତ ହ୍ରାସ ହୋଇଛି। ଏଥି ପାଇଁଭାରତୀୟ ରପ୍ତାନୀକାରୀମାନେ ଏସିଆ, ମଧ୍ୟପୂର୍ବ ଓ ଆଫ୍ରିକା ବଜାରକୁ ନିଜକୁ ସମ୍ପ୍ରସାରିତ କରିଛନ୍ତି। ଏଣୁ ସେପ୍ଟେମ୍ବର ମାସରେ ମୋଟ ରପ୍ତାନୀ ୬.୭୫% ପର୍ଯ୍ୟନ୍ତ ରହିଛି। ମୁଡିଜ କହିଛି ଯେ ରପ୍ତାନୀରେ ବିବିଧତା ଓ ନୂଆ କ୍ଷେତ୍ରକୁ ବିସ୍ତାର କାରଣରୁ ଭାରତର ଆର୍ଥିକ ଦୃଢତା କାୟମ ରହିଛି। ମୁଡିଜର 'ଗ୍ଲୋବାଲ ମାକ୍ରୋ ଆଉଟ ଲୁକ୍ ୨୦୨୬-୨୭' ରିପୋର୍ଟରେ କେତେକ ମୁଖ୍ୟ କାରଣ ଦର୍ଶାଯାଇଛି, ଯାହା ଭାରତକୁ ଆର୍ଥିକ କ୍ଷେତ୍ରରେ ଆଗକୁ ବଢାଇବ। ଏଥିରେ ସଡ଼କ, ବନ୍ଦର, ରେଳ, ଡିଜିଟାଲ ନେଟୱାର୍କ ଓ ଶକ୍ତି କ୍ଷେତ୍ରରେ ଭାରତର ନିବେଶ ଅର୍ଥ ବ୍ୟବସ୍ଥାକୁ ଦୃଢ କରିଛି। ପୁଞ୍ଜିଗତ ବ୍ୟୟରେ ଲଗାତାର ବୃଦ୍ଧି ଘରୋଇ କ୍ଷେତ୍ରକୁ ନିବେଶ ଲାଗି ପ୍ରେରିତ କରୁଛି। ଏହା ଛଡା ଭାରତର ବୃହତ୍ତ ଜନସଂଖ୍ୟା ଓ ଯୁବ ବର୍ଗ ଭାରତୀୟ ଅର୍ଥ ବ୍ୟବସ୍ଥାର ମଜଭୁତ ଆଧାର। ବଢୁଥିବା ଆୟ ଓ ସହରିକରଣ ଘରୋଇ ଖର୍ଚ୍ଚକୁ ପ୍ରେରିତ କରୁଛି। ଔଷଧ, ମୋବାଇଲ, ଅଟୋ ପାର୍ଟସ୍, ମେସିନାରୀ ଓ ସେବା କ୍ଷେତ୍ରରେ ଭାରତର ରପ୍ତାନୀ ଦ୍ରୁତ ଅଭିବୃଦ୍ଧି କରୁଛି। ଏହା ଛଡା ବୈଶ୍ୱିକ ଯୋଗାଣ ଶୃଙ୍ଖଳାରେ ଭାରତର ଭୂମିକା ମଜଭୁତ ହେଉଛି। ଏହା ଛଡା ସୁଧହାର, ଆର୍ଥିକ ନିୟମ ଓ ବିଦେଶ ନିବେଶ ସମ୍ପର୍କିତ ସଂଶୋଧନ ଭାରତର ଆର୍ଥିକ ଭିତ୍ତିଭୂମିକୁ ମଜଭୁତ କରିଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୭,୮୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୭,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୭,୮୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୭,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୭,୮୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୭,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୮,୦୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୭,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୯,୧୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୮, ୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୭,୮୫୦ ଓ ୧,୧୭,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୩,୧୦୦ ଟଙ୍କା ହୋଇଛି।

## ଚୀନ୍ ହାତରେ ଗୁପ୍ତଧନ

# ହଜାରେ ଟନ୍‌ରୁ ଅଧିକ ସୁନା ଭଣ୍ଡାର ଆବିଷ୍କୃତ



**ବେଜିଂ, ୧୬।୧୧:** ଚୀନ୍ ବୈଜ୍ଞାନିକମାନେ ଏକ ବିଶାଳ ସୁନା ଭଣ୍ଡାର ଆବିଷ୍କାର କରିଛନ୍ତି। ସର୍ଭେରେ ସାମିଲ ଥିବା ଭୂତତ୍ତ୍ୱବିତ୍ମାନଙ୍କ ଅନୁସାରେ, ଜିନଜିଆଙ୍ଗ ଉଇଗୁର ସ୍ୱୟଂଶାସିତ ଅଞ୍ଚଳର ପଶ୍ଚିମ ସୀମା ନିକଟବର୍ତ୍ତୀ ପାହାଡ଼ରେ ଏହି ବିଶାଳ ସୁନା ଭଣ୍ଡାର ମିଳିଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ, ଏହି ବିଶାଳ ସୁନା ଭଣ୍ଡାରର ପରିମାଣ ୧,୦୦୦ ଟନ୍ ରୁ ଅଧିକ ହୋଇପାରେ। ଆବିଷ୍କାରରେ ସାମିଲ ଥିବା ଭୂତାତ୍ତ୍ୱିକ ଦଳର ବରିଷ୍ଠ ଇଞ୍ଜିନିୟର ହେ ଫୁବାଓ ଏବଂ ତାଙ୍କ ସହଯୋଗୀମାନେ ନଭେମ୍ବର ୪ ତାରିଖରେ ବିଜ୍ଞାନ ପତ୍ରିକା ଆକ୍ଟା ଜିଓସାଇଣ୍ଟିକା ସିନିକାରେ ପ୍ରକାଶିତ ଏକ ଗବେଷଣା ପତ୍ରିକାରେ ଲେଖିଛନ୍ତି ଯେ, ଜିନଜିଆଙ୍ଗର ପଶ୍ଚିମ କୁନକୁଲରେ ୧,୦୦୦ ଟନ୍‌ର ଏକ ସୁନା କ୍ଷେତ୍ରର ରୂପରେଖା ଏବେ ଆକାର ନେଉଛି।

ଏହା ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଚୀନ୍ ଦ୍ୱାରା ଆବିଷ୍କୃତ ତୃତୀୟ ପ୍ରମୁଖ ସୁନା ଭଣ୍ଡାର। ଯାହାର ସମ୍ଭାବନା ହଜାରେ ଟନ୍‌ରୁ ଅଧିକ। ପୂର୍ବରୁ, ଦେଶର ଉତ୍ତର-ପୂର୍ବରେ ଥିବା ଲିଆଓନିଂ ପ୍ରଦେଶ ଏବଂ କେନ୍ଦ୍ରୀୟ ଚୀନର ହୁନାନ୍ ପ୍ରଦେଶରେ ବଡ଼ ଗଚ୍ଛିତ ସୁନା ଗଚ୍ଛିତ ଆବିଷ୍କୃତ ହୋଇଥିଲା। ପୂର୍ବରୁ, ବିଶ୍ୱର ସର୍ବବୃହତ ଜଣାଶୁଣା ସୁନା ଗଚ୍ଛିତରେ ସାଧାରଣତଃ କେବଳ କିଛି ଶହ ଟନ୍ ସୁନା ଗଚ୍ଛିତ ରହିଥିବା ଆକଳନ କରାଯାଇଥିଲା। ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଅନୁଯାୟୀ, ଶିଳ୍ପ ଆକଳନ ଅନୁଯାୟୀ ବର୍ତ୍ତମାନ ଚୀନର ସୁନା ଭଣ୍ଡାର ପ୍ରାୟ 3,000 ଟନ୍ ଅଛି, ଯାହା ରୁଷ ଏବଂ ଅଷ୍ଟ୍ରେଲିଆରେ ଖଣିରୁ ମୁକ୍ତ ଥିବା ସୁନାର ମାତ୍ର ଏକ ଚତୁର୍ଥାଂଶ। ଏହି ଆବିଷ୍କାରଗୁଡ଼ିକର ଦ୍ରୁତ ଗତି ସୂଚାଇ ଦିଏ ଯେ ଚୀନର ସୁନା ଭଣ୍ଡାର ପୂର୍ବ ଆକଳନ ଅପେକ୍ଷା ବହୁତ ଅଧିକ ହୋଇପାରେ।

ଚୀନ୍‌ରେ ବଡ଼ ସୁନା ଭଣ୍ଡାର ଆବିଷ୍କାର ପଛରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏକ ପ୍ରମୁଖ କାରଣ। ଚୀନ୍‌ର ଭୂତତ୍ତ୍ୱବିତ୍ମାନେ କୃତ୍ରିମ ବୁଦ୍ଧିମତ୍ତା (AI), ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଭୂମି-ଭିତ୍ତିକ ରାଡାର ସିଷ୍ଟମ ଏବଂ ଅତ୍ୟନ୍ତ ସମ୍ବେଦନଶୀଳ ଖଣିଜ ଅନୁସନ୍ଧାନ ଉପଗ୍ରହ ସମେତ ଅତ୍ୟାଧୁନିକ ଉପକରଣଗୁଡ଼ିକର ଏକ ସୁଟ୍ ବିକଶିତ କରିଛନ୍ତି। ଏହି ନୂତନ ପ୍ରଯୁକ୍ତିବିଦ୍ୟା କେବଳ ଚୀନ୍ ପର୍ଯ୍ୟନ୍ତ ସୀମିତ ନୁହେଁ। ସେମାନେ ପଶ୍ଚିମ ଏବଂ ମଧ୍ୟ ଆଫ୍ରିକାର ଅଞ୍ଚଳରେ ନୂତନ ସୁନା ଗଚ୍ଛିତ ଚିହ୍ନଟ କରିବାରେ ସାହାଯ୍ୟ କରିଛନ୍ତି।

ପ୍ରାଚୀନ ଚୀନ୍ ପୌରାଣିକ କାହାଣୀରେ, କୁନଲୁନ୍ ପର୍ବତକୁ ଏକ ପବିତ୍ର, ଦିବ୍ୟ ପର୍ବତ ଭାବରେ ବିବେଚନା କରାଯାଏ, ଯାହାକୁ ପ୍ରାୟତଃ ଗ୍ରୀକ୍ ପୌରାଣିକ କାହାଣୀରେ ମାଉଣ୍ଟ ଅଲିମ୍ପସ୍ ସହିତ ତୁଳନା କରାଯାଏ। ପ୍ରାଚୀନ ଗ୍ରନ୍ଥ, "ଦି କ୍ଲାସିକ୍ ଅଫ୍ ପର୍ବତମାଳା ଆଣ୍ଡ୍ ସିଜ୍" କୁନଲୁନ୍ କୁ ପୃଥିବୀର କେନ୍ଦ୍ର ଏବଂ ପୃଥିବୀର ସମସ୍ତ ଧନସମ୍ପତ୍ତିର ଭଣ୍ଡାର ଭାବରେ ବର୍ଣ୍ଣନା କରେ। ୨,୧୦୦ ବର୍ଷ ପୂର୍ବେ, ହାନ୍ ରାଜବଂଶର ସମ୍ରାଟ ଉ, ଦକ୍ଷିଣ-ପଶ୍ଚିମ ଜିନଜିଆଙ୍ଗରେ ଏକ ବିଶାଳ ଡ୍ରାଗନ୍-ଆକୃତିର ପର୍ବତମାଳାରେ ପ୍ରଭାବିତ ହୋଇ ଏହାକୁ ଆନୁଷ୍ଠାନିକ ଭାବରେ କୁନଲୁନ୍ ନାମ ଦେଇଥିଲେ, ଯାହା ଆଜି ପର୍ଯ୍ୟନ୍ତ ରହିଛି। ଆଧୁନିକ ବୈଜ୍ଞାନିକମାନେ ମଧ୍ୟ ନିଶ୍ଚିତ କରିଛନ୍ତି ଯେ, ୟୁରେସିଆନ୍ ମହାଦେଶର ଭୌଗୋଳିକ କେନ୍ଦ୍ର ଜିନଜିଆଙ୍ଗରେ ଅବସ୍ଥିତ ଏବଂ ଏହି ଅଞ୍ଚଳ ଜେଡ୍ ଭଳି ମୂଲ୍ୟବାନ ସମ୍ପତ୍ତିରେ ଭରପୁର। ତଥାପି, ଏପର୍ଯ୍ୟନ୍ତ, କୁନଲୁନ୍ ସୁନାରେ ଭରପୁର ହେବାର ପ୍ରାଚୀନ କିମ୍ବଦନ୍ତୀର କୌଣସି ବୈଜ୍ଞାନିକ ପ୍ରମାଣ ମିଳି ନଥିଲା।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ସ୍ଥିର ରହିଛି। କୌଣସି ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଏଆଇ ପାଇଁ ୨ କୋଟି ଭାରତୀୟଙ୍କ ଚାଲି ଯାଇପାରେ ଚାକିରି




ନୂଆଦିଲ୍ଲୀ, ୧୬।୧୧: ଭାରତରେ ମିଡିଲ୍ କ୍ଲାସର ଚାକିରି ଉପରେ ସଙ୍କଟର କଳାବାଦଲ ଘେରିବାକୁ ଯାଉଛି , ଯାହା ମାନ୍ଦାବସ୍ଥା କାରଣରୁ ନୁହେଁ, ବରଂ ଆହୁରି ଅନେକ କାରଣରୁ ଆସିବାକୁ ହୋଇପାରେ। ମାର୍ସେଲସ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସଙ୍କ ସଂସ୍ଥାପକ ସୌରଭ ମୁଖାର୍ଜୀ ଚେତାବନୀ ଦେଇଛନ୍ତି ଯେ,ଯଦି ନୀତି ନିର୍ମାତାମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି, ତ ଏହାର ପରିଣାମ ବିନାଶକାରୀ ହୋଇପାରେ। ତାଙ୍କର କହିବା ହେଲା ଯେ, ଚାକିରି ଗୁଡ଼ିକ ମାନ୍ଦାବସ୍ଥା କାରଣରୁ ନୁହେଁ, ବରଂ କମ୍ପାନୀ ଗୁଡ଼ିକର ଅପରେସନ , ଏଆଇ ଓ ଗ୍ଲୋବାଲ ବ୍ୟାପାରର ପରିସ୍ଥିତିର କାରଣରୁ ଯିବାର ଅଛି। ନିକଟରେ ଏକ ପଡକାଷ୍ଟରେ ମୁଖାର୍ଜୀ ଭାରତର ହ୍ୱାଇଟ୍-କଲର ଜବ୍ ମାର୍କେଟରେ ଚାଲୁଥିବା ଅସ୍ଥିରତାର ଏକ ପ୍ରତିଛବି ପ୍ରଦାନ କରି କହିଥିଲେ ଯେ, ଆମେ ଜବ୍ ମାର୍କେଟ୍‌ରେ ଖୁବ୍ ଅସ୍ଥିରତା ଦେଖୁଛୁ। ଆଇଟି , ବ୍ୟାଙ୍କିଂ ଓ ମିଡ଼ିଆ ଭଳି ମାନକ ମଧ୍ୟବିତ୍ତ ଶ୍ରେଣୀର ଚାକିରିର ସ୍ଥାନ ଗିଗ୍ ଜବ୍ସ ନେଇଯିବ। ସେମାନେ ଆକଳନ କରିଛନ୍ତି ଯେ, ଭାରତକୁ ଏହାର ସଂପୂର୍ଣ୍ଣ ପ୍ରଭାବ ଅନୁଭବ କରିବାକୁ ଦୁଇରୁ ତିନି ବର୍ଷ ସମୟ ଲାଗିବ। ଏହି ସମୟ ମଧ୍ୟରେ ଦରମା ପାଉଥିବା ଚାକିରିର ଏକ ବଡ଼ ଅଂଶ ଉଭାନ ହୋଇପାରେ। ସେତେବେଳେ ଭାରତ ଏକ ବଡ଼ ଗିଗ୍ ଇକୋନମି ହୋଇଯିବ। ଏହା କେବଳ ରାଇଡଶେୟର ଓ ଫୁଡ୍ ଡେଲିଭରୀ ଯାଏ ସୀମିତ ହେବ ନାହିଁ। ଆମର ସବୁ ସଂପର୍କୀୟ ଏହି ଗିଗ୍ ଇକୋନମିର ପାର୍ଟ ହେବେ।

ସେ ଆହୁରି କହିଛନ୍ତି ଯେ, ଏହି ସଙ୍କଟ ଆର୍ଥିକ ମାନ୍ଦାବସ୍ଥାର ଫଳ ନୁହେଁ। ବରଂ ଏହା ସେହି କମ୍ପାନୀ ଗୁଡ଼ିକ କାରଣରୁ ,ଯେଉଁମାନେ ଖର୍ଚ୍ଚ ହ୍ରାସ କରିବା ଓ ଦକ୍ଷତା ବଢାଇବା ପାଇଁ ଏଆଇକୁ ଆପଣାଉଛନ୍ତି। ମୁଖାର୍ଜୀ କହିଛନ୍ତି ଯେ, ଆମେ ଦେଖି ପାରିବା ଯେ, ପ୍ରତି କମ୍ପାନୀ ଲୋକଙ୍କ ସ୍ଥାନରେ ଏଆଇକୁ ଆପଣାଉଛନ୍ତି। ତାହା ଆପଣ ପୋର୍ଟଫୋଲିଓରେ ସାମିଲ ବ୍ୟାଙ୍କ ହେଉ, ଯେଉଁ ମିଡ଼ିଆ ସଂସ୍ଥା ସହ ଆମେ କଥା ହେଉ, କିମ୍ବା ଚୀନର ପୋର୍ଟଫୋଲିଓରେ ସାମିଲ ଆଇଟି ସର୍ଭିସ ପ୍ରୋଭାଇଡର୍ସ ହେଉ। ବିଜ୍ଞାପନ ମଧ୍ୟ ଏଆଇ ସ୍ତରୀୟ ହୋଇସାରିଛି। ଏମିତି କି ବିଜ୍ଞାପନରେ ଥିବା ମଡେଲଟି ମଧ୍ୟ ଏଆଇ ଅଟେ। ଏହା ମଧ୍ୟ ବିଜ୍ଞାପନରେ ଦେଖାଯାଉ ଥିବା ଶୁଆ ବି ଅସଲି ନୁହେଁ।

ଘରୋଇ ଋଣର ବୋଝ ବୃଦ୍ଧି ଏହି ଉତ୍ତେଜନାକୁ ଆହୁରି ବଢାଉଛି। ମୁଖାର୍ଜୀଙ୍କ ଅନୁସାରେ ,ହୋମ୍ ଲୋନଙ୍କୁ ଛାଡ଼ି , ଭାରତୀୟ ଘରୋଇ ଋଣ ଆୟର ୩୩-୩୪ % , ଯାହା ବିଶ୍ୱରେ ସବୁଠୁ ଅଧିକ। ବିଭାଗ ଉପରେ ବୋଝ , ଏତେ ଋଣ ଯେ, ଏହାକୁ ସୁଝିବାରେ ସମୟ ଲାଗିବ। ମୁଖାର୍ଜୀ ବାହ୍ୟ ରିସ୍କ, ବିଶେଷକରି ଆମେରିକା ସହ ବ୍ୟାପାରିକ ଉତ୍ତେଜନା ଆଡ଼କୁ ଇସାରା କରିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ,ଯଦି ରାଷ୍ଟ୍ରପତି ଟ୍ରମ୍ପ ଟାରିଫ୍ ଫେରେଇ ନନିଅନ୍ତି , ତ ଖ୍ରୀଷ୍ଟମାସ ଯାଏ ୨କୋଟି ଯାଏ ଭାରତୀୟ ଚାକିରି ଯାଇପାରେ। ସେ କହିଛନ୍ତି ଯେ, ବାର୍ଷିକ ୨-୫ ଲକ୍ଷ ଟଙ୍କା ଆୟ କରୁଥିବା ଲୋକଙ୍କ ଚାକିରି ଯିବା ଓ ଦଶନ୍ଧି ଧରି ରପ୍ତାନୀ ଫ୍ରାଞ୍ଚାଇଜ୍ ନିର୍ମାଣ କରୁଥିବା କମ୍ପାନୀଗୁଡ଼ିକୁ ଦଣ୍ଡ ମିଳିବା ଖୁବ୍ ଦୁଃଖଦ। ସେ ଆହୁରି କହିଛନ୍ତି ଯେ ଆଶା ଓ ପ୍ରାର୍ଥନା କରନ୍ତୁ ଯେ, ଭାରତ ସରକାର ଓ ରାଷ୍ଟ୍ରପତି ଟ୍ରମ୍ପ ଖୁବ୍ ଶୀଘ୍ର ହିଁ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମାରେ ପହଞ୍ଚିବେ।

# ଆଧାର କାର୍ଡରେ କେତେଥର ନାମ ପରିବର୍ତ୍ତନ କରିହେବ

ନୂଆଦିଲ୍ଲୀ, ୧୬।୧୧: ଆପଣଙ୍କ ଆଧାର କାର୍ଡ ଏକ ଜରୁରୀ ଡକ୍ୟୁମେଣ୍ଟ। ଏହା ବିନା,ଆପଣଙ୍କର କେୱାଇସି ପୂରଣ କରିପାରିବେ ନାହିଁ, କିମ୍ବା ଆପଣ ଏକ ନୂତନ ଆକାଉଣ୍ଟ ଖୋଲିପାରିବେ ନାହିଁ। ଏହା ଅନେକ ସୁବିଧା ପ୍ରଦାନ କରେ। ଯଦି ଆପଣଙ୍କ ଆଧାର କାର୍ଡରେ ଆପଣଙ୍କ ନାମରେ କୌଣସି ଭୁଲ୍ ଅଛି, ତେବେ ଏହାକୁ ସଂଶୋଧନ କରିବା ଅତ୍ୟନ୍ତ ଜରୁରୀ। ଆପଣ ପ୍ରଥମ ଥର ପାଇଁ ଆପଣଙ୍କର ନାମ ପରିବର୍ତ୍ତନ କରିପାରିବେ। କିନ୍ତୁ ଯଦି ପ୍ରଥମ ପରିବର୍ତ୍ତନ ପରେ କୌଣସି ଭୁଲ୍ ରହିଯାଏ, ତେବେ ଆପଣ କ'ଣ ଦ୍ୱିତୀୟ ଥର ପାଇଁ ଆପଣଙ୍କର ଆଧାର କାର୍ଡରେ ନାମ ପରିବର୍ତ୍ତନ କରିପାରିବେ? ଆପଣ ଆପଣଙ୍କର ଆଧାର କାର୍ଡରେ ଆପଣଙ୍କର ନାମ କେତେ ଥର ପରିବର୍ତ୍ତନ କରିପାରିବେ ଏବଂ ଏଥିପାଇଁ ଆପଣଙ୍କୁ କେଉଁ ଡକ୍ୟୁମେଣ୍ଟ ଆବଶ୍ୟକ ହେବ ତାହା ଜାଣନ୍ତୁ। ୟୁଆଇଡିଏଆଇର ଆଧାର କାର୍ଡରେ ନାମ ଏବଂ ଠିକଣା ଭଳି ବ୍ୟକ୍ତିଗତ ସୂଚନା ଅପଡେଟ୍ କରିବା ପାଇଁ କିଛି ନିୟମ ଅଛି। ଏହି ନିୟମ ଅନୁଯାୟୀ, ଆପଣ କେବଳ ଦୁଇଥର ଆପଣଙ୍କ ଆଧାର କାର୍ଡରେ ଆପଣଙ୍କ ନାମ ପରିବର୍ତ୍ତନ କରିପାରିବେ। ବନାନ ତ୍ରୁଟି ସଂଶୋଧନ କରିବା, ନାମର କ୍ରମ ପରିବର୍ତ୍ତନ କରିବା କିମ୍ବା ବିବାହ ପରେ ନାମ ଅପଡେଟ୍ କରିବା ଭଳି ଛୋଟ ପରିବର୍ତ୍ତନଗୁଡ଼ିକୁ ଅନୁମତି ଦିଆଯାଇଛି। ଏହି ପରିବର୍ତ୍ତନଗୁଡ଼ିକ ପାଇଁ ୫୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଯାହା ବ୍ୟବହାରକାରୀମାନଙ୍କୁ ଗୋଟିଏ ଅନୁରୋଧରେ ଦୁଇଟି ଅପଡେଟ୍ କରିବାକୁ ଅନୁମତି ଦେବ। ଯଦି ଆପଣଙ୍କୁ ତୃତୀୟ ଥର ପାଇଁ ଆପଣଙ୍କର ନାମ ପରିବର୍ତ୍ତନ କରିବାକୁ ପଡିବ, ତେବେ ଆପଣଙ୍କୁ ସ୍ୱତନ୍ତ୍ର ଅନୁମତି ନେବାକୁ ପଡିବ ଏବଂ ଏକ ବୈଧ କାରଣ ପ୍ରଦାନ କରିବାକୁ ପଡିବ। ତେବେ ଆଧାର କାର୍ଡରେ କେତେଥର ନାମ ପରିବର୍ତ୍ତନ କରିପାରିବେ ତାହା ୯୦% ଲୋକଙ୍କୁ ସଠିକ୍ ଭାବେ ଜଣା ନାହିଁ। ଆପଣଙ୍କ ଆଧାର କାର୍ଡରେ ନାମ ପରିବର୍ତ୍ତନ କରିବା ପାଇଁ ଆପଣଙ୍କୁ ଆଉ କୌଣସି ସ୍ଥାନକୁ ଯିବାକୁ ପଡିବ ନାହିଁ। ଆପଣ ଘରେ ବସି ଅନଲାଇନରେ ଏହା କରିପାରିବେ। ଆପଣଙ୍କ ନାମ ପରିବର୍ତ୍ତନ କରିବା ପାଇଁ, ଆପଣଙ୍କୁ ଜନ୍ମ ପ୍ରମାଣପତ୍ର, ପାସପୋର୍ଟ, ପାନ କାର୍ଡ, କିମ୍ବା ଜନ୍ମ ତାରିଖର ଅନ୍ୟ କୌଣସି ସରକାର ଅନୁମୋଦିତ ପ୍ରମାଣପତ୍ର ଦେବାକୁ ପଡିବ। ନାମ ପରିବର୍ତ୍ତନର ଆବଶ୍ୟକତା ପ୍ରମାଣ କରୁଥିବା ଗେଜେଟ୍ ବିଜ୍ଞପ୍ତି, ବିବାହ ପ୍ରମାଣପତ୍ର, କୋର୍ଟ ଆଦେଶ, କିମ୍ବା ଅନ୍ୟାନ୍ୟ ଆଇନଗତ ଡକ୍ୟୁମେଣ୍ଟ ମଧ୍ୟ ବୈଧ। ଡକ୍ୟୁମେଣ୍ଟଗୁଡ଼ିକର ତାଲିକା ପାଇଁ ଆପଣ ୟୁଆଇଡିଏଆଇ ୱେବସାଇଟ୍ ଯାଞ୍ଚ କରିପାରିବେ।

# ଭାରତରେ କୃଷି କ୍ଷେତ୍ରରେ ହୋଇପାରେ ବ୍ୟାପକ ପରିବର୍ତ୍ତନ

ନୂଆଦିଲ୍ଲୀ, ୧୬।୧୧: ଭାରତରେ ଏବେ ବି ଅଧିକାଁଶ କୃଷକ ଚାଷ ଜନିତ ଟେକ୍ନୋଲୋଜୀରୁ ବଞ୍ଚିତ ରହିଛନ୍ତି। ପାଖାପାଖି ୮୬% କୃଷକ ବର୍ତ୍ତମାନ ଏହି ଶ୍ରେଣୀର। ତେଣୁ ବର୍ତ୍ତମାନ ଭାରତକୁ ବିଭାଜିତ ଚାଷ ବ୍ୟବସ୍ଥାରୁ ହଟି ଏକ ପ୍ରଣାଳିଗତ ଏକୀକରଣ ଚାଷ ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେବା ଆବଶ୍ୟକ ବୋଲି କହିଛି ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘ। କେବଳ ସେତିକି ନୁହେଁ,ଟେକ୍ନୋଲୋଜୀକୁ ଚାଷୀଙ୍କ ପାଇଁ କେମିତି ବୈଧ କରାଯିବ,ଏହାର ବ୍ୟବସାୟକରଣ କରିବା ଓ କ୍ଷୁଦ୍ର ଚାଷୀମାନଙ୍କ ପାଖରେ ପହଞ୍ଚିବାର ଉପାୟରେ ଆମୂଳଚୂଳ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି କହିଛି ଆସୋଚାମ। ଦେଶରେ ବିଭିନ୍ନ ଖାଦ୍ୟ ଶଷ୍ୟର ଚାଷବାସ ହେଉଛି। ହେଲେ କୃଷକମାନେ କୃଷି ଟେକ୍ନୋଲୋଜୀ ସହିତ ଜଡ଼ିତ ନହେବାରୁ ଚାଷରେ ନାନା ସମସ୍ୟା ଦେଖାଯାଉଛି। ତେଣୁ କୃଷକମାନଙ୍କୁ ଟେକ୍ନୋଲୋଜୀ ସହ ଯୋଡ଼ିବାକୁ ଆହ୍ୱାନ ଦେଇଛି ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘ ବା ଆସୋଚାମ। ରାଜ୍ୟସ୍ତରରେ ଟେଷ୍ଟିଂ ପ୍ଲାଟଫର୍ମ ଓ ୟୁନିଫାଏଡ୍ ଡାଟା ଫ୍ରେମୱର୍କ ଦ୍ୱାରା ଏହା କରାଗଲେ ଅଧିକାଂଶ ଚାଷୀଙ୍କୁ ଟେକ୍ନୋଲୋଜୀ ସହ ଯୋଡ଼ା ଯାଇପାରିବ ବୋଲି ଆସୋଚାମ ମଙ୍ଗଳବାର ଜାରି କରିଥିବା ଏକ ସର୍ଭେ ରିପୋର୍ଟରେ ଦର୍ଶାଇଛି।

## ସମ୍‌ରେ ଏଆଇ ଓ ଟେକ୍ନୋଲଜିକାଲ୍ ଆଡଭାନ୍‌ସେସ୍ ସମ୍ପର୍କିତ ସମ୍ମିଳନୀ ପୂର୍ବ-କର୍ମଶାଳା



ଭୁବନେଶ୍ୱର, ୧୬।୧୧ (ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ସେବା ଏବଂ ପରୀକ୍ଷଣ କ୍ଷେତ୍ରରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଓ ଟେକ୍ନୋଲଜିକାଲ୍ ଆଡଭାନ୍‌ସେସ୍‌ର ବ୍ୟବହାର ସମ୍ପର୍କରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲରେ ଏକ ସମ୍ମିଳନୀ ପୂର୍ବ-କର୍ମଶାଳା ଶନିବାର ଆୟୋଜିତ ହୋଇଯାଇଛି।

କନ୍‌ସୋରଟିୟମ୍ ଅଫ ଆକ୍ରେଡିଟେଡ୍ ହେଲ୍‌ଥ କେୟାର ଅର୍ଗାନାଇଜେସନ୍ (କାହୋ) ଏବଂ ସମ ହସ୍ପିଟାଲ୍‌ର ମିଳିତ ସହଯୋଗରେ ଏହି ସମ୍ମିଳନୀ ପୂର୍ବ-କର୍ମଶାଳାର ଆୟୋଜନ କରାଯାଇଥିବା ବେଳେ କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କାହୋର ଅଧକ୍ଷା ଡାକ୍ତର ଅପର୍ଣ୍ଣା ଜୟରାମ ଯୋଗ ଦେଇ ଏଆଇ ଏବଂ ଟେକ୍ନୋଲଜିକାଲ୍ ଆଡଭାନ୍‌ସେସ୍ ସ୍ୱାସ୍ଥ୍ୟ ସେବାର ଭବିଷ୍ୟତ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍କରାଜ ସାମନ୍ତସିଂହାର, ସମ୍ ସେଂଟ୍ରାଲ ଲ୍ୟାବର ନିର୍ଦ୍ଦେଶିକା ପ୍ରଫେସର ରାଜଶ୍ରୀ ପାଣିଗ୍ରାହୀ, ଯୁଗ୍ମ ନିର୍ଦ୍ଦେଶିକା ପ୍ରଫେସର ବ୍ରତତୀ ସିଂ ଏବଂ ମାଇକ୍ରୋବାୟୋଲଜି ବିଭାଗର ମୁଖ୍ୟ ଡାକ୍ତର କୁନ୍ଦନ ଶାହା ଯୋଗ ଦେଇ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଓ ଟେକ୍ନୋଲଜିକାଲ୍ ଆଡଭାନ୍‌ସେସ୍‌ର ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମକୁ ହସ୍ପିଟାଲ୍‌ର କ୍ୱାଲିଟି ବିଭାଗର ମୁଖ୍ୟ ପ୍ରଫେସର ଅରୋଲିପି ଦାସ ପରିଚାଳନା କରିଥିଲେ।

## ମଦ ଜବତ, ଜଣେ ଗିରଫ



କଣାସ, ୧୬।୧୧ (ସଂଚାର ବ୍ୟୁରୋ): କଣାସ ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ହେଉଥିବା ବେଳେ ଅବକାରି ବିଭାଗର ବଡବାବୁମାନେ ନିଦରେ ଶୋଇପଡ଼ିଥିବା ବେଳେ କଣାସ ଓ ଗଡ଼ିଶାଗୋଦା ଥାନା ଅଧିକାରୀ ଚୋରାମଦ ଧରିବାରେ ଲାଗିପଡ଼ିଛନ୍ତି। କଣାସ ଥାନା ଆଇ.ଆଇ.ସି ଗତକାଲି କୌଣସି ସୂତ୍ରରୁ ଖବର ପାଇ ଜଗନ ପାଲଟାସିଂହ ୪୦ବର୍ଷ ନାମକ ଜଣେ ଯୁବକ ଠାରୁ ୧୫ବୋତଲ ଦେଶି ମଦ ଆସ୍କା ଫଟି ଯବତ କରିବା ସହିତ ଜଗନ ପାଲଟାସିଂହଙ୍କୁ ଗିରଫ କରି କଣାସ ଥାନା କେସ୍ ନଂ-୨୭୧/୨୦୨୫ରେ ଏକ ମକଦମା ରୁଜ୍ କରି କୋର୍ଟଚାଲଣ କରିଥିବା ଆଇ.ଆଇ.ସିଙ୍କ ଠାରୁ ପ୍ରକାଶ।

## ଚୋରାରେ ବାଲି ଚାଲାଣର ପେଣ୍ଠସ୍ଥଳୀ ପାଲଟିଛି

# ଦୋସିଆମୁହାଁ ଘାଟ



ଯାଜପୁର ରୋଡ଼,୧୬।୧୧(ସଂଚାର ବ୍ୟୁରୋ) : ଯାଜପୁର ଜିଲ୍ଲା ଅନ୍ତର୍ଗତ କୋରେଇର ନଦୀ କୂଳ ଅଂଚଳରେ ନଦୀବାଲିର ରାଜସ୍ୱକୁ ବଂଚାଇବା ଲାଗି ଜିଲ୍ଲା ପ୍ରଶାସନିକ କଳ ଡାଳେ ଡାଳେ ଯାଉଥିବା ବେଳେ ବାଲି ମାଫିଆମାନେ ପତ୍ରେପତ୍ରେ ଯାଉଥିବା ଦେଖିବାକୁ ମିଳିଛି। ବାଲି ମାଫିଆ ମାନଙ୍କ ସକ୍ରିୟତା ବିଭାଗୀୟ ଅଧିକାରୀ ମାନଙ୍କ ନିଷ୍କ୍ରିୟତା ନେଇ ସାଧାରଣରେ ପ୍ରଶ୍ନ ଉଠୁଥିବା ନେଇ ଆଲୋଚନା ହେଉଛି। ସରକାର କହୁଛନ୍ତି କୌଣସି ବାଲିଘାଟରୁ ବାଲି ଯେପରି ଚୋରି ନ ହୁଏ। କିନ୍ତୁ ସେଥିପାଇଁ ସରକାର ଚେଷ୍ଟାରେ। କିନ୍ତୁ ବାସ୍ତବ କ୍ଷେତ୍ରରେ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ପ୍ରତିଦିନ ସରକାରୀ ଲିଜ୍ ନଥିବା ବାଲି ଘାଟରୁ ଶହଶହ ଟ୍ରିପ୍ ବାଲି ଲୁଟ୍ ହେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବ୍ୟାସନଗର ତହସିଲ ରଣପୁର ଆରଆଇ ସର୍କଲ ରଣପୁର ପଂଚାୟତ ଅନ୍ତର୍ଗତ ରଣପୁର ଦୋସିଆ ମୁହଁ ଘାଟରେ।

ବୈତରଣୀ ନଦୀ ବନ୍ଧକୁ ହାଣି ବାଲି ମାଫିଆମାନେ ଘାଟରୁ ପ୍ରତ୍ୟେକ ଦିନ ଟ୍ରାକ୍ଟର ଓ ଟିପର ଯୋଗେ ଶହଶହ ଚୋରା ବାଲି ଚାଲାଣ କରୁଥିବା ଜଣାପଡିଛି। ମନରେ ଡର ନାହିଁ କି ଭୟ ନାହିଁ। ବେଧଡକ ବାଲି ଲୁଟ୍ । ବିଶେଷ ସୂତ୍ରରୁ ଶୁଣାଯାଏ ପ୍ରଶାସନର କିଛି ଅସାଧୁ କର୍ମଚାରୀ ଏଠାକୁ ତଦାରଖରେ ଆସିଲେ ମାଫିଆ ମାନେ କିଛି ଟଙ୍କା ଦେଇ ସେମାନଙ୍କ ମୁହଁ ବନ୍ଦ କରିଦେଇଥାନ୍ତି । ଦୋସିଆ ମୁହଁ ଘାଟରେ ଚୋରା ବାଲି କାରବାର ପାଇଁ ଗ୍ରାମବାସୀ ପ୍ରଶାସନକୁ ଦାୟୀ କରିଛନ୍ତି ନେଇ ଚର୍ଚ୍ଚା ଚାଲିଛି। ଚୋରା ବାଲି ପରିବହନ ଯୋଗୁଁ କୋରେଇ ବ୍ଲକର ଗ୍ରାମାଂଚଳ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁ ଥିବାବେଳେ ଏହାର ଦୁର୍ଦ୍ଦଶା ଲୋକଙ୍କୁ ଭୋଗିବାକୁ ପଡୁଛି। ତେଣୁ ବାଲି ଚୋରିକୁ ରୋକିବା ନିହାତି ଆବଶ୍ୟକ ରହୁଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

## ଗ୍ରାମେଶ୍ୱର ଡ୍ରାମାଟିକ୍ କ୍ଲବ ଦ୍ୱାରା 'ଆଖି ଅବୁଝାକୁ ଲୁହ ଅବୁଝା' ନାଟକ ପରିବେଷଣ

ମାହାଙ୍ଗା, ୧୬।୧୧ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଗୋତରା ଗ୍ରାମ ପଞ୍ଚାୟତ ଆପିଲୋ ଗ୍ରାମର ତଳପଡ଼ାସ୍ଥିତ ଗ୍ରାମେଶ୍ୱର ଡ୍ରାମାଟିକ୍ କ୍ଲବ ଆନୁକୂଲ୍ୟରେ ପବିତ୍ର ଅଷ୍ଟମୀ ଯାତ୍ରା ଅବସରରେ ଏକଦିବସୀୟ ଡ୍ରାମା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଯତିନ୍ଦ୍ରନାଥ ଜେନା ଓ କଳାକାର ବିଜୟ କୁମାର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଖି ଅବୁଝାକୁ ଲୁହ ଅବୁଝା ନାଟକ ଗ୍ରାମର ଲୁକାୟିତ ପ୍ରତିଭାମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ବେଳେ ନାଟକଟି ଦର୍ଶକ ମାନଙ୍କୁ ବେଶ୍ ମୋହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାଚରଣ ପ୍ରଧାନ, କମଳାକାନ୍ତ ରାଉତ, ଦ୍ୱାରିକାନାଥ ପଣ୍ଡା, ପ୍ରକାଶ ଚନ୍ଦ୍ର ପଣ୍ଡା, ରୁଦ୍ରପ୍ରତାପ ରାଉତ, ସରୋଜ ରାଉତ, ସରୋଜିନୀ ଛୋଟରାୟ, ଅର୍ଚ୍ଚନାରାଣୀ ସାହୁ, ସୁଧାରାଣୀ ପଣ୍ଡା, ନିରୋଦନଳିନୀ ବେହେରା, ରାନୁ ବିଶ୍ୱାଳ, ମନୋରଞ୍ଜନ ସ୍ୱାଇଁ, ଡ଼ିଜେ ପ୍ରଭାତ୍, ନରେନ୍ଦ୍ର ପ୍ରଧାନ, ଚମ୍ପକ କୁମାର ସାହୁ ପ୍ରମୁଖ ନିଖୁଣ ଅଭିନୟ ପ୍ରଦର୍ଶନ କରିଥିଲେ।

## କନ୍ଧମାଳ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ



ଫୁଲବାଣୀ, ୧୬।୧୧ (ସଂଚାର ବ୍ୟୁରୋ): ଆଜି କନ୍ଧମାଳ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା ୨୦୨୫ ପାଳନ ପରିପ୍ରେକ୍ଷୀରେ ଏକ ମିନି ମାରାଥନ୍ 'ସାଇବର ସୁରକ୍ଷା ପାଇଁ ଗଣଦୌଡ' ଆୟୋଜିତ ହୋଇଯାଇଛି। ମାନ୍ୟବର ସାଂସଦ, କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ, ଫୁଲବାଣୀ ଉମା ଚରଣ ମଲ୍ଲିକ, ଜିଲ୍ଲାପାଳ, କନ୍ଧମାଳ ବେଦ ଭୂଷଣ, ଆରକ୍ଷୀ ଅଧିକ୍ଷକ, କନ୍ଧମାଳ ହରିଶ ବି.ସି ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ।

ଏହି ମାରଥନଟି କୋରୋନେସନ ପଡ଼ିଆରୁ ବାହାରି ଗାନ୍ଧୀ ଛକ, ଫୁଲବାଣୀ ବସ ଷ୍ଟାଣ୍ଡ, ଫୁଲବାଣୀ ସାହି(କେନ୍ଦୁପଦର), ନାଦିଖଣ୍ଡିସାହି ଦେଇ କୋରୋନେସନ ପଡିଆରେ ଶେଷ ହୋଇଥିଲା । ପୁରୁଷ ଓ ମହିଳା ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି, ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ଶ୍ରେଷ୍ଠ ୨୦ ପ୍ରତିଯୋଗୀଙ୍କୁ ପଦକ ଓ ମାନପତ୍ର ଏବଂ ଶ୍ରେଷ୍ଠ ୩୦ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ କୁଶଳ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଭୁତି ଭୂଷଣ ମହାପାତ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ସନ୍ତୋଷ କୁମାର ପାଢ଼ୀ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ-ତଥା- ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଦାଧର ପାତ୍ର, ଡେପୁଟି କମାଣ୍ଡାଣ୍ଟ,୧୧୬ ବିଏସଏଫ ବିଭୁ ମଲ୍ଲିକଙ୍କ ସମେତ ବିଭାଗୀୟ ଅଧିକାରୀ, ପୁଲିସ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଶତାଧିକ ଛାତ୍ରଛାତ୍ରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।

### ● ନିଯୁକ୍ତି ଦେବା ନାଁରେ ଠକେଇ

## ମହିଳା ନେତ୍ରୀ ଗିରଫ, ଦୁଇ ସହଯୋଗୀ ଫେରାର



ନୟାଗଡ଼, ୧୬।୧୧ (ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସ ଓ ଏମ୍‌ସ ହସ୍ପିଟାଲରେ ନିଯୁକ୍ତି କରେଇଦେବା ନେଇ ଜଣେ ମହିଳା ନେତ୍ରୀ ଗିରଫ ହୋଇଥିବା ବେଳେ ଦୁଇ ସହଯୋଗୀ ଫେରାର ହୋଇଯାଇଥିବା ଜଣାପଡ଼ିଛି । ଲକ୍ଷାଧିକ ଟଙ୍କା ନେଇ ନିଯୁକ୍ତି ନାଁରେ ଠକି ନେଇଥିବା ନାରୀ ନେତ୍ରୀ ଜଣଙ୍କ ହେଲେ କମଳିନୀ ପାଛଶାଣୀ। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳରୁ ୭ଜଣ ଯୁବକ ଯୁବତୀଙ୍କୁ ଓଡ଼ିଶା ପୁଲିସ୍ ଓ ଏମ୍‌ସ ହସ୍ପିଟାଲରେ ଚାକିରି କରେଇ ଦେବା ନେଇ ନାରୀ ନେତ୍ରୀ କମଳିନୀ ପାଛଶାଣୀ ୧୪ରୁ ୧୫ଲକ୍ଷ ଟଙ୍କା ନେଇଥିଲେ । ତେବେ ଟଙ୍କା ନେବା ପରେ ଉକ୍ତ ଯୁବକ ଯୁବତୀଙ୍କୁ କମଳିନୀ ପାଛଶାଣୀ ଧରାଛୁଆଁ ଦେଇନଥିଲେ । ଯାହାଫଳରେ ବାଧ ହୋଇ ଯୁବକ ଯୁବତୀମାନେ ଇଟାମାଟି ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଇଟାମାଟି ପୁଲିସ୍ ଥାନାରେ କେସ ନଂ ୨୦୯/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଅଭିଯୋଗର ସତ୍ୟାସତ୍ୟ ଥିବା ଜଣାପଡିବା ପରେ ଆଜି ନାରୀ ନେତ୍ରୀ କମଳିନୀ ପାଛଶାଣୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ଏସଆଇ ସାଗରିକା ସାମଲ । କମଳିନୀ ପାଛଶାଣୀଙ୍କୁ ସାହାଯ୍ୟ ସହଯୋଗ କରୁଥିବା ଦୁଇ ସହଯୋଗୀ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଇଟାମାଟି ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି ।

### ଭଏସ୍ ଅଫ୍ ନୟାଗଡ଼ ସିଜିନ-୬

## ସେମିଫାଇନାଲକୁ ୨୧ ଯୁବ କଣ୍ଠଶିଳ୍ପୀ ଉନ୍ନୀତ



ନୟାଗଡ଼, ୧୬।୧୧ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲାର ସର୍ବବୃହତ ସଂଗୀତ ପ୍ରତିଯୋଗିତା ଭଏସ୍ ଅଫ୍ ନୟାଗଡ଼, ସିଜନ୍ -୬ର ପ୍ରଥମ ପର୍ଯ୍ୟାୟ ଅଡିସନ୍ ନୟାଗଡ଼ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଲୁକ୍କାୟିତ ଯୁବ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ନୟାଗଡ଼ କ୍ଲବ୍ ତରଫରୁ ବିଗତ ପାଞ୍ଚବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି ଭଏସ୍ ଅଫ୍ ନୟାଗଡ଼।

ଏହି ପ୍ରତିଯୋଗିତାରେ ୮୫ ଜଣ ପ୍ରତିଯୋଗୀ ଯୋଗଦେଇଥିଲେ। ପ୍ରତିଯୋଗୀମାନେ କ୍ଲାସିକାଲ, ସେମି କ୍ଲାସିକାଲ୍, ଲୋକଗୀତ, ଭଜନ, ଜଣାଣ, ସୁଗମ ସଂଗୀତ ଆଦି ଗାଇଥିବା ବେଳେ ଏଥିରେ ବିଚାରକ ଭାବେ ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ପୀତବାସ ଖଟେଇ, ସଂଗୀତ ଶିକ୍ଷକ ଦେବାଶିଷ ଦାସ ଓ ପ୍ରକାଶ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ୨୧ ଜଣଙ୍କୁ ସେମି ଫାଇନାଲ ପର୍ଯ୍ୟାୟକୁ ଚୟନ କରିଥିଲେ। ଆସନ୍ତା ୨୩ ତାରିଖ ସକାଳ ୯ଟା ସମୟରେ ସେମିଫାଇନାଲ ଓ ସନ୍ଧ୍ୟା ୬ଟା ସମୟରେ ଫାଇନାଲ ପ୍ରତିଯୋଗିତା ମାଧ୍ୟମରେ ଶ୍ରେଷ୍ଠ ଯୁବ କଣ୍ଠଶିଳ୍ପୀଙ୍କୁ " ଭଏସ୍ ଅଫ୍ ନୟାଗଡ଼" ଭାବେ ଚୟନ କରାଯିବା ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ନୟାଗଡ଼ କ୍ଲବ ତରଫରୁ ସୂଚନା ମିଳିଛି।

## ତୁମୁଡ଼ିବନ୍ଧରେ ମାଣ୍ଡିଆ ଓ କୁଇରି ଖାଦ୍ୟ ମେଳା




ଫିରିଙ୍ଗିଆ, ୧୬।୧୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ନିକଟସ୍ଥ ନେତାଜୀ ସୁବାସ ବୋଷ ଡ଼ିଗ୍ରୀ ମହାବିଦ୍ୟାଳୟ ପରିସର ପଡ଼ିଆରେ ଦେଖିବାକୁ ମିଳିଛି ଅନ୍ନ ଅଭିଯାନ। ଏହି ଅନ୍ନ ଅଭିଯାନ ତୁମୁଡ଼ିବନ୍ଧ ନିର୍ମାଣ ଏନ୍‌ଜିଓ ଅନୁଷ୍ଠାନ ତରଫରୁ ହୋଇଥିଲା।

ଏହି ଅନ୍ନ ଅଭିଯାନର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ହାତ ତିଆରି ମାଣ୍ଡିଆ ଜାତୀୟ ଖାଦ୍ୟ ମେଳାକୁ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ତୁମୁଡ଼ିବନ୍ଧ କୃଷି ବିଭାଗୀୟ ଅଧିକାରୀ ସରୋଜ ଶତପଥୀ ତୁମୁଡ଼ିବନ୍ଧ ପଞ୍ଚାୟତ ସରପଞ୍ଚ ସରପଞ୍ଚ ପ୍ରିଅଙ୍କା ପାତ୍ର ଏବଂ ତୁମୁଡ଼ିବନ୍ଧ ଆଇସିଡିଏସ୍ ଲତା ଦିଗାଲ ଉଦଘାଟନ କରି କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ । ଏହି ଖାଦ୍ୟ ମେଳାରେ ହୋଇଥିବା ମାଣ୍ଡିଆ ଓ କୁଇରି ଦ୍ୱାରା ପ୍ରସ୍ତୁତ ହୋଇଥିବା ଖାଦ୍ୟ ଯଥା ବରା, ପିଆଜି, ପକୁଡ଼ି, ଖିରି ଓ ମଣ୍ଡା ତିଆରି ହୋଇଥିଲା। ଏହି ଖାଦ୍ୟ ମାଣ୍ଡିଆ ଓ କୁଇରି କ୍ଷୁଦ୍ର ଶସ୍ୟ ଦ୍ୱାରା ପ୍ରସ୍ତୁତ କରିଥିଲେ। ମୁଣ୍ଡିଗଡ଼ର ଗାୟତ୍ରୀ ସ୍ୱୟଂ ସୋହାୟକ ଗୋଷ୍ଠି ଖାଦ୍ୟ ମେଳାରେ ଉପସ୍ଥିତ ଥିବାବେଳେ ଶହେ ସତୁରି ଜଣ ଖାଇ ସ୍ୱାଦର ମଜା ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ନିର୍ମାଣ ଏନ୍‌ଜିଓର ସତ୍ୟଜିତ୍ ସ୍ୱାଇଁଙ୍କ ନେତୃତ୍ୱରେ ହୋଇଥିଲା।

## ସାମ୍ବାଦିକ ଅଭିରାମ ନନ୍ଦ ସମ୍ମାନିତ



ନର୍ଲା, ୧୬।୧୧ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନ (ଓୟୁଜେ) ପକ୍ଷରୁ ଜୁନାଗଡ଼ ଠାରେ ଆୟୋଜିତ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ବିଜୟ ଦ୍ୱିବେଦୀ ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଛନ୍ତି ନର୍ଲାର ସାମ୍ବାଦିକ ଅଭିରାମ ନନ୍ଦ। ନର୍ଲା ବ୍ଲକ ସାମ୍ବାଦିକ ୟୁନିଅନ (ଓୟୁଜେ)ର ବରିଷ୍ଠ ସାମ୍ବାଦିକ ଅଭିରାମ ନନ୍ଦଙ୍କୁ ଜୀବନ ବ୍ୟାପି ସାଧନା ପାଇଁ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ସ୍ୱତନ୍ତ୍ର ଅତିଥି ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ, ମୁଖ୍ୟ ବକ୍ତା ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ସଭାପତି ପ୍ରସନ୍ନ ମହାନ୍ତି, ସମ୍ମାନିତ ଅତିଥି କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଜୁନାଗଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ମନୋଜ ମେହେର, ଜଗନ୍ନାଥ ସେବା ସମବାୟ ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର ସଭାପତି, ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ୟୁନିଅନ ସଭାପତି, ଜିଲ୍ଲା କାର୍ଯ୍ୟକାରୀ ସଭାପତିଓ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରମୁଖ ଉପସ୍ଥିତ ରହି ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

## ଅଧିକାରୀ ବିହୀନ କଣାସ ଥାନା

### ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ, ବଢ଼ୁଛି ଚୋରି




କଣାସ, ୧୬।୧୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର କଣାସ ଥାନା ଏକ ଉତ୍ତେଜନାପ୍ରବଣ ଅଞ୍ଚଳ ଭାବେ ପୁଲିସ୍ ରେକର୍ଡରେ ବର୍ତ୍ତିତ ହୋଇଥିବା ବେଳେ ଥାନାରେ ଆବଶ୍ୟକ ପରିମାଣର ପୁଲିସ୍ ଅଧିକାରୀ ନ ଥିବାରୁ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସଂଗେ ସଂଗେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଖବର ନେବାରେ ଜଣାପଡ଼ିଛି କଣାସ ଥାନାରେ ଜଣେ ଆଇ.ଆଇ.ସି ଥିବା ବେଳେ ତିନିଜଣ ଏସ୍.ଆଇ ରହିବାର ନିୟମ ଥିବା ବେଳେ ମାତ୍ର ଜଣେ ଏସ୍.ଆଇ ନିଯୁକ୍ତି ପାଇଛନ୍ତି। ସେହି ଏସ୍.ଆଇଙ୍କ ଅସୁସ୍ଥତା ହେତୁ ଛୁଟିରେ ରହିଥିବା ବେଳେ ୫ଜଣ ଏ.ଏସ୍.ଆଇ ରହିବାର କଥା କିନ୍ତୁ ତିନିଜଣ ନିଯୁକ୍ତି ପାଇଥିବା ବେଳେ ଜଣେ ଏ.ଏସ୍.ଆଇ ଛୁଟିରେ ରହିଛନ୍ତି। ଦୁଇଟି ଏ.ଏସ୍.ଆଇ ପଦବୀ ଦୀର୍ଘ ଦିନ ହେଲା ଖାଲି ପଡ଼ିଛି। ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ବେଳେ ଗାଁ ଗହଳିରେ ଅରାଜକତା ସୃଷ୍ଟି ହେଉଥିବା ବେଳେ କେହି ପୁଲିସ୍ ଅଧିକାରୀ ଦେଖିବାକୁ ନଥିବାରୁ ଦିନକୁ ଦିନ ଅରାଜକତା ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ଅଣ୍ଡାଳସିଂହ ଗ୍ରାମରେ ଘର ଦୁଆର ମୁହଁରେ ରଖାଯାଇଥିବା ମଟରସାଇକେଲ୍‌କୁ କୌଣସି ଦୁର୍ବୃତ୍ତ ଚୋରି କରିନେଇଯାଇଥିବା ଅଭିଯୋଗ କଣାସ ଥାନାରେ ହୋଇଥିବା ବେଳେ ଆଜି ବଳଜିତ୍‌ପୁର ଗ୍ରାମର ବିକ୍ରମ ମହାରଣାଙ୍କ ଘର ପଛପଟ ଝରକା ଭାଙ୍ଗି ଘରେ ପଶି ଗଡ଼ରେଜ୍ ଭିତରେ ରହିଥିବା ଦୁଇଟି ସୁନା ଚେନ୍, ମଙ୍ଗଳସୂତ୍ର, ଚାରୋଟି ମୁଦି, ପେଣ୍ଡିଫୁଲ ଏକହଳ, ୫ଟି ସୁନା ଲକେଟ୍, ଗୋଟିଏ ରୂପା ବ୍ରେସ୍‌ଲେଟ୍, ଦୁଇ ରୂପା ଚେନ ଓ ନଗଦ ୨୫ହଜାର ଟଙ୍କା ନେଇଯାଇଥିବା ବିକ୍ରମ ମହାରଣା ଆଜି କଣାସ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ପାଇ ପୋଲିସ୍ ପକ୍ଷରୁ ତଦନ୍ତ ଚାଲିଛି।

## କମଲେଇ ଗାଁରେ ହାତୀ ଉପଦ୍ରବ: ନଷ୍ଟ କଲେ ଧାନଫସଲ



ଲାଞ୍ଜିଗଡ଼, ୧୬।୧୧ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ବିଜେପୁର ସେକ୍ସନ କମଲେଇ ଗାଁରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ନିକଟସ୍ଥ ଫୁଲବାଣୀ ଜଙ୍ଗଲରେ ୧୫ ଟିକିଆ ହାତୀପଲ ରହିଥିବା ବେଳେ ଗତ ରାତିରେ ଲାଞ୍ଜିଗଡ଼ ବ୍ଲକ ଲାଖିବାହାଲି ପଞ୍ଚାୟତ କମଲେଇ ଗାଁର ସୁଶାନ୍ତ ମାଝୀଙ୍କ ଧାନ ଫସଲକୁ ମାଡ଼ି ଚକଟି ନଷ୍ଟ କରି ଦେଇଛନ୍ତି।

ତେବେ ବର୍ଷ ସାରା ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ବଢୁଥିବା ବେଳେ ଚାଷକୁଲ ଧାର କରଜ କରି ଧାନ ସହିତ ବିଭିନ୍ନ ଚାଷ କରିଥାନ୍ତି ହେଲେ ବର୍ତ୍ତମାନ ଏମାନଙ୍କ ଫସଲକୁ ହାତୀପଲ ମାଡି ଚକଟି ନଷ୍ଟ କରିଦେଇଥିବା ବେଳେ ପରିବାର ଚିନ୍ତାରେ ଭାଙ୍ଗି ପଡିଛନ୍ତି। ବର୍ତ୍ତମାନ ଫୁଲବାଣୀ ଜଙ୍ଗଲରେ ୧୫ଟିକିଆ ହାତୀପଲ ରହିଥିବା ବେଳେ ଉକ୍ତ ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ତେବେ ଏବେ ଯାଏଁ ବିଜେପୁର ବନବିଭାଗ ଘଟଣା ସ୍ଥଳରେ ପଞ୍ଚି ନ'ଥିବା ଯୋଗୁଁ ଅଞ୍ଚଳ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଜେପୁର ବନପାଳ ପଦ୍ମଲୋଚ ଶବରଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରିନଥିଲା।

## ପୁରୀ ଜିଲ୍ଲା କଳିଙ୍ଗ ପେଷାଦାର ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ



କଣାସ, ୧୬।୧୧ (ସଂଚାର ବ୍ୟୁରୋ): ଆଜି ପୁରୀ ଜିଲ୍ଲା କଳିଙ୍ଗ ପେଷାଦାର ସାମ୍ବାଦିକ ସଂଘର ବୈଠକ ପିପିଲି ଠାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟସଭାପତି ମନୋଜ ଦାଶ ଓ ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା ଏବଂ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଉପଦେଷ୍ଟା ଭାବେ ଦୁଃସାନ ନାୟକ, ରାଜକିଶୋର ସ୍ୱାଇଁଙ୍କୁ ମନୋନିତ କରାଯାଇଥିବା ବେଳେ ସଭାପତି ଭାବେ ବିଶ୍ୱରଞ୍ଜନ ବିଶୋରୀ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ନାୟକ, ଉପସଭାପତି ଅରୁଣ କୁମାର ରାଉତ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ, ସହ-ସମ୍ପାଦକ ଅକ୍ଷୟ ରାଉତ, ସାଂସ୍କୃତିକ ସମ୍ପାଦକ ଜ୍ଞାନରଞ୍ଜନ ବିଶ୍ୱାଳଙ୍କୁ ମନୋନିତ କରାଯାଇଥିଲା।

## ଶିଶୁ ଦିବସ ଉପଲକ୍ଷେ 'ବନ ଫୁଲ' କାର୍ଯ୍ୟକ୍ରମ



ବୈପାରୀଗୁଡା,୧୬।୧୧(ସଂଚାର ବ୍ୟୁରୋ) : କୋରାପୁଟ ଜିଲ୍ଲା ତଥାସ୍ତୁ ବୈଠକ ଗୃହ ଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ପକ୍ଷରୁ ଶିଶୁ ଦିବସ ଉପଲକ୍ଷେ ଆୟୋଜିତ ବନ ଫୁଲ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ସସ୍ମିତା ମେଲେକା, କୋରାପୁଟ ଜିଲ୍ଲା ପରିଷଦ ରଘୁ ଜାନି, ଏମ. ରାଜେଶ୍ୱର ଉପସ୍ଥିତ ରହିଥିଲେ। ଅନୁଷ୍ଠାନ ପକ୍ଷରୁ ପରିଚାଳିତ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ ପରିଚାଳିତ ବିଦ୍ୟାଳୟର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ଅଭିନୟ ସହ ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା।

### ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଖୋ ପ୍ରତିଯୋଗିତା

## ଶ୍ରମ ଶକ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଳକ ଦଳ ବିଜେତା



ସୁନ୍ଦରଗଡ଼, ୧୬।୧୧ (ସଂଚାର ବ୍ୟୁରୋ): ରାଉରକେଲା ଉଦିତନଗର ଖେଳ ପଡିଆଠାରେ ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶାଙ୍କ ନିର୍ଦ୍ଦେଶ ଅନୁସାରେ ଜୋନ-୫ ଋଷିକେଶ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆୟୋଜନ କରିଥିଲା। ଫାଇନାଲ ପ୍ରତିଯୋଗୀତାରେ ଶ୍ରମଶକ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୀରମିତ୍ରପୁର ବାଳକ ଦଳ ଚାମ୍ପିଅନ ହୋଇଥିବା ବେଳେ ମୁନିସିପାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରନର୍ସଅପ୍ ହୋଇଥିଲେ।

ଖୋଖୋ ପ୍ରଶିକ୍ଷକ ଅନିଲ କୁମାର ସାହୁ ତତ୍ତ୍ୱାବଧାନରେ ଖେଳାଳିମାନେ ତାଲିମ ନେଉଥିଲେ। ଆସନ୍ତା ୧୮ ଓ ୧୯ ତାରିଖ ଯାଜପୁର ଜିଲ୍ଲାର ବରୁଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହେବାକୁ ଥିବା ସମସ୍ତ ଜୋନର ଚାମ୍ପିଅନ ମାନଙ୍କ ପ୍ରତିଯୋଗୀତାରେ ଏହି ଜୋନର ଚାମ୍ପିଅନ ଦଳ ଭାଗ ନେବେ। ଉକ୍ତ ବିଦ୍ୟାଳୟ ଦଳର ସଫଳତାକୁ ନେଇ ବିଦ୍ୟାଳୟର ଅଧକ୍ଷ ସଞ୍ଜୟ କୁମାର ସିଂ, ଟିମ୍ ମ୍ୟାନେଜର ସୁନିଲ ଭେଂଗ୍ରା, ଜାତୀୟ ଖୋଖୋ ଖେଳାଳି ଗୁଲ୍ଲଂ ଲୁଗୁନଙ୍କ ସମେତ ସମସ୍ତ ଅଧାପକ ଅଧାପିକା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରେସ କ୍ଲବ ତରଫରୁ ଜାତୀୟ ପ୍ରେସ ଦିବସ ପାଳିତ




ଧାମନଗର, ୧୬।୧୧ (ସଂଚାର ବ୍ୟୁରୋ): ଧାମନଗର ପ୍ରେସ କ୍ଲବ ତରଫରୁ ପ୍ରେସ କ୍ଲବ ସଭାଗୃହ ପରିସରରେ ରବିବାର ପୂର୍ବାହ୍ନରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବୈଦ୍ୟୁତିକ ଓ ମୁଦ୍ରିତ ଗଣମାଧ୍ୟମ ମାନେ ଦୀର୍ଘ ବର୍ଷ ହେଲା ନ୍ୟାର୍ଯ୍ୟଦାବିକୁ ନେଇ ବହୁ ବର୍ଷ ଧରି ସରକାରଙ୍କ ନିକଟରେ ଦାବି ରଖି ଆସୁଥିଲେ ହେଁ ଅଦ୍ୟାବଧି ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ସାମ୍ବାଦିକମାନଙ୍କର ନାନାଦି ସମସ୍ୟା ହେଉଛି ବୋଲି ମତ ପ୍ରକାଶ ପାଇଥିଲା। କ୍ଲବର ସଭାପତି କିଷାନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ ପୂର୍ବ ବିବରଣୀ ପାଠ କରିବା ସହ ବିଭିନ୍ନ ସମସ୍ୟା, ଆଗାମୀ ବୈଠକ ଓ ସାଂଗଠାନିକ ପଦକ୍ଷେପ ଉପରେ ସାମ୍ୟକ୍ ସୂଚନା ପ୍ରଦାନ ସହିତ ସନିର୍ଭୀକ ହୋଇ ସତ୍ୟ ଖବର ପ୍ରସାରଣ କରିବାକୁ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ପ୍ରତିଷ୍ଠାତା ତଥା ଉପଦେଷ୍ଟା ଅନିଲ କୁମାର ବାରିକ, ରସାନନ୍ଦ ମହାପାତ୍ର, ପୂର୍ବତନ ସଭାପତି ବୈକୁଣ୍ଠ ନାଥ ସାହୁ, ପୂର୍ବତନ ସମ୍ପାଦକ ରଜତ କୁମାର ପଣ୍ଡା, ବରିଷ୍ଠ ସଭ୍ୟ କୃଷ୍ଣ ଚନ୍ଦ୍ର ଜେନା, ସୁଧାକର ଦାଶ, ଦୀନବନ୍ଧୁ ଦାଶ, ପ୍ରଦୀପ କୁମାର ମହାପାତ୍ର, ଗୋଲାମ ଜିଲାନି ହବିବି, ପ୍ରମୋଦ ସ୍ୱାଇଁ, ସଞ୍ଜୀବ ମହାନ୍ତି, ଅଭିମନ୍ୟୁ ମଲ୍ଲିକ, ଜଗବନ୍ଧୁ ବେହେରା, ବିଶ୍ୱଜିତ୍ ପଲେଇ, ତାପସ ରଂଜନ ସାହୁ, ଗୌରାଙ୍ଗ ଦାସ ପ୍ରମୁଖ ଯୋଗଦେଇ କ୍ଲବର ସମସ୍ତ ସଦସ୍ୟ ଏକତା ବଜାୟ ରଖିବା ସହ ନିର୍ଭୀକ ସମ୍ବାଦ ଖବର ପ୍ରସାରଣ, ଗଣମାଧ୍ୟମର ସମାଜୀକ ଦାୟିତ୍ୱ ଓ ପାରଦର୍ଶୀତା ବିଷୟରେ ଆଲୋଚନା କରିଥିଲେ।

# ଆପଣ ଗ୍ୟାସ୍ ଯୋଗୁଁ ଛାତିରେ ଯନ୍ତ୍ରଣା ଅନୁଭବ କରୁଛନ୍ତି କି ?



ଛାତି ଯନ୍ତ୍ରଣା ପ୍ରାୟତଃ ହୃଦ୍ ସମସ୍ୟା ସହିତ ଜଡିତ। ତଥାପି, କେତେକ ସମୟରେ ଏହା କେବଳ ଗ୍ୟାସ୍ ଯୋଗୁଁ ହୋଇପାରେ। ପେଟ କିମ୍ବା ଅନ୍ତନଳୀରେ ଫସି ରହିଥିବା ଗ୍ୟାସ୍ ଛାତିରେ ଚାପ, ଜଳାପୋଡ଼ା କିମ୍ବା ଭାରୀ ଅନୁଭବ କରାଇପାରେ । ଯାହା ହୃତପିଣ୍ଡ ଯନ୍ତ୍ରଣା ପରି ଅନୁଭବ ହୋଇପାରେ। ଏହା ସାଧାରଣତଃ କ୍ଷତିକାରକ ନୁହେଁ ଏବଂ ସରଳ ଘରୋଇ ଉପଚାର ସହିତ ଏହାର ଚିକିତ୍ସା କରାଯାଇପାରିବ। ତେଣୁ, ଯଦି ଆପଣ ମଧ୍ୟ ଗ୍ୟାସ୍ ଯୋଗୁଁ ଛାତି ଯନ୍ତ୍ରଣା ଅନୁଭବ କରନ୍ତି, ତେବେ ଆସନ୍ତୁ ପାଞ୍ଚଟି ସରଳ ଘରୋଇ ଉପଚାର ବିଷୟେ ଜାଣିବା, ଯାହା ଏହି ଯନ୍ତ୍ରଣାକୁ କମ କରିବାରେ ସାହାଯ୍ୟ କରିପାରିବ। ଗ୍ୟାସ ଯନ୍ତ୍ରଣା ଛାତିର ମଧ୍ୟଭାଗରେ ଏକ ତୀକ୍ଷ୍ଣ ଏବଂ ଭାରୀ ଚାପ ପରି ଅନୁଭବ ହୋଇପାରେ। ଅନେକ ଲୋକ ଉପର ପେଟରେ ଯନ୍ତ୍ରଣା ଅନୁଭବ କରନ୍ତି । ଯାହା ଛାତି ଯନ୍ତ୍ରଣା ପରି ଅନୁଭବ ହୁଏ। ଏହା ପ୍ରାୟତଃ ଅତ୍ୟଧିକ ଖାଦ୍ୟ, ମସଲାଯୁକ୍ତ ଖାଦ୍ୟ ଯୋଗୁଁ ଏସିଡିଟି ହୋଇଥାଏ।ଜୁଆଣିରେ ଥିବା ଥାଇମଲ୍ ପାଚନ ଏନଜାଇମଗୁଡ଼ିକୁ ସକ୍ରିୟ କରିଥାଏ ଏବଂ ଗ୍ୟାସ୍ ସହଜରେ ବାହାରିବାକୁ ସାହାଯ୍ୟ କରିଥାଏ। ତେଣୁ, ଗ୍ୟାସ୍ ବଢ଼ିଲେ ଆପଣ ଉଷୁମ ପାଣିରେ ଜୁଆଣି ଖାଇପାରିବେ। ଏହା ଅନ୍ତନଳୀକୁ ଆରାମ ପ୍ରଦାନ କରେ ଏବଂ ଶୀଘ୍ର ଛାତିର ଚାପକୁ ହ୍ରାସ କରେ। ଲେମ୍ବୁ ପାଣି ଏସିଡ୍‌କୁ ପାଚନକୁ ସହଜ କରେ। ଏହା ପିତ୍ତ ଉତ୍ପାଦନକୁ ବୃଦ୍ଧି କରେ, ଯାହା ଖାଦ୍ୟକୁ ହଜମ କରିବା ସହଜ କରିଥାଏ ଏବଂ ଗ୍ୟାସ୍ ତଥା ଭାରୀପଣକୁ ହ୍ରାସ କରେ। ପୁଦିନା ଚା ଅନ୍ତନଳୀର ମାଂସପେଶୀକୁ ଆରାମ ଦିଏ ଏବଂ ଫସି ରହିଥିବା ଗ୍ୟାସ୍‌କୁ ବାହାର କରିବାରେ ସାହାଯ୍ୟ କରେ। କ୍ୟାମୋମାଇଲ୍ ଚା ପେଟ ଫୁଲିବା ହ୍ରାସ କରେ । କେବଳ ଉଷୁମ ପାଣି ମଧ୍ୟ ପାଚନକୁ ତ୍ୱରାନ୍ୱିତ କରିପାରେ ଏବଂ ଛାତିର ଚାପକୁ କମ କରିପାରେ। ଏହା ସହିତ, ଅଦା ପେଟ ଖାଲି କରିବାରେ ସାହାଯ୍ୟ କରେ ଏବଂ ବଦହଜମୀ ସହିତ ଜଡିତ ଗ୍ୟାସକୁ କମ କରେ। ଆପଣ ଅଦା ଚା, କଞ୍ଚା ଅଦା ମଧ୍ୟ ସେବନ କରିପାରିବେ କିମ୍ବା ଗ୍ୟାସରୁ ମୁକ୍ତି ପାଇବା ପାଇଁ ଆପଣଙ୍କ ଖାଦ୍ୟରେ ଅଦା ମିଶାଇ ପାରିବେ। ପାନମହୁରୀରେ ଥିବା ଇଥାନଲ୍ ଅନ୍ତନଳୀର ମାଂସପେଶୀକୁ ଆରାମ ଦିଏ ଏବଂ ଗ୍ୟାସ୍ ଗଠନକୁ ରୋକିଥାଏ। ଖାଦ୍ୟ ପରେ ପାନମହୁରୀ ଚୋବାଇ କିମ୍ବା ପାନମହୁରୀ ଚା ପିଇବା ଦ୍ୱାରା ଛାତିର ଭାରୀପଣ ଏବଂ ଗ୍ୟାସ୍ ଶୀଘ୍ର କମିଯାଏ।

# ସାଇଟିକା ବା ଆଣ୍ଠୁ ଗଣ୍ଠି ସମସ୍ୟା ପାଇଁ ରାମବାଣ ପାଦାଙ୍ଗୁଷ୍ଠାସନ



ଏକାଗ୍ରତା ଓ ସ୍ମରଣ ଶକ୍ତି ବୃଦ୍ଧି କରିବା ପାଇଁ ଉତ୍ଥିତ ହସ୍ତ ପାଦାଙ୍ଗୁଷ୍ଠାସନ ଆସନ କରିବାକୁ ପଡ଼ିଥାଏ। ଏହାଦ୍ୱାରା ମାଂସପେଶୀୟ ଓ ସ୍ନାୟବିକ ସନ୍ତୁଳନରେ ସମ୍ମନ୍ୱୟ ଆସେ। ନିତମ୍ବ ଓ ଗୋଡ଼ ମାଂସପେଶୀ ମଜ୍‌ବୁତ ହୁଏ ଏବଂ କାର୍ଯ୍ୟକ୍ଷମ ହୁଏ। ପାଦ ଏକାଠି ରଖି ସିଧା ଠିଆ ହୁଅନ୍ତୁ। ଆଖି ଉଚ୍ଚରେ ଥିବା ଏକ ସ୍ଥିର ବିନ୍ଦୁରେ ଦୃଷ୍ଟି ନିବଦ୍ଧ କରନ୍ତୁ। ଡାହାଣ ଆଣ୍ଠୁ ଭାଙ୍ଗି ଜଙ୍ଘକୁ ଛାତିର ଯେତେ ନିକଟକୁ ପାର ଆଣନ୍ତୁ। ଡାହାଣ ହାତକୁ ବାଙ୍କିଥିବା ଗୋଡ଼ ବାହାରକୁ ରଖି ପାଦ ବୁଢ଼ା ଆଙ୍ଗୁଳିକୁ ଧରନ୍ତୁ। ଡାହାଣ ଗୋଡ଼ ସିଧା କରନ୍ତୁ ଏବଂ ଧୀରେ ଦେହ ନିକଟକୁ ଆଣନ୍ତୁ। ଭାରସାମ୍ୟ ପାଇଁ ବାମହାତ କଡ଼କୁ ଉଠାନ୍ତୁ ଏବଂ ଚିନ୍ ମୁଦ୍ରା ବା ଜ୍ଞାନ ମୁଦ୍ରା କରନ୍ତୁ। ଶେଷ ସ୍ଥିତିକୁ ଯେତେ ସମୟ ସମ୍ଭବ ଧରି ରଖନ୍ତୁ। ଆଣ୍ଠୁ ବାଙ୍କ, ବୁଢ଼ା ଆଙ୍ଗୁଳି ଛାଡ଼ିଦିଅନ୍ତୁ ଏବଂ ଧୀରେ ପାଦ ଭୂଇଁକୁ ଆଣନ୍ତୁ। ବିପରୀତ ଗୋଡ଼ରେ ଅଭ୍ୟାସର ପୁନରାବୃତ୍ତି କରନ୍ତୁ।

ସଜାଗତା: ଆଖି ଉଚ୍ଚରେ ଥିବା ଏକ ବିନ୍ଦୁରେ ଦୃଷ୍ଟି ଓ ଭାରସାମ୍ୟ ରଖିବାରେ ଲକ୍ଷ୍ୟ ରହିବା ଦରକାର। ଗୋଡ଼ ମାଂସପେଶୀକୁ କଷ୍ଟ ଦିଅନ୍ତୁ ନାହିଁ। ସାଇଟିକା, ନିତମ୍ବ ବା ଆଣ୍ଠୁ ଗଣ୍ଠି ସମସ୍ୟା ଥିଲେ ଏହି ଆସନ କରିବେ ନାହିଁ।

# ହୃଦ ସମସ୍ୟା ଦୂରକରିବା ସହ ତ୍ୱଚାକୁ ଉଜ୍ଜ୍ୱଳ କରେ ଅମର ଫଳ

ଶୀତଦିନ ଆରମ୍ଭ ହେବା ସହ ଶୀତଦିନିଆ ଫଳର ଚାହିବା ବଢ଼ିବାରେ ଲାଗିଛି। ଶୀତଦିନିଆ ଫଳ ମଧ୍ୟରେ ଅମର ଫଳ ଅନ୍ୟତମ। ଏଥିରେ ଭିଟାମିନ ଏ, ଭିଟାମିନ ସି, ତନ୍ତୁ ଏବଂ ମାଙ୍ଗାନିଜ୍ ଭରପୂର ମାତ୍ରାରେ ରହିଥାଏ। ଶୀତଦିନେ ଏହି ଫଳ ଖାଇବା ଦ୍ୱାରା ଏହା ଆମ ପାଚନ ଶକ୍ତିକୁ ବଢ଼ାଇବା ସହ ଶରୀରରେ ରୋଗ ପ୍ରତିଶୋଧକ ଶକ୍ତି ବଢ଼ାଇଥାଏ । ପ୍ରାୟତଃ ଶୀତଦିନେ ବଜାରରେ ପ୍ରଚୁର ପରିମାଣରେ ତାଜା, ଋତୁକାଳୀନ ଫଳ ଦେଖିବାକୁ ମିଳିଥାଏ। ଥଣ୍ଡା ଜଳବାୟୁ ବିଭିନ୍ନ ପ୍ରକାରର ଫଳ ପାଇଁ ଅନୁକୂଳ ହୋଇଥାଏ। ସେହି ଫଳମାନଙ୍କ ମଧ୍ୟରେ ଅମର ଫଳ ଅନ୍ନତମ। କମଳା ପରି ଦେଖାଯାଉଥିବା ଏହି ଫଳ ପାଟିକୁ ଖଟା, ମିଠା ଲାଗିଥାଏ। ଇଂରାଜୀରେ ଅମର ଫଳକୁ ପର୍ସିମନ କୁହାଯାଉଥିବା ବେଳେ ଅନେକ ସ୍ଥାନରେ ଏହାକୁ ଜାପାନୀ ଫଳ ଏବଂ ଚାଇନିଜ୍ ଆପଲ ମଧ୍ୟ କୁହାଯାଇଥାଏ। ଏହି ଫଳରେ ପ୍ରଚୁର ପରିମାଣରେ ଭିଟାମି୍ନ ଏ, ଭିଟାମିନ ସି , ତନ୍ତୁ ଏବଂ ମାଙ୍ଗାନିଜ୍ ରହିଥାଏ। ବିଶେଷଜ୍ଞମାନଙ୍କ ମତରେ ଅମର ଫଳ ଆମକୁ ଶରୀରର ଅନେକ ରୋଗରୁ ଆରୋଗ୍ୟ କରିଥାଏ।

ଆଖି ସମସ୍ୟାରୁ ଦେଇଥାଏ ମୁକ୍ତି: ଅମର ଫଳରେ ଭିଟାମିନ୍ 'ଏ' ଭରପୂର ରହିଥାଏ, ଯାହା ଦୃଷ୍ଟିଶକ୍ତି ଉନ୍ନତ କରିବାରେ ସାହାଯ୍ୟ କରେ। ଏହା ଆଖିର ଶୁଷ୍କତା ଏବଂ ବୟସ ସମ୍ବନ୍ଧୀୟ ସମସ୍ୟାରୁ ମଧ୍ୟ ରକ୍ଷା କରେ। ଏହି ଫଳ ପ୍ରତିଦିନ କମ୍ପ୍ୟୁଟର କିମ୍ବା ମୋବାଇଲ୍ ଫୋନ୍‌ରେ କାମ କରୁଥିବା ଲୋକଙ୍କ ପାଇଁ ବହୁତ ଲାଭଦାୟକ।

ତ୍ୱଚାକୁ ଉଜ୍ଜଳ କରିଥାଏ: ଅମର ଫଳ ଆଣ୍ଟି ଏଜେିଂ ଗୁଣରେ ପରିପୂର୍ଣ୍ଣ। ଏଥିରେ ଥିବା ଭିଟାମିନ୍ 'ଏ', 'ସି', ଏବଂ ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାକୁ ଫ୍ରି' ରାଡିକାଲ୍ସରୁ ସୁରକ୍ଷା ଦିଏ, ଯାହା ବୃଦ୍ଧାବସ୍ଥାରେ ତ୍ୱଚାରେ ଦିଶୁଥିବା



ଲକ୍ଷଣକୁ ହ୍ରାସ କରେ ଏବଂ ଏକ ପ୍ରାକୃତିକ ଚମକ ବଜାୟ ରଖେ।

ପାଚନ ସମସ୍ୟାକୁ ଦୂର କରିଥାଏ: ଅମର ଫଳ ଡାଏଟ୍ରି ଫାଇବରରେ ଭରପୂର, ଯାହା ପେଟ ସଫା ରଖିବା ଏବଂ କୋଷ୍ଠକାଠିନ୍ୟ ଦୂର କରିବାରେ ସାହାଯ୍ୟ କରେ। ଫାଇବର ଅଧିକ ଥିବାରୁ ଏହା ଖାଇଲେ ଆପଣଙ୍କୁ ଅଧିକ ସମୟ ଭୋକ ଲାଗେ ନାହିଁ, ଯାହା ଆପଣଙ୍କ ଓଜନ ନିୟନ୍ତ୍ରଣରେ ରଖେ।

ହୃଦୟକୁ ସୁରକ୍ଷିତ ରଖିଥାଏ: ହୃଦୟ ପାଇଁ ଅମୃତ ଅଟେ ଏହି ଅମର ଫଳ। ପ୍ରତ୍ୟେକ ଦିନ ଏହି ଫଳକୁ ଖାଇବା ଦ୍ୱାରା ହୃଦରୋଗର ଆଶଙ୍କା କମ ହେବା ସହ ରକ୍ତ ପ୍ରବାହ ଉନ୍ନତ ହୋଇଥାଏ। ଏହି ଫଳ ଶରୀରରେ ଖରାପ କୋଲେଷ୍ଟ୍ରଲ କମ କରି ଭଲ କୋଲେଷ୍ଟ୍ରଲକୁ ଶରୀରରେ ବଢ଼ାଇଥାଏ।



# ଶୀତଦିନେ ବଥୁଆ ଶାଗ ଖାଇବାର ଉପକାରିତା

ଶୀତଦ୍ଦିନ ଆରମ୍ଭ ହେବା ମାତ୍ରେ ବିଭିନ୍ନ ପ୍ରକାରର ପନିପରିବା ବଜାରରେ ଉପଲବ୍ଧ ହୋଇଥାଏ। ଏହି ଋତୁରେ ଅଧିକମାତ୍ରାରେ ପାଳଙ୍ଗ ଶାଗ ଓ ବଥୁଆ ଶାଗ ବଜାରରେ ମିଳିଥାଏ। ଏହାର ଚାହିଦା ବି ଖୁବ ରହିଛି। ଆପଣ ଜାଣନ୍ତି କି ପାଳଙ୍ଗ ଶାଗ ଭଳି ସାଧାରଣ ଦେଖାଯାଉଥିବା ବଥୁଆ ଶାଗ କେବଳ ସ୍ୱାଦିଷ୍ଟ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ ଲାଭଦାୟକ। ଆୟୁର୍ବେଦ ଏହାକୁ ଏକ ପ୍ରାକୃତିକ ଡିଟକ୍ସ ଭାବରେ ବର୍ଣ୍ଣନା କରିଛି। ଏହା ଶରୀରକୁ ସଫା ରଖିବାରେ ଖୁବ ସହାୟକ ହୋଇଥାଏ। ବଥୁଆ ଶାଗରେ ଭିଟାମିନ୍ ଏ, ସି, ଲୌହ ଏବଂ କ୍ୟାଲସିୟମ ଭରପୂର ପରିମାଣରେ ଥାଏ। ଏହା ପାଚନ ପ୍ରକ୍ରିୟାକୁ ଉନ୍ନତ କରିବା ସହିତ କୋଷ୍ଠକାଠିନ୍ୟକୁ ଦୂର କରିଥାଏ। କେବଳ ଏତିକି ନୁହେଁ, ବଥୁଆ ରକ୍ତକୁ ପରିଷ୍କାର କରେ ଚର୍ମକୁ ଉଜ୍ଜ୍ୱଳ ରଖିଥାଏ। ଚର୍ମରେ ବ୍ରଣ ହେବା, କୁଣ୍ଡାଇ ହୋଇ ଫୋଟକା ଭଳି ଫଳି ଯିବା। ଆଦି ସମସ୍ୟା ଥିଲେ ବଥୁଆ ଶାଗ ଖାଆନ୍ତୁ। ଏହି ରାଗ ଏଭଳି ସମସ୍ୟା ଦୂର କରିବାରେ ରାମବାଣ ସଦୃଶ୍ୟ ହୋଇଥାଏ। ବଥୁଆ ଶାଗର ରସ ପିଇବା ଦ୍ୱାରା ଏହା ଯକୃତକୁ ମଜବୁତ କରେ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରେ। ଯଦି ଆପଣଙ୍କର ଗଣ୍ଠି ଯନ୍ତ୍ରଣା କିମ୍ବା ରକ୍ତଚାପ ଭଳି ସମସ୍ୟା ରହିଛି ତେବେ ବାଥୁଆ ଶାଗ ଖାଇବା ଖୁବ ଲାଭଦାୟକ ହେବ। ଶୀତଦିନେ ଏହି ଶାଗକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ସାମିଲ କରନ୍ତୁ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ଉଷ୍ମତା ପ୍ରଦାନ କରିଥାଏ। ମନେ ରଖନ୍ତୁ କିଡନୀ ପଥରରେ ପୀଡିତ ରୋଗୀ ଓ ଗର୍ଭବତୀ ମହିଳାମାନେ ବଥୁଆ ଶାଗ ଖାଇବା ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରିନେବା ଉଚିତ।

## ରାସ୍ତାରେ ପଡ଼ିଛି ପୁଳା ପୁଳା ଔଷଧ



**ଡେରାବିଶ,୧୬।୧୧(ସଂଚାର ବ୍ୟୁରୋ):** ସାଧାରଣ ଗରିବ ଲୋକଙ୍କ ପାଇଁ ରାଜ୍ୟ ସରକାର ମାଗଣାରେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଔଷଧ ଯୋଗଦେଉଛନ୍ତି । ବିଭିନ୍ନ ସମୟରେ ସାଧାରଣ ଗରିବ ରୋଗିଟି ଅର୍ଥ ଅଭାବରୁ ଔଷଧ କିଣିବାକୁ ସକ୍ଷମ ନହୋଇ ମୃତ୍ୟୁବରଣ ମଧ୍ୟ କରୁଛି। କିନ୍ତୁ ସରକାରଙ୍କ ପକ୍ଷରୁ ଆସୁଥିବା ଲକ୍ଷାଧିକ ଟଙ୍କାର ଔଷଧ ସାମଗ୍ରୀ ଗତ କିଛିଦିନ ହେବ କେନ୍ଦ୍ରାପଡା ଜିଲ୍ଲାରେ "ସରକାର କା ମାଲ୍ ଦରିଆ ମେ ଡାଲ" ସଦୃଶ ସାଜିଛି । ପୂର୍ବରୁ ଡେରାବିଶ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଲୁଚାଇକି ଔଷଧ ପୋଡ଼ିବା ଘଟଣା ସାମ୍ନାକୁ ଆସିଥିବା ବେଳେ ଏବେ ପୂଳା ପୂଳା ଔଷଧ ରାସ୍ତାରେ ପଡ଼ିଥିବା ଦେଖିବାକୁ ମିଳିଛି। ରୋଗୀକୁ ବିତରଣ କରିବା ପରିବର୍ତ୍ତେ ଏଗୁଡିକ କେମିତି ରାସ୍ତା କଡରେ ପଡିଛି ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ରଘୁଦେଇପୁର ଠାରୁ ମଙ୍ଗଳପୁର ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାରେ। କିଏ ଏବଂ କାହିଁକି ଏଭଳି ଔଷଧ ଗୁଡିକୁ ରାସ୍ତା କଡରେ ଫୋପାଡ଼ିଛି ତା'ର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ବୁଦ୍ଧିଜୀବୀ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଲଟିଲା ପ୍ରହସନ

### ଜାଣି ପାରିଲେନି ଚାଷୀ

### ଚେୟାର ପଡ଼ିଲା ଫାଙ୍କା

### ରେଜିଷ୍ଟ୍ରେସନ ହୋଇ ନଥିବାରୁ ନିରାଶ ହେଲେ ମହିଳା ଚାଷୀ





**ରାଜକନିକା,୧୬।୧୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ୍ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଦ୍ୱାରା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା-୨୦୨୫ ରାଜକନିକା ମା' କନିକେଶ୍ୱରୀ ଦୁର୍ଗା ମଣ୍ଡପ ସମ୍ମୁଖ ପଡ଼ିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ରାଜକନିକା ବିଡ଼ିଓ କୈଳାସ ଚନ୍ଦ୍ର ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ଡା଼. ମନୋଜ କୁମାର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ କଣ୍ଟପଡା ପଞ୍ଚାୟତ ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା,ସାଂସଦ ପ୍ରତିନିଧି ପ୍ରକାଶ କୁମାର ନାୟକ, ୨୭ନଂ ଜିଲ୍ଲା ପରିଷଦ ସଭ୍ୟା ପ୍ରବୀଣା ଦାସ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ସ, ଶେଖର ସାହୁ ପ୍ରମୁଖ ଯୋଗଦେଇଥି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

ହେଲେ ୨୯ ପଞ୍ଚାୟତରୁ ଅଳ୍ପ କେତେଜଣ ଚାଷୀ ଏହି ମେଳାରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଅଧାରୁ ଅଧିକ ଚେୟାର ଫାଙ୍କା ପଡ଼ିଥିବା ଦେଖିବାକୁ ମିଳିଛି। ପ୍ରଚାର ପ୍ରସାର ଅଭାବରୁ ପ୍ରକୃତ ଚାଷୀମାନେ ଏହି ମେଳା ସମ୍ପର୍କରେ ଜାଣି ପାରିନଥିବା ଅଭିଯୋଗ କରିଛନ୍ତି। କେତେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଚାଷୀମାନଙ୍କୁ ବ୍ଲକ ମତ୍ସ୍ୟ ଅଧିକାରୀ ଫୋନ କରି ଡାକିଥିଲେ, କିନ୍ତୁ ମହିଳାମାନେ ଲାଇନରେ ଠିଆ ହୋଇ ରେଜିଷ୍ଟ୍ରେସନ କରିବାକୁ ଯାଇଥିଲେ। କିନ୍ତୁ ତାଙ୍କ ନାଁ ନଥିବା କହି ଅଧିକାରୀ ଫେରାଇ ଦେଇଥିଲେ । ଯାହା ଫଳରେ ମହିଳାମାନେ ଦିଆଯାଉଥିବା ଏକ ବ୍ୟାଗ, ଉନ୍ନତ ମାନର ଚାଷ କରିବପ୍ରଣାଳୀର ରିଫାଲେକଟ ନ ପାଇ ନିରାଶ ହୋଇ ଘରକୁ ଫେରିଥିବା କହିଛନ୍ତି। ଆଉ କେତେକ ଚାଷୀ ବ୍ଲକକୁ ଆସିଥିବାରୁ ଖବରପାଇ ସେଠାକୁ ଆସିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ ପ୍ରିୟାପ୍ରୀତି ପୋଷଣ କରି ଉଭୟ ବିଭାଗ ପ୍ରକୃତ ଚାଷୀମାନଙ୍କୁ ଏଠାକୁ ଡାକି ନାହାନ୍ତି, ସରକାରଙ୍କର ଯୋଜନା ଏହି ଦୁଇ ବିଭାଗ କେବଳ କେତେକ ହତାବରୀଶ ଲୋକମାନଙ୍କୁ ଯୋଗାଇ ଦେଉଥିବା ଅଭିଯୋଗ କରିଥିଲେ ।

ସରକାର ଚାଷୀମାନଙ୍କର ଉନ୍ନତି ଲାଗି ଏ ମେଳା ଆୟୋଜନ କରୁଛନ୍ତି, ହେଲେ ଏହା ପ୍ରହାସନ ରିପରିଣତ ହେଉଛି ବିଭାଗୀୟ ଅଧିକାରୀ ମାନଙ୍କ ଲାଗି, ଯାହା ଆଜି ପ୍ରମାଣିତ ହୋଇଛି । ଏଥି ପ୍ରତି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି ଚାଷୀମାନେ ।

### ଯାଜପୁରରେ ଜାତୀୟ ପ୍ରେସ ଦିବସ ପାଳିତ

# ଗଣମାଧମର ମୂଲ୍ୟବୋଧ ରକ୍ଷାରେ ସଚେତନତାର ସନ୍ଦେଶ




**ଯାଜପୁର,୧୬।୧୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଗମ୍ଭୀର ଓ ଗରିମାୟୁକ୍ତ ପରିବେଶରେ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ-୨୦୨୫ ପାଳିତ ହେଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା କହିଥିଲେ ଗଣମାଧମ ହେଉଛି ସମାଜର ଦର୍ପଣ। ଦୁର୍ଯୋଗ, ବନ୍ୟା, ବାତ୍ୟା ପରି ପରିସ୍ଥିତି ପୂର୍ବରୁ ମିଡିଆର ସଚେତନତାମୂଳକ ପରିବେଶଣ ଜନସାଧାରଣଙ୍କୁ ସୁରକ୍ଷିତ କରେ। ୧୯୬୬ ମସିହାରେ ପ୍ରେସ କାଉନସିଲ ଅଫ ଇଣ୍ଡିଆ ଗଠନ ହେବାର ସ୍ମୃତିଦିବସ ଭାବରେ ଏହି ଦିନ ଗୁରୁତ୍ୱପୂର୍ଣ୍ଣ।"ତାଙ୍କ ମତାମତ ଅନୁଯାୟୀ, ସତ୍ୟ ଅନୁସନ୍ଧାନ ଓ ଦାୟିତ୍ୱଶୀଳ ପତ୍ରକାରିତା ହେଉଛି ଗଣମାଧମର ମୂଳ ଆଧାର। ସୋସିଆଲ ମିଡିଆର ସମୟରେ ସତ୍ୟ ପରିବେଷଣ ହେଉଛି ମୁଖ୍ୟ ଚ୍ୟାଲେଞ୍ଜ। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ସମସ୍ତ ଗଣମାଧମ କର୍ମୀଙ୍କୁ ଶୁଭେଚ୍ଛା ଜଣାଇ କହିଲେ ସମ୍ବାଦ ପରିବେଷଣରେ ମିଡିଆର ଭୂମିକା ଅପରିହାର୍ଯ୍ୟ। ଆଜିକାଲି ମୋବାଇଲ ଧାରୀ ପ୍ରତ୍ୟେକେ ଖବର ଦେଉଥିବାରୁ ସତ୍ୟତାର ହାନି ହେଉଛି। ଗଣମାଧମର ଦାୟିତ୍ୱ ହେଉଛି ସଠିକ୍, ନିରପେକ୍ଷ ଓ ସତ୍ୟ ସମ୍ବାଦକୁ ଜନ ମାନସରେ ପହଞ୍ଚାଇବା। ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଗଣମାଧମ। ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ କହିଥିଲେ- ଗଣମାଧମ ହେଉଛନ୍ତି ରାଜ୍ୟ, ଦେଶ ଓ ଜିଲ୍ଲାର ଉନ୍ନତିର ସହଯୋଗୀ। ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ ହେଉଛି ଆବଶ୍ୟକ। ଅନ୍ୟପଟେ, ଅତିରିକ୍ତ ଉନ୍ନୟନ ଏବଂ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଗଣମାଧମକୁ "ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ" ଭାବେ ବର୍ଣ୍ଣନା କରି କହିଲେ "ସତ୍ୟ, ନୈତିକତା ଓ ନିଷ୍ପକ୍ଷତା ଅବିଚଳ ରହିଲେ ମାତ୍ର ମିଡିଆ ଜନମନରେ ଭରସା ସୃଷ୍ଟି କରିପାରିବ। ଯୁବପିଢ଼ିରେ ସଚେତନତା, ବକ୍ତୃତା ପ୍ରତିଯୋଗିତା, ପୁରସ୍କାର ବଣ୍ଟନ ଦିବସ ଅବସରରେ ଉଚ୍ଚ ବିଦ୍ୟାଳୟ ସ୍ତରରେ"ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧମ ବିଶ୍ୱସନୀୟତାର ସଂରକ୍ଷଣ" ବିଷୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା।ଯୋଗ୍ୟ ପ୍ରତିଯୋଗୀଙ୍କୁ ପୁରସ୍କାର, ପ୍ରମାଣପତ୍ର ସହ ଫଳ ଚାରା ବଣ୍ଟନ କରାଗଲା। ବରିଷ୍ଠ ସାମ୍ବାଦିକମାନେ ବି ସଭାରେ ନିଜ ଅନୁଭବ, ସମସ୍ୟା ଓ ପ୍ରସ୍ତାବ ରଖିଥିଲେ। କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ପରିଚାଳନା ଓ ଧନ୍ୟବାଦ ଜଣାଇଥିଲେଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ।

## ସାଗରବେଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ରାଜନଗର,୧୬।୧୧ (ସଂଚାର ବ୍ୟୁରୋ):** ୭ମ ରାଜନଗର 'ସାଗରବେଳା ମହୋତ୍ସବ' ପାଇଁ ପ୍ରସ୍ତୁତି ବୈଠକ ରାଜନଗରସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପାରିସରରେ ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ଡା ଅଭୟ କୁମାର ପତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ। ପରିଷଦର ସମ୍ପାଦକ ପ୍ରାଧାପକ ସତ୍ୟବାଦୀ ଜେନା ପୂର୍ବ ବିବରଣୀ ପାଠ କରିଥିଲେ ଏବଂ ଏହା ସର୍ବସାମତିକ୍ରମେ ଗୃହୀତ ହୋଇଥିଲା। ୭ମ ବେଳାଭୂମି ମହୋତ୍ସବ ପାଳନ ସହ ମହୋତ୍ସବ ମୁଖାପତ୍ର 'ସାଗରବେଳା' ପ୍ରକାଶ ପାଇଁ ମତପ୍ରକାଶ ପାଇଥିଲା। ମୁଖପାତ୍ର ପ୍ରକାଶ ଦାଇତ୍ୱ ଡଃ ଧରଣୀଧର ରାଉତଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ବୈଠକରେ ପରିଷଦର ସଦସ୍ୟ ଡଃ ସୁବାସ ଚନ୍ଦ୍ର ପ୍ରଧାନ, ଅନିଲ କୁମାର ବଳ, ପ୍ରାଧାପକ ଅଭିନ୍ନ କୁମାର ସ୍ୱାଇଁ, ମହେଶ୍ୱର ରାଉତ, କ୍ଷୀରୋଦ କୁମାର ମଲ୍ଲିକ, ସୀତାକାନ୍ତ ରାଉଳ, ବିଜୟ କୁମାର ଜେନା,ମେଜର ଗଗନ ବିହାରୀ ସ୍ୱାଇଁ, ଅଚ୍ଚୁତା ନନ୍ଦ ପ୍ରଧାନ, କୈଳାଶ ଚନ୍ଦ୍ର ରାଉତ,ସର୍ବେଶ୍ୱର ମହାନ୍ତି, ବୀରକିଶୋର ଜେନା, ସୁରେଶ କୁମାର ନରେନ୍ଦ୍ର ପ୍ରଭୃତି କର୍ମକର୍ତା ମାନେ ଯୋଗଦେଇ ଗଠନମୂଳକ ପ୍ରସ୍ତାବମାନ ଦେଇଥିଲେ। ଆଗାମୀ ମହୋତ୍ସବକୁ ସରସ ସୁନ୍ଦର ସହ ପାଳନ କରିବା ସହିତ ବରପୁତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ ସ୍ଥିର କରାଗଲା। ଅଧ୍ୟାପିକା ଭଗବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିତ୍ରେଶ୍ୱର ଦେବଙ୍କ କମ୍ୟୁନିଟ୍ ସେଣ୍ଟର୍ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ



**ବାଲିଅନ୍ତା,୧୬।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାର ଲୋକ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶାର ରାଜ୍ୟର ବିକାଶ ପାଇଁ ନୂଆ ଯୋଜନା " ବିକଶିତ ଗାଁ ଓ ବିକଶିତ ଓଡିଶା" ଯୋଜନାରେ ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଯଶୁଆପୁର ଗ୍ରାମର ଆରାଧ୍ୟ ଦେଓ୍ୱତା ଚିତ୍ରେଶ୍ୱର ମନ୍ଦିର ପରିସରରେ ଟ ୪ଲକ୍ଷ ୨୬ ହଜାର ଟଙ୍କାରେ କମ୍ୟୁନିଟି ସେଣ୍ଟରର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯକ୍ରମ ଅନୁଷ୍ଠିତ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରମାଲତା ନାୟକ ଯୋଗଦାନ କରି ଭିତ୍ତି ପ୍ରସ୍ତର ସ୍ଥାପନ କଲେ । ସମ୍ମାନୀତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୁବସମାଜସେବୀ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ଓ୍ୱାର୍ଡ ସଭ୍ୟା ସତ୍ୟଭାମା ସ୍ୱାଇଁ ଙ୍କ ସହିତ ଗ୍ରାମର ବରିଷ୍ଠ ବ୍ୟକ୍ତି ଜୟକୃଷ୍ଣ ମହାପାତ୍ର,ନଳିନୀକାନ୍ତ ମହାପାତ୍ର, ଦୁର୍ଯ୍ୟୋଧନ ପ୍ରଧାନ , ପ୍ରିୟବ୍ରତ ପାତ୍ର ଓ ସହଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ



**ବାଲିଅନ୍ତା,୧୬।୧୧ (ସଂଚାର ବ୍ୟୁରୋ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡିଶା କୃଷକ ଆନ୍ଦୋଳନର ମୁଖ୍ୟ ପୁରୋଧା, ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ୧୨୧ ତମ ଜନ୍ମ ଜୟନ୍ତୀ ଆଜି ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବାଲିଅନ୍ତା ବ୍ଲକ ପୂରଣ ପଧାନ ନିକଟସ୍ଥ ମଞ୍ଜରୀ ଦେବୀ ନର୍ସିଂ କଲେଜ ଓ କ୍ୟାପିଟାଲ ଏକାଡେମୀ ଅଫ ନର୍ସିଂର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମେତ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ଆସି ଭୁବନେଶ୍ୱର ପ୍ରାଣନାଥ ମାର୍ଗ ଶ୍ରୀୟା ଛକ ନିକଟରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଏନେଇ ଆୟୋଜିତ ସ୍ମୃତିଚାରଣ ସଭାରେ ଉଭୟ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ତଥା ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ଦାସ,ପ୍ରାଶାସନିକ ଅଧିକାରୀ ତାରାପଦ ଆଚାର୍ଯ୍ୟ, ମୁଖ୍ୟ କୋଷାଧ୍ୟକ୍ଷା ଶ୍ରଦ୍ଧାଞ୍ଜଳୀ ଷଡ଼ଙ୍ଗୀ, ପ୍ରମୋଦ କୁମାର ସାମଲ, ପ୍ରଫେସର ଇପସିତା ସାହୁ ପ୍ରମୁଖ ଯୋଗ ଦେଇ ଶ୍ରୀ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ଓ ମହାନତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତିଷ୍ଠାତା ଶ୍ରୀ ବିଶ୍ୱାଳ ସାମ୍ୟବାଦ ଚିନ୍ତା ଚେତନା, ଓଡିଶାର କୃଷକ ଆନ୍ଦୋଳନ, ଶିକ୍ଷାର ବିକାଶ, ସର୍ବୋପରି ସମାଜସେଓ୍ୱା କ୍ଷେତ୍ରରେ ତାଙ୍କର ଧର୍ମପତ୍ନୀ ମଞ୍ଜରୀ ଦେବୀଙ୍କ ପ୍ରଚ୍ଛନ୍ନ ଭୂମିକା ପ୍ରାଣନାଥଙ୍କୁ ସଫଳତା କରାଇବାରେ ସହାୟକ ହୋଇଥିଲା ବୋଲି କହିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

**କେନ୍ଦ୍ରାପଡ଼ା,୧୬।୧୧(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷର ବିଷୟବସ୍ତୁ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧମ ବିଶ୍ୱାସନୀୟତାର ସଂରକ୍ଷଣ' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା । ଉପରେ ଗୁରୁତ୍ୱ ପ୍ରଦାନ ଆଦି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ସେବା ମନବୃି ନେଇ କାର୍ଯ୍ୟ କରିବା ସହିତ ସର୍ବଦା ସଠିକ ଓ ବିଶ୍ୱାସପୂର୍ଣ୍ଣ ଖବର ପରିବେଷଣ ଉପରେ ଗୁରୁତ୍ୱଦେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧାପକ ତପନ କୁମାର ପତି ଯୋଗଦେଇ ଅତୀତରୁ ଏଯାବତ ସାମ୍ବାଦିକମାନଙ୍କ ଖବର



ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭଭାବେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଜିଲ୍ଲା ପ୍ରଶାସନ ସହିତ ଗଣମାଧମର ସୁସମ୍ପର୍କ ଜିଲ୍ଲାର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସହଯୋଗ କରି ଆସିଛି ବୋଲି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ମତବ୍ୟକ୍ତ କରିଥିଲେ। ଖବର ପ୍ରସାରଣ ପୂର୍ବରୁ ତାହାର ତର୍ଜମା କରି ଖବର ପରିବେଷଣ ଏବଂ ଖବରକୁ ବିଭିନ୍ନ ରୂପ ନ ଦେଇ ଖବର ପ୍ରକାଶନ ପ୍ରସାରଣର ଶୈଳୀ, ସମାଜ ଉପରେ ତାହାର ପ୍ରଭାବ, ଭ୍ରମାତ୍ମକ ସମ୍ବାଦ ପ୍ରସାରଣ ଓ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ । ସାମ୍ବାଦିକଙ୍କ ସୁରକ୍ଷା, ଜିଲ୍ଲାରେ ସାମ୍ବାଦିକଙ୍କ ନିମନ୍ତେ ସାମ୍ବାଦିକ ଭବନ ଯୋଗେଇଦେବା, ଅଣ ସାମ୍ବାଦିକଙ୍କୁ ଚିହ୍ନଟକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସାମ୍ବାଦିକଙ୍କୁ ପ୍ରଶାସନ ସର୍ବଦା ସହଯୋଗ କରିବାକୁ ସାମ୍ବାଦିକମାନେ ପ୍ରଶାସନକୁ ଅନୁରୋଧ କରିଥିଲେ ।

## ଜାତୀୟ ପ୍ରେସ ଦିବସ ପାଳିତ

**ଫୁଲବାଣୀ,୧୬।୧୧(ସଂଚାର ବ୍ୟୁରୋ):** ଆଜି ସମଗ୍ର ଭାରତ ବର୍ଷରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କନ୍ଧମାଳ ପକ୍ଷରୁ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବାର୍ତ୍ତା 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧମର ବିଶ୍ୱାସନୀୟତାର ସଂରକ୍ଷଣ'। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ବେଦଭୂଷଣ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ, କନ୍ଧମାଳ ଶ୍ରୀ ହରିଶ ବିଶି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ବେଦଭୂଷଣ କହିଥିଲେ ଯେ ଗଣତନ୍ତ୍ରକୁ ଉଚିତ ମାର୍ଗରେ ପରିଚାଳନା କରିବା ପାଇଁ ସାମ୍ବାଦିକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ରହିବ ମଧ ଏଥି ସହିତ ଯେ କୌଣସି ଖବର ପ୍ରକାଶ ପୂର୍ବରୁ ତାହାର ସତ୍ୟତା ଜାଣିବା ନିହାତି ଆବଶ୍ୟକ। ଯଦି କୌଣସି ଘଟଣା ଘଟିବା ପୂର୍ବରୁ କିମ୍ବା ପରେ ସାମ୍ବାଦିକ ମାନେ ସୂଚନା ପାଆନ୍ତି ତାକୁ କିପରି ସମାଧାନ କରାଯିବ ତାହା ସାମ୍ବାଦିକଙ୍କ ପାଇଁ ଗୁରୁ ଦାୟିତ୍ୱ। ତେଣୁ ଖବର ପ୍ରକାଶ କରିବା ପୂର୍ବରୁ ସଠିକ ଖବର ଯେପରି ଲୋକ ଲୋଚନକୁ ଆଣିବା ତାହା ସାମ୍ବାଦିକ ମାନଙ୍କ ଗୁରୁ ଦାୟିତ୍ୱ।

## ରେସଓ୍ୱା ଶକ୍ତିସଦନ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ



**କେନ୍ଦ୍ରାପଡ଼ା,୧୬।୧୧(ସଂଚାର ବ୍ୟୁରୋ):** ସର୍ବ ଜନପ୍ରିୟ ଜନନେତା ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ସ୍ମୃତିରେ ତାଙ୍କ ନାମରେ ନାମିତ ଟ୍ରଷ୍ଟ ପକ୍ଷରୁ ଅସହାୟମାନଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କରାଯାଇଛି । ଗରାପୁରସ୍ଥିତ 'ରେସଓ୍ୱା' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶକ୍ତିସଦନର ଅନ୍ତେବାସୀମାନଙ୍କୁ ରବିବାର ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ଏହି କମ୍ବଳ ପ୍ରଦାନ କରାଯାଇଛି । ସ୍ୱର୍ଗତ ମହାନ୍ତିଙ୍କ ସୁପୁତ୍ର ତଥା ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁଜିତ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ଅନ୍ତେବାସୀମାନଙ୍କୁ କମ୍ବଳ ବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଗୌମ ପଟ୍ଟନାୟକ, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ରେସଓ୍ୱା ନିର୍ଦ୍ଦେଶକ ସେକ ଲିଆକତ ହୋସେନ, ଶକ୍ତିସଦନ ଅଧ୍ୟକ୍ଷା ମିନତୀ ମହାରଣା, ସାମ୍ବାଦିକ ଚିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।




## କର୍ମଜୀବୀ ସାମ୍ବାଦିକ ସଂଘ ତରଫରୁ ଜାତୀୟ ପ୍ରେସ ଦିବସ ପାଳିତ

**ମହାକାଳପଡ଼ା,୧୬।୧୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ର କର୍ମଜୀବୀ ସାମ୍ବାଦିକ ସଂଘ ତରଫରୁ ଜାତୀୟ ପ୍ରେସ ଦିବସ ରବିବାର ମହାକାଳପଡା ଡ଼ାକବଙ୍ଗଳା ପରିସରରେ ପାଳିତହୋଇଯାଇଛି। ପ୍ରେସ କ୍ଲବ ର ସଭାପତି ପ୍ରମୋଦ କୁମାର ସ୍ୱାଇଁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଜାତୀୟ ପ୍ରେସ ଦିବସରେ ମାର୍ଶାଘାଇ କଲେଜ ଓଡ଼ିଆ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମର ପରାକାଷ୍ଠା, ଦାୟିତ୍ୱବୋଧ ଓ ସମାଜର ସମସ୍ୟା, ବ୍ୟବସ୍ଥା ପରିବର୍ତ୍ତନରେ ସାମ୍ବାଦିକର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ନମିତା ନାୟକ, ସମୀର ବାରିକ,ସୂର୍ଯ୍ୟ କାନ୍ତ ଦାଶ, ନାମବ୍ରହ୍ମ କର,କମଳଲୋଚନ ସାମଲ, ବିଶ୍ୱଜିତ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା,ରାଜୁ ଦାସ , ବିକାଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ



**ବ୍ରହ୍ମପୁର,୧୬।୧୧(ସଂଚାର ବ୍ୟୁରୋ):** ଆଜି ହେଉଛି ଜାତୀୟ ପ୍ରେସ ଦିବସ । ଏହି ଅବସରରେ ଛତ୍ରପୁର ସ୍ଥିତ ଜଡଗଡ ସମ୍ମିଳନୀ କକ୍ଷରେ ଛତ୍ରପୁର ପ୍ରେସ କ୍ଲବ ଓ ଜିଲ୍ଲପ୍ରଶାସନ ମିଳିତ ସହଯୋଗ ରେ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ ଯୋଗଦେଇ ଗଣମାଧ୍ୟମ ଜନସାଧାରଣ ଏବଂ ପ୍ରଶାସନ ମଧ୍ୟରେ ସଂଯୋଗ କରୁଥିବା ଏକ ସେତୁ ବୋଲି କହିବା ସହ ଭ୍ରମାତ୍ମକ ଖବର ଠାରୁ ଦୁରେଇ ରହିବା ସହ ସତ୍ୟା ଓ ନିର୍ଭିକ ଖବର ପ୍ରସାରଣ ଉପରେ ମତପୋଷଣ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥିଭାବେ ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ( ରାଜସ୍ୱ) ଦେବଦତ୍ତ ପଣ୍ଡା ଯୋଗଦେଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହେଉଛନ୍ତି ସାମ୍ବାଦିକ । ତେଣୁ ସେମାନେ ସମାଜରେ ବିଭିନ୍ନ ପ୍ରସଙ୍ଗରେ ସଚେତନତା ଓ ସଂସ୍କାର ଆଣିବାରେ ପ୍ରମୁଖ ଭୂମିକା ରହିଥାଏ । ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଭି.ରାଜେନ୍ଦ୍ର ରାଜୁ ଆଜିକା ଡିଜିଟାଲ ଦୁନିଆରେ ଏ ଆଇ କୁ ପ୍ରଭାବ ପକାଉଛି ତାହା କହିଥିଲେ। ସାମ୍ବାଦିକ ମାନେ କୌଣସି ଚାପ ର ବଂଶବର୍ତ୍ତୀ ନହୋଇ ସଠିକ ଖବର ପରିବେଷଣ କରିବାକୁ କହିଥିଲେ। ଛତ୍ରପୁର ପ୍ରେସ କ୍ଲବର ସଭାପତି ସରୋଜ ସାମଲ ନିଜ ବକ୍ତବ୍ୟରେ ସତ୍ୟ ଖବର ଉପରେ ଗୁରୁତ୍ୱ ଦେଇ ମିଥ୍ୟା ଖବର ଓ ଭ୍ରମାତ୍ମକ ଖବର ଠାରୁ ଦୁରେଇ ରହିବା ସହ ସରକାର ନିକଟରେ ସାମ୍ବାଦିକ ମାନଙ୍କୁ ପେନସନ ଯୋଜନା ସମେତ ସେମାନଙ୍କ ବାପା ଓ ମା ମାନଙ୍କୁ ସ୍ୱାସ୍ଥ୍ୟ ବୀମା ସାମିଲ କରିବାକୁ ଦାବୀ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରିଣୀ ରଶ୍ମୀରାଣୀ ନିମାକ ସଂଯୋଜନା କରିଥିବା ବେଳେ ବ୍ରହ୍ମପୁର ପ୍ରେସ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା,ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର ତରାଇ, ବରିଷ୍ଠ ସାମ୍ବାଦିକ ଦୂର୍ଗାମାଧବ ପାଣିଗ୍ରାହୀ ପ୍ରମୁଖ ମଚାଂସିନ ରହି ଆଜିର ଦିବସ ଉପରେ ମତପୋଷଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ମହାନ୍ତି, ପ୍ରଶାନ୍ତ ମହାରଣା, ସମୀର ଆଚାର୍ଯ୍ୟ ଓ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଆଜିର ଦିବସ ଉପରେ ମତପୋଷଣ କରିଥିଲେ । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ଅଚଂଳରୁ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ । ଶେଷରେ ଛତ୍ରପୁର ପ୍ରେସ କ୍ଲବ ଉପସଭାପତି ପ୍ରଦୀପ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ ବ୍ଲକ ସମ୍ମୁଖରେ ଧାରଣା

**ବାଲିଆପାଳ,୧୬।୧୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବୀରେ କ୍ରିୟାନୁଷ୍ଠାନ କମିଟି ବାଲିଆପାଳ ଶାଖା ପକ୍ଷରୁ ବାଲିଆପାଳ ବ୍ଲକ ସମ୍ମୁଖରେ ଶନିବାର ଧାରଣା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି। କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ବାଲିଆପାଳ ଶାଖା ଆବାହକ ସମାଜସେବୀ ଅଜୟ କୁମାର ସାହୁଙ୍କ ପରିଚାଳନା ଓ କମିଟିର ସଭାପତି ଝାଡେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ସଭାପତି ଡ଼ଃ କେଶବ ଚରଣ ପଣ୍ଡା ଯୋଗଦେଇ ବାଲେଶ୍ୱର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ଯେଉଁଠି ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ବାଲେଶ୍ୱରରେ ସରକାରୀ




କୃଷି ମହାବିଦ୍ୟାଳୟ ପାଇଁ ସମସ୍ତ ଭିତ୍ତି ଭୂମି ଥିବା ବେଳେ ସରକାର କାହିଁକି କୃଷି ମହାବିଦ୍ୟାଳୟ କରିବେ ନାହିଁ ବୋଲି ଯୁକ୍ତି ବାଢ଼ିଥିଲେ। ଯେପର୍ଯ୍ୟନ୍ତ ସରକାର ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଘୋଷଣା କରି ନାହାଁନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଶ୍ରୀ ପଣ୍ଡା କହିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଥିଲା।